# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ (୧୪ ପୃଷ୍ଠା) Bhubaneswar, Monday, February 27/2023 Page 14 ₹ 7.00

୪୯ଶ ଭାଗ ୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 95 ମୂଲ୍ୟ ₹୭/-




**ବେଥ୍ ମୁନିଙ୍କ ପ୍ରଭାବୀ ବ୍ୟାଟିଂ**

ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆର ବେଥ୍ ମୁନି ଅପରାଜିତ ୭୪ରନ କରିଛନ୍ତି।

୧୪

୧୧

**ହେରାଫେରି-୪ରେ ସଞ୍ଜୟଙ୍କ ଏଣ୍ଟ୍ରି**

ହେରାଫେରି-୪ରେ ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ମିଳିବ।





ମେଘାଳୟ ବିଧାନସଭା ନିର୍ବାଚନ ପାଇଁ ସୋମବାରଠାରୁ ମତଦାନ ଆରମ୍ଭ ହେବାକୁ ଥିବାବେଳେ ଇଷ୍ଟ ଖାସି ହିଲ୍ସ ଭୋଟ କେନ୍ଦ୍ର ପାଇଁ ନିଯୁକ୍ତ ସୁରକ୍ଷା କର୍ମୀ ସହ ବାହାରିଥିବା ପୋଲିଂ ଅଧିକାରୀମାନେ।

# ସିସୋଡିଆଙ୍କୁ ଗିରଫ କଲା ସିବିଆଇ

## ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୬।୨**

ଯାହା ଆଶଙ୍କା କରାଯାଉଥିଲା ତାହା ସତ ହେଲା। ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ପ୍ରାୟ ୮ ଘଣ୍ଟା ଧରି ପ୍ରଶ୍ନ କରିବା ପରେ ଗିରଫ କରିଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ଏକଛତ୍ରବାଦର ଚରମସୀମା ଭାବେ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା କରାଯିବ ନାହିଁ ବୋଲି କହିଛି।

୨୦୨୧-୨୨ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ସରକାର ଏକ ଅବକାରୀ ନୀତି ପ୍ରଣୟନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯିବାବେଳେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଦର୍ଶାଇ ଉପରାଜ୍ୟପାଳ ଭି.କେ. ସାକ୍ସେନା ଗତବର୍ଷ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ସିବିଆଇ ଏକାଧିକ ଥର ସିସୋଡିଆଙ୍କ ଘରେ ଯାଞ୍ଚ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରିଥିଲା। ସପ୍ତାହେ ତଳେ ପୁନର୍ବାର ଜେରା ପାଇଁ ସିବିଆଇ ମୁଖ୍ୟାଳୟରେ ହାଜର ହେବାକୁ ନୋଟିସ୍ କରାଯାଇଥିଲା। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ ମାର୍ଚ୍ଚ ୧ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିବାକୁ ଥିବାରୁ ସିବିଆଇକୁ ସମୟ ମାଗିଥିଲେ। ନୂଆ ସମନ ଜାରି ପରେ ରବିବାର ପୂର୍ବାହ୍ନ ୧୧ଟା ୧୨ରେ ସିସୋଡିଆ ସିବିଆଇ ମୁଖ୍ୟାଳୟରେ ହାଜର ହୋଇଥିଲେ। ଗୋଆ ବିଧାନସଭା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହୋଇଥିବା ଟଙ୍କା ସେ କାହାଠାରୁ ଲାଞ୍ଚ ଭାବେ ଗ୍ରହଣ କରିଥିଲେ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ପୂର୍ବତନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୁଚ୍‌ଚିବାବୁ ଗୋରନ୍ତଲାଙ୍କ ସହ କ'ଣ ସମ୍ପର୍କ ରହିଛି ବୋଲି ତଦନ୍ତକାରୀ ଅଧିକାରୀମାନେ ସିସୋଡିଆଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଏହି ମାମଲାରେ ରାଜସାକ୍ଷୀ ସାଜିଥିବା ଅଭିଯୁକ୍ତ ଦୀନେଶ ଆରୋରାଙ୍କ ସହ ସିସୋଡିଆଙ୍କୁ ସାମ୍ନାସାମ୍ନି ବସାଇ ପ୍ରଶ୍ନ କରାଯାଇଥିଲା। ସିବିଆଇ ତଦନ୍ତରେ ☞ପୃଷ୍ଠା-୪



ସିବିଆଇ ନିକଟରେ ହାଜର ହେବାକୁ ଯାଉଛନ୍ତି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ।

# ୩ରୁ ୩୦କୁ ଖସିଲେ ଆଦାନୀ

**ମୁମ୍ବାଇ/ନୂଆଦିଲ୍ଲୀ,୨୬।୨**

ମାସକ ପୂର୍ବରୁ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଏସିଆର ସବୁଠୁ ବିତ୍ତଶାଳୀ ଏବଂ ବିଶ୍ୱର ୩ ନମ୍ବର ଧନୀ ଥିଲେ। ୨୦୨୩ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ସମୂହ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟ୍ସରେ ଅନିୟମିତତା ଅଭିଯୋଗ ଆଣିବା ପରେ ଆଦାନୀଙ୍କ ସାମ୍ରାଜ୍ୟ ଦୋହଲିଯାଇଛି। ସେବେଠୁ ଏହି କଙ୍ଗ୍ଲୋମେରେଟ୍‌ର ଷ୍ଟକ୍ସ ମୂଲ୍ୟ ଲଗାତର ହ୍ରାସ ପାଇବାରେ ଲାଗିଛି। ଅଦ୍ୟାବଧି ଆଦାନୀ ଟ୍ରାନ୍ସମିଶନ୍ ୭୪.୨୧% ମାର୍କେଟ ଭାଲ୍ୟୁ ହରାଇଥିବାବେଳେ ଆଦାନୀ ଏଣ୍ଟରପ୍ରାଇଜେସ୍ ୬୨% ତଳକୁ ଖସିଛି। ଆଦାନୀ ଟୋଟାଲ ଗ୍ୟାସ୍ ଲିଃ ୮୦.୬୮% ତଳକୁ ଖସିଥିବାବେଳେ ଆଦାନୀ ପାୱାର, ଆଦାନୀ ୱିଲମାର୍ ସମେତ ଏହାର ସିମେଣ୍ଟ ୟୁନିଟ୍, ମିଡିଆ କମ୍ପାନୀ ଏନ୍‌ଡିଟିଭି ଏବଂ ଆଦାନୀ ପୋର୍ଟ୍ସ ଆଣ୍ଡ ଏସ୍‌ଇଜେଡ୍ ମଧ୍ୟ ବିପୁଳ ମାର୍କେଟ ଭାଲ୍ୟୁ ହରାଇଛି। ଏଭଳି ଭାବେ ଆଦାନୀ ଗ୍ରୁପ୍‌ର ମୋଟ କ୍ଷତି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ଫଳରେ ୬୦ ବର୍ଷୀୟ ଆଦାନୀ ମାସକ ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ☞ପୃଷ୍ଠା-୪



ଗୌତମ ଆଦାନୀ

## ସତ ପ୍ରଘଟ ହେବାଯାଏ ପ୍ରଶ୍ନ କରୁଥିବୁ: ରାହୁଲ

ଆଦାନୀ ଗ୍ରୁପ୍ ଉପରେ ଭାରତୀୟ ନିବେଶକମାନଙ୍କ ଆସ୍ଥା ତୁଟିସାରିଥିବାବେଳେ ବିଦେଶୀ ଇନ୍‌ଭେଷ୍ଟର୍ସ ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ଏସବୁ ଭିତରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି, ସତ ପଦାକୁ ନ ଆସିବା ଯାଏ ଆଦାନୀ ଗ୍ରୁପ୍ ଉପରେ ସରକାରଙ୍କୁ ପ୍ରଶ୍ନ କରିବା ଛାଡ଼ିବୁ ନାହିଁ। କାରଣ ଭାଜପା ନେତାମାନେ ପାର୍ଲାମେଣ୍ଟ ଭିତରେ ମଧ୍ୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ☞ପୃଷ୍ଠା-୪

# ପ୍ରଦୀପ ଜେନା ନୂଆ ମୁଖ୍ୟ ଶାସନ ସଚିବ

- **ଆସନ୍ତା ୧ରେ ଦାୟିତ୍ୱ ଗ୍ରହଣ କରିବେ**
- **ଓଇଆର୍‌ସି ଅଧ୍ୟକ୍ଷ ହେବେ ସୁରେଶ ଚନ୍ଦ୍ର ମହାପାତ୍ର**
- **ଅନୁ ଗର୍ଗ ହେଲେ ଉନ୍ନୟନ କମିଶନର**

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ରାଜ୍ୟ ସରକାର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ଏହାସାଙ୍ଗକୁ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଆସନ୍ତା ମାର୍ଚ୍ଚ ୧ରୁ ସେ ଏହିସବୁ ଦାୟିତ୍ୱ ଗ୍ରହଣ କରିବେ। ଏବେ ସେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହାସାଙ୍ଗକୁ ସେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆସନ୍ତା ୨୮ ତାରିଖରେ ଅବସର ନେବେ। ମହାପାତ୍ର ୨୦୨୨ ଫେବୃୟାରୀରେ ଅବସର ଗ୍ରହଣ କରିବାର ଥିଲା। ହେଲେ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ୨ଥର ବୃଦ୍ଧି କରିଥିଲେ। ଏହାକୁ ନେଇ ବିଭିନ୍ନ ଆଲୋଚନା ଲାଗି ରହିଥିଲା। ତାଙ୍କ କାର୍ଯ୍ୟକାଳ ତୃତୀୟ ଥର ପାଇଁ ବୃଦ୍ଧି ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ରାଜ୍ୟ ସରକାର ପ୍ରଦୀପ କୁମାର ଜେନାଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରବିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଜେନାଙ୍କ ଉପରେ ରାଜ୍ୟ ସରକାର ଭରସା ପ୍ରକାଶ କରିଛନ୍ତି।

ଜେନା ଏସ୍ଆର୍‌ସି ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ୨୦୧୯ରୁ ସେ ଏସ୍ଆର୍‌ସି ଭାବେ କାର୍ଯ୍ୟ କରୁଥିବାବେଳେ ରାଜ୍ୟକୁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବାର ସଫଳତା ଅର୍ଜିଛନ୍ତି। ଜେନା ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ଧର୍ମଗଡ଼ ଉପଜିଲାପାଳ ଭାବେ ନିଜ ପ୍ରଶାସନିକ ସେବା ଜୀବନ ଆରମ୍ଭ କରିଥିଲେ। ☞ପୃଷ୍ଠା-୪



ପ୍ରଦୀପ ଜେନା


**ଆଜିର ସମ୍ପାଦକୀୟ**

ଦ୍ୱିତୀୟ ସାନ୍ନିଧ୍ୟ


# ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଅଜ୍ଞ

**ଲଣ୍ଡନ, ୨୬।୨**

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାକୁ ସାରା ବିଶ୍ୱ ଅତି ନିକଟରୁ ଦେଖିଛି। ଏହା ଯୋଗୁ ବୈଶ୍ୱିକ ସଙ୍କଟ ମୁଣ୍ଡ ଟେକିଥିଲା। ଯୁଦ୍ଧ ପରେ ରାଷ୍ଟ୍ରଗୁଡ଼ିକ ନିଜ ପୂର୍ବ ସ୍ଥିତିକୁ ଫେରିବା ପାଇଁ ବହୁ ସମୟ ମଧ୍ୟ ଲାଗିଥିଲା। ନିକଟରେ ପ୍ରକାଶ ପାଇଥିବା ଏକ ସର୍ଭେ ରିପୋର୍ଟ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ହୋଇଥିଲା ସେ ସମ୍ପର୍କରେ ବ୍ରିଟେନ୍‌ର ୩୭% ଯୁବପିଢ଼ି ଅବଗତ ନୁହନ୍ତି। ଗେମିଂ କମ୍ପାନୀ ସେଗା ୟୁରୋପ ଲିମିଟେଡ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ସେହିପରି ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ସାର୍ ୱିଲଷ୍ଟୋନ୍ ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଯୁବଗୋଷ୍ଠୀ ଜାଣିନାହାନ୍ତି।

ଚର୍ଚ୍ଚିଲ ଦୁଇଥର ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୪୦ରୁ ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ପ୍ରଧାନମନ୍ତ୍ରୀ ଥିଲେ। ପରେ ୧୯୫୧ରୁ ୧୯୫୫ ପର୍ଯ୍ୟନ୍ତ ମଧ୍ୟ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟେନର ବିଜୟ ପଛରେ ଚର୍ଚ୍ଚିଲଙ୍କ ବଡ଼ ଭୂମିକା ଥିବା କୁହାଯାଏ। ୧୮୭୪ ନଭେମ୍ବର ୩୦ରେ ବ୍ଲେନହେମ ରାଜପ୍ରାସାଦରେ ଚର୍ଚ୍ଚିଲଙ୍କ ଜନ୍ମ। ଜଣେ ସେନା ଅଧିକାରୀ ଓ ପେସାରେ ଖବରଦାତା ହେବା ଯୋଗୁ ସେ ବହୁ ଦେଶ ଭ୍ରମଣ କରିଥିଲେ। ୧୯୦୦ ମସିହାରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା। ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିବାବେଳେ ୧୯୪୫ରେ ଶେଷ ହୋଇଥିଲା। ୩୦ ଦେଶର ପାଖାପାଖି ୧୦୦ ନିୟୁତ ଲୋକ ଉକ୍ତ ଯୁଦ୍ଧରେ ସାମିଲ ହୋଇଥିଲେ। ୧୯୩୯ ସେପ୍ଟେମ୍ବର ୩ରେ ହିଟ୍‌ଲରଙ୍କ ନିର୍ଦ୍ଦେଶରେ ସେନା ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲେ। ମିତ୍ର ଶକ୍ତି ଓ କେନ୍ଦ୍ର ଶକ୍ତି ମଧ୍ୟରେ ଏହି ଯୁଦ୍ଧ ୬ ବର୍ଷ ଧରି ଚାଲିଥିବାବେଳେ ମିତ୍ର ଶକ୍ତିର ବିଜୟ ହୋଇଥିଲା।

ଅନ୍ୟପକ୍ଷେ ଯୁଦ୍ଧରେ କାହାର ବିଜୟ ହୋଇଥିଲା ସେ ବିଷୟରେ ୩୮% ଲୋକ ଅବଗତ ନ ଥିବା ସର୍ଭେରୁ ଜଣାପଡ଼ିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପିସି ଗେମ୍ ପାଇଁ ଏହି ସର୍ଭେ କରାଯାଇଥିବାବେଳେ ୪୪% ଯୁବପିଢ଼ି ବିଶ୍ୱ ଯୁଦ୍ଧ-୨ ସମ୍ପର୍କରେ ଜାଣିଥିବା କୁହାଯାଇଛି। ଅନ୍ୟପକ୍ଷେ ୯%ଙ୍କ କ୍ଷେତ୍ରରେ ଯୁଦ୍ଧକୁ ନେଇ ଆଦୌ କୌଣସି ସୂଚନା ନାହିଁ। ଯୁଦ୍ଧ ସମୟରେ ଜାପାନର ☞ପୃଷ୍ଠା-୪



ସାର୍ ୱିଲଷ୍ଟୋନ୍ ଚର୍ଚ୍ଚିଲ

# ସଞ୍ଜ ହେଲେ ଗାଁରେ ଭାଲୁ

- **ଅଳତୀ, ବେଲସୁନ୍ଦରୀବାସୀ ଭୟଭୀତ**
- **ବାଡ଼ିରେ ପଶି ବେଲ, ବରକୋଳି ଖାଉଛନ୍ତି**

**ଆନନ୍ଦପୁର,୨୬।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅଳତୀ ଓ ବେଲସୁନ୍ଦରୀ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଯାଇଛି। ସଞ୍ଜ ହେଲେ ପଲ ପଲ ହୋଇ ଭାଲୁ ଗାଁକୁ ପଶି ଆସୁଛନ୍ତି। ଫଳରେ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାତି ୮ ଟା ପରେ ଘରୁ ପଦାକୁ ବାହାରିବା ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଭାଲୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଅଞ୍ଚଳରୁ ନିୟମିତ ଭାବେ ଭାଲୁ ଯିବା ଆସିବା କରୁଛନ୍ତି। ସୂର୍ଯ୍ୟାସ୍ତ ହେବା ମାତ୍ରେ ଭାଲୁ ଗାଁ ଭିତରକୁ ପଶିଆସୁଛନ୍ତି। ଖରା ଦିନରେ ଲୋକଙ୍କ ବାଡ଼ି ବଗିଚାରେ ବରକୋଳି, ବେଲ, କାଜୁ ଆଦି ଖାଇବା ଲକ୍ଷ୍ୟରେ ଭାଲୁ ପଲ ହୋଇ ପଶିଆସୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟା ସମୟରେ ଅଳତୀ ଗ୍ରାମର ମଦନ ମୋହନ ବରାଳଙ୍କ ଅଗଣାରେ ପାଚି ପଡ଼ିଥିବା ବେଲ ୩ ଭାଲୁ ଖାଉଥିବା ଦେଖିବାକୁ ମିଳିଥିଲା। ପରେ ଗାଁ ଭିତରକୁ ପଶି ପ୍ରମୋଦ ବରାଳଙ୍କ ସମେତ ଅନେକ ଲୋକଙ୍କ ବାଡ଼ିରେ ପଶି କୋଳି ଖାଇବା ସହ ତୋରାଣୀ ପିଇ ଗାଁ ଦାଣ୍ଡରେ ବୁଲାବୁଲି କରିଥିଲେ। ଗାଁ ଲୋକେ ପାଟି କରିବାରୁ ଭାଲୁ ଜଙ୍ଗଲମୁହାଁ ହୋଇଥିଲେ। ଏପରିକି କିଛି ଦିନ ଧରି ଗାଁମୁଣ୍ଡରେ ଭାଲୁଙ୍କ ସହ ଲୋକଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ତେବେ ଅଦ୍ୟାବଧି ଭାଲୁ କାହାର କୌଣସି କ୍ଷତି କରିନାହାନ୍ତି। ☞ପୃଷ୍ଠା-୪



ଗାଁରେ ଜଣଙ୍କ ବାଡ଼ିରୁ ଭାଲୁ ବେଲ ଖାଉଛନ୍ତି।



ଉତ୍ତରପ୍ରଦେଶ ବାଚସ୍ପତି ସତୀଶ ମାହାନାଙ୍କ ଦ୍ୱାରା ଲକ୍ଷ୍ନୌସ୍ଥିତ ତାଙ୍କ ବାସଭବନରେ ରବିବାର ଆୟୋଜିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଶିବପାଲ ଯାଦବ ଓ ଅନ୍ୟମାନେ।

# ତଦନ୍ତ ନବଙ୍କ ପରିବାର ସପକ୍ଷରେ ନା ଗୋପାଳଙ୍କୁ ପାଗଳ ସଜାଇବାକୁ

## ରହସ୍ୟ ନ ଖୋଲିବା ପର୍ଯ୍ୟନ୍ତ ପ୍ରତିବାଦ ଚାଲିବ: ଜୟନାରାୟଣ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଶାସକ ଦଳ ପକ୍ଷରୁ ବିରୋଧୀ ଦଳ ପ୍ରତି ଆକ୍ଷେପ କରାଯାଉଥିବା ଦେଖାଯାଉଛି। ଏହାସହ ବିଜେଡି ନେତା, ବିଧାୟକ ଓ କାର୍ଯ୍ୟକର୍ତ୍ତାମାନେ ବିରୋଧୀଙ୍କ ବିପକ୍ଷରେ ଯେଉଁ ପ୍ରତିକ୍ରିୟା ରଖୁଛନ୍ତି ତାକୁ ଅନୁଶୀଳନ କଲେ ଶାସକ ବିଜେଡି ନବ ଦାସଙ୍କ ପରିବାର ସପକ୍ଷରେ ନା ହତ୍ୟା ଅଭିଯୁକ୍ତ ଗୋପାଳ ଦାସଙ୍କୁ ପାଗଳ ସଜାଇ ଖସାଇ ଦେବାକୁ ଅଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି , ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଲଢେଇ ଜାରି ରହିବ।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ଅଭିଯୁକ୍ତ ଗୋପାଳ ଦାସ ମାନସିକ ରୋଗରେ ପୀଡିତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ତାହାଲେ ମାନସିକ ରୋଗରେ ପୀଡିତ ଥିବା ପୋଲିସ ଅଧିକାରୀ ଭଲ ତଦନ୍ତ କିପରି କରିବା ସହ ପୁରସ୍କୃତ ହୋଇଥିଲେ। ଅଭିଯୁକ୍ତର ୨୮ ବର୍ଷର ଚାକିରି କାଳରେ ସେ ଏଏସଆଇ ପଦୋନ୍ନତି ପାଇ ଝାରସୁଗୁଡା ବଦଳି ହୋଇଥିଲେ। ସେଠାରେ ଦୀର୍ଘ ୧୨ରୁ ୧୪ ବର୍ଷ ରହିଥିବା ସତ୍ୟ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡାରେ ଥିବାବେଳେ ଏସ୍ଆଇ ପଦୋନ୍ନତିକୁ ଅଗ୍ରାହ୍ୟ କରିଥିବା କଥାରେ କେତେଦୂର ସତ୍ୟତା ଅଛି ନା ନାହିଁ। ଝାରସୁଗୁଡା ଜିଲାର ବହୁ କୋଇଲା ବ୍ୟବସାୟୀ ଓ କମ୍ପାନୀର ଏଜେଣ୍ଟ ଭାବେ କ୍ଷମତାରେ ଥିବା ରାଜନେତା ଓ ଅଫିସରଙ୍କୁ ଅର୍ଥ ଆଣି ଗୋପାଳ ଦେଉଥିଲେ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏସବୁ ଦିଗରେ କ୍ରାଇମବ୍ରାଞ୍ଚ କାହିଁକି ତଦନ୍ତ କରୁନାହିଁ। ଅନ୍ୟପଟେ ଜୟନାରାଣ କହିଛନ୍ତି, ନବ ଦାସଙ୍କ ହତ୍ୟାର ରହସ୍ୟ ଖୁଲାସା ନ ହେବା ପର୍ଯ୍ୟନ୍ତ ଭାଜପା ଚୁପ୍ ବସିବନାହିଁ। ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ କରାଯିବ। ଚାଷୀଙ୍କ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ନେଇ ମଧ୍ୟ ସରକାରଙ୍କୁ ଘେରିବ ଦଳ। ସଂଖ୍ୟାଗରିଷ୍ଠତା ବଳରେ ବିଧାନସଭାରେ ସରକାର ବିରୋଧୀଙ୍କୁ ଚପାଇ ଦେଉଛନ୍ତି। ଏହି ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବେ ବୋଲି ସେ କହିଛନ୍ତି।

# ଆଜିଠୁ ଦୁଇ ଦିନିଆ ବମ୍ବେ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

## ଇନ୍‌ଭେଷ୍ଟର୍ସ ମିଟ୍ ପରେ ଆୱାର୍ଡ ଗ୍ରହଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୨ ଦିନିଆ ବମ୍ବେ ଗସ୍ତରେ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ସେ ବମ୍ବେଠାରେ ୨ଟି କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ପୋର୍ଟ୍ସଷ୍ଟାର୍ ମାଗାଜିନ ପକ୍ଷରୁ ଓଡ଼ିଶାକୁ ମିଳିବାକୁ ଥିବା ଆୱାର୍ଡକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବେ ବୋଲି ଜଣାପଡିଛି। ସେହିପରି ବମ୍ବେଠାରେ ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ମଧ୍ୟ ରହିଛି। ପ୍ରଥମେ ଇନଭେଷ୍ଟର୍ସ ମିଟ୍‌ରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ଆୱାର୍ଡ କାର୍ଯ୍ୟକ୍ରମକୁ ଯିବେ। ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ସ୍ପୋର୍ଟ୍ସ ଷ୍ଟାର ମାଗାଜିନ ପକ୍ଷରୁ ଏହି ଆୱାର୍ଡ ଦିଆଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବମ୍ବେ ଗସ୍ତରେ ଯିବେ ବୋଲି ଜଣାପଡିଛି।

# ଅଳିଆ ଗୋଟାଳିଙ୍କୁ ପ୍ରଶଂସାର ସୁଅ

## ବର୍ଜ୍ୟବସ୍ତୁରୁ ସମ୍ପଦ

- ମନ୍ କି ବାତ୍‌ରେ କେନ୍ଦ୍ରାପଡ଼ାର କମଳା ମହାରଣା
- ସ୍ୱଚ୍ଛତା ଅଭିଯାନ ସହ ମାସିକ ୬ ହଜାର ରୋଜଗାର

କେନ୍ଦ୍ରାପଡ଼ା ଅଫିସ, ୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯୮ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁରୁ ସମ୍ପଦ ସହ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋଚନା ସମୟରେ କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଖଇରାବାଦ ଗ୍ରାମର କମଳା ମହାରଣାଙ୍କୁ ମୋଦି ଉଦାହରଣ ଭାବେ ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା ପରେ ସ୍ଥାନୀୟ ଅଞ୍ଚଳରେ ଅଳିଆ ଗୋଟାଳି କମଳାଙ୍କ ନିକଟକୁ ଭାଜପାର ବରିଷ୍ଠ ନେତା ଭୁବନମୋହନ ଜେନା, ଦିଲୀପ ଦାଶ, ଦୁର୍ଯ୍ୟୋଧନ ସାହୁ ଓ ଅନ୍ୟ ବହୁ ସାମାଜିକ କର୍ମୀଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ବର୍ଜ୍ୟବସ୍ତୁରୁ ସାମଗ୍ରୀ ପ୍ରସ୍ତୁତ କରି କମଳାଙ୍କ ସଭାପତିତ୍ୱରେ ଥିବା ମା’ ଥାନପତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମାସିକ ଅନ୍ୟୂନ ୬ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହି ଏସ୍ଏଚ୍‌ଜି ଗ୍ରୁପ୍‌ରେ ୨୮ରୁ ୬୩ ବର୍ଷୀୟା ୪୦ ଜଣ ମହିଳା ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ସଦସ୍ୟା ସୁମିତ୍ରା ମହାରଣା କହିଛନ୍ତି, ଏସ୍ଏସ୍‌ଜି ଗୋଷ୍ଠୀର ସଭାପତି କମଳାଙ୍କ ଆଦର୍ଶ ଆମକୁ ରୋଜଗାର ଦେଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଆମକୁ ଶୁଭେଚ୍ଛା ସହ ସମ୍ମାନ ମିଳୁଛି। ତାଳପତ୍ର, କାଗଜ, ପ୍ଲାଷ୍ଟିକ ରଶି ଆଦି ସହଜ ଓ ସରଳ ଉପଲବ୍ଧ ସାମଗ୍ରୀର ଉପଯୋଗରେ ଘରୋଇ ସାମଗ୍ରୀ ପ୍ରସ୍ତୁତ କରିବା କମଳାଙ୍କ ଅଭ୍ୟାସ। ଏହି ଅଭ୍ୟାସ ଏବେ ରୋଜଗାର ଓ ମାନସମ୍ମାନ ଦେଉଛି। ପୂର୍ବରୁ ବର୍ଜ୍ୟ ସାମଗ୍ରୀ ସଂଗ୍ରହ ସମୟରେ କମଳାଙ୍କୁ ଅଳିଆ ଗୋଟେଇ ବୋଲି ସ୍ଥାନୀୟ ଅଞ୍ଚଳରେ ସମାଲୋଚନା ହେଉଥିଲା। ତେବେ ସେହି ସାମଗ୍ରୀକୁ ବିନିଯୋଗ କରି ରୋଜଗାର ପରେ ଗ୍ରାମଲୋକଙ୍କ ନଜର ବଦଳି ଯାଇଛି। ୨୦୧୬ରେ ଏସ୍ଏଚ୍‌ଜି ନିର୍ମାଣ କରି ତାଙ୍କର ଏହି ଅଭିଯାନକୁ ଆଗକୁ ନିଆଯାଇଛି। କମଳା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଆମକୁ ଅଧିକ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଛି। ତାଙ୍କର ୫ ଝିଅ ଓ ଗୋଟିଏ ପୁଅ। ପୁଅ କାଠ ମିସ୍ତ୍ରି କାମ କରନ୍ତି। ଅବସର ସମୟରେ ଘରୋଇ ସାମଗ୍ରୀ ପ୍ରସ୍ତୁତ ପାଇଁ ଆଖପାଖରୁ ପ୍ଲାଷ୍ଟିକ କ୍ଷୀର ପ୍ୟାକେଟ, ଗୁଟ୍‌ଖା ଜରି, ସିଗାରେଟ ପ୍ୟାକେଟ ଖୋଳ ଆଦି ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି। ଏଥିରେ ହାତପଙ୍ଖା, ମୋବାଇଲ ଷ୍ଟାଣ୍ଡ, କଲମ ଷ୍ଟାଣ୍ଡ, ପେଡି, ଫୁଲଦାନୀ ଆଦି ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି ଆରମ୍ଭ ହେଲା। ଏହାର ଚାହିଦା ବଢ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ



କମଳା ମହାରଣା

ସହଯୋଗରେ ଏହାକୁ ବ୍ୟାପକ କରାଯାଇଛି। କମଳାଙ୍କ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ତାଙ୍କର ଉଦ୍ୟମ ଯୋଗୁ ଆମ ଜିଲା ପାଇଁ ଗର୍ବ କରିବା ସମୟ ଆସିଛି। ପ୍ରତିଦିନ ଆମେ ବହୁ ସାମଗ୍ରୀକୁ ବ୍ୟବହାର ପରେ ପ୍ଲାଷ୍ଟିକ ପରି ପଦାର୍ଥକୁ ବର୍ଜ୍ୟ କରୁଛୁ। ଏହାକୁ ରୋଜଗାରର ମାଧ୍ୟମ କରିବା ଏକ ବଡ଼ କଥା। ଏହାଦ୍ୱାରା ସ୍ୱଚ୍ଛତା ଅଭିଯାନ ସହ ରୋଜଗାର ମିଳୁଛି। ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତ କରାଯାଇ ଏବେ ପୌରସଂସ୍ଥା ପକ୍ଷରୁ ବିକ୍ରି କରାଯାଉଛି। କମଳାଙ୍କ ପରି ମହିଳାମାନେ ଏ ଦିଗରେ ଆଗକୁ ଆସିଲେ ସ୍ୱଚ୍ଛ ଭାରତ ଅଭିଯାନ ଅଗ୍ରଗତି କରିବ। ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସମସ୍ତ ସାମଗ୍ରୀର ବିକ୍ରି ପାଇଁ ଜିଲା ପ୍ରଶାସନ ସର୍ବଦା ଉଦ୍ୟମ କରିଆସୁଛି। ମେଳାରେ ଏହାର ବହୁଳ ବିକ୍ରି ହେଉଥିବା ବେଳେ ଜିଲାର ବିଭିନ୍ନ ସାମଗ୍ରୀକୁ ଅନ୍‌ଲାଇନ ମାଧ୍ୟମରେ ବିକ୍ରି ପାଇଁ ସୁଯୋଗ ଦିଆଯାଉଛି। ଏ ଦିଗରେ ମିଶନ ଶକ୍ତି, ଓର୍‌ମାସ ଆଦି କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।



ଅଳିଆ ଜରିରୁ ପ୍ରସ୍ତୁତ ସାମଗ୍ରୀ।

# ବିଜେଡି ଆଇନ ସାମ୍ମୁଖ୍ୟ ତାଲିକାରେ ମୃତବ୍ୟକ୍ତି

ପାରଳାଖେମୁଣ୍ଡି, ୨୬।୨(ଡି.ଏନ୍.ଏ)

ବିଜେଡି ଆଇନ ସାମ୍ମୁଖ୍ୟ ତାଲିକାରେ ସ୍ଥାନ ପାଇଛନ୍ତି ଜଣେ ମୃତବ୍ୟକ୍ତି। ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡିର ସ୍ୱର୍ଗତ ରାମନାଥ ମିଶ୍ର। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ସ୍ଥାଣୁଥିବା ବିଜେଡି ଆଇନ ସାମ୍ମୁଖ୍ୟର ପୁନର୍ଗଠନ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଶନିବାର ୫୧ଜଣିଆ ଆଇନ ସାମ୍ମୁଖ୍ୟ ଗଠନ କରାଯାଇଛି। ମିଳନ କାନୁନ୍‌ଗୋଙ୍କୁ ସାମ୍ମୁଖ୍ୟର ରାଜ୍ୟ ସଭାପତି କରାଯାଇଥିବା ବେଳେ ତାଙ୍କ ସହିତ ୪ଜଣ ଉପଦେଷ୍ଟା, ୭ ଜଣ ଉପସଭାପତି, ଜଣେ ସମ୍ପାଦକ, ଜଣେ ରାଜ୍ୟ ସଂଯୋଜକ ଓ ୪ ଜଣ ଜୋନାଲ ସଂଯୋଜକଙ୍କୁ ନିଯୁକ୍ତି ମିଳିଛି। ଏଥିସହିତ ୩୩ଟି ସାଂଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ତେବେ ଏହି ତାଲିକାରେ ସ୍ୱର୍ଗତ ରାମନାଥ ମିଶ୍ରଙ୍କୁ ଗଜପତି ଜିଲା ଆଇନ ସାମ୍ମୁଖ୍ୟର ସଭାପତି କରାଯାଇଛି। ସ୍ୱର୍ଗତ ମିଶ୍ର ବିଜେଡିର ଜଣେ ବରିଷ୍ଠ ନେତା ଥିଲେ। ସେ ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ୨୫ ଥର ନିର୍ବାଚିତ ହୋଇଥିଲେ। ତେବେ ୨୦୨୨ ଅକ୍ଟୋବର ମାସରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ରାମନାଥଙ୍କ ଦେହାନ୍ତ ହେବାର ୪ମାସ ପରେ ବିଜେଡି ଆଇନ ସାମ୍ମୁଖ୍ୟ ପାଇଁ ପ୍ରସ୍ତୁତ ତାଲିକାରେ ତାଙ୍କ ନାମ ପ୍ରକାଶ କରାଯିବାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ବିଜେଡି ମୃତ ଲୋକଙ୍କୁ ନେଇ ସାମ୍ମୁଖ୍ୟ ଗଠନ କରୁଛି। କିଏ ଜୀବିତ କିମ୍ବା ମୃତ ଦଳ ପାଖରେ ସୂଚନା ରହୁନାହିଁ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।



ସ୍ୱର୍ଗତ ରାମନାଥ ମିଶ୍ରଙ୍କ ଫାଇଲ ଫଟୋ।




# ଆରମ୍ଭ ହେଲାଣି ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନୀ ଉଷ୍ମତା

- ନିର୍ଣ୍ଣାୟକ ଭୂମିକା ନେବେ ଯୁବ ଆଇନଜୀବୀ
- ମାର୍ଚ୍ଚ ୧ରୁ ପ୍ରାର୍ଥୀପତ୍ର ଦାଖଲ
- ଏପ୍ରିଲ ୧୫ରେ ନିର୍ବାଚନ,୨୧ରେ ଭୋଟ ଗଣତି

କଟକ ଅଫିସ,୨୬।୨

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ଆସନ୍ତା ଏପ୍ରିଲ ୧୫ରେ ଅନୁଷ୍ଠିତ ହେବ। କାଉନ୍‌ସିଲ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀମାନଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଛି। ବିଭିନ୍ନ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ରଣକୌଶଳ ଆରମ୍ଭ ହୋଇଗଲାଣି। ଯୁବ ଆଇନଜୀବୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

କାଉନ୍‌ସିଲ ପକ୍ଷରୁ ରବିବାର ମିଳିଥିବା ପ୍ରେସ୍ ଇସ୍ତାହାର ଅନୁସାରେ, ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏଥିସହ ଆଇନଜୀବୀ ବାସୁଦେବ ପୂଜାରୀ ଓ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ସହକାରୀ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ। ବିଜ୍ଞପ୍ତି ଅନୁସାରେ, ଆସନ୍ତା ମାର୍ଚ୍ଚ ୧ରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସମୟସୀମା ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ଚାହିଁଲେ ମାର୍ଚ୍ଚ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ମଧ୍ୟରେ କରିପାରିବେ। ମାର୍ଚ୍ଚ ୧୭ ତାରିଖ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିପରି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏପ୍ରିଲ ୨୧ରେ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ ତାରିଖରେ କୌଣସି ପରିବର୍ତ୍ତନ କରାଗଲେ ତାହା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ୱେବ୍‌ସାଇଟ୍‌ରେ ସୂଚାଇ ଦିଆଯିବ ବୋଲି ଜଣାଯାଇଛି।

ମୁଦ୍ରିତ ପ୍ରାର୍ଥୀପତ୍ର କାଗଜ ୧୦୦ ଟଙ୍କା ବିନିମୟରେ ବାର୍ କାଉନ୍‌ସିଲ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି। ମୋଟ ୨୫ଟି ପଦବୀ ନିମନ୍ତେ ନିର୍ବାଚନ ହେବ। ସେଥିମଧ୍ୟରୁ ୧୩ଟି ଆସନ ପାଇଁ ଅନ୍ୟୂନ ୧୦ ବର୍ଷ ଆଇନଜୀବୀ ଭାବେ ରାଜ୍ୟ ରୋଲ୍‌ରେ ପଞ୍ଜୀକରଣ ହୋଇଥିବା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ନୋମିନେଶନ ଦେୟ ୩୦ ହଜାର ଟଙ୍କା ରଖାଯାଇଛି, ଯାହାକି ଫେରସ୍ତ ନୁହେଁ। ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କ ସହ ସମର୍ଥକ ଓ ପ୍ରସ୍ତାବକ ନିଜେ ବାର୍ କାଉନ୍‌ସିଲ ଅଥବା ବାର୍ ଆସୋସିଏଶନ ପ୍ରଦତ୍ତ ପରିଚୟପତ୍ର ସହ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ବିଭିନ୍ନ ପଦବୀ ଲାଗି ଶେଷଥର ପାଇଁ ୨୦୧୩ରେ ନିର୍ବାଚନ ହୋଇଥିଲା। ଏଥିପାଇଁ ରାଜ୍ୟବ୍ୟାପୀ ମତଦାନ କରାଯାଇଥିଲା। ନିର୍ବାଚିତ ପ୍ରାର୍ଥୀମାନେ ୨୦୧୪ରେ ଶପଥ ଗ୍ରହଣ କରିଥିଲେ। ୨୦୧୯ରେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପୁନର୍ବାର ଆଉ ୬ ମାସ ଲାଗି ବୃଦ୍ଧି କରାଯାଇଥିଲା। ଏହାପରେ ଆଉ ନିର୍ବାଚନ ହୋଇ ନ ଥିଲା। ଏକ ଅନ୍ତରୀଣ କମିଟି ଦ୍ୱାରା କାଉନ୍‌ସିଲ ପରିଚାଳିତ ହେଉଥିଲା। ଏଥିସହ କାଉନ୍‌ସିଲ ନିର୍ବାଚନ ପାଇଁ ହାଇକୋର୍ଟରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

# ବାୟୋଟେକ୍ନୋଲୋଜିରେ ପୁଞ୍ଜିନିବେଶ ପାଇଁ ଓଡ଼ିଶାର ଆମନ୍ତ୍ରଣ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)




## ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ

ହାଇଦ୍ରାବାଦରେ ଚାଲିଥିବା ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାୟୋଟେକ୍ନୋଲୋଜି ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହ ସେ ରାଜ୍ୟରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ପୁଞ୍ଜି ନିବେଶ ପାଇଁ ନିବେଶକ ତଥା ଶିଳ୍ପୋଦ୍ୟୋଗୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଶିଳ୍ପ ନୀତିରେ ବାୟୋଟେକ୍ନୋଲୋଜିକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ସରକାର ସମ୍ପୃକ୍ତ କ୍ଷେତ୍ରର ଉଦ୍ୟୋଗୀମାନଙ୍କୁ ସବୁମତେ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର ନିକଟବର୍ତ୍ତୀ ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କରେ ଭାରତ ବାୟୋଟେକ୍ ଟିକା ଉତ୍ପାଦନ କରିବାକୁ ଯାଉଛି। ଏଥିପାଇଁ ୫୦୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯାଇଥିବାବେଳେ ଏହାର ସମ୍ପ୍ରସାରଣ ପାଇଁ ଆହୁରି ୭୦୦ କୋଟି ଟଙ୍କା ନିବେଶ ନିମନ୍ତେ ପ୍ରତିଶ୍ରୁତି ମିଳିଛି। ସେହିଭଳି ରାଜ୍ୟରେ ଥିବା ବାୟୋ-ଇନ୍‌କ୍ୟୁବେଟରଙ୍କ ଦ୍ୱାରା ଏକ ବର୍ଦ୍ଧିଷ୍ଣୁ ଷ୍ଟାର୍ଟଅପ୍ ପରିବେଶ ସୃଷ୍ଟି ହୋଇଛି। ଓଡ଼ିଶାରେ ଆନୁଷ୍ଠାନିକ ବ୍ୟବସ୍ଥା, ଦକ୍ଷ ମାନବସମ୍ବଳ, ଉନ୍ନତ ପ୍ରାକୃତିକ ଜୈବବିବିଧତା ଓ ସ୍ୱଳ୍ପ ବ୍ୟୟରେ ଉତ୍ପାଦନ କ୍ଷମତା ବୃଦ୍ଧି ପରି ସୁବିଧାଗୁଡ଼ିକ ଉପଲବ୍ଧ ହେଉଛି। ଆନ୍ତର୍ଜାତିକ ସଂସ୍ଥା ସହ ଓଡ଼ିଶାରେ ବାୟୋଟେକ୍ ଅଭିବୃଦ୍ଧି ନିମନ୍ତେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହାସହିତ ଓଡ଼ିଶା ସରକାର ବାୟୋଟେକ୍ ପୁଞ୍ଜିନିବେଶକଙ୍କୁ ରିହାତି ସମେତ ଟିକସ ଛାଡ଼, ମୂଳଧନ ବିନିଯୋଗରେ ପ୍ରୋତ୍ସାହନ ଇତ୍ୟାଦି ଯୋଗାଇ ଦେଉଛନ୍ତି। ରାଜ୍ୟରେ ଉପଲବ୍ଧ ଜୈବସମ୍ବଳରୁ ବାୟୋଟେକ୍ନୋଲୋଜି ସହାୟତାରେ ନୂତନ ସାମଗ୍ରୀ ଉତ୍ପାଦନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ରାଜ୍ୟ ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ନିମନ୍ତେ ଯୋଜନା କରୁଥିବା କଥା ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଣ୍ଡା ତେଲଙ୍ଗାନାର ଶିଳ୍ପ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ କେ.ଟି. ରାମାରାଓଙ୍କୁ ସାକ୍ଷାତ କରି ରାଜ୍ୟରେ ବାୟୋଟେକ୍ନୋଲୋଜି ଶିକ୍ଷା ଓ ଗବେଷଣା ବିକାଶ ଉପରେ ଆଲୋଚନା କରିଥିଲେ। ଏଥିସହ ଡ. ରେଡ୍ଡି ଲାବରେଟୋରୀର ଡ. ସତୀଶ ରେଡ୍ଡି ଓ ଫେଡେରେଶନ୍ ଅଫ୍ ଏସିଆନ୍ ବାୟୋଟେକ୍ ଆସୋସିଏଶନ୍‌ର ପ୍ରତିନିଧିଙ୍କ ସହିତ ମଧ୍ୟ ମନ୍ତ୍ରୀ ପଣ୍ଡା ମତବିନିମୟ କରିଥିଲେ।

# ଆର୍ଥିକ କାରବାର, ଗୁପ୍ତ ତଥ୍ୟ ନେଇ ଖୋଳତାଡ଼

## ଚାନ୍ଦିପୁର ଆଇଟିଆର୍‌ରୁ ତଥ୍ୟ ଲିକ୍ ମାମଲା

### ରିମାଣ୍ଡର ପ୍ରଥମ ଦିନରେ ବାବୁରାମଙ୍କୁ ଜେରା କଲେ ଆଇଜି

ବାଲେଶ୍ୱର ଅଫିସ,୨୬।୨

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ପ୍ରତିରକ୍ଷା ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ଆଇଟିଆର୍‌ର ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ପୋଲିସ ଶନିବାର ୪ ଦିନିଆ ରିମାଣ୍ଡରେ ନେଇଛି। ରବିବାର ପ୍ରଥମ ଦିନରେ ତାଙ୍କୁ ଜେରା କରି ଆର୍ଥିକ କାରବାର ଓ ଗୁପ୍ତ ତଥ୍ୟ ନେଇ ଖୋଳତାଡ଼ କରିଛନ୍ତି ଆଇଜି ହିମାଂଶୁ ଲାଲ। ଆର୍ଥିକ କାରବାର ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କ ସହାୟତା ନିଆଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି।

ଗିରଫ ବାବୁରାମ ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଥିଲେ। ଅଧିକାଂଶ ମିଶାଇଲ ଟେଷ୍ଟ ବେଳେ ତାଙ୍କୁ କାର୍ଯ୍ୟପାଇଁ ଆଇଟିଆର୍ ପକ୍ଷରୁ ନିୟୋଜିତ କରାଯାଉଥିଲା। ପୃଥ୍ୱୀ, ବ୍ରହ୍ମୋସ୍, ବଂଶୀ, କ୍ୟୁଆର୍‌ସାମ୍ ଆଦି ମିଶାଇଲ ପରୀକ୍ଷା ସମୟରେ ବାବୁରାମ ନିୟୋଜିତ ହେଉଥିଲେ। କ୍ଲଷ୍ଟର ବମ୍ ଟେଷ୍ଟରେ ମଧ୍ୟ ବାବୁରାମଙ୍କର ଭୂମିକା ଥିଲା। ଡିଆର୍‌ଡିଓର ବୈଜ୍ଞାନିକମାନଙ୍କ ସହିତ ବାବୁରାମଙ୍କର ସମ୍ପର୍କ ଥିଲା। ମିଶାଇଲ୍ ଟେଷ୍ଟ ସମ୍ପର୍କରେ ବାବୁରାମଙ୍କ ପାଖରେ ଟିକିନିଖି ତଥ୍ୟ ରହୁଥିଲା। ପ୍ରାୟ ୧ ବର୍ଷ ପୂର୍ବରୁ ହନିଟ୍ରାପ୍‌ର ଶିକାର ହୋଇ ଆଇଟିଆର୍‌ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ମିଶାଇଲ ପରୀକ୍ଷଣ ସମ୍ପର୍କିତ ଭିଡିଓ ପାକିସ୍ତାନ ସୁନ୍ଦରୀଙ୍କୁ ଦେଉଥିଲେ। ତାଙ୍କ ମୋବାଇଲରୁ ପୋଲିସ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଗୁପ୍ତ ତଥ୍ୟ ଲିକ୍‌ର କିଛି ଭିଡିଓ ମଧ୍ୟ ପୋଲିସ ହାତରେ ଲାଗିଛି।

ସୂଚନାଯୋଗ୍ୟ, ହନିଟ୍ରାପ୍‌ରେ ଫସି ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଉଥିବା ଅଭିଯୋଗରେ ବାବୁରାମ ଗିରଫ ହୋଇଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଗପୁଞ୍ଜି ଗ୍ରାମରେ। ପାକିସ୍ତାନୀ ମହିଳାଙ୍କ ମାୟାଜାଲରେ ପଡ଼ି ଭିଡିଓ କଲ୍ ମାଧ୍ୟମରେ ସେ ଆଇଟିଆର୍‌ର ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ। ପୋଲିସ ଅଧିକ ତଦନ୍ତ କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ଦିଆଯାଇଥିବା ଜାଣିବାକୁ ପାଇଥିଲା। ଦେଶର ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଘଟ କରିଥିବା ଜଣାପଡ଼ିବା ପରେ ବାଲେଶ୍ୱର ପୋଲିସ ଏବଂ ସେଣ୍ଟ୍ରାଲ ଏଜେନ୍ସି ମିଳିତ ଭାବେ ତଦନ୍ତ କରି ବାବୁରାମଙ୍କୁ ଶୁକ୍ରବାର ଗିରଫ କରିଥିଲା।

# ସାମ୍ବାଦିକ ଅଜିତ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)


ଅଜିତ କୁମାର ମହାନ୍ତି

ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଖବରକାଗଜ 'ଧରିତ୍ରୀ'ର ପୂର୍ବତନ ଖବରଦାତା ଅଜିତ କୁମାର ମହାନ୍ତିଙ୍କ ରବିବାର ଅପରାହ୍ନ ୧୨ଟା ୪୩ରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ହୋଇ ଏମ୍ସରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପୈତୃକ ଘର କଟକ କେଶରପୁରରେ। ସେ ଏକାଧାରାରେ ଜଣେ ନିରପେକ୍ଷ ସାମ୍ବାଦିକ, ଭଲ ଲେଖକ ତଥା କବି ଥିଲେ। 'ସମୟ', 'ଅନୁପମ ଭାରତ' ଓ 'ଓଡ଼ିଶା ଭାସ୍କର'ରେ ମଧ୍ୟ ସେ ଦୀର୍ଘବର୍ଷ ଧରି ସାମ୍ବାଦିକତା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଅମୃତ ଦୁନିଆ ଖବରକାଗଜରେ କାର୍ଯ୍ୟ କରୁଥିଲେ। ସାହିତ୍ୟ ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚି ଥିବାରୁ ସେ ଏକାଧିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ କବିତା ପୁସ୍ତକ 'ଆ'-ଆଜି ନଈକୁ ଯିବା' ଖୁବ୍ ପାଠକୀୟ ଆଦୃତି ଲାଭ କରିଥିଲା। ଏଥିସହ ତାଙ୍କର ପ୍ରବନ୍ଧଭିତ୍ତିକ ପୁସ୍ତକ ମଧ୍ୟ ପାଠକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଥିଲା। ଏଥିସହ ସ୍ୱର୍ଗତ ମହାନ୍ତିଙ୍କ ଆଧ୍ୟାତ୍ମିକ ପୁସ୍ତକ ପ୍ରତି ଅଧିକ ଦୁର୍ବଳତା ଥିଲା। ଶ୍ରୀମା, ଅରବିନ୍ଦଙ୍କ ପାଇଁ ତାଙ୍କର ଗଭୀର ଶ୍ରଦ୍ଧା ଥିଲା। ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ ଶଯ୍ୟାରେ ବି ସେ ପଢିବାକୁ ଚେଷ୍ଟା କରୁଥିଲେ। ସେହିଭଳି ସ୍ୱର୍ଗତ ମହାନ୍ତି 'ସାର୍ବଜନୀନ ଭାଇ' ଭାବେ ପରିଚିତ ଥିଲେ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ 'ଅଜିତ ଭାଇ' ବୋଲି ସମ୍ବୋଧନ କରୁଥିଲେ। ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଏବଂ ବନ୍ଧୁବତ୍ସଳ ମଣିଷ ଥିଲେ। ନିଷ୍ଠାପର ତଥା ନିର୍ଭୀକ ସାମ୍ବାଦିକତା ପାଇଁ ସେ ରାଜ୍ୟ ସରକାର ଓ ବିଭିନ୍ନ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଟ୍ରଷ୍ଟି ଥିଲେ। ଏମ୍ସରୁ ତାଙ୍କର ପାର୍ଥିବ ଶରୀର ୟୁନିଟ୍-୨ସ୍ଥିତ ସରକାରୀ ବାସଭବନକୁ ଅଣାଯିବା ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଆନନ୍ଦ ମହାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଶାନ୍ତି ମହାନ୍ତି, ପୁଅ ଆନନ୍ଦ, ଦୁଇ ଝିଅ ଆରୋଶ୍ରୀ ଓ ବାସବଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ଗଣମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭୁବନେଶ୍ୱରର ପଠାଣୀ ରାଉତ ପ୍ରମୁଖ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନିଖୋଜ ୪ ଛାତ୍ର ଘରକୁ ଫେରିଲେ

କେନ୍ଦୁଝର,୨୬।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଏକ ଘରୋଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରୁ ଶୁକ୍ରବାର ରାତିରେ ଯୁକ୍ତ ୨ ପଢୁଥିବା ୪ ଛାତ୍ର ନିଖୋଜ ହୋଇଯାଇଥିଲେ। ସମସ୍ତେ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସେମାନଙ୍କ ନିଖୋଜ ଘଟଣାକୁ ନେଇ ପରିବାର ଲୋକେ, ସ୍କୁଲ କର୍ତ୍ତୃପକ୍ଷ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା (ନଂ. ୭୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବିଳମ୍ବିତ ରାତିରେ ଘରକୁ ଫେରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଜଂଘିରା ବଜାରରୁ ଉଦ୍ଧାର କରି ଘରକୁ ପଠାଇଥିବା ପୋଲିସ ସୂଚନା ଦେଇଛି। ଯେହେତୁ କେସ ରୁଜୁ ହୋଇଛି ସମସ୍ତଙ୍କୁ କୋର୍ଟରେ ହାଜର କରିବା ପାଇଁ ସେମାନଙ୍କ ଅଭିଭାବକମାନଙ୍କୁ କୁହାଯାଇଛି। ହଷ୍ଟେଲରୁ କାହିଁକି ଯାଇଥିଲେ ସୋମବାର ପଚରାଉଚରା ବେଳେ ଜଣାପଡ଼ିବ ବୋଲି ଏସ୍‌ଆଇ ସୁନୀଲ ନନ୍ଦ ସୂଚନା ଦେଇଛନ୍ତି।


## ବୈଦ୍ୟନାଥ ଘରେ ଡାକ୍ତର

ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, କାମଦୁଧା ରସ |
| ଆନିମିଆ | ହେମୋପ୍ଲସ୍, ନୱାୟସ୍ ଲୌହ |
| ଆର୍ଥ୍ରାଇଟିସ୍, ଗାଉଟ୍, ରୁମାଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ |
| ଡାଇବେଟିସ୍ | ମଧୁମେହାରୀ ଦାନା, ଡାଇବେଟ୍ ଗାର୍ଡ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗୌସାନ୍ତକ ଟ୍ୟାବ୍, ଚିତ୍ରକାଦି ବଟି |
| ଉଚ୍ଚ କୋଲେଷ୍ଟ୍ରଲ୍ | ଗୁଡହାର୍ଟ, କୋଲେଷ୍ଟ ଗାର୍ଡ |
| ଅନିଦ୍ରା | ନାଇଟ୍‌ଜ୍, ବ୍ରାହ୍ମୀ ବଟି |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗାସବ |
| ଯକୃତ ସମସ୍ୟା | ଲିଭ୍‌ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ୍ |
| ସ୍ମୃତି ବର୍ଦ୍ଧକ | ମେମୋରେକ୍ସ, ଶଙ୍ଖପୁଷ୍ପି ସରବତ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ପାଇଲ୍ସ | ପାଇରାଇଡ୍‌ସ୍ ଟ୍ୟାବ୍, ପାଇରାଇଡ୍‌ସ୍ ଅଏଣ୍ଟମେଣ୍ଟ |
| ଚାପ ଏବଂ ଚିନ୍ତା | ଷ୍ଟ୍ରେସ୍ ଗାର୍ଡ, ଷ୍ଟ୍ରେସ୍ ଗାର୍ଡ ମସାଜ ଅଏଲ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ

JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905


# ୫ଦିନ ପରେ ତାପମାତ୍ରା ଆହୁରି ବଢ଼ିବ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ରାଜ୍ୟରେ ବଢୁଛି ତାତି। କିଛି ସ୍ଥାନରେ ପାରଦ ୩୮ ଡିଗ୍ରୀ ପାର୍ କଲାଣି। ଆଗାମୀ ୪ରୁ ୫ଦିନ ଯାଏ ଏଭଳି ସ୍ଥିତି ଲାଗି ରହିବ। ତେବେ ୫ ଦିନ ପରେ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ସକାଳେ ରାଜ୍ୟର କିଛି ସ୍ଥାନରେ କୁହୁଡ଼ି ଦେଖିବାକୁ ମିଳିଥିଲା। ବିଶେଷକରି କଟକ, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ ଗଞ୍ଜାମର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଏବେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ୨ରୁ ୪ ଡିଗ୍ରୀ ଅଧିକ ରହୁଛି। ରବିବାର ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୭.୫ ଡିଗ୍ରୀ ରହିଥିଲା। ସେହିପରି ଝାରସୁଗୁଡ଼ାରେ ୩୬.୬, ସମ୍ବଲପୁରର ୩୬.୨, ସୁନ୍ଦରଗଡ଼ ୩୬, ନୟାଗଡ଼ ୩୬.୫, ବରଗଡ଼ ୩୫.୨, ଫୁଲବାଣୀ ୩୫.୭, ଟିଟିଲାଗଡ଼ ୩୫, ଭବାନୀପାଟଣା ୩୫.୪, ତାଳଚେର ୩୫.୮, ହୀରାକୁଦ ୩୫.୭ ଓ ଭୁବନେଶ୍ୱରରେ ୩୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆଗକୁ ତାତି ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଷ୍ଟୁଡିଓ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ

## କରଜ ଟଙ୍କା ପାଇଁ ଚିନ୍ତାଗ୍ରସ୍ତ ଥିଲେ

ଢେଙ୍କାନାଳ ଅଫିସ, ୨୬।୨

ଢେଙ୍କାନାଳ ପୌରାଞ୍ଚଳର ୭ନଂ. ୱାର୍ଡରେ ରହୁଥିବା ଫଟୋଲାଇନ୍ ଷ୍ଟୁଡିଓ ମାଲିକ ତଥା ବିଶିଷ୍ଟ ଫଟୋଗ୍ରାଫର ସଚ୍ଚିଦାନନ୍ଦ ନାୟକ ଓରଫ ବାବୁଲି (୫୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ଗୋହିରାଖାଲସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଫାର୍ମ ହାଉସ ପରିସରରେ ଥିବା ପରିତ୍ୟକ୍ତ ଘରୁ ସଦର ଥାନା ପୋଲିସ ଜବତ କରିଛି। ଋଣଭାର ଯୋଗୁ ମାନସିକ ଚିନ୍ତାରେ ଥିବା ବାବୁଲି ଅପମାନ ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ପୁତ୍ର ନିଶାନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୫୫/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପଟେ ସହରର ଜଣେ ଖ୍ୟାତନାମା ଫଟୋଗ୍ରାଫରଙ୍କ ଏଭଳି ମୃତ୍ୟୁକୁ ନେଇ ସହରରେ ଶୋକର ଛାୟା ଖେଳିଯାଇଛି।

ପୋଲିସ ନିକଟରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ବାବୁଲି ବ୍ୟବସାୟ ପାଇଁ ସହରର କେତେଜଣ ବ୍ୟକ୍ତିଙ୍କଠାରୁ କରଜ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଟଙ୍କା ଫେରାଇ ଦେବା ପାଇଁ ଚାପ ପକାଉଥିଲେ। ଏପରି କି ଧମକଚମକ ମଧ୍ୟ ଦେଉଥିଲେ। ଏହାକୁ ନେଇ ସେ କିଛିଦିନ ହେଲା ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ମାନସିକ ଚାପ ସହି ନ ପାରି ସେ ଜୀବନ ହାରିଥିବା ଏଥିରେ ଦର୍ଶାଯାଇଛି। ଏ ନେଇ ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଯାଉଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଢେଙ୍କାନାଳ ବସଷ୍ଟାଣ୍ଡରେ ବାବୁଲିଙ୍କ 'ଫଟୋ ଲାଇନ୍ ଷ୍ଟୁଡିଓ' ରହିଛି। ଏହା ତାଙ୍କ ଉପାର୍ଜନର ଏକମାତ୍ର ମାଧ୍ୟମ ଥିଲା। ତାଙ୍କ ପରଲୋକରେ ପରିବାର ସଦସ୍ୟ, ବନ୍ଧୁ, ସହପାଠୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ପ୍ରିୟଙ୍କାଙ୍କ ହାତ ଧରିଲେ ଦିବ୍ୟଶଙ୍କର

ପିପିଲି/ଭବାନୀପାଟଣା, ୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.)



- ଦ୍ୱିତୀୟ ବିବାହ ବନ୍ଧନରେ ଜୁନାଗଡ଼ ବିଧାୟକ
- ନିରାଡ଼ମ୍ବର ଭାବେ ଦିନକରେ ନିର୍ବନ୍ଧ, ବିବାହ ଉତ୍ସବ

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ରବିବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ନିଜ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦେକୋଟ ଗ୍ରାମର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କାଙ୍କ ହାତ ଧରିଛନ୍ତି। ପୁରୀ ଜିଲା ପିପିଲି ଶିଉଳା ନିକଟ ଦି ଆଡଭେଞ୍ଚର କନଭେନସନ ରିସର୍ଟରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ନିର୍ବନ୍ଧ ସରିଥିବା ବେଳେ ପରେ ଉଭୟଙ୍କ ବିବାହ ନିରାଡ଼ମ୍ବର ଭାବେ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ କନ୍ୟା ଘରର ୨୮ ଏବଂ ବରପକ୍ଷର ୩୨ ଜଣ ସାମିଲ ଥିଲେ। ପିପିଲି ନୂଆଶାସନ ଅଞ୍ଚଳର ଜଣେ ପୁରୋହିତ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ବିବାହ ଭୋଜି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମନ୍ତ୍ରୀ, ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ଜଣାପଡ଼ିଛି। ସାଜସଜ୍ଜା ବିହୀନ ଉକ୍ତ ରିସର୍ଟକୁ ସର୍ବସାଧାରଣଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ ରହିଥିବା ବେଳେ ଗେଟ୍‌ରେ ତାଲା ପଡିଥିଲା। ଉଭୟଙ୍କ ବିବାହ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଗତ କିଛିଦିନ ତଳେ କ୍ୟାପେଟନ ମିଶ୍ର ଦ୍ୱିତୀୟ ବିବାହ କରୁଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା, ଯାହା ଏବେ ସତ ହୋଇଛି। ଏହା ପୂର୍ବରୁ ଦିବ୍ୟଶଙ୍କର ଜୟପାଟଣା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ସେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ସେମାନଙ୍କର ଗୋଟିଏ ୨୦ବର୍ଷର ପୁଅ ରହିଛି। ସେ ଲଣ୍ଡନରେ ପାଠ ପଢୁଥିବା ଜଣାପଡିଛି। ସେହିପରି ବେଙ୍ଗାଲୁରୁର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ପୂର୍ବରୁ ଧର୍ମଗଡ଼ର ଜଣେ ଯୁବକଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ତାଙ୍କର ମଧ୍ୟ ଛାଡ଼ପତ୍ର ହୋଇଥିଲା।


DSPL-89



ଓଡ଼ିଶା ସରକାର

## ପୂଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୨୭ ଫେବୃଆରୀ, ୨୦୨୩

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାରଠାରେ ପୂଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ,
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି : – ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ,
ମାନ୍ୟବର ବିଧାୟକ, ସତ୍ୟବାଦୀ

ମୁଖ୍ୟବକ୍ତା : – ପ୍ରଫେସର ବସନ୍ତ କୁମାର ପଣ୍ଡା
ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭାରତ ସରକାର, ଭୁବନେଶ୍ୱର

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନର ମୂଳମନ୍ତ୍ର 'ଭଲ ମଣିଷ ହୁଅ' ଉପରେ ଆଧାରିତ ସାମାଜିକ ନାଟକ 'ବୋଉ' ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0258/2223

**ଆଜିର ମନ୍ତବ୍ୟ**

"କୋଭିଡ୍ ଲକ୍‌ଡାଉନ୍ ଆରମ୍ଭରେ ହୋଇଥିବା ସଂଘର୍ଷର ସମାଧାନ ନ ହେବା ପର୍ଯ୍ୟନ୍ତ ଚାଇନା ସହ ଭାରତର ସମ୍ପର୍କରେ ସ୍ୱାଭାବିକତା ଫେରିବ ନାହିଁ।"
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳିକି, ଗୋସେଇଁ ଓଳିକି**
**ନା, ଭାତ ନାହିଁ ଆଉ ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠେ ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଳି ପାଣି ପଡେ ପିଣ୍ଡା ତଳକୁ,**
**ଝିଅ ଜନମ ପର ଘରକୁ।**

ଅଲିଅଳରେ ବଢି ଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦେଓମାଳୀ, କୋଟିଆରେ ମୁଖ୍ୟ ଶାସନ ସଚିବ



ଅଙ୍ଗନୱାଡି କେନ୍ଦ୍ରରେ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ପୁସ୍ତକ ବଣ୍ଟନ କରୁଛନ୍ତି।

- **ଇକୋ ଟୁରିଜମ୍ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କଲେ**
- **ଷ୍ଟ୍ରବେରୀ, ମହୁ ଚାଷ ବୁଲି ଦେଖିଲେ**

ଭୁବନେଶ୍ୱର, (ବ୍ୟୁରୋ)/ ପଟାଙ୍ଗୀ (ଡି.ଏନ୍.ଏ.), ୨୬।୨

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋରାପୁଟ ଜିଲାର ଦେଓମାଳୀ ଓ କୋଟିଆ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଦେଓମାଳୀ ଠାରେ ଇକୋ ଟୁରିଜିମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଚାରା ରୋପଣ କରିଛନ୍ତି। ସେହିଭଳି କୋଟିଆରେ ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି।
ମୁଖ୍ୟ ଶାସନ ସଚିବ ମହାପାତ୍ର ପ୍ରଥମେ କୋଟିଆ ପଞ୍ଚାୟତର ଦେଓମାଳି ପର୍ଯ୍ୟଟନସ୍ଥଳରେ ପହଞ୍ଚି ନିର୍ମାଣାଧୀନ କାର୍ଯ୍ୟ ତଦାରଖ କରିଥିଲେ। ଦେଓମାଳି କିପରି ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇପାରିବ ସେନେଇ ଜିଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜନୈକ ବାସନା ଗେମେଲଙ୍କ ଦ୍ୱାରା ଷ୍ଟ୍ରବେରୀ ଚାଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହୁ ମାଛି ଚାଷ ବୁଲି ଦେଖିବା ସହ ଆବଶ୍ୟକୀୟ ପ୍ରୋତ୍ସାହନ ଦେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସେଠାରେ ଏକ ଫରେଷ୍ଟ ଗେଷ୍ଟ ହାଉସ ଓ ଶୀତଳ ଭଣ୍ଡାରର ଉଦଘାଟନ ମଧ୍ୟ କରିଛନ୍ତି। ରଣାସିଂ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଶୁଭ ଉଦଘାଟନ କରିବା ସହ ପିଲାମାନଙ୍କୁ ପୋଷାକ ଓ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି।
ସେହିଭଳି ସେମିଳିଗୁଡା ବ୍ଲକର ରାଜପୁଟ ଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏକ ମିଲେଟ ପ୍ରୋସେସିଂ ୟୁନିଟର ମଧ୍ୟ ତାଙ୍କ ଦ୍ୱାରା ଉଦଘାଟନ କରାଯାଇଛି। ଗାଲିଗାବଦର ଠାରେ ୱାଟରଫୁଲ ବୁଲି ଦେଖିବା ସହ ଏହାକୁ ସଠିକ ଭାବେ ପରିଚାଳନା କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେଠାରେ ଏକ ଇକୋ ରିସୋର୍ଟ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏତଦବ୍ୟତୀତ ସରକାରଙ୍କ ପକ୍ଷରୁ ଜିଲାରେ ଯାରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅବଦ୍ଦଲ ଏମ୍ ଅକତାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଆଇ.ଟି.ଡି.ଏର କାରୁ ସୋରେନ, ଉପ ଜିଲାପାଳ ବେଣୁଧର ଶବର, ଡିଏଫଓ ଅମିତାରାଣୀ ରୟ, ପଟ୍ଟାଙ୍ଗି ବିଡିଓ ସୌମ୍ୟ ସାର୍ଥକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଇଣ୍ଡିଗୋ ରିଚ୍ ଓ ଇଣ୍ଟର ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ରବିବାର 'ମାଇଁ ସିଟି ମାଇଁ ହେରିଟେଜ୍ ଅଭିଯାନ'ର ଦ୍ୱିତୀୟ ଐତିହ୍ୟ ପଦଯାତ୍ରାରେ ପର୍ଯ୍ୟଟକମାନେ ପୁରୁଣା ଭୁବନେଶ୍ୱରର ବୈତାଳ ମନ୍ଦିର ପରିଦର୍ଶନ କରୁଛନ୍ତି। (ଫଟୋ- ବିକାଶ)

# ବୁଲା କୁକୁରଙ୍କୁ ହଟାଇବା ନିର୍ଦ୍ଦେଶକୁ ବିରୋଧ

- **ଅସନ୍ତୋଷ ବ୍ୟକ୍ତ କଲେ କୁକୁରପ୍ରେମୀ**
- **ପୁଣି ଟୁଇଟ୍ କରି ବୁଝାଇଲେ ମନ୍ତ୍ରୀ**

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ହାଇଦ୍ରାବାଦରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେବା ଘଟଣା ପରେ ଓଡ଼ିଶାରେ ରାସ୍ତାକଡ଼ରୁ ବୁଲା କୁକୁରଙ୍କୁ ହଟାଇବାକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମନ୍ତ୍ରୀ ଗତ ୨୨ ତାରିଖରେ ଟୁଇଟ୍ କରି ଓଡ଼ିଶାର ସମସ୍ତ ଜିଲାର ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଫିସର(ସିଡିଭିଓ)ଙ୍କୁ ସତର୍କ କରାଇବା ସହ ରାସ୍ତାରୁ ବୁଲା କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ତେବେ ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ କୁକୁରପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସେମାନେ ବିରୋଧ କରିଛନ୍ତି।
ଏ ସମ୍ପର୍କରେ କୁକୁରପ୍ରେମୀ ସ୍ୱାଗତିକା ଆଚାର୍ଯ୍ୟ କହିଛନ୍ତି, ଆମ ସମାଜରେ ବୁଲା କୁକୁରଙ୍କର ରହିବାର ଅଧିକାର ଅଛି। ଗୋଟିଏ ଘଟଣାକୁ କେନ୍ଦ୍ର କରି ରାସ୍ତାରୁ ବୁଲା କୁକୁର ହଟାଇବା ନିଷ୍ପତ୍ତି ଠିକ୍ ନୁହେଁ। ସବୁ କୁକୁର ପ୍ରତି ଏଭଳି ଅତ୍ୟାଚାର ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଜଣେ ସାଧାରଣ ଲୋକ ରାକେଶ ରଞ୍ଜନ ପ୍ରଧାନ କହିଛନ୍ତି, କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବୁଲା କୁକୁର କାମୁଡ଼ାରେ ଅନେକ ଆହତ ହେଉଛନ୍ତି। କୁକୁର ପାଇଁ ରାତି ଓ ସକାଳେ ରାସ୍ତାରେ ଯିବା ଆସିବା କରିବାକୁ ଭୟ ଲାଗୁଛି। ରାସ୍ତାରେ ଆକ୍ରମଣ କରୁଥିବା କୁକୁରଙ୍କୁ ହଟାଇବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। କିନ୍ତୁ ସେମାନଙ୍କୁ ଠିକ୍ ଭାବରେ ପୁନଃଥଇଥାନ କରାଯିବା ଉଚିତ। ପିପୁଲ ଫର୍ ଏଥିକାଲ ଟ୍ରିଟମେଣ୍ଟ ଅଫ୍ ଆନିମଲ(ପେଟା) ଇଣ୍ଡିଆ କ୍ୟାମ୍ପେନର ମ୍ୟାନେଜର ରାଧିକା ସୂର୍ଯ୍ୟବଂଶୀ କହିଛନ୍ତି, ବନ୍ଧ୍ୟାକରଣ ହେଉଛି ଏହାର ଏକମାତ୍ର ସମାଧାନ। ତେବେ କୁକୁରପ୍ରେମୀଙ୍କ ମଧ୍ୟରେ ଏଭଳି ପ୍ରତିବାଦ ହେବା ପରେ ମନ୍ତ୍ରୀ ପୁଣି ଟୁଇଟ୍ କରି ତାଙ୍କ ପୂର୍ବ ଟୁଇଟ୍‌କୁ ଭୁଲ୍ ବୁଝିବା ଉଚିତ ନୁହେଁ ବୋଲି କହିଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପଡ଼ୋଶୀ ରାଜ୍ୟରେ ବୁଲା କୁକୁରର ଆକ୍ରମଣାତ୍ମକ ଆଚରଣ ଘଟଣା ପରେ ଓଡ଼ିଶା ସରକାର ଏହି ଘଟଣାକୁ ନଜର ରଖିଛନ୍ତି। ଏବିସି କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ଧ୍ୟାକରଣକୁ ବୃଦ୍ଧି କରି ସମ୍ପୃକ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୧୭ଲକ୍ଷରୁ ଅଧିକ ରହିଛି। ଏହା ଦେଶରେ ଦ୍ୱିତୀୟ। ୨୦୧୯ ପଶୁପାଳନ ଗଣନା ବା ଲାଇଭ୍‌ଷ୍ଟକ ସେନ୍‌ସେସ୍ ଅନୁସାରେ ଓଡ଼ିଶାରେ ୧୭,୩୪,୩୯୯ ବୁଲା କୁକୁର ଥିବାବେଳେ ଉତ୍ତରପ୍ରଦେଶରେ ସର୍ବାଧିକ ୨୦,୫୯,୨୬୧ ରହିଛନ୍ତି। ଓଡ଼ିଶାରେ ୨୦୧୨ ଗଣନା ତୁଳନାରେ ୨୦୧୯ରେ ଏହି ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଥିଲା। ୨୦୧୨ରେ ଓଡ଼ିଶାରେ ୮,୬୨,୫୨୦ ବୁଲା କୁକୁର ଥିଲେ। ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ବିଫଳ ହୋଇଥିବା ଏହି ସଂଖ୍ୟାରୁ ପ୍ରମାଣିତ କରୁଛି। ପୁଣି ଶେଷ ୩ବର୍ଷରେ ରାଜ୍ୟରେ କୁକୁର ସଂଖ୍ୟା ଆହୁରି ବୃଦ୍ଧି ପାଇଥିବାରୁ ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରିବା ରାଜ୍ୟ ପାଇଁ ଆହ୍ୱାନ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ। ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ରାଶିରେ ଚନ୍ଦ୍ର ଓ ମଙ୍ଗଳ ରହିଥିବାରୁ ସମ୍ପର୍କୀୟଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କଠୋର ଶ୍ରମ ଶେଷରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ସମସ୍ୟା ଲାଗି ରହୁଥିବାରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅର୍ଥପ୍ରାପ୍ତିର ଲାଳସା ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପାଖ ପଡ଼ୋଶୀଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ସାମାନ୍ୟ ଖର୍ଚ୍ଚାନ୍ତ ହେବା ଦ୍ୱାରା ଦୀର୍ଘଦିନର ଆଶା ଫଳବତୀ ହୋଇପାରିବ। କର୍ମସ୍ଥ ରାହୁଙ୍କ ପ୍ରଭାବରୁ ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହାଯ୍ୟର ଗନ୍ଧ ନ ଥାଇ ସାଙ୍ଗମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** ଆଗାମୀ କାର୍ଯ୍ୟ ସକାଶେ ସମ୍ପର୍କୀୟଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଉପକୃତ ହେବେ। ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲଭିବେ। କେତେକ ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** ମନ କଥା ଗୋପନ ରଖି, ଉପର ମନରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ରାଶିପ୍ରତି ଶୁଭଗ୍ରହର ଦୃଷ୍ଟିଜନିତ ପାରିବାରିକ ସ୍ତରରେ ସହମତିରେ କାମ କଲେ ଉପକୃତ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶୁଭ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ସରକାରୀ ଦପ୍ତରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। ରାସ୍ତାରେ ଗମନାଗମନ କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧାର ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ପାରିବାରିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରିବହନ କ୍ଷେତ୍ରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁମେଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସହକର୍ମୀମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉଦ୍‌ବେଗଜନକ ରହିବ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ। କିନ୍ତୁ ଶତଭିଷା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଖର୍ଚ୍ଚର ଭରଣା କରିବାକୁ ଧାର ଉଧାର କରିବାକୁ ପଡ଼ିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରେବତୀ ନକ୍ଷତ୍ର ହାତପାହାନ୍ତାରେ ସୁଯୋଗ ପାଇବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ହଠାତ୍ ବିରୋଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇ ଉଠିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ଫାଲଗୁନ ଶୁକ୍ଳ ଅଷ୍ଟମୀ ସୋମବାର, ଫେବୃୟାରୀ ୨୭ ତାରିଖ, ରାଶି ନକ୍ଷତ୍ର-ରୋହିଣୀ / ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭ ଦିନ। ଦିବା ଘ.୦୬/୧୧ ମଧ୍ୟେ ଘ.୦୭/୩୮ ଗତେ, ଘ.୧୦/୫୦ ଗତେ, ଘ.୦୧/୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୩୮ ଗତେ, ଘ.୦୯/୦୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୀପ ଜେନା ନୂଆ ...



ସୁରେଶ ଚନ୍ଦ୍ର ମହାପାତ୍ର



ଅନୁ ଗର୍ଗ

ଏହାପରେ ସେ କଳାହାଣ୍ଡି ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୯ ମହାବାତ୍ୟା ସମୟରେ ସେ କଟକ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିସାରିଛନ୍ତି।
ଜେନାଙ୍କୁ ଓଡ଼ିଶା ପ୍ରଶାସନିକ ସେବା ମୁଖିଆ ପଦରେ ନିଯୁକ୍ତ କରାଯିବା ପରେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସରକାର ଥଇଥାନ କରିଛନ୍ତି। ତାଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ବୋଲି ପୂର୍ବରୁ ଆଲୋଚନା ହେଉଥିଲା। ଗର୍ଗ ଏବଂ ମହାପାତ୍ର ଆସନ୍ତା ୧ ତାରିଖରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ।

### ୩ରୁ ୩୦କୁ ଖସିଲେ ...

୩ରୁ ୩୦ ନମ୍ବରକୁ ଓହ୍ଲାଇଆସିଛନ୍ତି।
ବନ୍ଦରରୁ ବିମାନବନ୍ଦର, ଖାଇବା ତେଲରୁ ନେଇ କମୋଡିଟିଜ୍, ବିଦ୍ୟୁତ୍, ସିମେଣ୍ଟ ଏବଂ ଡାଟା ସେଣ୍ଟର ପର୍ଯ୍ୟନ୍ତ ବ୍ୟବସାୟ ପରିଚାଳନା କରୁଥିବା ଏହି ବିଜ୍‌ନେସ୍ ଗ୍ରୁପ୍‌ର ଶେୟାର ମାର୍କେଟରେ ତାଲିକାଭୁକ୍ତ ୧୦ କମ୍ପାନୀ ମାସକରେ ୧୨.୦୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଲାଣି। ଏହି କ୍ଷତିର ପରିମାଣ ଭାରତର ଦ୍ୱିତୀୟ ମୂଲ୍ୟବାନ୍ କମ୍ପାନୀ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ମାର୍କେଟ କ୍ୟାପିଟାଲାଇଜେଶନ୍ ସହ ସମାନ। ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧୨୦ ବିଲିୟନ ଡଲାର ଥିବାବେଳେ ୮୦.୬ ବିଲିୟନ ଡଲାର କ୍ଷତି ସହ ବର୍ତ୍ତମାନ ପ୍ରାୟ ୪୦ ବିଲିୟନ ଡଲାରରେ ସୀମିତ ରହିଛି। ଆଦାନୀଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ମୁଖ୍ୟ ମୁକେଶ ଅମ୍ବାନୀ ୮୧.୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ସହ ବର୍ତ୍ତମାନ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ଦଶମ ସ୍ଥାନ ଅଧିକାର କରିଛନ୍ତି। ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରି ତଥା ହାର୍ଭାର୍ଡ ୟୁନିଭର୍ସିଟିର ପ୍ରାକ୍ତନ ଅଧ୍ୟକ୍ଷ ଲାରି ସମର୍ସ ଆଦାନୀ ଗ୍ରୁପ୍‌ର ସଙ୍କଟକୁ ଏନ୍‌ରନ୍ କ୍ରାଇସିସ୍ ସହ ତୁଳନା କରିଛନ୍ତି। ୨୦୦୧ ଅକ୍ଟୋବରରେ ଆମେରିକୀୟ ଏନର୍ଜି ମେଜର ଏନ୍‌ରନ୍ କର୍ପୋରେଶନ୍‌ର ସ୍କାଣ୍ଡାଲ ପଦାକୁ ଆସିଥିଲା। ହ୍ୟୁଷ୍ଟନ୍‌ରେ ମୁଖ୍ୟାଳୟ ଥିବା ଏହି ବିଦ୍ୟୁତ୍ କମ୍ପାନୀର ଦୁର୍ନୀତି ପ୍ରଘଟ ହେବା ପରେ ଏହାକୁ ଦେବାଳିଆ ଘୋଷଣା କରାଯାଇଥିଲା। ତେଣୁ ଆଦାନୀ ଗ୍ରୁପ୍‌ର ଅଧଃପତନ ଭାରତରେ 'ଏନ୍‌ରନ୍ ମୁମେଣ୍ଟ' ଭଳି ସ୍ଥିତି ଉପୁଜାଇପାରେ ବୋଲି ବ୍ଲୁମ୍‌ବର୍ଗର ୱାଲ୍ ଷ୍ଟ୍ରିଟ୍ ୱିକ୍‌କୁ ସାକ୍ଷାତ୍‌କାର ବେଳେ ଲାରି ଆଶଙ୍କା ବ୍ୟକ୍ତ କରିଛନ୍ତି। ଲାରି ଆହୁରି କହିଛନ୍ତି, ଭାରତ ବିଶ୍ୱର ସବୁଠୁ ଦ୍ରୁତତମ ଅର୍ଥନୀତି ଭାବେ ଉଭା ହେବାରେ ଲାଗିଛି। ଜି୨୦ ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ଭାରତ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆଦାନୀ ସଙ୍କଟ ସବୁକିଛିକୁ ପାଣିରେ ପକାଇଦେଇପାରେ।
ପ୍ରକାଶ ଯେ, ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବହୁପ୍ରତୀକ୍ଷିତ (୨୦,୦୦୦ କୋଟି ଟଙ୍କାର) ଫଲୋ-ଅନ୍ ପବ୍ଲିକ ଅଫର୍ (ଏଫ୍‌ପିଓ) ଆସିବା ପୂର୍ବରୁ ଗତ ଜାନୁୟାରୀ ୨୪ରେ ନ୍ୟୁୟର୍କଭିତ୍ତିକ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୪୧୩ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥିଲା। ଆଦାନୀ ଗ୍ରୁପ୍‌ର ଷ୍ଟକ୍‌ଗୁଡ଼ିକରେ ଏବଂ ଆକାଉଣ୍ଟରେ ବ୍ୟାପକ ହେରଫେର ହୋଇଥିବା ଦର୍ଶାଇ ନାଥନ୍ ଆଣ୍ଡର୍ସନଙ୍କ ଏହି ସଂସ୍ଥା ଶର୍ଟ ସେଲିଂ କରିଥିଲା। ଏପରି କି ଆଦାନୀ ଗ୍ରୁପ୍‌ର ୧୦ କମ୍ପାନୀର ଶେୟାର ମୂଲ୍ୟ ୮୫% ପର୍ଯ୍ୟନ୍ତ ଖସିବ ବୋଲି ଭବିଷ୍ୟବାଣୀ କରିଥିଲା, ଯାହାକି ଏବେ ସତ ହେବାକୁ ଯାଉଛି।

### ସତ ପ୍ରଘଟ ହେବାଯାଏ ...

ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ କ'ଣ ବୋଲି ସଂସଦରେ ଆମେ ପ୍ରଶ୍ନ କରିଥିଲୁ। ଏହାର ଉତ୍ତର ମିଳିଲା ନାହିଁ। ଓଲଟା ଆମ ସମ୍ପୂର୍ଣ୍ଣ ଭାଷଣକୁ ସଂସଦୀୟ ରେକର୍ଡରୁ ବାଦ୍‌ଦିଆଗଲା। ତେଣୁ ସତ ପ୍ରଘଟ ନ ହେବା ଯାଏ ଆମେ ନୀରବ ରହିବୁ ନାହିଁ ବୋଲି କଂଗ୍ରେସର ୮୫ତମ ମହାଅଧିବେଶନକୁ ସମ୍ବୋଧିତ କରି ରାହୁଲ କହିଛନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଆହୁରି କହିଛନ୍ତି, ଏହି କମ୍ପାନୀ ଦେଶକୁ ନଷ୍ଟ କରିବାକୁ ବସିଲାଣି। ଆଦାନୀ ଗ୍ରୁପ୍ ଭାରତର ସମସ୍ତ ଭିତ୍ତିଭୂମିକୁ ଛଡ଼ାଇନେଇଛି। ସ୍ୱାଧୀନତା ସଂଗ୍ରାମ ସବୁ ସମ୍ପତ୍ତି ଓ ବନ୍ଦରକୁ ଦଖଲ କରିନେଇଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢ଼ାଯାଇଥିଲା। ଏବେ ଇତିହାସର ପୁନରାବୃତ୍ତି ଘଟୁଛି। ଦେଶ ଭିତରର ଏକ କମ୍ପାନୀ ସବୁ ଲୁଟିନେଉଥିବାବେଳେ ଆମେ ଏହାକୁ ବିରୋଧ ଜାରି ରଖିବୁ। ମୋଦି-ଆଦାନୀଙ୍କ ସମ୍ପର୍କ ଉପରେ ପ୍ରଶ୍ନ କରୁଥିବୁ ବୋଲି ରାହୁଲ କହିଛନ୍ତି।

### ସିସୋଡିଆଙ୍କୁ ଗିରଫ ...

ସିସୋଡିଆ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ଅଧିକାରୀମାନଙ୍କ ପ୍ରଶ୍ନଗୁଡ଼ିକୁ ଏଡ଼ାଇଦେଇଥିଲେ। କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରାତିରେ ତାଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ସିବିଆଇ ଅଧିକାରୀମାନେ ଆହୁରି କହିଛନ୍ତି, ସିସୋଡିଆଙ୍କୁ ହାଜତରେ ରଖି ପ୍ରଶ୍ନ କରାଯିବ। ଏହି ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯିବ। ସିବିଆଇ ଅଫିସକୁ ଯିବା ପୂର୍ବରୁ ସିସୋଡିଆ ତାଙ୍କୁ ଗିରଫ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ନିଜ ସମର୍ଥକମାନଙ୍କ ସହ ସେ ରାଜଘାଟକୁ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଦିଲ୍ଲୀ ପୋଲିସ ଜେଏଲ୍‌ଏନ୍ ଷ୍ଟାଡିୟମ୍ ରୋଡ୍‌ରେ ୪ ସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ସିବିଆଇ ମୁଖ୍ୟାଳୟରୁ ୫୦୦ ମିଟର ଦୂରରେ ଥିବା ସ୍କୋପ୍ କମ୍ପ୍ଲେକ୍ସରେ ବିକ୍ଷୋଭ ଏଡ଼ାଇବା ଲାଗି ଲୋକଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ନିଜ ସରକାରୀ ଗାଡ଼ି (ଧଳା ରଙ୍ଗର ଇଭି)ରେ ଥାଇ ସମର୍ଥକ ଓ ଗଣମାଧ୍ୟମକୁ ସମ୍ବୋଧନ କରି ସିସୋଡିଆ କହିଥିଲେ, ମୋତେ ସେମାନେ ଗିରଫ କରିପାରନ୍ତି। ସାମ୍ବାଦିକତା ଛାଡ଼ିବା ପରେ ମୋ ସ୍ତ୍ରୀ ମୋତେ ସମର୍ଥନ କରିଥିଲେ। ଆଜି ମଧ୍ୟ ପରିବାର ମୋ ସହ ଛିଡ଼ା ହୋଇଛି। ମୁଁ ଗିରଫ ହେଲେ ମୋ କାର୍ଯ୍ୟ ପରିବାରର କାମରେ ଆସିବ। ୭-୮ ମାସ ଜେଲରେ ରହିବାକୁ ପ୍ରସ୍ତୁତ ବୋଲି ସିସୋଡିଆ କହିଛନ୍ତି।
ପ୍ରକାଶ ଯେ, ସିବିଆଇ ଏଫ୍‌ଆଇଆର୍‌ରେ ୧ ନମ୍ବର ଅଭିଯୁକ୍ତ ଥିବା ସିସୋଡିଆଙ୍କୁ ପ୍ରଥମେ ୨୦୨୨ ଅକ୍ଟୋବର ୧୭ରେ ପ୍ରଶ୍ନ କରାଯାଇଥିଲା। ଏହାର ମାସକ ପରେ ଅର୍ଥାତ୍ ନଭେମ୍ବର ୨୫ରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସିବିଆଇ ସିସୋଡିଆଙ୍କ ସମେତ ଅର୍ବ ଗୋପୀ କ୍ରିଷ୍ଣା (ପୂର୍ବତନ ଅବକାରୀ କମିଶନର), ଆନନ୍ଦ ତିୱାରୀ (ତତ୍କାଳୀନ ଡେପୁଟି କମିଶନର), ପଙ୍କଜ ଭଟ୍ଟନାଗର (ଆସିଷ୍ଟାଣ୍ଟ କମିଶନର), ବିଜୟ ନାୟାର (ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀ 'ଓନ୍ଲି ମଚ୍ ଲାଉଡର' ପୂର୍ବତନ ସିଇଓ), ମନୋଜ ରାୟ (ପେର୍ନୋଡ୍ ରିଚାର୍ଡର ପୂର୍ବତନ କର୍ମଚାରୀ), ଅମନଦୀପ ଧଲ(ବ୍ରିଣ୍ଡ୍‌କୋ ସେଲ୍ସ ନିର୍ଦ୍ଦେଶକ), ସମୀର ମହେନ୍ଦ୍ରୁ (ଇଣ୍ଡୋସ୍ପିରିଟ୍ ଗ୍ରୁପ୍ ଏମ୍‌ଡି)ଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି।

### ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ...

ହିରୋସିମା ଓ ନାଗାସାକିରେ ପରମାଣୁ ବୋମା ଫିଙ୍ଗାଯାଇଥିବା ୩୦% ଲୋକ ଜାଣନ୍ତି। ତେବେ ଯୁଦ୍ଧ ସମ୍ପର୍କିତ ଅନେକ ତଥ୍ୟ ବିଷୟରେ ଯୁବପିଢ଼ି ଜାଣି ନ ଥିବା ସର୍ଭେରୁ ଜଣାପଡ଼ିଛି। ବ୍ରିଟେନ୍ ଯୁବପିଢ଼ିଙ୍କୁ ଯୁଦ୍ଧ ସମ୍ପର୍କରେ ଅବଗତ କରାଇବା ଏବେ ଜରୁରୀ ହୋଇପଡ଼ିଥିବା ରେଲିକ ଏଣ୍ଟରଟେନ୍‌ମେଣ୍ଟ ଆଇଏନ୍‌ସିର ଉପସଭାପତି ଡେଭିଡ୍ ଲିଟମାନ୍ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଶେଷଜ୍ଞ ତଥା କମେଡିଆନ୍ ଅଲ ମୁରେ ମଧ୍ୟ ଏହି ସର୍ଭେରେ ସାମିଲ ହୋଇଥିଲେ। ତେବେ ଭିଡିଓ ଗେମ୍ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଜାଣିବାକୁ ଆଗ୍ରହ ଥିବା କାରଣରୁ ସେ ଏଥିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

### ସଞ୍ଜ ହେଲେ ...

ମାତ୍ର ଭାଲୁ ଏକ ହିଂସ୍ର ଜନ୍ତୁ ହୋଇଥିବାରୁ ତାକୁ ଦେଖିଲେ ତା'ଠାରୁ ଦୂରେଇ ଯିବା ସହ ତାକୁ ତା' ବାଟରେ ଯିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଭାଲୁଙ୍କୁ ଘଉଡ଼ାଇବା ଆବଶ୍ୟକ ପଡ଼ିଲେ ବନ କର୍ମଚାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଅନ୍ୟପଟେ ଭାଲୁ ହିଂସ୍ର ସ୍ୱଭାବର ହୋଇଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏକୁଟିଆ ଘରୁ ବାହାରିବେନି, ଯଥାସମ୍ଭବ ସାଙ୍ଗରେ ୨ରୁ ୩ ଜଣ ଆବଶ୍ୟକ ପଡ଼ିଲେ ବାହାରକୁ ବାହାରିବାକୁ କୁହାଯାଇଛି। ଏଥିସହ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ସେ କହିଥିଲେ।

# ସୁଯୋଗର ସଦୁପଯୋଗ କରି ସଫଳ

**ଗ୍ରାହକ ସେବାରେ ଢେଙ୍କାନାଳ ଜିଲାର ହିରୋ ବାଇକ୍ ଓ ସ୍କୁଟର ଶୋ'ରୁମ୍ 'ସୋମ୍ ଅଟୋ' ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଅଧିକୃତ ବିକ୍ରେତା ତଥା ସ୍ୱତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂହଦେଓ ୨ଚକିଆ ଯାନ ବ୍ୟବସାୟରେ ସଫଳତା ହାସଲ କରି ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସୋମ ଅଟୋ ମାଧ୍ୟମରେ ହିରୋ ବାଇକ୍ ଓ ସ୍କୁଟର ବ୍ୟବସାୟରେ ଗ୍ରାହକମାନଙ୍କ ମଧ୍ୟରେ ସେ ଏକ ବିଶେଷତ୍ୱ ବଜାୟ ରଖିଛନ୍ତି। ଢେଙ୍କାନାଳ ରାଜ ପରିବାରର ସଦସ୍ୟ ହୋଇଥିଲେ ମଧ୍ୟ ବ୍ୟବସାୟ ପାଇଁ ତାଙ୍କ ମନରେ ସେଭଳି କୌଣସି ଭାବନା ନ ଥିଲା। ତେବେ ହିରୋ କମ୍ପାନୀ ପକ୍ଷରୁ ମିଳିଥିବା ସୁଯୋଗକୁ ସଦୁପଯୋଗ କରି ଆଜି ସେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ସୋମ୍ ଅଟୋର ପ୍ରୋପ୍ରାଇଟର ହର୍ଷବର୍ଦ୍ଧନ ସିଂହଦେଓଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**





ହର୍ଷବର୍ଦ୍ଧନ ସିଂହଦେଓ

**ପ୍ରଶ୍ନ-୧: କୋଭିଡ୍ ପରବର୍ତ୍ତୀ ମାନ୍ଦାବସ୍ଥାକୁ କିଭଳି ସାମ୍ନା କରିଛନ୍ତି?**

ଉ- କୋଭିଡ୍ ବେଳେ କଟକଣା ଯୋଗୁ ଶଟ୍‌ଡାଉନ ହେବାରୁ ଉତ୍ପାଦନ ବନ୍ଦ ହେଲା ପରେ ଗାଡ଼ିଗୁଡ଼ିକର ଶୋ'ରୁମ୍ ବନ୍ଦ ହେଲା। କିଛି ଲୋକ ଚାକିରି ହରାଇଲେ। ପରବର୍ତ୍ତୀ ସମୟରେ ସ୍ୱାଭାବିକ ଅବସ୍ଥା ଫେରିବା ପରେ ଶୋ'ରମ୍‌ଗୁଡ଼ିକ ଖୋଲିବା ପରେ ମଧ୍ୟ ଲୋକଙ୍କର ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡିଥିବାରୁ ଗାଡ଼ି ବିକ୍ରି କମିଥିଲା। ଏଭଳି ପରିସ୍ଥିତିରେ ହିରୋ କମ୍ପାନୀ ମଧ୍ୟ ଆମକୁ ବହୁ ସହଯୋଗ କରିଥିଲା, ଯାହାକୁ କେବେ ଭୁଲି ହେବ ନାହିଁ। କମ୍ପାନୀ ତା'ର ଇଣ୍ଟରେଷ୍ଟ କମ୍ କରିବା ସହ ଷ୍ଟକ୍ ଦେଇ ଆମକୁ ସାହାଯ୍ୟ କଲେ। ଏପରି କି ଅର୍ଥଲଗାଣ ସଂସ୍ଥାମାନେ ମଧ୍ୟ ଗ୍ରାହକମାନଙ୍କ ପାଇଁ ଋଣର ସୁବିଧା କଲେ। ବର୍ତ୍ତମାନ ସୁଦ୍ଧା ଆମେ କୋଭିଡ୍ ପୂର୍ବ ସ୍ଥିତିରେ ଗାଡ଼ି ବିକ୍ରି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନୁ। ଆଉ କିଛି ଦିନ ସମୟ ଲାଗିବ। ଡଲାର ମୂଲ୍ୟ ୨୦୧୯ରେ ୭୧ଟଙ୍କା ଥିଲା। ଆଜି ଏହାର ମୂଲ୍ୟ ୮୩ ଟଙ୍କା। ଏଥିଯୋଗୁ ଆମର ଯେତେ ଇମ୍ପୋର୍ଟେଡ କମ୍ପୋନେଣ୍ଟ ମୂଲ୍ୟ ବଢୁଥିବାରୁ ସମସ୍ୟା ହୋଇଛି।

**ପ୍ରଶ୍ନ-୨: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉ- ଭାରତରେ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ପାଇଁ ବହୁ ନିୟମକାନୁନ୍ ରହିଛି। ଏପରିକି ଦେଶରେ ବେରୋଜଗାରୀ ସମସ୍ୟା ଯୋଗୁ ଲୋକଙ୍କ ହାତରେ ଲିକ୍ୟୁଡିଟିର ଅଭାବ ରହିଛି। ପେଟ୍ରୋଲ ଦର ଅହେତୁକ ବୃଦ୍ଧି ହେଉଥିବାରୁ ଗାଡ଼ି ଶିଳ୍ପ ପାଇଁ କ୍ଷତିକାରକ। ସେହିପରି ସେମିକଣ୍ଡକ୍ଟର ଅଭାବ ଯୋଗୁ ଏଥିରେ ୨ ଓ ୪ଚକିଆ ଗାଡ଼ି ଶିଳ୍ପ ଉପରେ ପ୍ରଭାବ ମଧ୍ୟ ପଡୁଛି।

**ପ୍ରଶ୍ନ-୩: ଗାଡି ବିକ୍ରି କିମ୍ବା ସେବାରେ କଭଳି ଉନ୍ନତି କରିପାରିବା?**

ଉ- ପ୍ରଥମେ କଷ୍ଟମରଙ୍କ ପାଇଁ ସୁବିଧା ସୁଯୋଗ ଜରୁରୀ। ଶୋ'ରୁମରେ କଷ୍ଟମରଙ୍କ ସମସ୍ୟା ସମାଧାନ କରିବା ଏବଂ ଋଣ ପ୍ରଦାନ ପାଇଁ ସୁବିଧା ଯେତେ ଭଲ ରହିବ, ସେତିକି ବ୍ୟବସାୟ ବଢ଼ିବ। କୋଭିଡ୍ ପରେ ଡିଜିଟାଲ ପ୍ଲାଟଫର୍ମର ଉପକାରିତା ବଢ଼ିଛି, ଗ୍ରାହକମାନେ ମୋବାଇଲରେ ନିଜ ପସନ୍ଦର ଗାଡ଼ି ଦେଖିବା ସହ ବାଛି ପାରୁଛନ୍ତି ଏବଂ କିଣି ମଧ୍ୟ ପାରୁଛନ୍ତି। ଏହା ମଧ୍ୟ ଏକ ଭଲ ସୁବିଧା। ସେହିପରି ସର୍ଭିସିଂ ପାଇଁ ଆମ ଶୋ'ରୁମର କର୍ମଚାରୀମାନେ ଘରେ ଘରେ ମଧ୍ୟ ସର୍ଭିସ୍ ଦେବା ଭଳି ସୁବିଧା କରାଯାଇଛି। କୌଣସିଠାରେ ଦୁର୍ଘଟଣା ହେଲେ ଫୋନ କଲେ ସେଠାରୁ ମଧ୍ୟ ଆମେ ଗାଡ଼ି ପଠାଇ କ୍ଷତିଗ୍ରସ୍ତ ଗାଡ଼ିକୁ ଆଣି ମରାମତି କରି ଗ୍ରାହକଙ୍କୁ ଦେଉଛୁ।

**ପ୍ରଶ୍ନ-୪: ବର୍ତ୍ତମାନ ସୁଦ୍ଧା ସୋମ୍ ଅଟୋର ଯାତ୍ରା କିଭଳି ରହିଛି?**

ଉ- ୨୦୦୭ରେ ଢେଙ୍କାନାଳ ଜିଲା ପାଇଁ ହିରୋ କମ୍ପାନୀର ଶୋ'ରୁମ୍ ସୋମ୍ ଅଟୋ ଆରମ୍ଭ ହୋଇଥିଲା। ଦୀର୍ଘ ୧୫ବର୍ଷ ମଧ୍ୟରେ ଆମେ ୪୦ହଜାର ଗ୍ରାହକଙ୍କୁ ଗାଡ଼ି ବିକ୍ରି କରିଛୁ। ଏପରି କି ୨ଗୁଣ ଅଧିକ ଗ୍ରାହକଙ୍କୁ ସର୍ଭିସିଂ ସେବା ଯୋଗାଇ ଦେଇଛୁ। ବିଶେଷ କରି କର୍ମଚାରୀମାନଙ୍କର ପରିଶ୍ରମ ଏବଂ ଅଞ୍ଚଳର ଗ୍ରାହକମାନଙ୍କ ନିକଟରେ ଗୁଡୱିଲ ଯୋଗୁ ୧୫ବର୍ଷର ଯାତ୍ରା ସଫଳ ହୋଇଛି।

**ପ୍ରଶ୍ନ-୫: ଇଭି ବଜାରକୁ ନେଇ କେତେ ଆଶାବାଦୀ ଅଛନ୍ତି?**

ଉ- କମର୍ସିଆଲ ଭେହିକିଲ ଆଗକୁ ଇଭି ହେବାକୁ ଯାଉଛି। ଏପରିକି ୨ ଓ ୩ ଚକିଆ ଯାନଗୁଡ଼ିକୁ ଇଭି କରିବା ପାଇଁ ଲକ୍ଷ୍ୟ ରହିଛି। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୪.୫ ଲକ୍ଷ ଇ-ଯାନ ବିକ୍ରି କରିଛି। ହିରୋ କମ୍ପାନୀ ପକ୍ଷରୁ ମଧ୍ୟ ଚାର୍ଜି ଭିତ୍ତିଭୂମି ବିସ୍ତାର ହେବାକୁ ଯାଉଛି। ପରିବେଶ ସୁରକ୍ଷା ପାଇଁ ସରକାର ଏହାକୁ ପ୍ରୋତ୍ସାହିତ କରିବା ସହ ସବ୍‌ସିଡି ମଧ୍ୟ ଦେଉଛନ୍ତି। ଏଥିସହିତ ଆଗକୁ ମଧ୍ୟ କଠିନ ନିୟମାବଳୀ ଆଣୁଛନ୍ତି। ବର୍ତ୍ତମାନ ଇ-ଯାନର ଚାହିଦା ୨୨% ବଢ଼ିଛି।

# ରାସ୍ତାରେ ପୋଲିସ-ବିଏସ୍‌ଏଫ୍ ଅଫିସର ହାତାହାତି

## କନ୍‌ଷ୍ଟେବଲଙ୍କୁ ମାଡ ଅଭିଯୋଗରେ ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାସ୍ତା ଉପରେ ଗାଡ଼ି ରଖିବାକୁ ନେଇ ପୋଲିସ-ବିଏସ୍‌ଏଫ୍ ଅଫିସର ହାତାହାତି ହୋଇଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗରରେ ରବିବାର ସକାଳ ପ୍ରାୟ ୧୦ଟାରେ ଏହି ଘଟଣା ଘଟିଛି। କନ୍‌ଷ୍ଟେବଲଙ୍କ ଗଳା ଚିପିବା ସହ ମାଡ଼ ମାରି ଲହୁଲୁହାଣ ଅଭିଯୋଗରେ ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସଂଗ୍ରାମ କୁମାର ବିଶ୍ୱାଳ ଗିରଫ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୮୫/୨୩) ରୁଜୁ କରି ଅଭିଯୁକ୍ତ ସଂଗ୍ରାମଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ ସ୍କୁଟିକୁ ମଧ୍ୟ ପୋଲିସ ଜବତ କରିଛି। ତାଙ୍କର ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଜାଣିବା ଲାଗି କମିଶନରେଟ ପୋଲିସ ପକ୍ଷରୁ ବିଏସ୍‌ଏଫ୍‌କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବିଏସ୍‌ଏଫ୍ ଅଫିସର ସଂଗ୍ରାମ ଶୈଳଶ୍ରୀ ବିହାରରେ ରୁହନ୍ତି। ରବିବାର ସକାଳ ୯ଟା ୩୦ରେ ସେ ମଟନ୍ କିଣିବାକୁ ଭିଏସ୍‌ଏସ୍ ନଗର ରେଲ୍‌ୱେ କ୍ରସିଂ ନିକଟରେ ଥିବା ଦୋକାନକୁ ଆସିଥିଲେ। ସେ ତାଙ୍କ ସ୍କୁଟିକୁ ରାସ୍ତା ଉପରେ ରଖି ମଟନ୍ କିଣୁଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖି ନିକଟରେ କାର୍ଯ୍ୟରତ ଥିବା କନଷ୍ଟେବଲ ମନୋଜ ବେହେରା ସ୍କୁଟି କାହାର ବୋଲି ପଚାରି ବୁଝିବା ସହ ଶୀଘ୍ର ହଟାଇବାକୁ କହିଥିଲେ। ହେଲେ ଅଭିଯୁକ୍ତ ସଂଗ୍ରାମ ନିଜକୁ ଡେପୁଟି ପୋଲିସ୍ ଅଧୀକ୍ଷକ (ଡିଏସ୍‌ପି) ପରିଚୟ ଦେଇ ତାଙ୍କୁ ଚୁପ୍ ରହିବାକୁ କହିଥିଲେ। ଏହା ପରେ ମନୋଜ ତାଙ୍କୁ ରାସ୍ତା ଜାମ୍ ହେଉଥିବା କହି ସ୍କୁଟି ହଟାଇବାକୁ ପୁଣି ପରାମର୍ଶ ଦେଇଥିଲେ। ହେଲେ ସଂଗ୍ରାମ ସ୍କୁଟିକୁ ସାଇଡ୍ କରିବେ ନାହିଁ ବୋଲି କହିଥିଲେ। ଏହାପରେ ମନୋଜ ନିଜ ମୋବାଇଲରେ ଉକ୍ତ ସ୍କୁଟିର ଫଟୋ ଉଠାଇବାରୁ ସଂଗ୍ରାମ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଗଳାକୁ ଚିପିଧରି ଧକ୍କା ମାରିଥିଲେ। ଫଳରେ ମନୋଜ ନିକଟରେ ଥିବା ଏକ ନାଳରେ ପଡିଯାଇଥିଲେ ଓ ତାଙ୍କ ଡାହାଣ ଆଣ୍ଠୁରେ ଗଭୀର ଆଘାତ ଲାଗିଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ପରସ୍ପରକୁ ଧକ୍କାମାରିବା ସହ ହାତାହାତି ହୋଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସେମାନଙ୍କୁ ମାର୍‌ପିଟ୍‌ରୁ କ୍ଷାନ୍ତ କରିବା ସହ ଥାନାକୁ ଖବର ଦେଇଥିଲେ। ଆହତ ମନୋଜଙ୍କ ଅଭିଯୋଗକ୍ରମେ ପୋଲିସ ପଦକ୍ଷେପ ଗ୍ରହଣ କରିଥିଲା।

# ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ସ୍ତ୍ରୀଙ୍କ ମୃତ୍ୟୁ

ବାଲେଶର ଅଫିସ, ୨୬।୨

ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ସ୍ତ୍ରୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ବନିତା ସିଂ। ଗତ ୨୦ ତାରିଖରେ ବନିତାଙ୍କୁ ତାଙ୍କ ସ୍ୱାମୀ ଚନ୍ଦନ ରଣା ଏସିଡ୍ ମାଡ଼ କରିଥିଲେ। ଆକ୍ରମଣ ବେଳେ ବନିତାଙ୍କ ବଡ଼ ଭଉଣୀ ସମେତ ୨ ଶିଶୁ ମଧ୍ୟ ଗୁରୁତର ହୋଇଥିଲେ। ସୂଚନା ଅନୁଯାୟୀ, ନୀଳଗିରି ସନ୍ତରାଗାଡ଼ିଆ ଅଞ୍ଚଳର ଚନ୍ଦନ ରଣାଙ୍କ ଏକ ସୁନା ଦୋକାନ ରହିଥିବା ବେଳେ ଭୀମପୁରା ଅଞ୍ଚଳର ବନିତା ସିଂଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ଉଭୟେ ବିବାହ କରିଥିଲେ। ତେବେ ଚନ୍ଦନ ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କର ୨ଟି ସନ୍ତାନ ଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ଏନେଇ ବିବାଦ ସୃଷ୍ଟି ହେବାରୁ ଉଭୟ ଅଲଗା ହୋଇ ରହିଥିଲେ। ବନିତା ଭୀମପୁରାସ୍ଥିତ ଭଉଣୀ ଘରେ ରହିଥିବା ବେଳେ ଚନ୍ଦନ ସେଠାରେ ପହଞ୍ଚି ଏସିଡ ମାଡ଼ କରିଥିଲେ।

इंजीनियर्स इंडिया लिमिटेड (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର (ଓଡ଼ିଶା)ଠାରେ ଫିଟ୍-ଆଉଟ୍ ଆଇଟି ଭିତ୍ତିଭୂମି ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କ ଲାଗି ପ୍ରାକ୍-ଟେଣ୍ଡର ବୈଠକ ଏବଂ ପ୍ରାକ୍-ନୋଟିସ ପାଇଁ ଆମନ୍ତ୍ରଣ**

ଏକ ପ୍ରମୁଖ ଆର୍ଥିକ କର୍ତ୍ତୃପକ୍ଷଙ୍କ ତରଫରୁ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍) ନିମ୍ନଲିଖିତ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କୁ ପ୍ରାକ୍-ଟେଣ୍ଡର ବୈଠକ ଲାଗି ଆମନ୍ତ୍ରଣ କରୁଛି:

| ବର୍ଣ୍ଣନା | ପ୍ରାକ୍-ଟେଣ୍ଡର ବୈଠକର ତାରିଖ ଓ ସମୟ | ସ୍ଥାନ |
|---|---|---|
| ଭୁବନେଶ୍ୱର (ଓଡ଼ିଶା)ଠାରେ ଆଇଟି ଭିତ୍ତିଭୂମିର ଫିଟ୍-ଆଉଟ୍ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ | ୦୧ ମାର୍ଚ୍ଚ, ୨୦୨୩ ୧୫୦୦ ଘଟିକା (ଆଇଏସ୍‌ଟି)ରେ | ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍, ସେକ୍ଟର ୧୬, ଗୁରୁଗ୍ରାମ, ହରିୟାଣା, ୧୨୨୦୦୧ |

ସବିଶେଷ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) ଏବଂ ବିଡିଂ ଦସ୍ତାବିଜ ସମେତ ଉକ୍ତ ଟେଣ୍ଡର ପାଇଁ ଅଣ-ପ୍ରକଟନ ରାଜିନାମା (ଏନ୍‌ଡିଏ) ଖୁବ୍‌ଶୀଘ୍ର ୱେବ୍‌ସାଇଟ୍: http://eprocure.gov.in/eprocure/appରେ ପ୍ରକାଶିତ ହେବ । ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ପରେ ଆଇଏଫ୍‌ବି ତଥା ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି । ଇଆଇଏଲ୍ ଟେଣ୍ଡର ୱେବ୍‌ସାଇଟ୍ http://tenders.eil.co.inରେ ମଧ୍ୟ ଲିଙ୍କ୍ ଉପଲବ୍ଧ ହେବ । ସଦ୍ୟତମ ସୂଚନା ପାଇବା ପାଇଁ ବିଡର୍‌ମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ମାଓବାଦୀଙ୍କ ବୋମା ବିସ୍ଫୋରଣ, ଯବାନ ଶହୀଦ

ମାଲକାନଗିରି,୨୬।୨(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ମାଓବାଦୀମାନେ ଆଇଇଡି ବୋମା ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେ ସିଏସ୍‌ଏଫ୍-୧୬ ବାଟାଲିୟନର ହେଡ କନ୍‌ଷ୍ଟେବଲ ବୋଲି ଜଣାପଡିଛି। ନାରାୟଣପୁର ଜିଲା ଓରଛା ଥାନା ଅନ୍ତର୍ଗତ ବାଟୁମ୍ପାରା ନିକଟରେ ରବିବାର ମାଓବାଦୀ ଦମନ ପାଇଁ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ତେବେ ପୂର୍ବରୁ ଏହି ସ୍ଥାନରେ ମାଓବାଦୀମାନେ ଏକ ଆଇଇଡି ବୋମା ଖଞ୍ଜି ଥିଲେ। ଏହି ବୋମା ଯବାନଙ୍କ କୋମ୍ବିଂ ବେଳେ ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହେଡ କନ୍‌ଷ୍ଟେବଲ ଶହୀଦ ହୋଇଥିଲେ। ସୂଚନାଯୋଗ୍ୟ ଶନିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ଯବାନ ଶହୀଦ ହୋଇଥିଲେ। ୨ଜଣ ଆହତ ହୋଇଥିଲେ।

# ପୁଅ ହେବା ପାଇଁ ମଣିଷ ଖପୁରି ସଂଗ୍ରହ

- ଗୁଣିଆ କଥାରେ ପଡ଼ି ଧରାପଡ଼ିଲେ ଯୁବକ
- ସମୁଦ୍ର କୂଳରେ ପୋତାଯାଇଥିଲା ମୃତଦେହ

ବାହାନଗା,୨୬।୨(ଡି.ଏନ.ଏ.)



ଧରାପଡ଼ିଥିବା ୨ ଯୁବକ ଓ ମଣିଷ ଖପୁରି।

ଦୁଇ ଝିଅ ପରେ ପୁଅଟିଏ ଆଶା କରି ଜଣେ ଯୁବକ ଗୁଣିଆ କଥାରେ ପଡ଼ି ଜଣେ ସହଯୋଗୀଙ୍କ ସହ ସମୁଦ୍ର କୂଳରେ ପୋତା ହୋଇଥିବା ମୃତଦେହରୁ ଖପୁରି କାଟି ନେବାକୁ ଉଦ୍ୟମ କରି ଧରାପଡ଼ିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ବରଜଦେଉଳି ଅଞ୍ଚଳରେ ଏହି ଘଟଣା ଘଟିଛି। ଧରାପଡ଼ିଥିବା ଯୁବକ ଦ୍ୱୟ ହେଲେ ଗୋପାଳପୁର ଥାନା ଅଧୀନ ଆରୁହାବାଡ଼ ଗ୍ରାମର ବାପି କେସି ଓ ତାଙ୍କ ସହଯୋଗୀ ଭାସୁଆ ମହାଳିକ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ଓ କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବାବେଳେ ୨ ଯୁବକ ସମୁଦ୍ର କୂଳଠାରୁ ଅଳ୍ପ ଦୂରରେ ଥିବା ବାଲିକୁ ଖୋଳୁଥିବା ଦେଖିବାକୁ ପାଇଥିଲେ। ବାଲି ଖୋଳି ଯୁବକଦ୍ୱୟ ସେଠାରେ ପୋତା ହୋଇଥିବା ମୃତଦେହରୁ ମୁଣ୍ଡ ଖପୁରି କାଟିବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ଓ ମତ୍ସ୍ୟଜୀବୀ ସେଠାରେ ପହଞ୍ଚି ଉଭୟଙ୍କୁ ଧରି ନିଘୁଞ୍ଚ ମାଡ଼ ମାରିଥିଲେ। ପରେ ୨୦ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଶିଶିର ଅଗସ୍ତି ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଗୋପାଳପୁର ଫାଣ୍ଡିକୁ ଖବର ଦେଇଥିଲେ। ମଣିଷ ଖପୁରି ଆଣି ପୂଜା କଲେ ପୁଅ ହେବ ବୋଲି ଜଣେ ଗୁଣିଆ କହିଥିବାରୁ ବାପି ବାଲି ଖୋଳି ଶବରୁ ଖପୁରି ସଂଗ୍ରହ କରୁଥିଲେ ବୋଲି ଲୋକଙ୍କୁ କହିଛନ୍ତି।

ତେବେ ସେଠାରେ କାହାର ମୃତଦେହ ପୋତା ଯାଇଥିଲା ତାହା କେହି କହିପାରୁ ନାହାନ୍ତି। ଧରାପଡ଼ିଥିବା ଯୁବକଦ୍ୱୟ ଖପୁରିକୁ ନେଇ ଗୁଣିଗାରେଡ଼ି କାମରେ ଲଗାଇଥାନ୍ତେ ବୋଲି ଲୋକେ କହିଛନ୍ତି। ପୋଲିସ ପହଞ୍ଚିଲା ବେଳକୁ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ ସେ ସ୍ଥାନରୁ ପଳାଇଥିଲେ। ଧରାପଡ଼ିଥିବା ଯୁବକଦ୍ୱୟ ସଂଗ୍ରହ କରିଥିବା ଖପୁରିକୁ ସେଠାରେ ପୋତି ଦେଇଥିବା ସୂଚନା ମିଳିଛି।

# ପାଇପ୍‌ଲାଇନ କାଟି ତେଲ ଚୋରି ଘଟଣାର ପର୍ଦ୍ଦାଫାଶ

- ୟୁପିରୁ ଆସିଥିଲେ କଟର୍‌ମ୍ୟାନ, କଳାହାଣ୍ଡିରେ ତେଲ ବିକ୍ରି
- ଟ୍ୟାଙ୍କର, କାର୍ ଜବତ, ପମ୍ପ୍‌ମାଲିକଙ୍କ ସମେତ ୬ ଗିରଫ



ଗିରଫ ଅଭିଯୁକ୍ତ, ଜବତ ଟ୍ୟାଙ୍କର ଓ କାର୍।

ସମ୍ବଲପୁର,୨୬।୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ହାତିବାରୀଠାରେ ପାରାଦୀପ-ରାୟପୁର ପାଇପ୍‌ଲାଇନ କାଟି ତେଲ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ପୃକ୍ତ କଳାହାଣ୍ଡି ଜିଲା ଏମ୍ ରାମପୁରସ୍ଥିତ ପେଟ୍ରୋଲପମ୍ପ ମାଲିକ ଅଟଳ ବିହାରୀ ସାହୁଙ୍କୁ ଚୋରି ତେଲ କିଣିବା ଅଭିଯୋଗରେ ଗିରଫ କରାଯାଇଛି। ଏହାସହ ଚୋରି ଅଭିଯୋଗରେ ଅବଦୁଲ ଅମିନ, ମହମ୍ମଦ ସୁଲତାନ, ଶେଖ ଅଜମଦ, କିଶୋର ସିଂ, ଚନ୍ଦ୍ରଶେଖର ଚାନ୍ଦ ଓ ସୁନୀଲ ପଣ୍ଡାଙ୍କୁ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ଟ୍ୟାଙ୍କର (ଓଡି-୦୫ୟୁ-୦୫୫୩), କାର୍ (ଓଡି୦୮କ୍ୟୁ-୯୦୪୧) ସହ ପାଇପ୍ ମଧ୍ୟ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଜାନୁୟାରୀ ୨୭ ତାରିଖରେ ପ୍ରଥମେ ତେଲ ଚୋରି ହୋଇଥିଲା। ହେଲେ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ କରା ନ ଯାଇ କେବଳ ସୂଚନା ଦିଆଯାଇଥିଲା। ପୋଲିସ ସୂଚନା ପାଇବା ପରେ ଉକ୍ତ ଅଞ୍ଚଳରେ ନଜର ରଖିଥିଲା। ଅଭିଯୁକ୍ତମାନେ ପୁଣି ଫେବୃୟାରୀ ୧୦ ତାରିଖରେ ସମାନ ସ୍ଥାନରୁ ତେଲ ଚୋରି କରି ନେଇଥିଲେ। ଏହାକୁ ନେଇ କମ୍ପାନୀ ଅଧିକାରୀ ନରେନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ପ୍ରାୟ ୨୬ ଲକ୍ଷ ଟଙ୍କାର ଡିଜେଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ନେତୃତ୍ୱରେ ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ପୋଲିସ ସାଇବର ଟିମ୍‌ର ସହାୟତା ନେଇ ସୁରାକ ପାଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅନ୍ୟପଟେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ପାଇପ୍‌ଲାଇନ କାଟିବା ପାଇଁ ସ୍ୱତନ୍ତ୍ର ଟେକ୍‌ନିସିଆନ ଉତ୍ତରପ୍ରଦେଶରୁ ଆସିଥିଲେ। ତେଲ ଯାଉଥିବା ସମୟରେ ପାଇପ୍ କାଟି ଭାଲ୍‌ବ ଲଗାଇ ଦେଉଥିଲେ। ସମୟର ସୁଯୋଗ ନେଇ ଉକ୍ତ ଭାଲ୍‌ବ ଖୋଲି ଟାଙ୍କିରେ ତେଲ ଲୋଡ୍ କରୁଥିଲେ। ଗୋଟିଏ ଟ୍ୟାଙ୍କର ଲୋଡ୍ କରିବାକୁ ୧୫ ମିନିଟ ସମୟ ଲାଗୁଥିଲା। ଟ୍ୟାଙ୍କର ଲୋଡ୍‌ହେବା ପରେ ସେମାନେ ସଙ୍ଗେ ସଙ୍ଗେ ଫେରାର ହୋଇଯାଉଥିଲେ। ଚୋରି ତେଲ ବିକ୍ରି କରିବା ପାଇଁ ଆଉ ଏକ ସ୍ୱତନ୍ତ୍ର ଟିମ୍ ରହିଛନ୍ତି। ସେମାନେ ଲିଟର ପିଛା କମିଶନ ପାଇ କାମ କରନ୍ତି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ।



ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। **–ଶ୍ରୀମା**



# ଦ୍ୱିତୀୟ ସାଙ୍ଖ୍ୟ

ସାଧାରଣ ନିର୍ବାଚନ ୨୦୨୪ ପାଖେଇ ଆସୁଛି। ଏଥିପାଇଁ ସବୁ ରାଜନୈତିକ ଦଳ ନିଜ ତରିକାରେ ଭୋଟରଙ୍କ ପାଖରେ ପହଞ୍ଚିବା ସକାଶେ ଉଦ୍ୟମ ଜୋରଦାର କଲେଣି। ଭାଜପା ନେତୃତ୍ୱାଧୀନ ସରକାର କେନ୍ଦ୍ରରେ ଆସନ୍ତାବର୍ଷ ଦଶନ୍ଧି ରାଜୁତି ସାରି ଆଗକୁ ବଢ଼ିବା ପାଇଁ ପାଗ ଭିଡୁଥିବା ବେଳେ କଂଗ୍ରେସ ତା'ର ଗତିରୋଧ କରିବା ସକାଶେ ଅଣ୍ଟା ଭିଡ଼ିଛି। ଗଣତନ୍ତ୍ରରେ ପରିବର୍ତ୍ତନ ନ ଆସି ଦୀର୍ଘ ଶାସନ ରହିଲେ, ତାହା ପ୍ରଜାମାନଙ୍କ ପାଇଁ କାଳ ହୋଇଥାଏ ବୋଲି କୁହାଯାଇଥାଏ। ଛତିଶଗଡ଼ର ରାୟପୁରଠାରେ କଂଗ୍ରେସର ୮୫ତମ ମହାଅଧିବେଶନରେ ସୋନିଆ ଗାନ୍ଧୀ କେନ୍ଦ୍ରର ଭାଜପା ସରକାରଙ୍କୁ ଉପଲକ୍ଷ୍ୟ କରି ଦେଇଥିବା ମନ୍ତବ୍ୟ ଏବେ ଆଲୋଚନାର ବିଷୟ ହୋଇଛି। ସେ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଘୃଣାର ନିଆଁ ଜାଳି ସଂଖ୍ୟାଲଘୁ, ଦଳିତ, ଆଦିବାସୀଙ୍କୁ ଟାର୍ଗେଟ କରୁଛି। ଭାଜପା-ଆର୍‌ଏସ୍‌ଏସ୍ ଶାସନ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଅକ୍ତିଆର କରିନେଇଛନ୍ତି। ତେଣୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶକ୍ତି ମିଶିପାରିଲେ ଭାଜପାର ଗତିରୋଧ କରାଯାଇପାରିବ ବୋଲି ସେ ଯେଉଁ ଆହ୍ୱାନ ଦେଇଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି ବୋଲି ଅନେକେ ମତ ଦେଉଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀଙ୍କୁ 'ଏକ' ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଯେତେବେଳେ ଆଦାନୀଙ୍କ ସହ ମୋଦିଙ୍କର କି ସମ୍ପର୍କ ଅଛି ବୋଲି ପ୍ରଶ୍ନ କରାଯାଉଛି, ସେତେବେଳେ ସମଗ୍ର ସରକାର ଆଦାନୀଙ୍କୁ ସୁରକ୍ଷା ଦେବାକୁ ରାସ୍ତାକୁ ଓହ୍ଲାଇ ଆସୁଛନ୍ତି। ତେବେ ମହାଅଧିବେଶନରେ କଂଗ୍ରେସ କର୍ମୀ ଓ ନେତାମାନେ ଉତ୍ସାହିତ ଥିବା ଦେଖାଯାଉଥିବାରୁ ଏହା ଏକ ସଙ୍କେତ ଦେଉଛି ଯେ, ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ପରେ ଏହି ପୁରୁଣା ଦଳ ଭିତରେ ଏକ ଶକ୍ତି ସଞ୍ଚରିତ ହୋଇଛି। ମାତ୍ର ସେହି ଶକ୍ତିକୁ ମହାଶକ୍ତିରେ ରୂପାନ୍ତରିତ କରାଯାଇ ନ ପାରିଲେ ଭାଜପା ଭଳି ବଡ଼ ଆକାର ଧାରଣ କରିଥିବା ଦଳକୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ। ଗତ କିଛି ବର୍ଷ ହେବ ଦେଖାଯାଉଛି, ନିର୍ବାଚନ ଆସିଲେ ଏକ ତୃତୀୟ ସାଙ୍ଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାଙ୍ଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାଙ୍ଖ୍ୟ ଚିନ୍ତା ହେଉଛି ବୋଲି କହିହେବ। ଏମାନେ ସମସ୍ତେ ଭାଜପା ବିଶେଷକରି ମୋଦିଙ୍କ ବିରୋଧରେ ଏକଜୁଟ ହେଉଥିବାର ଲକ୍ଷ୍ୟ କରାଯାଉଛି। ଏହା ଏକ ମୌଳିକ ତ୍ରୁଟି ବୋଲି କୁହାଯାଇପାରେ। ମୌଳିକ ତ୍ରୁଟି ଏଇଥିପାଇଁ କୁହାଯାଇପାରେ ଯେ, ଏମାନେ ରାଜନୈତିକ ଦୃଷ୍ଟିକୋଣରୁ ଯଦି କ୍ଷମତା ପାଇଁ ଏକଜୁଟ ହେବେ ତାହା ହେଲେ ଦେଶବ୍ୟାପୀ ବୁଲି କେବଳ ମୋଦିଙ୍କ ବିରୋଧରେ ଗର୍ଜନ କରିବେ। ଫଳରେ ମୋଦିଙ୍କ ନାମ ଦେଶବ୍ୟାପୀ ଗୁଞ୍ଜରିତ ହେବ। ତାହା ଦ୍ୱାରା ମୋଦିଙ୍କୁ ଲାଭ ପହଞ୍ଚିବ। ତେଣୁ ବୁଦ୍ଧିର କଥା ହୁଅନ୍ତା, ଯଦି ବିଗତ ଦଶନ୍ଧିରେ ଦେଶର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ଯେଉଁଭଳି କ୍ଷତି ପହଞ୍ଚାଯାଇଛି; ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇପାରନ୍ତା।

> ନିର୍ବାଚନ ଆସିଲେ ତୃତୀୟ ସାଙ୍ଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାଙ୍ଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାଙ୍ଖ୍ୟ ଚିନ୍ତା ହେଉଛି ବୋଲି କହିହେବ।

ଆଜିର ରାଜନୈତିକ ଦଳଗୁଡ଼ିକର ରଣକୌଶଳ ପୂର୍ବାପେକ୍ଷା ଯଥେଷ୍ଟ ତୀବ୍ର ଓ ତୀକ୍ଷ୍ଣ ହେଉଥିବା ଦେଖାଯାଉଛି। ଭାଜପା ବର୍ଷତମାମ ନିର୍ବାଚନରେ ଜିତିବା ଲାଗି ଅନେକ ଭଙ୍ଗାଗଢ଼ା କରୁଥିବାରୁ ସେଥିରୁ ପ୍ରେରଣା ପାଇ ଅନ୍ୟ ଦଳଗୁଡ଼ିକ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳର ଲକ୍ଷ୍ୟ ଥାଏ କିଭଳି ଶାସନ ଅକ୍ତିଆର କରିବ। ତାହାକୁ ଖୁଣି ହେବ ନାହିଁ। କିନ୍ତୁ ସେହି ଲକ୍ଷ୍ୟ ଭିତରେ ନାଗରିକଙ୍କ ମଙ୍ଗଳ ନିହିତ ରହିବା ଆବଶ୍ୟକ। କେନ୍ଦ୍ରରେ ଭାଜପା ସରକାର କେବଳ ଦଳ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଉଥିବାରୁ ତାହା ଜନସାଧାରଣଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। କିନ୍ତୁ ଭାରତରେ ହିନ୍ଦୁଙ୍କ ମନରେ ଗଭୀର ଚେର ସୃଷ୍ଟି କରିଥିବା ମୁସଲମାନ ବିରୋଧୀ ଚିନ୍ତାକୁ ଭାଜପା ଅତି ଭଲ ଭାବେ ରାଜନୈତିକ ମୋଡ଼ ଦେଇ ବ୍ୟବହାର କରିପାରିଛି। ଏହାକୁ ଏକଜୁଟ ହେଉଥିବା ଦଳଗୁଡ଼ିକ ଠିକ୍ ଭାବେ ନିରୀକ୍ଷଣ କରିବା ଦରକାର।

ଏବେ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ ମଧ୍ୟ ତାହାକୁ ସୁଧାରିବା ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁ ନାହିଁ। ସେହିଭଳି ଶିଳ୍ପପ୍ରୀତି, ଧର୍ମ ଓ ଜାତି ଭିତରେ ଅସହିଷ୍ଣୁତା ସୃଷ୍ଟି କରାଯାଇ ଯେଉଁ ବିଭାଜନ ରାଜନୀତି ହେଉଛି, ତାହା ଦେଶର ବିଭିନ୍ନ କ୍ଷେତ୍ରରେ ଅସ୍ୱାଭାବିକ ସ୍ଥିତି ଆରମ୍ଭ କରିଦେଇଛି। ୨୬ ଫେବୃୟାରୀରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଫନ୍ଦିଫିକର କରି ଗିରଫ କରାଯିବା ସଦ୍ୟ ଦୃଷ୍ଟାନ୍ତ। ଏଭଳି ସ୍ଥଳେ ଉତ୍ତମ ଶାସନ ଲାଗି ନାଗରିକମାନେ ଭଲ ଭାବେ ହୃଦ୍‌ବୋଧ କରୁଥିବା ପ୍ରାର୍ଥୀଙ୍କୁ ବାଛିବା ଦରକାର। ଅନ୍ୟପକ୍ଷରେ ଏଇଠି କୁହାଯାଇପାରେ ଯେ, ଉପା-୧ ଓ ଉପା-୨ ସରକାର ଅମଳରେ କଂଗ୍ରେସର ବିଶୃଙ୍ଖଳିତ ବ୍ୟବହାର ଓ ଦୁର୍ନୀତି ଦଳକୁ ଶାସନଠାରୁ ଦୀର୍ଘ ବର୍ଷ ହେବ ଦୂରେଇ ରଖିଛି। ତେଣୁ କଂଗ୍ରେସ ସମେତ ଅନ୍ୟସବୁ ଅଣଭାଜପା ଦଳ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟାକୁ ବୁଝି ନିଜର ରଣକୌଶଳ ପ୍ରସ୍ତୁତ କଲେ ଦେଶ ପାଇଁ ମଙ୍ଗଳ ହୋଇପାରନ୍ତା।

# ଏଫ୍‌ବିଆଇ ବି ପଲିଟିକାଲ ହୋଇପାରେ



ସହଦେବ ସାହୁ

ଇଂଲଣ୍ଡ, ଇସ୍ରାଏଲ ଭଳି ଗଣତାନ୍ତ୍ରିକ ଦେଶରେ ପୋଲିସ ପ୍ରଧାନମନ୍ତ୍ରୀଙ୍କୁ ବି ଆଇନଭଙ୍ଗ ଦୋଷରେ ଦଣ୍ଡିତ କରିଥାଏ। କାରଣ ସେଠାରେ ସାଂସଦମାନେ ଓ ସେମାନଙ୍କ ପ୍ରଭାବରେ ସ୍ୱଳ୍ପକାଳୀନ ଏକଜିକ୍ୟୁଟିଭ୍ (ପ୍ରଶାସନିକ) ହେଡ୍ ଅର୍ଥାତ୍ ପାଞ୍ଚବର୍ଷୀୟ ମନ୍ତ୍ରୀମାନେ ସେମାନଙ୍କ ଅଧୀନରେ କାମ କରୁଥିବା ସ୍ଥାୟୀ ଅଧିକାରୀମାନଙ୍କୁ ଆଇନର ଶାସନ ଚଳାଇବାକୁ ଛାଡ଼ିଦିଅନ୍ତି। ସୁଇଡେନ୍, ନରୱେ, ଫିନ୍‌ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରେ ପ୍ରଧାନମନ୍ତ୍ରୀମାନେ ନିଜ ଦଳରେ ବି ସଂଖ୍ୟାଗରିଷ୍ଠତା ଉପରେ ନିର୍ବାଚିତ ହୁଅନ୍ତି, ଦଳ ଭିତରେ ବିପରୀତ ଚିନ୍ତାର ସଦସ୍ୟ ରହିପାରନ୍ତି; ହେଲେ ପ୍ରଧାନମନ୍ତ୍ରୀ ଯାହା କହିବେ ତାହା ବେଦର ଗାର ହୁଏ ନାହିଁ। ନିଜର ଅକ୍ଷମତା ସ୍ୱୀକାର କରି ନ୍ୟୁଜିଲାଣ୍ଡର ମହିଳା ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ ନିକଟରେ ପଦତ୍ୟାଗ କରିଛନ୍ତି। ରାଷ୍ଟ୍ରପତିପ୍ରଧାନ ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ରେ ସଂଘୀୟ ବ୍ୟବସ୍ଥା ଥିବାରୁ ଆମ ଦେଶ ଭଳି ପ୍ରାଦେଶିକ ଓ କେନ୍ଦ୍ରୀୟ ସରକାର ଭିତରେ ଦଳଗତ ମତଭେଦ ବେଳେ ବେଳେ ବିଶୃଙ୍ଖଳା ଆଣେ, କିନ୍ତୁ ୟୁଏସ୍‌ଏରେ କାଳକ୍ରମେ ଶୃଙ୍ଖଳା ଆସିଯାଏ। କିନ୍ତୁ ଆମ ଦେଶରେ ପ୍ରତି କଥା ଓ ପ୍ରତି କାମ ଭିତରେ ରାଜନୀତି (ଖରାପ ଅର୍ଥରେ ପଲିଟିକ୍ସ) ପଶୁଛି। ସରକାରୀ ଅଧିକାରୀମାନେ ଆଉ ରେଗୁଲେଟୋରି ଅଥରିଟି ନ ହୋଇ ରେଗୁଲେଟେଡ୍ ସେବକ ହୋଇଯାଉଛନ୍ତି। ଆମ ପ୍ରଦେଶରେ ଗୋପାଳ ଦାସ ନାମକ ଜଣେ ପୋଲିସ ଏଏସ୍‌ଆଇଙ୍କ ଗୁଳିରେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାର ତଦନ୍ତ ଏମିତି ପଲିଟିକାଲ ହୋଇଗଲାଣି ଯେ ବିରୋଧୀଙ୍କ ଦାବିରେ ରାଜ୍ୟ ସରକାର ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)କୁ ତଦନ୍ତ ଭାର ଦେବାକୁ ଚାହୁଁଛନ୍ତି ବୋଲି କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି। ଫଳ କ'ଣ ହେବ ସମୟ କହିବ।

ଏଫ୍‌ବିଆଇ ଯେ ପଲିଟିକାଲ ହୋଇପାରେ ତାହା ସଦ୍ୟ ଏକ ଖବର କହୁଛି। ୨୧ ଫେବୃୟାରୀ ୧୯୬୫ରେ ସିଭିଲ ରାଇଟ୍ସ ନେତା, ନାଗରିକ ଅଧିକାର ଆନ୍ଦୋଳନର ପ୍ରବକ୍ତା ମାଲକମ୍ ଏକ୍ସ (୩୯ବର୍ଷ) ନ୍ୟୁୟର୍କର ୱାଶିଂଟନ ହ୍ୱାଇଟ୍ସ ପଡ଼ାରେ ଥିବା ଅଡିଟୋରିୟମରେ ଭାଷଣ ଦେବାକୁ ଯାଉଥିଲା ବେଳେ ୩ ଜଣ ବନ୍ଧୁକଧାରୀ ଅତି କମ୍‌ରେ ୨୧ ଥର ଗୁଳିମାରି ତାଙ୍କୁ ହତ୍ୟା କରିଥିଲେ। ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ଦୋଷାରୋପ ପତ୍ର ଦାଏର କଲେ ଓ ବର୍ଷକ ଭିତରେ ୧୯୬୬ରେ ରାୟ ବାହାରିଲା (ଆମ ଦେଶରେ ୧୦ ବର୍ଷ କି ବେଶି ନେଇଥାନ୍ତା!) ଯେ ଦୁଇଜଣ ଦଣ୍ଡିତ ହୋଇଥିଲେ। ମାଲକମ୍ ଏକ୍ସ 'ଅର୍ଗାନାଇଜେଶନ ଅଫ୍ ଆଫ୍ରୋଆମେରିକାନ୍ ୟୁନିଟ୍' ନାମକ ସଂଗଠନ ଗଢ଼ି ତା' ବିଷୟରେ କହିବା ପାଇଁ ନ୍ୟୁୟର୍କସ୍ଥ ଅଡୁବନ୍ ହଲ୍‌ରେ ପ୍ରସ୍ତୁତ ହେଉଥିବା ବେଳେ ଗୁଳିମାଡ଼ ହୋଇଥିଲା। ସେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ଏବଂ କୃଷ୍ଣକାୟମାନଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଜାରି ରଖିଥିଲେ। ମାଲକମ୍ ବର୍ଣ୍ଣବିଦ୍ୱେଷକୁ ନିନ୍ଦା କରୁଥିଲେ, ଶ୍ୱେତାଙ୍ଗମାନଙ୍କୁ 'ନୀଳଆଖିଆ ରାକ୍ଷସ' କହୁଥିଲେ, କୃଷ୍ଣକାୟଙ୍କ ସମାଜକୁ ଅଲଗା କରି ସ୍ୱତନ୍ତ୍ର ଦେଶ ଗଠନ ଚାହୁଁଥିଲେ। ତେଣୁ ଆମେରିକାନ୍ ପୋଲିସ ତାଙ୍କୁ ସଫା କରିଦେବାକୁ ଚାହୁଁଥିଲା ବୋଲି ଏବେ ଜନରବ। କିନ୍ତୁ ପୋଲିସ ରିପୋର୍ଟ ହେଲା ଯେ ସେ ଭାଷଣ ଦେବାକୁ ମଞ୍ଚ ଉପରକୁ ଉଠିଲା ବେଳେ ଦର୍ଶକମାନଙ୍କ ଭିତରେ ହଇଚଇ ଶୁଭିଲା, ଜଣେ ଲୋକ ଷ୍ଟେଜ୍ ଉପରକୁ ଦଉଡ଼ି ଯାଇ ମାଲକମ୍ ଏକ୍ସଙ୍କୁ ଗୁଳି ମାରିଲା। ପରେ ପରେ ଆଉ ଦୁଇ ଜଣ ମଞ୍ଚ ଉପରକୁ ଉଠି ଗୁଳି ମାରିଥିଲେ, ମୋଟ ୨୧ଟା ଗୁଳି। ଟମାସ୍ ହାଗାନ୍ (ଅନ୍ୟ ନାମ ମୁଜାହିଦ୍ ଅବଦୁଲ ହଲିମ୍) ନାମକ ଜଣେ ବ୍ୟକ୍ତିଙ୍କୁ ଜଣେ ବଡିଗାର୍ଡ ଗୁଳିମାରି ଧରିପକାଇଲେ, ସେ ଗୁଳି କରିଛି ବୋଲି ମାନିଗଲା, ତାକୁ ଆଜୀବନ ଜେଲ୍ ହେଲା। ବଟଲର କି ଜନସନ କାହା ନାଁରେ ଅଭିଯୋଗ ସହ ସମ୍ପୃକ୍ତି ସିଧାସଳଖ ନ ଥିଲେ ବି ସେମାନେ ଦଣ୍ଡିତ ହେଲେ।

୧୯୭୭ରେ (୧୧ବର୍ଷ ପରେ) ନାସନ୍ ଅଫ୍ ଇସ୍‌ଲାମ ନେତା ଏଲିଜା ମହମ୍ମଦଙ୍କ ପ୍ରଶଂସକ ଶ୍ରୀ ହେୟର କହିଲେ ଯେ 'ନାସନ୍ ଅଫ୍ ଇସ୍‌ଲାମ' (ନେୱାର୍କ ଶାଖା)ର ମେମ୍ବର ଦ୍ୱୟ ମେ' ୧୯୬୪ରେ ମାଲକମ୍‌ଙ୍କୁ ହତ୍ୟା କରିବା ଯୋଜନା କରିଥିଲେ। ଯେଉଁମାନେ ପ୍ରକୃତ ଦୋଷୀ ସେମାନଙ୍କୁ ବିଚାରକୁ ଅଣାଯାଇ ନାହିଁ, ନିରୀହ ଲୋକଙ୍କୁ ଦଣ୍ଡ ଦିଆଯାଇଛି। ୨୦୨୦ରେ ନେଟ୍ ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜରେ ଗୋଟିଏ ଡକ୍ୟୁମେଣ୍ଟାରି ଥିଲା 'ମାଲକମ୍ ଏକ୍ସଙ୍କୁ କିଏ ମାରିଲା'। ତାକୁ ଦେଖି ନ୍ୟୁୟର୍କ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଫିସ୍ ପୁରୁଣା ନଥି ଖୋଲିଲା, ନୂଆ ଇନ୍‌ଭେଷ୍ଟିଗେଶନ୍ ଚାଲୁ କଲା। ମାଲକମ୍ ସମ୍ପର୍କରେ ତଥା ସିଭିଲ୍ ରାଇଟ୍ସ ମୁଭ୍‌ମେଣ୍ଟ ଉପରେ ଇତିହାସ ଲେଖୁଥିବା ଅବଦୁର ରହମାନ ମହମ୍ମଦ ନୂଆ ପ୍ରମାଣ ବାହାର କଲେ, ଲେସ୍ ପେଇନେ ନାମକ ଜଣେ ଅନୁସନ୍ଧିତ୍ସୁ ସାମ୍ବାଦିକ ଖବର ପରିବେଷଣ କଲେ ଯେ ପ୍ରକୃତ ଆତତାୟୀମାନେ ନେୱାର୍କର ମସ୍‌ଜିଦର ସଦସ୍ୟ ଥିଲେ, ହାର୍‌ଲେମ ମସ୍‌ଜିଦର ନୁହେଁ। ଜନଜାଗରଣ ହୋଇସାରିଥିଲା। ସିଆଇଏ(ଆମେରିକାର ଗୋଇନ୍ଦା ସଂସ୍ଥା) ଓ ଏଫ୍‌ବିଆଇ ଲୋକେ ଭୁଲ ପ୍ରମାଣ ଯୋଗାଇଛନ୍ତି ବୋଲି ଲୋକଙ୍କ ଧାରଣା ହେଲା ଓ ସେମାନଙ୍କୁ ଦଣ୍ଡିତ କରାଯାଉ ବୋଲି ପାଟି ହେଲା। ମାନହାଟାନ ଡିଷ୍ଟ୍ରିକ୍ଟ ଆର୍ଟର୍ନି ସାଇରସ୍ ଭାନ୍ସ (ଜୁନିୟର୍) ପୁରୁଣା ଦଣ୍ଡାଦେଶର ପୁନର୍ବିଚାର ଦାବି କରି କୋର୍ଟରେ ଦରଖାସ୍ତ ପେଶ୍ କଲେ। ଆମ ଦେଶରେ ସରକାରୀ ଓକିଲ (ପ୍ରସିକ୍ୟୁଟର) କେବେ ନିଜ ଅଫିସର ଦୋଷ ସ୍ୱୀକାର କରି କୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରିବେ? ଆମର ସବୁ ସଂସ୍ଥା ତ ପଲିଟିକାଲ! ଶାସକ ଦଳର ସମର୍ଥକ ନ ହେଲେ ସରକାର କୌଣସି ଆଡ୍‌ଭୋକେଟଙ୍କୁ ସରକାରୀ ଓକିଲ ନିଯୁକ୍ତି ଦେବେ ନାହିଁ! ଏବେ ମାର୍କିନ୍ ଲୋକେ କହୁଛନ୍ତି– ପୋଲିସ, ଏଫ୍‌ବିଆଇ ଓ ସିଆଇଏ 'ମାଲକମ୍ ଏକ୍ସ'ଙ୍କୁ ଜଣେ ବିପଜ୍ଜନକ ବ୍ଲାକ୍ (କୃଷ୍ଣକାୟ) ବୋଲି ମନେକରୁଥିଲେ। ତେଣୁ ତାଙ୍କୁ ସଫା କରିଦେବାର ଷଡ଼ଯନ୍ତ୍ର ଭିଆଇ ଥିଲେ। ୧୯୫୩ ମାର୍ଚ୍ଚରୁ ଏଫ୍‌ବିଆଇ ମାଲକମ୍ ଏକ୍ସ ନାଁରେ ଫାଇଲ୍ ଖୋଲିଥିଲା ଓ ତାଙ୍କ ଉପରେ ନଜର ରଖିଥିଲା। ୧୯୬୪ ଜୁନ ୬ରେ ଏଫ୍‌ବିଆଇ ଡାଇରେକ୍ଟର ଜେ. ଏଡ୍‌ଗାର ହୁଭର(୧୯୭୨ରେ ମୃତ) ନ୍ୟୁୟର୍କ ଏଫ୍‌ବିଆଇ ଅଫିସକୁ ଚିଠି ଲେଖିଲେ ଯେ ମାଲକମ୍ ବଡ ବିପଦ ସୃଷ୍ଟି କଲାଣି, କିଛି ଗୋଟାଏ କର। ପୋଲିସ୍ ଆଉ ଏଫ୍‌ବିଆଇ ଅଣ୍ଡରକଭର୍ ଅଫିସର ବି ବରାଦ କରିଦେଲେ। ନ୍ୟୁୟର୍କର ସରକାରୀ ଓକିଲ (ଆର୍ଟର୍ନି) କୋର୍ଟକୁ ଏମିତି ଏକ ଷଡ଼ଯନ୍ତ୍ର ଜଣାଇ ମକଦ୍ଦମାର ପୁନର୍ବିଚାର ଚାହିଁଲେ। କୋର୍ଟ ଜେଲ୍ ଭୋଗୁଥିବା ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ ଓ ସେମାନଙ୍କୁ ନ୍ୟୁୟର୍କ ରାଜ୍ୟ ସରକାର ୨୬ ମିଲିୟନ ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ବି ଆଦେଶ ଦେଲେ।

ମାଲ୍‌କମ୍ ହତ୍ୟା ସ୍ଥାନରେ ଏବେ ଏକ ମେମୋରିଆଲ କରାହୋଇଛି, ସେହିଠାରେ ତାଙ୍କ ମୃତ୍ୟୁବାର୍ଷିକୀ ପାଳନ ଅବସରରେ ଫେବୃୟାରୀ ୨୧(୨୦୨୩)ରେ ତାଙ୍କ ଝିଅ ଇଲିଶା ସାବାଜ୍ଜ ଏକ ସାମ୍ବାଦିକ ସମ୍ମିଳନୀ ଡାକି କହିଛନ୍ତି – ତାଙ୍କ ପରିବାର ସତ କଥାକୁ ପଦାକୁ ଆଣିବାକୁ ବର୍ଷ ବର୍ଷ ଧରି ଲଢେଇ କରିଆସିଛି। ଗୁଳିକାଣ୍ଡ ପଛରେ ଥିବା ଷଡ଼ଯନ୍ତ୍ରକାରୀ ପୋଲିସ ଅଧିକାରୀମାନଙ୍କୁ ଚିହ୍ନଟ କରି ଦଣ୍ଡ ଦିଆଯାଉ ଏବଂ ତାଙ୍କ ପରିବାରକୁ ସରକାର ୧୦ କୋଟି ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ସେ ନାଲିସ୍ କରିବେ। ସିଭିଲ୍ ରାଇଟ୍ସ ଓକିଲ ବେନ୍ କ୍ରମ୍ପ ମଧ୍ୟ ସମର୍ଥନ କରିଛନ୍ତି। ଆତତାୟୀ ସରକାରୀ ପ୍ରାୟୋଜିତ ହୋଇଥିବାରୁ ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ନାଁରେ ୧୦ କୋଟି ଡଲାର କ୍ଷତିପୂରଣ ନାଲିସ୍ କରିବାକୁ ଇଲିଶା ସାବାଜ୍ଜ ସଜବାଜ ହେଉଛନ୍ତି। ଏପରି ଅଭିଯୋଗ ନବକିଶୋର ଦାସଙ୍କ କ୍ଷେତ୍ରରେ ଉଠିବା ଅସମ୍ଭବ ନୁହେଁ! କିନ୍ତୁ ପଲିଟିକାଲ ପେଞ୍ଚ ତାକୁ ରୋକିପାରେ!

sahadevas@yahoo.com




# ମାଇକ୍ରୋ ଫାଇନାନ୍ସ ଓ ମହିଳା ସଶକ୍ତୀକରଣ



ସୌରଜିତ୍ ପ୍ରଧାନୀ

ନବେ ଦଶକର ପ୍ରାରମ୍ଭରେ ଭାରତୀୟ ଅର୍ଥନୀତି ଉଦାରୀକରଣରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲା ଏବଂ ଆର୍ଥିକ ଅଭିବୃଦ୍ଧିର ଗତି ଉପରମୁହାଁ ହୋଇଥିଲା। କିନ୍ତୁ ବିତର୍କର ବିଷୟ ହେଉଛି– ସମାଜର ପ୍ରତ୍ୟେକ ବର୍ଗରେ ଏହି ଅଭିବୃଦ୍ଧି ପହଞ୍ଚିଛି ନା ଏହା କେବଳ ଏକ ନିର୍ଦ୍ଦିଷ୍ଟ ବର୍ଗରେ ସୀମିତ ରହିଛି। ୧୯୮୦ରୁ ୨୦୧୬ ମଧ୍ୟରେ ସମସ୍ତ ପ୍ରମୁଖ କ୍ଷେତ୍ରର ଅସମାନତାରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ଏବଂ ଦେଶର ଆୟର ୫୫% ଧନ ୧୦% ଲୋକଙ୍କ ହାତରେ ରହିଛି।

ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଏବଂ ସହରାଞ୍ଚଳରେ ଆୟର ଅସମାନ ପ୍ରସାର ଯୋଗୁ ଏହି ବ୍ୟବଧାନ ଦେଖାଦେଇଛି। ବ୍ୟାଙ୍କିଙ୍ଗ୍ ଏବଂ ସ୍ୱାସ୍ଥ୍ୟ ସେବା ଭଳି ସେବାର ଅଭାବ ସହିତ ସେମାନଙ୍କୁ କ୍ରମାଗତ ଭାବେ ଚ୍ୟାଲେଞ୍ଜ କରାଯାଉଛି। ଫଳସ୍ୱରୂପ ଗ୍ରାମାଞ୍ଚଳ ଭାରତର ପ୍ରକୃତ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇପାରିନାହିଁ, ବିଶେଷକରି ସେହି ମହିଳାମାନଙ୍କ କ୍ଷେତ୍ରରେ ଯେଉଁମାନେ କି ଉତ୍ତମ ଉଦ୍ୟୋଗିକ ଦକ୍ଷତା ଏବଂ ନେତୃତ୍ୱ କ୍ଷମତା ସମ୍ପନ୍ନ।

ବିଶ୍ୱବ୍ୟାପୀ ଅନେକ ଗବେଷଣାରେ ସ୍ପଷ୍ଟ ହୋଇଛି ଯେ ମହିଳା ସଶକ୍ତୀକରଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହିତ ନିବିଡ଼ ଭାବେ ଜଡ଼ିତ ଏବଂ କୌଣସି ସଚେତନତା କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ନ ହେଲେ ଘରୁ ବାହାରକୁ ବାହାରିବା ପାଇଁ ପ୍ରବର୍ତ୍ତାଇ ପାରିବ ନାହିଁ। ଦେଶର ଦୁର୍ଗମ ଅଞ୍ଚଳରେ ଔପଚାରିକ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସୁବିଧା ନ ଥିବାରୁ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସହଜରେ ଋଣ ଉପଲବ୍ଧ କରାଇବା ଦିଗରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛନ୍ତି। କାରଣ ଜଣେ ସଶକ୍ତ ଓ ଆର୍ଥିକ ସ୍ୱାବଲମ୍ବୀ ମହିଳା ନିଜ ପରିବାର ଓ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଓ ଉତ୍ପାଦକତାରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବେ। ଯଦି ମହିଳାମାନେ ବିକାଶ ପ୍ରକ୍ରିୟାରେ ସମାନ ଭାବେ ଭାଗିଦାର ନ ହୁଅନ୍ତି ତେବେ କୌଣସି ଦେଶ ପ୍ରଗତି କରିପାରିବ ନାହିଁ। ହେଲେ ଭାରତରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ମାତ୍ର ୨୮%।

ମାଇକ୍ରୋଫାଇନାନ୍ସ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛି। ବିଶେଷକରି ଆଶାୟୀ ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ଏହାକୁ ଏକ ପ୍ରଭାବୀ ତଥା ବ୍ୟାପକ ସାଧନ ଭାବେ ଦେଖାଯାଏ। ମହିଳାମାନେ ନିକଟରେ ଉଠାଇଥିବା ଋଣରୁ ଦେଶରେ ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ(ଏମ୍‌ଏଫ୍‌ଆଇ)ର ଗୁରୁତ୍ୱକୁ ବୁଝିହେବ। ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ ନେଟୱର୍କ ଅନୁଯାୟୀ, ଏହି ସଂସ୍ଥାଗୁଡ଼ିକ ସହିତ ୨.୬୫ କୋଟିରୁ ଅଧିକ ଋଣଗ୍ରହୀତା ଜଡିତ ଅଛନ୍ତି। ଏଥିରେ ୧,୪୮,୦୯୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। ସେଥିମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା, ଯେଉଁମାନଙ୍କ ପାଖରେ ଔପଚାରିକ ଋଣର ସୁବିଧା ନାହିଁ। ମୁଦ୍ରା ଯୋଜନାର ଶୁଭାରମ୍ଭ ଏବଂ ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇ ପାଇଁ ଆର୍‌ବିଆଇର ସଂଶୋଧିତ ନିର୍ଦ୍ଦେଶାବଳୀ ଭଳି ସଂସ୍ଥାଗତ ବ୍ୟବସ୍ଥା ଉଦ୍ୟୋଗକୁ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରିଛି।

ଏହାଛଡ଼ା କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମହିଳା ଉଦ୍ୟୋଗୀମାନଙ୍କୁ କ୍ଷୁଦ୍ର ମିଳିତ ଦାୟାଦ ଗୋଷ୍ଠୀ ମାଧ୍ୟମରେ ଯୋଡୁଛନ୍ତି। ଏହି ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ବିନା କୌଣସି ବନ୍ଧକ କିମ୍ବା ଜଟିଳ ଡକ୍ୟୁମେଣ୍ଟେଶନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଋଣ ମିଳିଥାଏ, ଯାହା ପଶୁପାଳନ, କୃଷି, ହସ୍ତଶିଳ୍ପ, ବ୍ୟବସାୟ ଏବଂ ଅନ୍ୟାନ୍ୟ ପ୍ରକାର ବ୍ୟବସାୟରେ ଆୟ ସୃଷ୍ଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଶାଖାଗୁଡ଼ିକ ଋଣର ସହଜ ଉପଲବ୍ଧତା ଏବଂ ବିତରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା।

ଅଭିଜ୍ଞତା କହୁଛି, ପୁରୁଷଙ୍କ ତୁଳନାରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ଅଧିକ ଶୃଙ୍ଖଳିତ। ତେଣୁ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରତ୍ୟେକ କ୍ଷୁଦ୍ର ଋଣ ନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ ଏବଂ ଏକ ସମୃଦ୍ଧ ସମାଜ ଗଠନକୁ ଗତିଶୀଳ କରାଇଥାଏ। ତେଣୁ ଏହା ଯୁକ୍ତି କରାଯାଇପାରେ ଯେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଜାତୀୟ ଅଭିବୃଦ୍ଧିରେ ଯୋଗଦାନକାରୀ ଭାବେ ସେମାନଙ୍କୁ ପ୍ରସ୍ତୁତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେବେ ଏହା ଏକ ସାମୂହିକ ଦାୟିତ୍ୱ, ଯାହା ବ୍ୟାଙ୍କିଙ୍ଗ୍ ସମୁଦାୟ, ମାଇକ୍ରୋ-ଫାଇନାନ୍ସ ସଂସ୍ଥା ଏବଂ ସରକାରଙ୍କ ଦ୍ୱାରା ସମାନ ଭାବେ ଭାଗ କରାଯିବା ଉଚିତ। ଭାରତର ଭୌଗୋଳିକ ଏବଂ ଜନସଂଖ୍ୟାଗତ ବିବିଧତାକୁ ଦୃଷ୍ଟିରେ ରଖି ଏକ ଆର୍ଥିକ ଅନ୍ତର୍ଭୁକ୍ତ ଏବଂ ସଶକ୍ତ ସମାଜ ଗଠନ କରିବା କୌଣସି ସହଜ କାର୍ଯ୍ୟ ନୁହେଁ।

ତେଣୁ ଏଭଳି ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି, ଯାହା କେବଳ ଆର୍ଥିକ ଦୃଷ୍ଟିରୁ ଅନ୍ତର୍ଭୁକ୍ତ ସମାଜ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ମହିଳାଙ୍କୁ ଆତ୍ମନିଯୁକ୍ତିର ମୌଳିକ ଦକ୍ଷତା ସହ ସଶକ୍ତ ଓ ସଜ୍ଜିତ କରିବ। ଏହା ନିଃସନ୍ଦେହରେ ଏକ ନୂତନ ଏବଂ ପ୍ରଗତିଶୀଳ ଭାରତର ମୂଳଦୁଆ ପକାଇବ, ଯାହାର ମୂଳରେ ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିତିସ୍ଥାପକତା ରହିଛି।

ମୋ-୯୯୬୭୧୦୨୨୬୪



## ଏଇ ଭାରତରେ

ହିନ୍ଦୁଧର୍ମ ପରମ୍ପରାରେ ହୋଲି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ପ୍ରତିବର୍ଷ ଦୋଳରେ ଏହାକୁ ଧୁମ୍‌ଧାମରେ ପାଳନ କରାଯାଉଥିବାବେଳେ ଅନେକ ଗାଁ ଅଜବ ବିଶ୍ୱାସକୁ ଆଧାରକରି ହୋଲି ପାଳନ ନ କରିବା ଦେଖାଯାଏ। ଏଭଳି ଦୁଇଟି ଗାଁ ରହିଛି ଛତିଶଗଡ଼ର କୋରବା ଜିଲାରେ। ପ୍ରଥମ ଗାଁଟି ହେଉଛି ଖରହରି। ଏଠାରେ ଦୀର୍ଘ ୧୫୦ ବର୍ଷ ହେଲା ହୋଲି ପାଳନ କରାଯାଇନାହିଁ। ଏହା ପଛରେ ବି ଏକ ଅନ୍ଧବିଶ୍ୱାସ ରହିଛି। କୁହାଯାଏ, ୧୫୦ ବର୍ଷ ପୂର୍ବେ ଗାଁରେ ଭୀଷଣ ନିଆଁ ଲାଗି ସ୍ଥିତି ପୂରା ଆୟତ୍ତ ବାହାରକୁ ଚାଲିଯାଇଥିଲା। ନିଆଁ ଲାଗିବା ପରେ ଗାଁରେ ମହାମାରୀ ମଧ୍ୟ ବ୍ୟାପିଥିଲା। ଏହି ମହାମାରୀରୁ ରକ୍ଷା ପାଇବା ଲାଗି ଦେବୀ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ, ଗ୍ରାମବାସୀ ହୋଲି ପାଳନ ନ କଲେ ଗାଁକୁ ଶାନ୍ତି ଫେରିବ। ସ୍ୱପ୍ନାଦେଶ ମାନି ସେବେଠାରୁ ଗାଁ ଲୋକେ ହୋଲି ପାଳନ କରୁନାହାନ୍ତି। କେବଳ ଏହି ଗାଁ ନୁହେଁ, ଛତିଶଗଡ଼ର ଧମନଗୁଡ଼ି ଗାଁରେ ମଧ୍ୟ ୨୦୦ ବର୍ଷ ହେଲା ହୋଲି ପାଳନ ହେଉନତ। ଉକ୍ତ ଗାଁରେ ଦେବୀଙ୍କ କୋପରୁ ସେବେଠାରୁ ହୋଲି ପାଳନ କରାଯାଉନାହିଁ। ଲୋକେ ଲାଲ୍ ରଙ୍ଗ ଓ ହୋଲିକା ଦହନରୁ ଦୂରେଇ ରୁହନ୍ତି। ଏପରି କି ହୋଲି ଦିନ ରଙ୍ଗକୁ ଏତେ ଡରନ୍ତି ଯେ ସେମାନେ ଘରୁ ବାହାରକୁ ବାହାରନ୍ତିନି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୮

- ଉତ୍ତରପ୍ରଦେଶ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନୁଷ୍ଠିତ ଏକ ମିଳିତ ଶକ୍ତି ପରୀକ୍ଷାରେ କଲ୍ୟାଣ ସିଂ ବିଜୟୀ।
- ଜାତିସଂଘର ଅସ୍ତ୍ରଶସ୍ତ୍ର ତଦାରଖକାରୀ ୨୫ ଦିନ ଭିତରେ ରାଷ୍ଟ୍ରପତି ଭବନର ୮ଟିଯାକ ପ୍ରାସାଦ ତନଖି ଶେଷ କରିବାକୁ ଇରାକ ଉପପ୍ରଧାନମନ୍ତ୍ରୀ ତାରିକ ଅଜିଜ ପ୍ରସ୍ତାବ ଦେଇଛନ୍ତି।

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | | | | |
| 8 | 4 | 3 | | 2 | | | | |
| | | | | | | | | |
| | 6 | | 4 | | | 2 | | |
| | | 1 | | | 3 | | | |
| | | | 1 | 5 | | | 9 | |
| | 2 | 8 | 6 | | | | | 3 |
| 3 | | | | 4 | | 7 | 8 | |
| | | | | 7 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 8 | 9 | 3 | 5 | 1 | 7 |
| 5 | 9 | 1 | 6 | 7 | 2 | 4 | 3 | 8 |
| 3 | 8 | 7 | 5 | 1 | 4 | 6 | 2 | 9 |
| 7 | 6 | 4 | 3 | 8 | 9 | 1 | 5 | 2 |
| 2 | 3 | 9 | 7 | 5 | 1 | 8 | 6 | 4 |
| 1 | 5 | 8 | 2 | 4 | 6 | 7 | 9 | 3 |
| 9 | 7 | 6 | 1 | 3 | 8 | 2 | 4 | 5 |
| 4 | 2 | 5 | 9 | 6 | 7 | 3 | 8 | 1 |
| 8 | 1 | 3 | 4 | 2 | 5 | 9 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତି ସହରାଞ୍ଚଳକୁ ମୋ ବସ୍ ଚାଲୁ

ମହାଶୟ,

ବିରଜା କ୍ଷେତ୍ର ସମେତ ପ୍ରତ୍ୟେକ ସହରାଞ୍ଚଳକୁ ପର୍ଯ୍ୟାୟକ୍ରମେ ମୋ ବସ୍ ଚାଲିବା ଉଚିତ। ଫଳରେ ଯାତ୍ରୀ ଭିଡ଼ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକମାନେ ବିଶେଷ ଉପକୃତ ହେବେ। ଘରୋଇ ବସ୍‌ଗୁଡ଼ିକ ମନଇଚ୍ଛା ରହଣି କରୁଥିବାରୁ ଯାତ୍ରୀମାନେ ହୀନସ୍ତା ହେଉଛନ୍ତି। ଜାତୀୟ ରାଜପଥ ୧୬ନଂ.ରେ ଓଭର ବ୍ରିଜ ହେବା ଫଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକେ ବସ୍ ରହଣି ସୁବିଧା ପାଇପାରୁ ନାହାନ୍ତି। ବଡ଼ଚଣା ରହଣିସ୍ଥଳ ଦୂର ହେଉଥିବାରୁ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ବାରମ୍ବାର ଘରୋଇ ବସ୍ ମାଲିକ ସଂଘ ଓ ଆରଟିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବସ୍‌ଯାତ୍ରା ସୁବ୍ୟବସ୍ଥିତ ହୋଇପାରୁ ନାହିଁ। ମୋ ବସ୍ ଭୁବନେଶ୍ୱରରୁ ଭାୟା କଟକ ଦେଇ ସାଲେପୁର ପର୍ଯ୍ୟନ୍ତ ପ୍ରତିଦିନ ଚାଲିବା ଫଳରେ ଲୋକେ ତା'ର ସୁଫଳ ପାଉଛନ୍ତି। ଉକ୍ତ ମୋ ବସ୍ ଚଣ୍ଡିଖୋଲ ଦେଇ ବିରଜା କ୍ଷେତ୍ର ପର୍ଯ୍ୟନ୍ତ ଚଳାଇଲେ ହଜାର ହଜାର ଶ୍ରଦ୍ଧାଳୁ ଅନାୟାସରେ ଯାତାୟାତ କରିପାରିବେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

**–ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ ମଞ୍ଚ, ବଡ଼ଚଣା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାସ୍ତା ତାଡ଼ିଲେ, ମରାମତି କଥା ଭୁଲିଗଲେ

## ପାନୀୟ ଜଳ ପ୍ରକଳ୍ପ ପାଖରେ ଗମନାଗମନ ରୁଦ୍ଧ

**ରସୁଲପୁର,୨୬।୨(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ପାନୀୟ ଜଳ ଯୋଗାଣ ଯୋଜନା ପାଖରେ ଗମନାଗମନ ରୁଦ୍ଧ ହୋଇପଡ଼ିଛି। ପାଇପ୍ ବିଛାଇବା ପାଇଁ ଗାଁ ରାସ୍ତାକୁ ତାଡ଼ି ଦିଆଯାଇଛି। ମାସାଧିକ କାଳ ଅଧିକାଂଶ ଗ୍ରାମ୍ୟ ରାସ୍ତାର କଂକ୍ରିଟ ଭଗ୍ନାଂଶଗୁଡ଼ିକ ଏଣେତେଣେ ବିଛାଡି ହୋଇ ପଡ଼ିରହିଛି। ଆଉ କେତେକ ସ୍ଥାନରେ ରାସ୍ତା ଉପରେ ଖାତ ସୃଷ୍ଟି ହୋଇଛି। ପାଇପ୍ ଲାଇନ ବିଛାଇବା ପାଇଁ କରାଯାଇଥିବା ଖୋଦେଇରୁ ବାହାରୁଥିବା ମାଟି ରାସ୍ତାର ଉଭୟ ପାର୍ଶ୍ୱରେ ଜମି ରହିଛି। ଫଳରେ ଏହା ଏବେ ଉଚ୍ଚା ହୋଇଯାଇ ପାଣି ଜମି ରହୁଛି। ଏଭଳି ସ୍ଥିତି ଯାତାୟାତରେ ବାଧା ସୃଷ୍ଟି କରୁଛି। ହେଲେ ରାସ୍ତା ମରାମତି ପାଇଁ ମେଗା ଜଳ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଭାଙ୍ଗିଯାଇଥିବା ରାସ୍ତା ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଭଳି ସ୍ଥିତିକୁ ଅଣଦେଖା କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ବ୍ଲକ ଅଞ୍ଚଳର ୪୦ହଜାରରୁ ଅଧିକ ପରିବାରକୁ ପାନୀୟ ଜଳ ଯୋଗାଇବା ପାଇଁ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥି ସକାଶେ ବ୍ଲକ୍ ଅଞ୍ଚଳରେ ୪୨ଟି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏଥିପୂର୍ବରୁ କମ୍ପାନୀ ପକ୍ଷରୁ ଗାଁରେ ମୁଖ୍ୟ ପାଇପ୍ ବିଛାଇବା କାର୍ଯ୍ୟ ପ୍ରାୟତଃ ଶେଷ ଅବସ୍ଥାରେ ରହିଛି। କେତେକ ଗାଁରେ ଘରକୁ ପାଣି ସଂଯୋଗ କାର୍ଯ୍ୟ ଆରମ୍ଭ ହେଲାଣି। ହେଲେ ଏଯାଏ ପାଇପ୍ ବିଛାଇବା ବେଳେ ଭାଙ୍ଗି ଯାଇଥିବା ରାସ୍ତା ମରାମତି ହୋଇନାହିଁ। ପାଣି ଟାଙ୍କି ନିର୍ମାଣ କରୁଥିବା କମ୍ପାନୀକୁ ରାସ୍ତା ମରାମତି ସମ୍ପର୍କରେ କହିବାରୁ ସେମାନେ ପାଇପ୍ ବିଛାଉ ନ ଥିଲେ କି ଖୋଦେଇ ବେଳେ ଭାଙ୍ଗି ଯାଇଥିବା ରାସ୍ତା ମରାମତି ଦିଗରେ ସହଯୋଗ କରିପାରିବେ ନାହିଁ ବୋଲି ଉତ୍ତର ମିଳୁଛି। ଏଭଳି ସ୍ଥିତି ବ୍ଲକର ୨୮ ପଞ୍ଚାୟତରେ ଦେଖାଯାଉଛି। ତେବେ ରାସ୍ତା ମରାମତି ପାଇଁ ବିଭିନ୍ନ ଦିଗରୁ ଚାପ ପଡ଼ିବାରୁ ଠିକା ସଂସ୍ଥା ପକ୍ଷରୁ କେତେକ ସ୍ଥାନରେ ମରାମତି କାର୍ଯ୍ୟ ର' ଠ କରି ସାରି ଦିଆଯାଉଛି। କଳଣ ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖାଯାଇଛି। ଏଠାରେ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଗାଡ଼ିମୋଟର ଯାତାୟତ ସମୟରେ ମରାମତି ସ୍ଥାନ ଫାଟିଯାଉଛି ଓ ଦବି ଯାଉଛି। ଏହି ପଞ୍ଚାୟତରେ କମ୍ପାନୀ ପକ୍ଷରୁ କରାଯାଇଥିବା ମରାମତି ସ୍ଥାନକୁ ଏକ ଉଦାହରଣ ଭାବରେ ନିଆଯାଇ ପାରେ। କମ୍ପାନୀ ପକ୍ଷରୁ ଲୋକଦେଖାଣିଆ ମରାମତି କରାଯାଉଛି ବୋଲି ଲୋକେ କହୁଛନ୍ତି। ମରାମତି ବେଳେ କମ୍ପାନୀ ପକ୍ଷରୁ ଖୋଦେଇ ସ୍ଥାନକୁ ଭଲଭାବରେ ସଫାସୁତୁରା କରାଯାଉ ନାହିଁ। ମାଟି ଉପରେ ସିମେଣ୍ଟ ମିଶା ବାଲି ଓ କଂକ୍ରିଟ ଢାଳି ରାସ୍ତା ମରାମତି କାର୍ଯ୍ୟ ସାରି ଦିଆଯାଉଛି। ସିମେଣ୍ଟ, ବାଲି, କଂକ୍ରିଟ ମିଶ୍ରଣର ଗୁଣବତ୍ତା ନିମ୍ନମାନର ରହୁଛି। ଗାଁର ମୁଖ୍ୟ ରାସ୍ତା ଗୁଡିକ ଭାଙ୍ଗି ଯାଇଥିବାରୁ ବର୍ଷାଋତୁରେ ଯାତାୟାତରେ ବାଧକ ସାଜିବ ବୋଲି କୁହାଯାଉଛି। ତେଣୁ ଶୀଘ୍ର ରାସ୍ତା ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଠିକାସଂସ୍ଥାର କ୍ଷେତ୍ରାଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ରସୁଲପୁର କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ପାଇପ୍ ବିଛାଇବାବେଳେ ଭାଙ୍ଗି ଯାଇଥିବା ରାସ୍ତାକୁ କମ୍ପାନୀ ପକ୍ଷରୁ ମରାମତି କରାଯିବ। ତେବେ କେଉଁ ସ୍ଥାନରେ କ'ଣ ଅସୁବିଧା ରହିଛି ସେ ନେଇ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।


ପାଇପ୍ ବିଛାଇବା ପାଇଁ ଗାଁ ରାସ୍ତାକୁ ତାଡ଼ି ଦିଆଯାଇଛି।

# ଟମକାରେ ଜୈବ ବିବିଧତା ଉଦ୍ୟାନ ଉଦ୍‌ଘାଟିତ



ଟମକା ଜୈବ ବିବିଧତା ପାର୍କକୁ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରୁଛନ୍ତି। ପାର୍କକୁ ଦର୍ଶକ ବୁଲି ଦେଖୁଛନ୍ତି।

**କଳିଙ୍ଗନଗର,୨୬।୨(ଡି.ଏନ.ଏ.):**

## ଲୋକଙ୍କ ପାଇଁ ପାଲଟିବ ଦର୍ଶନୀୟ ସ୍ଥାନ

ଟମକା ଜୈବ ବିଭିଧତା ପାର୍କକୁ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ରବିବାର ଉଦ୍‌ଘାଟନ କରିଛନ୍ତି। ୬୦ ଏକର ପରିମିତ ଜମିରେ ଏହି ଉଦ୍ୟାନ ସ୍ଥାପନ ହୋଇଛି। ଉଦ୍ୟାନ ପାଇଁ ସରକାରଙ୍କ ପକ୍ଷରୁ ୭ କୋଟି ୯୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ବିଭିନ୍ନ ଜିଲାରୁ ଆସୁଥିବା ଲୋକଙ୍କ ପାଇଁ ଏହା ଦର୍ଶନୀୟ ସ୍ଥାନ ପାଲଟିବ। ଏଠାରେ ୬ କଟେଜ, ୨ ଶିଶୁ ଉଦ୍ୟାନ, ଲିଲି ପଣ୍ଡ, ଔଷଧୀୟ ଉଦ୍ୟାନ ଆଦି ରହିଛି। ଏଥିଯୋଗୁ ପରିବେଶ ପ୍ରଦୂଷଣ ମୁକ୍ତ ହେବ ବୋଲି ମନ୍ତ୍ରୀ ଘଡ଼ାଇ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଟକ ବନଖଣ୍ଡର ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ସହକାରୀ ବନସଂରକ୍ଷକ ସୌଭାଗ୍ୟ କୁମାର ସାହୁ, ଟମକା ବନାଞ୍ଚଳ ଅଧିକାରୀ ବଳରାମ ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତି ଥିଲେ।

# ଧାନକୁଦ ମଠରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**ବିରିଡି,୨୬।୨(ଡି.ଏନ୍.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ଦକ୍ଷୀଣ ପାର୍ଶ୍ୱରେ ପୂଣ୍ୟତୋୟା ଦେବୀନଦୀ କୂଳରେ ମାଳିକା ବର୍ଣ୍ଣିତ ମହାପୁରୁଷ ପଞ୍ଚଶଖାଙ୍କ ମିଳନ କ୍ଷେତ୍ର ଅବସ୍ଥିତ । ଏଠାରେ ପଞ୍ଚଶଖା ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଓ ଜଗନ୍ନାଥ ଧ୍ୟାନ କରି ସିଦ୍ଧିପ୍ରାପ୍ତି ହୋଇଥିଲେ । ଶନିବାର ଏହି ମଠରେ ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ପୀଠାଧିଶ ତଥା ମାଳିକା ପ୍ରବଚକ ବାବା ଅରକ୍ଷିତ ଦାସ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମୂର୍ତ୍ତି ସ୍ଥାପନ କରାଯିବା ସହ ପଣ୍ଡିତ ସୁରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଧାନକୁଦ ଜଗନ୍ନାଥ ମନ୍ଦିରର ପାଟରାଜା ପ୍ରଭାତ କୁମାର ନନ୍ଦୀ, ମଠ ପରିଚାଳକ ବିଭୂଦତ୍ତ ସାହୁ, ପାର୍ବତୀ ନନ୍ଦି, ରାମଚନ୍ଦ୍ର ମିଶ୍ରଙ୍କ ସହ ଧାନକୁଦ ଜଗନ୍ନାଥ ମନ୍ଦିରର ସେବାୟତମାନେ ଉପସ୍ଥିତ ଥିଲେ ।

# ଦିନରେ ଜଳୁଛି, ରାତିରେ ଅନ୍ଧାର

## ବ୍ୟାସନଗର ପୌର ପରିଷଦରେ ଷ୍ଟ୍ରିଟ୍ ଲାଇଟ ସେବା

**କଳିଙ୍ଗନଗର,୨୬।୨(ଡି.ଏନ.ଏ.):**

ବ୍ୟାସନଗର ପୌରବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିଲେ ମଧ୍ୟ ଦୁଃଖ ଶୁଣିବାକୁ ପୌର ପରିଷଦ ନାରାଜ। ଏଭଳିସ୍ଥିତିରେ ପୌର ପରିଷଦର ବିଭିନ୍ନ ସ୍ଥାନରେ ଦିନତମାମ ଷ୍ଟ୍ରିଟ ଲାଇଟ ଅବିରତ ଜଳୁଥିବା ବେଳେ ସନ୍ଧ୍ୟା ହେଲେ ଲିଭି ଯାଉଥିବା ଦେଖିବାକୁ ମିଳିଛି, ଯାହାର ପ୍ରମାଣ ଭାବେ ସହରର ପ୍ରମୁଖ ଛକ ଗୋପବନ୍ଧୁ ଛକରୁ ବ୍ୟାଙ୍କ ଷ୍ଟ୍ରିଟ ଅଞ୍ଚଳ ପର୍ଯ୍ୟନ୍ତ ଦେଖାଯାଇଛି। ଏଠାରେ ସନ୍ଧ୍ୟାପରଠାରୁ ଷ୍ଟ୍ରିଟ ଲାଇଟ୍ ଜଳୁ ନ ଥିବାରୁ ଏହା ଏକ ଅନ୍ଧାରୀ ଇଲାକା ଭାବେ ଜଣାପଡୁଛି। ମାସର ୨୫ ତାରିଖରେ ଏହି ଅଞ୍ଚଳର ବ୍ୟବସାୟୀମାନେ ମାସିକିଆ ଦୋକାନ ବନ୍ଦ କରୁଥିବାରୁ ଷ୍ଟ୍ରିଟ ଲାଇଟ ବନ୍ଦ ଦୁର୍ବୃତ୍ତଙ୍କୁ ଚୋରି କରିବାର ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି, ଯାହାକୁ ନେଇ ସରକାରଙ୍କ ଏହି ଯୋଜନା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ପ୍ରତ୍ୟହ ଏପରି ଘଟଣା ଘଟୁଥିବାରୁ ଏହାକୁ ନେଇ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାର ସମାଧାନ ଦିଗରେ ପୌର କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ୟାସନଗର ପୌରପରିଷଦର ବିଦ୍ୟୁତ୍ ବିଭାଗ ପ୍ରମୁଖ ଶଶିକାନ୍ତ ଘଡ଼ାଇଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।


ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ।

# ପାରାଦୀପ ମଡେଲ ଥାନା ଅଧିକାରୀ, ଜଗତ୍‌ସିଂହପୁର ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ୍

## ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ

**କଟକ ଅଫିସ,୨୬।୨:**

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ଉପରେ ଦାଏର ଅଦାଲତ ଅବମାନନା ମାମଲାରେ ଓଡ଼ିଶା ହାଇକୋର୍ଟ ପାରାଦୀପ ମଡେଲ ଥାନା ଅଧିକାରୀ ଓ ଜଗତ୍‌ସିଂହପୁର ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଓମ୍ ପ୍ରକାଶ ଜୟସ୍ୱାଲ ବନାମ ବି.କେ. ମିତଲ ଏବଂ ସିବିଆଇ ମାମଲାରେ ରହିଥିବା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଜାଣିଶୁଣି ଉଲ୍ଲଂଘନ କରିଥିବା ହେତୁ ସେମାନଙ୍କୁ କାହିଁକି ଦଣ୍ଡିତ କରା ନ ଯିବ ସେ ନେଇ କାରଣ ଦର୍ଶାଇବାକୁ କୁହାଯାଇଛି। ବିଜୟ କୁମାର ଦାସଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବଂଶୀଧର ବାଗ ଓ ପ୍ରଶାନ୍ତ କିଶୋର ରାୟ ମାମଲା ପରିଚାଳନା କରୁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରି ବେଆଇନ ଭାବେ ୩ ଜଣଙ୍କୁ ଏକ ମାମଲାରେ ଗିରଫ କରାଯିବା ଘଟଣାକୁ ନେଇ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ଏଥିସହ ମାମଲାରେ ଗିରଫଦାରି ପୂର୍ବରୁ ସିଆର୍‌ପିସିର ଧାରା ୪୧(କ)ରେ ଥିବା ବ୍ୟବସ୍ଥା ଅନୁସାରେ ଅଭିଯୁକ୍ତମାନଙ୍କୁ ଠିକ୍ ଭାବେ ନୋଟିସ୍ ଦିଆଯାଇ ନ ଥିଲା ବୋଲି ଅଦାଲତ ଅବମାନନା ମାମଲାରେ ଦର୍ଶାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦିତ୍ୟ


@ ଅସିତ୍


@ ଦେବୀପ୍ରସାଦ


@ ଦୀପକ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଜକୃଷ୍ଣ ସ୍ମାରକୀ କ୍ରିକେଟ: ଯାଜପୁର ଏକାଦଶ ଚାମ୍ପିୟନ

**ଚଣ୍ଡିଖୋଲ,୨୬।୨(ଡି.ଏନ.ଏ.):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରି ପଲେଇଠାରେ ଲାୟନ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଭଜକୃଷ୍ଣ ସ୍ମାରକୀ ପଞ୍ଚୁପାଣ୍ଡବ କପର ଫାଇନାଲ ମ୍ୟାଚରେ ଯାଜପୁର ଏକାଦଶ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଜଗତ୍‌ସିଂହପୁର ଏକାଦଶ ଓ ଯାଜପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜଗତ୍‌ସିଂହପୁର ଏକାଦଶ ୨୫ ଓଭରରେ ୮ ଉଇକେଟ ହରାଇ ୨୫୭ ରନ କରିଥିଲା। ଯାଜପୁର ଏକାଦଶ ୨୩ ଓଭରରେ ୪ ଉଇକେଟ ହରାଇ ୨୫୮ ସଂଗ୍ରହ କରି ବିଜୟୀ ହୋଇଥିଲା। ଯାଜପୁର ଏକାଦଶର ସତ୍ୟକାମ ଭରଦ୍ୱାଜ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ଜଗତ୍‌ସିଂହପୁର ଏକାଦଶର ମାନସ ମୁଦୁଲି ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରନର୍ସ ଅପ ଦଳ ଜଗତ୍‌ସିଂହପୁର ଏକାଦଶକୁ କପ ସହ ୧୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଅତିଥିଭାବେ ପାଟକୁରା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଅବସରପ୍ରାପ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରବୀର କୁମାର ପ୍ରଧାନ, ଇଂ. କୁଳମଣି ପରିଡ଼ା, ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଡେରାବିଶ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ଧନେଶ୍ୱର ସେଠୀ, ସମିତିସଭ୍ୟ ଦୁର୍ଗାବତୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀକାନ୍ତ କୁମାର ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅଜୟ କୁମାର ଦାସ, ଶୈଳେନ୍ଦ୍ର ଜେନା, ନାରାୟଣ ଜେନା ଓ ସୁକାନ୍ତ କୁମାର ସେଠୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଭରତପୁର ସରପଞ୍ଚ ବିଭୁତି ଭୂଷଣ ସାମଲ ଧନ୍ୟବାଦ ଦେଇଥିଲେ। ୧୨ ଦିନ ଧରି ଅନୁଷ୍ଠିତ ଖେଳରେ ରାଜ୍ୟର ବିଭିନ୍ନ ଜିଲାରୁ ଖେଳାଳି ଯୋଗଦେଇଥିଲେ। ଏହି ସ୍ଥାନଟି ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲାର ମିଳନ ସ୍ଥଳ ହୋଇଥିବାରୁ ୩ ଜିଲାର ନେତୃତ୍ୱଙ୍କୁ ଆସନ୍ତା ବର୍ଷଠାରୁ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲା।



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ହାଇୱା ଧକ୍କାରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୨୬।୨**

କଟକ-ଜଗତ୍‌ସିଂହପୁର ରାସ୍ତାର ଜୟଶୋଳ ନିକଟରେ ଏକ ହାଇୱା (ନଂ. ଓଡି ଧକ୍କାରେ ବୁଲେଟ (ନଂ. ଓଡି ୦୫ବିଏଚ୍ ୦୨୮୭) ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ତେନ୍ତୁଳିବେଲାରୀ ବ୍ରାହ୍ମଣଡିହି ଗ୍ରାମର କ୍ଷେତ୍ରମୋହନ ପାତ୍ର (୬୬)ଙ୍କ ପୁଅ ଲୋକନାଥ ପାତ୍ର (ରାଜା)। କ୍ଷେତ୍ରମୋହନଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନା ପକ୍ଷରୁ ମାମଲା (ନଂ.୧୪୫/୨୩) ରୁଜୁ କରାଯାଇଥିବା ଆଇଆଇସି ଶୁଭ୍ରାଂଶୁ ପରିଡ଼ା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୫ ତାରିଖ ରାତି ପ୍ରାୟ ୩ଟା ବେଳେ ରାଜା ଓ ତାଙ୍କ ସାଙ୍ଗ ତଥା କଟକ ଜିଲା ହରିପୁର ଗ୍ରାମର ପ୍ରକାଶ ମହାରଣା (୩୦)ଙ୍କ ସହ ବୁଲେଟ ଯୋଗେ କଟକରୁ ଜଗତ୍‌ସିଂହପୁର ଅଭିମୁଖେ ଫେରୁଥିଲେ । ବାଟରେ ବୁଲେଟକୁ ଦ୍ରୁତ ଗତିରେ ଯାଉଥିବା ଏକ ହାଇୱା ଧକ୍କା ଦେଇଥିଲା । ଫଳରେ ଲୋକନାଥ ଓ ପ୍ରକାଶ ଗୁରୁତର ହୋଇଥିଲେ। ବିଶେଷସୂତ୍ରରୁ ଖବର ପାଇ ଆମ୍ବୁଲାନ୍ସ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏଥିସହ କ୍ଷେତ୍ରମୋହନଙ୍କୁ ପୋଲିସ ଏ ସମ୍ପର୍କରେ ଅବଗତ କରିଥିଲା । କ୍ଷେତ୍ରମୋହନଙ୍କ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲା ବେଳକୁ ରାଜାଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା।

# ଭରସା ଦେଇପାରୁନି ନିଦାନ ବିଭାଗ

ନୟାଗଡ଼ ଅଫିସ,୨୬।୨



■ଟେକ୍ନିସିଆନ୍ କରୁଛନ୍ତି ବିଶେଷଜ୍ଞ କାମ
■ବାହାରେ ଖର୍ଚ୍ଚାନ୍ତ ହୋଇ ପରୀକ୍ଷଣ କରୁଛନ୍ତି ରୋଗୀ
■୬୩ ପ୍ରକାର ନିଦାନ ନିରୂପଣର ପିଟାଯାଉଛି ଡିଣ୍ଡିମ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଦାନ(ପାଥୋଲୋଜି) ବିଭାଗର ବିଶେଷଜ୍ଞ ନାହାନ୍ତି । ଟେକ୍ନିସିଆନ କରୁଛନ୍ତି ବିଶେଷଜ୍ଞଙ୍କ କାମ । ସିଟି ସ୍କାନ ମେଶିନ୍ ଏଯାବତ ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ । ରୋଗୀ ଭୁବନେଶ୍ୱର ଓ କଟକ ଖର୍ଚ୍ଚାନ୍ତ ହୋଇ ଦୌଡୁଛନ୍ତି । ପାଥୋଲୋଜିରେ କିଡ୍‌ନୀ ଟେଷ୍ଟ ଯନ୍ତ୍ର, ୟୁରିଆ କ୍ରିଏଟିନାଇନ ଯନ୍ତ୍ର ରହିଛି । ହେଲେ କେମିକାଲ ନାହିଁ କହି ରୋଗୀଙ୍କୁ ଅଧିକାଂଶ ସମୟ ଫେରାଯାଉଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ନିଦାନ ବିଭାଗ ପକ୍ଷରୁ ଅଧିକାଂଶ ସମୟ କେମିକାଲ ନାହିଁ, ମେଶିନ ଅଚଳ ଶୁଣିବାକୁ ମିଳୁଛି । ରୋଗୀ ହଟହଟା ହେବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ଅଲ୍‌ଟ୍ରାସାଉଣ୍ଡ ମେଶିନ ଅଛି କିନ୍ତୁ ବିଶେଷଜ୍ଞ ନାହାନ୍ତି । ସପ୍ତାହର ସୋମ, ବୁଧ ଓ ଶୁକ୍ରବାର ଅଲ୍‌ଟ୍ରାସାଉଣ୍ଡ କରାଯାଉଛି । ହେଲେ ସବୁ ରୋଗୀ ସେହି ସୁବିଧା ପାଇ ପାରୁନାହାନ୍ତି । ହାତଗଣତି ଗର୍ଭବତୀ ଏହି ସେବା ପାଉଛନ୍ତି । ଜଣେ ଅବସରପ୍ରାପ୍ତ ମେଡିକାଲ ଅଫିସର ଅଲ୍‌ଟ୍ରାସାଉଣ୍ଡ କରୁଛନ୍ତି । ଅନ୍ୟପକ୍ଷେ ରୋଗୀଙ୍କ ସଂଖ୍ୟା ଅଧିକ ହୋଇଗଲେ ଚିକିତ୍ସାଳୟର ଅଲ୍‌ଟ୍ରାସାଉଣ୍ଡ ମେଶିନ ଉନ୍ନତମାନର ନୁହେଁ କହି ରୋଗୀଙ୍କୁ ବାହାରେ ପରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି । ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ପୁଣି ଥାଇରଏଡ ଟେଷ୍ଟ ହେଉ ନାହିଁ । ଉପରୋକ୍ତ କାମ ପାଇଁ ପିପିପି ମୋଡରେ ନେଇଥିବା ଠିକା ସଂସ୍ଥା ମାସକୁ ତା'ର ପ୍ରାପ୍ୟ ନେଇ ଯାଉଛି । ହେଲେ ସେବାର ଦେଖା ନାହିଁ । ଅନ୍ୟପକ୍ଷେ ୬୩ ପ୍ରକାରର ନିଦାନ ନିରୂପଣ କରାଯାଉଛି ବୋଲି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡିଣ୍ଡିମ ପିଟାଯାଉଛି । ବିଭିନ୍ନ ସମୟରେ ସମୀକ୍ଷା ବୈଠକ କରାଯାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁକିଛି ଠିକ୍ ଚାଲିଛି ବୋଲି କୁହାଯାଇଛି । ପ୍ରକୃତରେ ରୋଗୀ ହସ୍ପିଟାଲରେ ପହଞ୍ଚିଲେ ଉପଯୁକ୍ତ ସେବା ମିଳୁନି । ଡାକ୍ତର ରିସ୍କ ନେବାକୁ ଇଚ୍ଛୁକ ନୁହନ୍ତି । ସାଧାରଣ ରୋଗୀଙ୍କୁ ଗୁରୁତର ଦର୍ଶାଇ କଟକ, ଭୁବନେଶ୍ୱର ରେଫର କରାଯାଉଛି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ୧ଶହ ଶଯ୍ୟାବିଶିଷ୍ଟ ୬ ମହଲା କୋଠା ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣ ଶେଷ ହୋଇଛି । ହେଲେ ଏହା ରୋଗୀଙ୍କ କାମରେ ଲାଗିନାହିଁ । ଉଦ୍‌ଘାଟନ ସମୟ ଗଡାଚାଲିଛି । ବିଭିନ୍ନ ବୈଠକରେ ଜିଲାପାଳ, ସିଡିଏମ୍‌ଓ ୧୦୦ ଶଯ୍ୟାର କୋଠାକୁ ଉଦ୍‌ଘାଟନ କରାଯିବ ବୋଲି କହୁଛନ୍ତି । ହେଲେ ସେହି ତାରିଖ ଅତିକ୍ରମ ହେଉଥିଲେ ମଧ୍ୟ କୋଠାର ଉଦ୍‌ଘାଟନ ହେଉନି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ ଯୋଗାଯୋଗ କରିବାକୁ ସେ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାହା ଅସୁବିଧା ଅଛି ଆମେ ତାକୁ ସମାଧାନ କରିବାକୁ ଚେଷ୍ଟା କରିବୁ ।

# ପିକ୍‌ଅପ୍ ଭ୍ୟାନକୁ ଧକ୍କାଦେଲା ଟ୍ରକ: ଜଣେ ମୃତ, ୫ଗୁରୁତର

ରଣପୁର,୨୬।୨ (ସ୍ୱ.ପ୍ର.)


ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ ।

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଗୌରଚନ୍ଦ୍ରପୁର ଛକ ନିକଟରେ ରବିବାର ଭୋରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଯାଉଥିବା ଟ୍ରକ ଏକ ପିକ୍‌ଅପ୍ ଭ୍ୟାନକୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ କୁକୁଡ଼ାଝରି ଗାଁର ବିରଞ୍ଚି ତାଡ଼ (୪୦) । ଆହତ ଶ୍ରମିକ ହେଲେ ବସନ୍ତ ତାଡ, ସାଗର କୁମାର ତାଡ, ବଳରାମ ପରିଡା, ସର୍ବେଶ୍ୱର ପରିଡ଼ା ଓ ବାସୁଦେବ ପରିଡ଼ା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନା ଅନୁଯାୟୀ, ରବିବାର ଭୋର ପ୍ରାୟ ୫ଟା ସମୟରେ କୁକୁଡ଼ାଝରି ଗାଁର ୬ଜଣ ଶ୍ରମିକ ଢଳେଇ କାମ ପାଇଁ ଏକ ପିକ୍‌ଅପ୍ ଭ୍ୟାନରେ ବାଲୁଗାଁ ଅଭିମୁଖେ ଯାଉଥିଲେ । ଗୌରଚନ୍ଦ୍ରପୁର ଛକ ନିକଟରେ ଏକ ଟ୍ରକ (ନଂ.ଏମଏଚ୍ ୧୧ଏଲ୍ ୫୨୬୦) ପିକ୍‌ଅପ୍ ଭ୍ୟାନ୍(ନଂ.ଓଡ଼ି୦୨ବିପି୦୩୫୫)କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ପିକ୍‌ଅପ୍ ଭ୍ୟାନ୍‌ଟି ରାସ୍ତାର ୫୦୦ ମିଟର ଦୂରକୁ ଛିଟିକି ପଡ଼ିଥିଲା । ଖବର ପାଇ ଚାନ୍ଦପୁର ଥାନା ପୋଲିସ ଓ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଶ୍ରମିକମାନଙ୍କୁ ପ୍ରଥମେ ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଗୌରଚନ୍ଦ୍ରପୁର ଛକରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ସେଠାରେ ଏକ ଓଭର ବ୍ରିଜ ନିର୍ମାଣ ସହ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ଦାବିକରି ସ୍ଥାନୀୟ ଗାଁ ଲୋକେ ସକାଳ ୭ଟାରେ ୧୬ନଂ. ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଥିଲେ । ଖବର ପାଇ ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦପୁର ଥାନା ଅଧିକାରୀ ମୁକେଶ କୁମାର ବେହେରା, ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଏସ୍‌ଆଇ ସଞ୍ଜୟ ପରିଡ଼ା, ଏସ୍‌ଆଇ ଆର୍ତ୍ତତ୍ରାଣ ବେହେରାଙ୍କ ସମେତ ପୋଲିସ ଫୋର୍ସ ଓ ରଣପୁର ତହସିଲଦାର ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ । ମୃତକଙ୍କ ପରିବାର ସଦସ୍ୟଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏନେଇ ଚାନ୍ଦପୁର ଥାନାରେ ଏକ ମାମଲା(ନଂ.୩୨/୨୦୨୩) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ।

## ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ

ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରର ପଶ୍ଚିମମୁଖା ହନୁମାନଙ୍କ ପୀଠରେ ୩୮ ତମ ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ରବିବାର ଆରମ୍ଭ ହୋଇଛି । ଏହି ଅବସରରେ ମାନସିକଧାରୀ ମହିଳା ଓ ପୁରୁଷମାନେ ଜଳାଶୟରୁ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରା ସହର ପରିକ୍ରମା କରି ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ କଳସୀଗୁଡିକୁ ସ୍ଥାପନ କରିଥିଲେ । ୯ଦିନ ବ୍ୟାପୀ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୭ ତାରିଖରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ଏନ୍‌ଏସି କର୍ମଚାରୀଙ୍କ ପରଲୋକ

ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ଏନ୍‌ଏସିର ଅସ୍ଥାୟୀ କର୍ମଚାରୀ ଲକ୍ଷ୍ମଣ ଦାସ(୩୬)ଙ୍କ ଯକ୍ଷ୍ମା ରୋଗରେ ପରଲୋକ ଘଟିଛି । ଗତ ୫ ଦିନ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଚାନ୍ଦପୁରସ୍ଥିତ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଲକ୍ଷ୍ମଣଙ୍କ ଅକାଳ ବିୟୋଗରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଓ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।


@ ଆଦିତ୍ୟ


@ ଅସିତ୍


@ ଦେବୀପ୍ରସାଦ


@ ଦୀପକ


@ ରାକେଶ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ବିଜୁବାବୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ନୟାଗଡ଼ ଅଫିସ,୨୬।୨

ମାର୍ଚ୍ଚ ୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ହେବ । ଏଥିପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଦଳୀୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଜୁ ଜନତା ଦଳର ସଙ୍ଗଠନକୁ ମଜଭୁତ କରାଯିବା ଉପରେ ଆଲୋଚନା ହୋଇଥିଲା । ନୟାଗଡ଼ ବିକାଶରେ କୌଣସି ବୁଝାମଣା କରାଯାଇ ପାରିବ ନାହିଁ । ନିର୍ବାଚିତ ପ୍ରତିନିଧି ଓ ପର୍ଯ୍ୟବେକ୍ଷକମାନେ ଦଳ ପକ୍ଷରୁ ଦିଆଯାଇଥିବା ୨୧ ସୂତ୍ର କାର୍ଯ୍ୟକ୍ରମକୁ ଦୁଇ ସପ୍ତାହ ମଧ୍ୟରେ ଶେଷ କରିବାକୁ କହିଥିଲେ । ବିରୋଧୀଙ୍କୁ ମୁହଁତୋଡ଼ ଜବାବ ଦେବା ପାଇଁ ସମୟ ଉପନୀତ ହୋଇଛି । ଏଥିପାଇଁ ଭୋଟରଙ୍କ ପାଖରେ ଠିକ ତଥ୍ୟ ଉପସ୍ଥାପନ କରିବା ପାଇଁ କର୍ମୀଙ୍କୁ ବିଧାୟକ ଆହ୍ୱାନ ଦେଇଛନ୍ତି । ତେବେ ଜନପ୍ରତିନିଧି ଆଚରଣ, ଉଚ୍ଚାରଣ ଓ ବ୍ୟବହାର ଠିକ ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ବିଧାୟକ କହିଥିଲେ । ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ପାଳନ କରାଯିବା ଉପରେ ବିଧାୟକ ଆଲୋଚନା କରିଥିଲେ । ୫ ତାରିଖ ଅପରାହ୍ନ ୪ଟାରେ ଦୁର୍ଗାମଣ୍ଡପଠାରେ ଜୟନ୍ତୀ ସଭା ଅନୁଷ୍ଠିତ ହେବାକୁ ନିଷ୍ପତ୍ତି କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ବ୍ଲକ ବିଜେଡି ସଭାପତି ସୂଲ୍ୟ ନାରାୟଣ ଚୌଧୁରୀ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର,ସୁବାସ ଚନ୍ଦ୍ର କହଁର, ଆଶିଷ ଅଗ୍ରୱାଲ, ସରୋଜ ରଣସିଂହ,ଝିଲି ଦଳବେହେରା, ବିରଜା ଲକ୍ଷ୍ମୀ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୫ ଶହ ଦଳୀୟ କର୍ମୀ ଯୋଗ ଦେଇଥିଲେ । ନାଟୁଗାଁ ପଞ୍ଚାୟତ ୧୦ ଜଣ ଭାଜପା କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ନୟାଗଡ଼ ବିଧାୟକ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ ।



ପ୍ରସ୍ତୁତି ବୈଠକରେ ନୟାଗଡ଼ ବିଧାୟକ ଓ ଅନ୍ୟମାନେ ।

# ନବ କ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ଅଧିବେଶନ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ନବ କ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୮୫ ତମ ବାର୍ଷିକ ସାଧାରଣ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ୨ଦିନିଆ ଅଧିବେଶନ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ରବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଶନିବାର ଆରମ୍ଭ ହୋଇଥିଲା । ଏହି ବୈଠକର ପ୍ରଥମ ଅଧିବେଶନରେ ସର୍ବସମ୍ମତି କ୍ରମେ ଅନୁଷ୍ଠାନର ପରିଚାଳନା କମିଟି ଗଠନ କରାଯାଇଥିଲା । ନୂତନ ସଭାପତି ଭାବେ ଶରତ କୁମାର ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଉପ ସଭାପତି ମାନସ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧକ୍ଷ ତ୍ରିନାଥ ସାହୁ, ଶିକ୍ଷା ସମ୍ପାଦକ ରାମଚନ୍ଦ୍ର ସାହୁ, ଅର୍ଥ ସମ୍ପାଦକ ସୁରେଶ କୁମାର ସାହୁ ଏବଂ ସମୀକ୍ଷକ ଭାବେ ବସନ୍ତ କୁମାର ସାହୁଙ୍କୁ ଚୟନ କରାଯାଇଛି । ଶନିବାର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତ୍ରିନାଥ ସାହୁଙ୍କ ଦ୍ୱାରା କୌଳିକ ପତାକା ଉତ୍ତୋଳନ କରାଯାଇ ସଙ୍ଗୀତ ଗାନ କରାଯାଇଥିଲା । ସନ୍ଧ୍ୟା ପ୍ରାୟ ୬ଟାରେ ଗ୍ରାମ୍ୟ ପରିକ୍ରମା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ ବୈଠକରେ ସମାଜର ଦୁଃସ୍ଥ, ନିରୀହମାନଙ୍କୁ ଆଗକୁ ନେବାକୁ ଆହ୍ୱାନ ଦିଆଯାଇ ଥିବା ବେଳେ, ଗରୀବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରିବା, ଅସହାୟ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରାଯିବା ସହ ଜାତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମାଜରେ ଭାଇଚାରା ରଖି ଶୃଙ୍ଖଳିତ ଜୀବନଯାପନ କରିବାକୁ ସମାଜ ପକ୍ଷରୁ ନିବେଦନ କରାଯାଇଥିଲା । ନୂତନ କର୍ମକର୍ତ୍ତା ଚୟନ ପୂର୍ବରୁ କୁନିକୁନି ପିଲାମାନଙ୍କ ଦ୍ୱାରା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ନୂତନ ପରିଚାଳନା କମିଟି ଗଠିତ

ନୂତନ ପରିଚାଳନା କମିଟିର ସଦସ୍ୟମାନଙ୍କୁ ସମାଜର କର୍ମକର୍ତ୍ତାମାନେ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ । ଉଦ୍‌ଯାପନୀ ଦିବସରେ ଅନ୍ୟତମ ଅତିଥି ଭାବେ ପଥରଚକଡା ସରପଞ୍ଚ ଶିବାନୀ ଦାସ, ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆ, ସାମାଜିକ କର୍ମୀ ଅଭିଳାଷ ପଣ୍ଡା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

## ସୁରକ୍ଷା ପ୍ରାଚୀର ନିର୍ମାଣ ଦାବି

ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ମେଳଣ ପଡ଼ିଆରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବିପଦର କାରଣ ପାଲଟିଛି । ମେଳଣ ପଡିଆର ପ୍ରବେଶ ପଥ ପାର୍ଶ୍ୱରେ ଥିବା ଏହି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନାହିଁ । ଏଥିପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ମେଳଣ ପଡ଼ିଆରେ ଦଶଦୋଳ ଯାତ୍ରାଠାରୁ ଆରମ୍ଭ କରି ଖଳିସାହି ମହୋତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ସେହି ପଡ଼ିଆରେ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାଏ ।

# ମାମଲାରେ ଅଟକିଲା କାର୍ଯ୍ୟାନୁଷ୍ଠାନ

ନୟାଗଡ଼ ଅଫିସ,୨୬।୨

■ଦଳିତ ମହିଳାଙ୍କୁ ଅମିନଙ୍କ ଜାତିଆଣ ଆକ୍ଷେପ ପ୍ରସଙ୍ଗ
■୨୦ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ଦୁର୍ବ୍ୟବହାର

ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ଜଣେ ମହିଳାଙ୍କୁ ଗଣିଆ ତହସିଲର ଅମିନ ଜାତିଆଣ ଆପେକ୍ଷ କରିବା ସହ ଦୁର୍ବ୍ୟବହାର କରିଥିଲେ । ଏ ସଂକ୍ରାନ୍ତରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଇଟାଭାଟି ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ସମ୍ପୃକ୍ତ ମହିଳାଙ୍କୁ ଅମିନ ଦୁର୍ବ୍ୟବହାର କରିବା ସହ ଜାତିଆଣ ପ୍ରସଙ୍ଗ ଉଠାଇଥିଲେ । ନ୍ୟାୟ ନ ମିଳିଲେ ଦଳିତ ମହିଳା ତହସିଲ ଅଫିସ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

ପତଣ୍ଡା ଗାଁର ବିଳାସିନୀ ନାୟକଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ବଲ୍ଲଭ ନାୟକଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି । ଆବାସ ଯୋଜନାରେ ଘର କରିବା ପାଇଁ ଇଟା ପକାଇବା ପାଇଁ ଆରଆଇଙ୍କ ଅନୁମତି ପାଇଁ ବିଳାସିନୀ ପୁଅକୁ ଆରଆଇ ଅଫିସକୁ ପଠାଇଥିଲେ । ଆରଆଇ ଅନୁପସ୍ଥିତ ଥିବାବେଳେ ଗଣିଆ ତହସିଲର ଅମିନ ସୁଦୀପ ପଟ୍ଟନାୟକ ସେଠାରେ ଉପସ୍ଥିତ ଥିଲେ । ଇଟା ପକାଇବାକୁ ରସିଦ୍ କାଟିବାକୁ ଆସିଥିବା ପୁଅ କହିବାରୁ ରସିଦ୍ ଦରକାର ନାହିଁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ଅମିନ କହିଥିଲେ । ଲାଞ୍ଚ ଦେବାକୁ ଅସହାୟତା ପ୍ରକାଶ କରିବା ପରେ ଆବାସ ଯୋଜନାରେ ଘର କରି ପାରିବ ନାହିଁ କହିଥିଲେ । ତହସିଲଦାରଙ୍କୁ କହି ସରକାରୀ ଜମିରୁ ଘର ଭାଙ୍ଗି ଦେବେ ବୋଲି ଧମକ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଇଟା ପକାଇବା ପରେ ଅନୁମତି ନ ନେଇ ଇଟା କିପରି ପକାଉଛ କହି ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ଏନେଇ ଗତ ୧୩ ତାରିଖରେ ବିଳାସିନୀ ଗଣିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୯୪ ଓ ୫୦୬ ଆଇପିସି, ୩(ଆଇ)(ଆର)/୩(୨)(ଆଇ)(ଏସ), ଏସସିଏସଟି ଆକ୍ଟରେ ଏକ ମାମଲା(ନଂ.୧୭/୨୦୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଅମିନଙ୍କୁ ସୁରକ୍ଷା ଦେଉଥିବା ବିଳସିନୀ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ଶଶିକାନ୍ତ ବ୍ଲକ ଯୁବ କଂଗ୍ରେସ ସଭାପତି

ପାଟକୁରା,୨୬।୨(ଡି.ଏନ.ଏ.): ଗରଦପୁର ବ୍ଲକ ଯୁବ କଂଗ୍ରେସ ସଭାପତି ଭାବେ ଶଶିକାନ୍ତ ପାଣି ମନୋନୀତ ହୋଇଛନ୍ତି।



ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ବି. ବି. ଶ୍ରୀନିବାସଙ୍କ ଅନୁମୋଦନକ୍ରମେ ଶଶିକାନ୍ତଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଶଶିକାନ୍ତ ବିଭିନ୍ନ ଯୁବ ସଙ୍ଗଠନ ସହ ଜଡ଼ିତ ଥିଲେ। ସଭାପତି ହେବା ପରେ ପାଟକୁରା ନିର୍ବାଚନ ମଣ୍ଡଳୀ ଓ ଗରଦପୁର ବ୍ଲକ ଯୁବ କଂଗ୍ରେସ ସହ ବ୍ଲକ କଂଗ୍ରେସ ସଙ୍ଗଠନ ମଧ ମଜଭୁତ ହେବ ବୋଲି କଂଗ୍ରେସ କର୍ମୀ, ଶୁଭେଚ୍ଛୁଙ୍କ ମନରେ ଆଶା ଓ ସଂକଳ୍ପ ସୃଷ୍ଟି ହୋଇଛି। ତେବେ ସେ ଦାୟିତ୍ୱ ନେବା ପରେ ବ୍ଲକର ଯୁବତୀଯୁବକମାନଙ୍କୁ ଏକଜୁଟ କରି ବିରୋଧୀଙ୍କ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଶଶିକାନ୍ତ ନିଜର ପ୍ରତିକ୍ରିୟାରେ କହିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ତେବେ ଶଶିକାନ୍ତ ମନୋନୀତ ହୋଇଥିବା ନେଇ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ରଞ୍ଜନ ପରିଜା, କୁମାର ପାଣି, ବରିଷ୍ଠ ଜିଲା ସମ୍ପାଦକ ନିରଞ୍ଜନ ରାଉତ, ରମାକାନ୍ତ ସ୍ୱାଇଁ, ଶଙ୍କର୍ଷଣ ମଲ୍ଲିକ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଆସନ୍ତା ସାଧାରଣ ନିର୍ବାଚନରେ ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ପାଟକୁରାରେ କଂଗ୍ରେସ ବିଜୟ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଡିଏଭି ପବ୍ଲିକ ସ୍କୁଲ, ଆଇଟିଆଇ କଲେଜର ବାର୍ଷିକ ଉତ୍ସବ

ରାଜନଗର, ୨୬।୨(ଡି.ଏନ.ଏ.) : ରାଜନଗର ବ୍ଲକ ମଲ୍ଲିଆବୁଦାସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଓ ବାମନ ଦାସ ଆଇଟିଆଇ କଲେଜର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାମନ ଦାସ ଆଇଟିଆଇ କଲେଜର ଅଧକ୍ଷ ଇଂ. କ୍ଷୀରୋଦ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନରତ ପିଲାମାନଙ୍କୁ ସୁନାଗରିକ ଭାବେ ଗଢି ତୋଳିବାକୁ ବିଭିନ୍ନ ପୌରାଣିକ କଥା ବସ୍ତୁକୁ ଆଧାର କରି ମା' ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କଲେ ଶିଶୁଟିଏ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ଜେନା, ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାହୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ବର୍ଷାରାଣୀ ହାତି, ପୂଜାରାଣୀ ନାୟକ, ଭାଗ୍ୟଶ୍ରୀ ରାଉତ, ସୋନାଲି ରାଉତ, ପ୍ରଜ୍ଞା ସାମଲ, ଉମେଶ କୁମାର ବେହେରା, ଇଂ. ଅନନ୍ତ କିଶୋର ବଳ, ସ୍ମୃତି ରଂଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାରତର ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭିତରକନିକା

ରାଜନଗର, ୨୬।୨(ଡି.ଏନ.ଏ.)

ପ୍ରକୃତିର ବିସ୍ମୟ ଭିତରକନିକା। ୬୭୨ବର୍ଗ କିମି ବ୍ୟାପ୍ତ ଭିତରକନିକା ଅଭୟାରଣ୍ୟ ଓ ୧୪୫ ବର୍ଗ କିମି ବିଶିଷ୍ଟ ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ପ୍ରକୃତି ପ୍ରେମୀ, ପରିବେଶବିତ୍, ଜୀବ ବିଜ୍ଞାନୀ, ପକ୍ଷୀ ବିଷାରଦମାନଙ୍କୁ ସବୁ ସମୟରେ ଆକୃଷ୍ଟ କରି ଆସିଛି। ଜୈବ ବିବିଧତା ପାଇଁ ଭିତରକନିକାକୁ ଆନ୍ତର୍ଜାତିକ ରାମସାର ସାଇଟର ମାନ୍ୟତା ମିଳିଛି। ଭାରତରେ ଥିବା ପ୍ରାକୃତିକ ପରିବେଶସ୍ଥଳ ମଧ୍ୟରେ ଭିତରକନିକା ଜାତୀୟ ସ୍ତରରେ ଶ୍ରେଷ୍ଠ ଭାବେ ବିବେଚିତ ହୋଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଇଣ୍ଡିଆଟୁଡେ ପର୍ଯ୍ୟଟନ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଯୋଗଦେଇ ଭାରତର ବିଭିନ୍ନ ପର୍ଯ୍ୟଟନର ବିକାଶ ଉପରେ ମତ ରଖିଥିଲେ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ୩ ଟି ବର୍ଗକୁ ସମ୍ମାନିତ କରାଯରାଇଥିଲା। ଶ୍ରେଷ୍ଠ ପାର୍ବଣ ସ୍ଥଳ ଭାବେ ପୁରୀ ରଥଯାତ୍ରା, ଶ୍ରେଷ୍ଠ ଆଇକନିକ ସ୍ଥଳ ଭାବେ କୋଣାର୍କ ଏବଂ ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭାବେ ଭିତରକନିକା ପୁରସ୍କାରକୁ ରାଜ୍ୟ ପର୍ଯ୍ୟଟନ ସଚିବ ସଚ୍ଚିନ ରାମଚନ୍ଦ୍ର ଯାଦବ ଗ୍ରହଣ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭାବେ ଜାତୀୟ ସ୍ତରରେ ଚୟନ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି।

ବଙ୍ଗୋପସାଗର ତଟବର୍ତ୍ତୀ ବ୍ରାହ୍ମଣୀ, ବୈତରଣୀ ଏବଂ ଖରସ୍ରୋତା ତ୍ରିକୋଣ ଭୂମିରେ ପ୍ରକୃତିର ଗନ୍ତାଘର ବିଶ୍ୱପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ଏବଂ ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲ ସାଙ୍ଗକୁ ଏହାର ପ୍ରାକୃତିକ ବିଭବ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି। ଏହାସହ ଭିତରକନିକାରେ ପ୍ରବାହିତ ନଦୀ ନାଳରେ ପ୍ରାକୃତିକ ଭାବେ ବସବାସ କରୁଥିବା ବଉଳା କୁମ୍ଭୀର, ବିଶେଷକରି ଏଥିରେ ବସବାସ କରୁଥିବା ଶଙ୍ଖୁଆ ଧଳା କୁମ୍ଭୀର ପର୍ଯ୍ୟଟକ ଓ ଗବେଷକମାନଙ୍କୁ ଆନମନା କରିଦିଏ। ଗହୀରମଥାର ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଲୀଳାଖେଳା ଓ ସମୂହ ଅଣ୍ଡାଦାନ ପ୍ରକ୍ରିୟା ସମଗ୍ର ବିଶ୍ୱରେ ବିରଳ। ପ୍ରାକୃତିକ ବିପର୍ଯ୍ୟୟବେଳେ ସାଗର ତଟବର୍ତ୍ତୀ ପ୍ରାଚୀର ଭାବେ ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେଇ ଆସୁଥିବା ହେନ୍ତାଳ ବଣ ଏବଂ ଏଥିରେ ବସବାସ କରୁଥିବା ନାନା ପ୍ରକାର ଜୀବଜନ୍ତୁ ପାଇଁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଭିତରକନିକାର ବିଶ୍ୱର ଶ୍ରେଷ୍ଠ ବନ୍ୟଜୀବ ସ୍ଥଳ ଭାବେ ମାନ୍ୟତା ମିଳିବା ନିଶ୍ଚିତ ଭାବେ କେବଳ ରାଜନଗର ନୁହେଁ, ସମଗ୍ର ରାଜ୍ୟ ପାଇଁ ଗୌରବର ଗାଥା କହିଲେ ଅତ୍ୟୁକ୍ତି ହେବନାହିଁ।

# ପାରାଦୀପକୁ ହରାଇ ସେମିରେ ଯାଜପୁର



ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ରାଜନଗର, ୨୬।୨(ଡି.ଏନ.ଏ.)

### ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡ଼ିଆଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଜାଗୁଲାଇ ଆଥ୍‌ଲେଟିକ କ୍ଲବ ଯାଜପୁର ପାରାଦୀପକୁ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଯାଜପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରି ପରାଜିତ ହୋଇଥିଲା। ଯାଜପୁର ଟିମ୍‌ର ଦିବାକର କର ୪ ଓଭର ବୋଲିଂ କରି ୨୫ ରନ୍ ଦେଇ ୨ ଉଇକେଟ ହାସଲ କରିଥିଲେ। ଦିବାକର କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟିର ସଭାପତି ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଖବରଦାତା ଭାସ୍କର ରାଉତରାୟ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି, ସଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ଗୁରୁଚରଣ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ରଞ୍ଜନ ପାତ୍ର, ନବ ମହାପାତ୍ର ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଭାଷ୍ୟକାର ଭାବେ ସୁଧୀର ବେହେରା, ସ୍ମୃତି ରଞ୍ଜନ ସିଂହ, ସ୍କୋରର ଭାବେ ଅରୁଣ ନାଥ, ଜଗନ୍ନାଥ ଭାବେ ଓ ପବିତ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ। ସୋମବାର ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ସହ ବରୀ ଇଲେଭେନ ଯାଜପୁର ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ।

# ଧୈର୍ଯ୍ୟ, ପରିଶ୍ରମ, ଆତ୍ମବିଶ୍ୱାସ ବଳରେ ଜଣେ ସଫଳ ହୁଏ

ଆଳି, ୨୬।୨(ଡି.ଏନ.ଏ.)

ଧୈର୍ଯ୍ୟ, ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ସ୍ଥାନୀୟ ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱୟର ବାର୍ଷିକ ଉତ୍ସବରେ ଅତିଥିମାନେ କହିଛନ୍ତି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ରମାନେ ଅଧ୍ୟବସାୟୀ ହେବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ଯେତେ ଅଧିକ ଜାଣିବେ ତାଙ୍କର ଅଭିଜ୍ଞତା ସେହି ପରିମାଣରେ ବୃଦ୍ଧି ପାଇବ। ମୁଖ୍ୟ ବକ୍ତା ଭାବେ ଆଳି ମହାବିଦ୍ୟାଳୟ ଅଧକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ନୂତନ ଶିକ୍ଷାନୀତିରେ କିଭଳି ଭାବେ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦିଆଯିବ ସେ ବିଷୟରେ କହିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଛାତ୍ରୀଛାତ୍ରମାନେ ପାଠ ସହ ଖେଳକୁଦ, ନୃତ୍ୟ, ସଙ୍ଗୀତ, ନାଟକ ପାଇଁ ମଧ ଅନୁକୂଳ ପରିବେଶ ଓ ପରିସ୍ଥିତି ପାଇପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିଚାଳନା ପରିଷଦ ସଭାପତି ବନମାଳୀ ସେନାପତି କହିଥିଲେ, ପିଲାମାନେ ଧୈର୍ଯ୍ୟ ଧରି ପରିଶ୍ରମ କରିବା ସହ ଆତ୍ମବିଶ୍ୱାସ ସହକାରେ କାମ କଲେ ସଫଳତାର ଶୀର୍ଷକୁ ଛୁଇଁପାରିବେ। ଏହା ଜଣେ ସଫଳ ଛାତ୍ରୀଛାତ୍ରର କାର୍ଯ୍ୟ ଉପରେ ନିର୍ଭର କରେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ମହାନ୍ତି କହିଥିଲେ, ଶିଷ୍ଟାଚାର ହେଉଛି ଜଣେ ସଫଳ ଛାତ୍ରୀଛାତ୍ରଙ୍କ ଉତ୍ତମ ଲକ୍ଷଣ। ଯେଉଁଭଳି ଏହାକୁ ପାଳନ କରିବେ ସେହିପରି ଲାଭ ପାଇବେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ମଲ୍ଲିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ଶେଷରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଜିଲା ଯୋଜନା ବୋର୍ଡ ସଦସ୍ୟଙ୍କୁ ଧୋୟାଅଞ୍ଚଳରେ ସମ୍ବର୍ଦ୍ଧନା

ଆଳି,୨୬।୨(ଡି. ଏନ. ଏ )

ଆଳି ଗୋବିନ୍ଦପୁର ସମବାୟ ସମିତିର ସଭାପତି ଧନରଞ୍ଜନ ବୋଷ କେନ୍ଦ୍ରାପଡ଼ା ଜିଲା ଯୋଜନା ବୋର୍ଡ ସଦସ୍ୟ ହେବା ପରେ ଧୋୟାଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ଅବସରରେ ରବିବାର ଗୋବିନ୍ଦପୁରଠାରେ ବୋଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମାଳୟା ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଯୋଜନା ବୋର୍ଡ ସଦସ୍ୟ ବୋଷ, ଆଳି ବ୍ଲକ ଆମ୍ବା କମିଟି ଅଧକ୍ଷ ଲକ୍ଷ୍ମୀଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ କନକଲତା ବେହେରା, ଗୋବିନ୍ଦପୁର ସରପଞ୍ଚ ସୀମାରାଣି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବୋଷ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ତାଙ୍କୁ ଯେଉଁ ପଦବୀ ମିଳିଛି ସେଥି ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧୋୟାଅଞ୍ଚଳର ପ୍ରତ୍ୟେକ ଜନସାଧାରଣଙ୍କ ସୁଖ ଦୁଃଖରେ ସେ ଜଡିତ ଥିବା ବେଳେ କୃଷି ଓ କୃଷକର ଉନ୍ନତି ନିମନ୍ତେ ଏବେ ସେ ଗୋବିନ୍ଦପୁର ସମବାୟ ସମିତିର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି ତାହାକୁ ସେ କରିବାକୁ ପ୍ରସ୍ତୁତ। ଜିଲା ଯୋଜନା ବୋର୍ଡ ମାଧମରେ ଆଳି ଅଞ୍ଚଳ ନିମନ୍ତେ ଯାହା କିଛି ଆବଶ୍ୟକ ତାହା ସେ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଏହାକୁ ମନୋଜ ଦାସ, ବାଦଲ ଧଳ, ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ସ୍ୱାଇଁ, ପ୍ରଶାନ୍ତ ସାମଲ, ହରେକୃଷ୍ଣ ଧଳ, ବିକାଶ ସାମଲ, ମିଟୁ ପ୍ରଧାନ, ରତନ ଧଳ, ପ୍ରକାଶ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ।

### ମଲିକେଶ୍ୱରୀ ପୀଠରେ ନାମଯଜ୍ଞ

ରଘୁନାଥପୁର,୨୬।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ମା'ମଲିକେଶ୍ୱରୀଙ୍କ ପୀଠରେ ଚାଲିଥିବା ୮ମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଶେଷ ହୋଇଯାଇଛି। ଶୁକ୍ରବାର ମା'ମଲିକେଶ୍ୱରୀଙ୍କ ପୂଜା ନୀତୀ କରାଯାଇ ରାତିରେ ମହନଦୀରୁ କଳସୀରେ ପାଣିଆଣି ଘଟ ସ୍ଥାପନ କରାଯାଇଥିଲା। ପରଦିନ ବଡ଼ିଭୋରୁ ନାମଯଜ୍ଞ ଆରମ୍ଭ ହୋଇ ରବିବାର ଶେଷ ହେବା ପରେ ନଗର କୀର୍ତ୍ତନ କରାଯାଇ ଦହି ହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ଗ୍ରାମବାସୀ ବିଭିନ୍ନ ଗ୍ରାମକୁ ନଗର କୀର୍ତ୍ତନରେ ଯାଇ ହରି ରସାମୃତ ଗାନ କରିଥିଲେ।

## ରାସ୍ତା କାର୍ଯ୍ୟ ନିମ୍ନମାନ ଦେଖି ବିଧାୟକଙ୍କ କ୍ଷୋଭ



ଅଧିକାରୀଙ୍କ ସହ ବିଧାୟକ ରାସ୍ତା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି।

ବଡ଼ଚଣା, ୨୬।୨(ଡି.ଏନ୍.ଏ)

ବଡ଼ଚଣା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଦର୍ପଣ ପର୍ଯ୍ୟନ୍ତ ରାସ୍ତାର କାର୍ଯ୍ୟ ଚାଲୁ ରହିଛି। ଉକ୍ତ ରାସ୍ତା କାର୍ଯ୍ୟ ପାଇଁ ୭କୋଟି ୪୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଠିକାଦାର କେବେ ମଧ ଏହି ରାସ୍ତା କାମ ଦେଖିବାକୁ ଆସୁନାହାନ୍ତି କିମ୍ବା ବିଭାଗୀୟ ଅଧିକାରୀଙ୍କ ସହିତ ସମ୍ପର୍କ ରଖୁନାହାନ୍ତି। କେତେକ ସୁପରଭାଇଜରଙ୍କ ଦ୍ୱାରା କାର୍ଯ୍ୟ ଚଳାଇଛନ୍ତି। ବଡ଼ଚଣାଠାରୁ ଧାନମଣ୍ଡଳ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ପିଚୁ ଉଠିବା ଆରମ୍ଭ ହୋଇଗଲାଣି। ଅପରପକ୍ଷରେ ଧାନମଣ୍ଡଳ କୁମାର ସାହିଠାରୁ ଖୋସାଲିପୁର ଆଦିବାସୀ ବସ୍ତି ନିକଟରେ ଠିକାଦାର ରାସ୍ତା କଡ଼ରେ ବିରାଟ ଗାତ କରି ସେଠାରୁ ମୋରମ ଉଠାଇ ରାସ୍ତା ଉପରେ ପକାଉଛନ୍ତି। ଚଣ୍ଡିଖୋଲ ଡାକବଙ୍ଗଳାଠାରୁ ମହାବିନାୟକ ପର୍ଯ୍ୟନ୍ତ ହେଉଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର। ରାସ୍ତାକଡ଼ରେ ନିୟମ ମୁତାବକ ଦେଢ଼ଫୁଟ ଖୋଳାଯାଇ ସେଥିରେ ବାଲି, ମେଟାଲ ଓ ଚିପ୍‌ସ ଦେଇ ପ୍ୟାକିଂ କରିବା କଥା। ମାତ୍ର ଠିକାଦାର ତାହା ନ କରି ସାମାନ୍ୟ ଖୋଳି ସେଥିରେ ନିମ୍ନମାନର ଚିପ୍‌ସ ଦେଇ ରାସ୍ତାକାମ କରୁଛନ୍ତି। ଶନିବାର ବିଧାୟକ ଅମର ପ୍ରସାଦ ଶତପଥୀ ଏହି ରାସ୍ତାରେ ଯାଉଥିବାବେଳେ ରାସ୍ତା କାମ ଦେଖି ନାପସନ୍ଦ କରିଥିଲେ। ତେଣୁ ରବିବାର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଡାକିଥିଲେ ମାତ୍ର ଠିକାଦାର ନ ଆସି ସୁପରଭାଇଜରଙ୍କୁ ପଠାଇଥିଲେ। ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଜେନା ଉପସ୍ଥିତ ଥିଲେ। ବିଧାୟକ ଶତପଥୀ କାର୍ଯ୍ୟ ନିମ୍ନମାନର ହେଉଛି ଏବଂ ଠିକ୍ ଭାବେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ଯଜ୍ଞେନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ଯଯାତି କେଶରୀ ରାଉତ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି ଓ ଯୁବ ସାମାଜିକ କର୍ମୀ ମିହିର ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ଶିବିର

ବଡ଼ଚଣା,୨୬।୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ୩ଦିନିଆ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୪ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୩ ଜିଲାର ୨୪ଟି ମହାବିଦ୍ୟାଳୟରୁ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୧୦ଜଣ ପ୍ରଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. କେଦାର ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର ଜିଲା ପ୍ରୋଗ୍ରାମିଂ ଅଫିସର ସୁଦୀପ୍ତ ବିଶ୍ୱାଳ, ମହେନ୍ଦ୍ର ମହାପାତ୍ର ଓ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧ୍ୟାପକ ନିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାଗନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟ ସଂଯୋଜିକା କବିତା ସାହୁ ଧନ୍ୟବାଦ ଦେଇଥିଲେ।

## ବଂଶୀଧରଙ୍କ ସାମାଜିକ କର୍ମ ସମସ୍ତଙ୍କ ପାଇଁ ଆଦର୍ଶ

କେନ୍ଦ୍ରାପଡ଼ା ଅଫିସ, ୨୬।୨

ସମାଜ ପାଇଁ ଅବଦାନ ଥିବା ବ୍ୟକ୍ତି ସର୍ବଦା ମନେପଡ଼ନ୍ତି। ତାଙ୍କର କର୍ମ ଇହଦୁନିଆରେ କେବେ ହେଲେ ମରିବାକୁ ଦେଇ ନ ଥାଏ। ଏପରି ବ୍ୟକ୍ତି ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ କଳପଡ଼ା ପଞ୍ଚାୟତ ଶାମଗୁଡିଆ ଗାଁର ବଂଶୀଧର ଦାଶ ବୋଲି ଶନିବାର ସ୍ମୃତିସଭାରେ ଅତିଥିମାନେ ସ୍ମୃତିଚାରଣ କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ବଂଶୀଧରଙ୍କ ୭୮ ବର୍ଷରେ ଗତ ୧୪ ତାରିଖରେ ପରଲୋକ ହୋଇଥିଲା। ଦ୍ୱାଦଶାହ ତିଥି ଅବସରରେ ବୀରସ୍ୱତିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ଦାଶଙ୍କ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରତିରେଖା ସ୍ୱାଇଁ, ସମିତିସଭ୍ୟ ଶିବପ୍ରସାଦ ସାହାଣି, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ, ଜିଲା ପରିଷଦ ସଭ୍ୟ ଶକ୍ତିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମକୁ ଅନିଲ ଦାଶ, ପ୍ରତୀକ ଅନୁରାଗ ଦାଶ ପ୍ରମୁଖ ପରିଚାଳନା କରିଥିଲେ।



ସ୍ମୃତି ସଭାରେ ଉପସ୍ଥିତ ଅତିଥିମାନେ।

# ସପକ୍ଷବାଦୀଙ୍କ ପାଇଁ ଭୋଜି ଆସର

କଳିଙ୍ଗନଗର,୨୬।୨(ଡି.ଏନ.ଏ.):

### ମିଶ୍ରି ଲାଲ କାରଖାନା ସମ୍ପ୍ରସାରଣ ପାଇଁ ୨୮ରେ ଜନଶୁଣାଣି

କଳିଙ୍ଗନଗର ଶିଳ୍ପାଞ୍ଚଳର ମିଶ୍ରି ଲାଲ କାରଖାନା ସମ୍ପ୍ରସାରଣ ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଆସନ୍ତା ୨୮ ତାରିଖରେ ଜେସିଡିଏଲ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ସରକାର ଓ ସମ୍ପୃକ୍ତ ସଂସ୍ଥା ସେହି ଅଞ୍ଚଳରେ ବ୍ୟାପକ ପ୍ରଚାର ପ୍ରସାର କରାଇବା କଥା। ହେଲେ ଶୁଣାଣି ପାଇଁ ଆଉ ଗୋଟିଏ ଦିନ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚାର ପ୍ରସାର କରିନାହାନ୍ତି। ଫଳରେ ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲାଗି ରହିଛି। ଅନ୍ୟପକ୍ଷରେ କମ୍ପାନୀର ସପକ୍ଷବାଦୀଙ୍କ ପାଇଁ ବାଘବାହାଳି ବଙ୍ଗଳାଛକ ନିକଟରେ ନିର୍ମିତ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନୂଆ କାର୍ଯ୍ୟାଳୟ ପରିସରରେ ଭୋଜିଭାତର ଆସର କରାଯାଇଛି। ଜନଶୁଣାଣିର ରାୟକୁ ନିଜ ପକ୍ଷରେ ନେବା ପାଇଁ ତହସିଲ ପ୍ରଶାସନ, କାରଖାନା କର୍ତ୍ତୃପକ୍ଷ ଓ ପୋଲିସ ମଧ୍ୟରେ ଅସାଧୁ ମେଣ୍ଟ ହୋଇଥିବା ଅଭିଯୋଗ ହୋଇଛି।

କାରଖାନାରୁ ନିର୍ଗତ ଧୂଳି, ଧୂଆଁ, ପ୍ରଦୂଷଣରୁ ମୁକ୍ତି ପାଇଁ ଅଞ୍ଚଳବାସୀ ବହୁ ସମୟରେ ପ୍ରଶାସନ ପାଖରେ ଅଭିଯୋଗ କରୁଛନ୍ତି। ସରକାର ଇଡ୍‌କୋ ମାଧ୍ୟମରେ ବ୍ରହ୍ମଣୀ ନଦୀରୁ ପାଇପ ଯୋଗେ କାରଖାନାକୁ ଆବଶ୍ୟକ ପାଣି ଯୋଗାଉ ଥିଲେ ମଧ ମିଶ୍ରିଲାଲ କର୍ତ୍ତୃପକ୍ଷ କାରଖାନା ପାଇଁ ନଦୀରୁ ପାଣି ନ ନେଇ ଗଭୀର ନଳକୂପ ଖନନ କରି ପାଣି ବ୍ୟବହାର କରୁଥିବାରୁ ଅଞ୍ଚଳରେ ପିଇବା ଜଳର ଘୋର ଅଭାବ ଦେଖାଦେଇଛି। ଏଥିପାଇଁ କୂଅ, ପୋଖରୀ, ନଳକୂପରୁ ପାଣି ସବୁ ଶୁଖିଯାଉଛି। କାରଖାନାର ଏତାଦୃଶ୍ୟ ବେଆଇନ କାର୍ଯ୍ୟରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ପଙ୍କପାଳ ସରପଞ୍ଚ ସ୍ମୃତିରଞ୍ଜନ ଜେନା କେନ୍ଦ୍ର ଆଦିବାସୀ ମନ୍ତ୍ରୀ, ବିଧାନସଭା ପ୍ରଦୂଷଣ ବୋର୍ଡ ଅଧକ୍ଷଙ୍କୁ ଭେଟି କମ୍ପାନୀ ପକ୍ଷରୁ କରାଯାଉଥିବା ବେନିୟମ କାର୍ଯ୍ୟ ସମ୍ବନ୍ଧରେ ଅଭିଯୋଗ କରିଥିଲେ। ଫଳ ସ୍ୱରୂପ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କ ସମେତ ୨୫ ଜଣଙ୍କ ନାମରେ ସିଆର୍‌ପିସିର ୧୦୭ଦଫାରେ ମାମଲା ରୁଜୁ କରାଯାଇଛି। କଳିଙ୍ଗନଗର ପୋଲିସ ୨୮ ତାରିଖରେ ଥିବା ଜନଶୁଣାଣିରେ ଗଣ୍ଡଗୋଳ ଆଶଙ୍କାକୁ ଦେଖି ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇଥିଲା। ତେଣୁ ସରପଞ୍ଚଙ୍କ ସମେତ ସମସ୍ତଙ୍କୁ ତହସିଲ କାର୍ଯ୍ୟାଳୟରେ ୨୮ ତାରିଖରେ ଉପସ୍ଥିତ ପାଇଁ ବାଧ୍ୟତାମୂଳକ କରାଯାଇଛି। ତେବେ କାରଖାନା ପଙ୍କପାଳ, ପିଙ୍ଗଳ ଓ ଚାନ୍ଦିଆ ପଞ୍ଚାୟତ ଅଞ୍ଚଳରେ ରହିଥିବାବେଳେ କେବଳ ପଙ୍କପାଳ ସରପଞ୍ଚଙ୍କ ସମେତ ଗୋଟିଏ ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର ୨୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାରୁ ବିବାଦ ଦେଖାଦେଇଛି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିଲୁଆଙ୍କ ସଂଖ୍ୟା ହ୍ରାସ ପାଉଛି

ମହାକାଳପଡ଼ା,୨୬।୨(ଡି.ଏନ.ଏ.)

### ପରିବେଶ ସନ୍ତୁଳନ ରକ୍ଷା କରୁଥିଲେ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଜମ୍ବୁ ଦ୍ୱୀପର ସବୁଜ ବନାନୀ ଓ ବିସ୍ତୀର୍ଣ୍ଣ ହେନ୍ତାଳ ବଣ ଓ କିଆ ବୁଦା ମୂଳେ ସଞ୍ଜ ନଇଁଲେ ଶୁଭୁଥିଲା ବିଲୁଆଙ୍କର ହୁକେ ହୋ ରଡ଼ି। ୧୯୬୦-୭୦ଦଶକରେ ଏହି ଜଙ୍ଗଲଗୁଡ଼ିକରେ ହରିଣ, ବାରହା, ହେଟାବାଘ, ବିଲୁଆ ଆଦି ପ୍ରାଣୀଙ୍କର ଭୂସ୍ୱର୍ଗ ପାଲଟିଥିଲା। କାଳକ୍ରମେ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଓ ଜଙ୍ଗଲ ଗଛ କାଟିବା ଯୋଗୁ ଜଙ୍ଗଲ ଅବକ୍ଷୟ ହେଲା। ଜଙ୍ଗଲି ଜନ୍ତୁମାନେ ସାମୁଦ୍ରିକ ଝଡ଼, ଖାଦ୍ୟାଭାବ ଯୋଗୁ ବହୁ ପରିମାଣରେ ମୃତ୍ୟୁ ଘଟିଥିଲା। ଫଳରେ ବିଲୁଆମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

୧୯୭୧ ବାତ୍ୟା ପ୍ରଭାବରେ ମହାକାଳପଡ଼ା ଅଞ୍ଚଳର ବିଶେଷକରି ଜମ୍ବୁ ଓ ସୁନିତି ଅଞ୍ଚଳରେ ଜନ ଜୀବନ ପ୍ରଭାବିତ ହୋଇଥିଲା। ୩ ହଜାରରୁ ଅଧିକ ଲୋକଙ୍କ



ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଏକ ବିଲୁଆ।

ଜୀବନ ସହ ବନ୍ୟଜନ୍ତୁ ଓ ଗୃହପାଳିତ ପ୍ରାଣୀ, ପକ୍ଷୀମାନଙ୍କ ଜୀବନ ଯାଇଥିଲା। ସାମୁଦ୍ରିକ ବାତ୍ୟା ପରବର୍ତ୍ତୀ ସମୟରେ କୁଡ଼ କୁଡ଼ ମୃତଦେହ ପଡ଼ି ପଚି ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିଲା। ଏହି ମୃତଦେହକୁ ଖାଇବା ପାଇଁ ବିଲୁଆମାନଙ୍କ ଆବଶ୍ୟକତା ପଡ଼ିଥିଲା। ତତ୍କାଳୀନ ରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ବିଜୁ ପଟ୍ଟନାୟକ ଏହି ବାତ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରାଥମିକତା ଦୃଷ୍ଟିରୁ ଭୋକିଲା ପେଟକୁ ଆହାର ଅନ୍ୟପକ୍ଷେ ମୃତଦେହକୁ ଖାଇବାକୁ ବିଲୁଆଙ୍କ ଆବଶ୍ୟକତା ରହିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନମାନଙ୍କ ପାଇଁ ଖାଦ୍ୟ ଓ ମୃତଦେହ ସଫା କରିବାକୁ ଗଡ଼ଜାତ ଅଞ୍ଚଳରୁ ହଜାରରୁ ଅଧିକ ବିଲୁଆଙ୍କୁ ଟ୍ରକ୍ ଯୋଗେ ଆଣି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଛାଡ଼ିବାର ବନ୍ଦୋବସ୍ତ କରିଥିଲେ। ସମୟକ୍ରମେ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁଆଙ୍କ ବାସସ୍ଥାନ କିଆବୁଦା ନଷ୍ଟ ହୋଇଗଲାଣି। ବିଲୁଆମାନଙ୍କ ସଂଖ୍ୟା ଆଶାତୀତ ଭାବେ କମିଛି। ଖାଦ୍ୟାଭାବ ଯୋଗୁ ବିଲୁଆମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ଏବେ ଗାଁ ମୁହାଁ ହେଉଛନ୍ତି। କାରଣ ବିଲୁଆମାନଙ୍କ ପ୍ରିୟ ଖାଦ୍ୟ ମାଛୁଆ କଙ୍କଡ଼ା ଆଉ ଆଗ ଭଳି ନଦୀ ନାଳ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମହାଲିଙ୍କୁ ପଚାରିବାରେ ଜଳବାୟୁ ପରିବର୍ତ୍ତନ, ବାସସ୍ଥାନ ଓ ଖାଦ୍ୟାଭାବ ଯୋଗୁ ଏମାନଙ୍କ ବଂଶ ବିପଦ ମୁହାଁ ହୋଇଛି। ଏମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ପରିମାଣରେ କିଆ ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କୁହନ୍ତି, ଆଗଭଳି ଆଉ ଗାଁ ଗଣ୍ଡାରେ ସଞ୍ଜ ନଇଁଲେ ହୁକେ ହୋ ରଡି ଶୁଭୁନାହିଁ। ଗାଁର ପୁରୁଖା ଲୋକମାନଙ୍କ କହିବା କଥା, ଅଣ୍ଡିରା ବିଲୁଆ ରାତିର ୪ର୍ଥ ପ୍ରହରରେ ଭୁକିଲେ ଅଞ୍ଚଳ ପ୍ରତି ବିପଦ ଅଛି ବୋଲି ଆଗୁଆ ସୂଚନା ମିଳେ। ଦିନ ଥିଲା ବିଲ ବାଡ଼ିରେ ଛେଳି, ମେଣ୍ଢା, କୁକୁଡା ବିଲୁଆମାନେ ଶିକାର କରି ଖାଉଥିଲେ। ଏମାନଙ୍କ ସଂଖ୍ୟା ଆଗ ଅପେକ୍ଷା ବହୁ ମାତ୍ରାରେ ହ୍ରାସ ପାଇଛି। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କ ମୁଖ୍ୟ ଭୂମିକା ରହିଛି।

## ସଂକ୍ଷେପରେ

### ଅଟୋରୁ ବ୍ୟାଟେରି ଚୋରି ଅଭିଯୋଗ

**୨ ଅଭିଯୁକ୍ତଙ୍କୁ ଧରିଲେ ଗ୍ରାମବାସୀ**

**ଜଗତ୍‌ସିଂହପୁର ଅଫିସ, ୨୬।୨:** ଜଗତ୍‌ସିଂହପୁର ଥାନା ନିକଟ ଆଗର ଗ୍ରାମରେ ଥିବା ଏକ ଅଟୋରୁ ରବିବାର ସକାଳେ ବ୍ୟାଟେରି ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଗାଁର ନବଘନ ଦାସଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ପୋଲିସ ମାମଲା ସଂଖ୍ୟା (ନଂ.୧୪୪/୨୩) ରୁଜୁ କରିଥିବା ଆଇଆଇସି ଶୁଭ୍ରାଂଶୁ ପରିଡ଼ା ସୂଚନା ଦେଇଛନ୍ତି। ନବଘନ ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଅଟୋ (ନଂ. ଓଡି ୦୫ସି ୯୯୮୦) ଗାଁରେ ଥିଲା। ନିଲୁ ଓ ଜାପ କୁହାଯାଉଥିବା ୨ ଅଭିଯୁକ୍ତ ଅଟୋରୁ ବାଟେରି ଚୋରି କରି ନେଉଥିବାବେଳେ ଶବ୍ଦ ହୋଇଥିଲା। ସନ୍ଦେହ କରି ନବଘନ ଅଟୋ ପାଖରେ ପହଞ୍ଚିଥିଲେ। ସେତେବେଳକୁ ୨ ଅଭିଯୁକ୍ତ ବାଟେରୀ ଧରି ଧାଇଁଥିଲେ । ନବଘନ ସେମାନଙ୍କ ପିଛା କରି ଧରିବାକୁ ଚେଷ୍ଟା କଲାବେଳେ ଅଭିଯୁକ୍ତ ଦ୍ୱୟ ମାଡ ମାରି ଖସି ଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନବଘନ ପାଟି କରିବାରୁ ଗାଁ ଲୋକେ ରୁଣ୍ଡ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲେ।

### ଶ୍ୱଶୁର, ଦିଅରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ବାଲିକୁଦା,୨୬।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ମାଲଗଡ ଗ୍ରାମର ସଚିନ ସେଠୀଙ୍କ ସ୍ତ୍ରୀ ମୀନାକ୍ଷୀ ସେଠୀଙ୍କୁ ତାଙ୍କ ଶ୍ୱଶୁର ଶିବ ସେଠୀ ଓ ଦିଅର ଓମପ୍ରକାଶ ସେଠୀ ନିର୍ଯାତନା ଦେବା ସହ ମାଡ ମାରିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ବାଲିକୁଦା ଥାନା ପକ୍ଷରୁ ମାମଲା (ନଂ.୮୭/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସଚିନଙ୍କ ସହ ୭ ବର୍ଷ ପୂର୍ବେ ମୀନାକ୍ଷୀଙ୍କ ବିବାହ ହୋଇଥିଲା । ବିବାହର କିଛି ବର୍ଷ ପରେ ପରିବାର ସହ ମୀନାକ୍ଷୀଙ୍କ ସମ୍ପର୍କ ଭଲ ନ ରହିବାରୁ ସେ ତାଙ୍କ ସ୍ୱାମୀଙ୍କ ସହ ଅଲଗା ହୋଇ ରହୁଥିଲେ । ଗତ ଗୁରୁବାର ମୀନାକ୍ଷୀଙ୍କ ୫ ବର୍ଷର ପୁଅକୁ ଦାଦା ଓମ୍‌ପ୍ରକାଶ ଚକୋଲେଟ ଦେଇଥିଲେ । ପୁଅ ଚକୋଲେଟ ଆଣିବାରୁ ମୀନାକ୍ଷୀ ମାଡ଼ ମାରିଥିଲେ। ଏହାଦେଖି ଶ୍ୱଶୁର ବୋହୂଙ୍କୁ ଠେଲି ନାତିକୁ ଉଦ୍ଧାର କରିଥିଲେ। ଏନେଇ ମୀନାକ୍ଷୀ ଥାନାରେ ନିର୍ଯାତନା ଓ ମାଡ଼ ଅଭିଯୋଗ ଆଣିଛନ୍ତି।

### ଖାଦ୍ୟ ସାମଗ୍ରୀକୁ ନେଇ ଯୁବକଙ୍କୁ ମାଡ଼

**ବାଲିକୁଦା,୨୬।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବନ୍ଦର ମେରାଇନ ଥାନା ଅଧୀନ ବନ୍ଦରେଇଙ୍କ ପୀଠରେ ଖାଦ୍ୟ ସାମଗ୍ରୀକୁ ନେଇ ମରିଚପୁର ଗ୍ରାମର ଦିଲୀପ ବେହେରାଙ୍କୁ ମାଡ ଦିଆଯାଇଥିବା ଶନିବାର ଅଭିଯୋଗ ହୋଇଛି । ଉକ୍ତ ଘଟଣାରେ ବନ୍ଦର ମେରାଇନ ଥାନାରେ ମାମଲା (ନଂ. ୧୬/୨୩) ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ବାଲିକୁଦା ବ୍ଲକ ସମୁଦ୍ର ଉପକୂଳ ବନ୍ଦରେଇ ପୀଠକୁ ବହୁ ଲୋକେ ବଣଭୋଜି କରିବାକୁ ଯାଇଥାନ୍ତି। ଗତ ଶୁକ୍ରବାର ସ୍ଥାନୀୟ ମରିଚପୁର ଗ୍ରାମର ଦିଲୀପ ସେଠାରେ ବ୍ରାହ୍ମଣ ଡକାଇ କିଛି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ତାହାକୁ ମା'ଙ୍କ ରୋଷଇ ଘରେ ବନ୍ଦ କରି ରଖିଥିଲେ । କିନ୍ତୁ ଶୋଭା ଡିହୁଡି ଓ ଗାରେଇ ଅଞ୍ଚଳର ୭ରୁ ୮ ଜଣ ଯୁବକ ସେଠାରେ ପହଞ୍ଚି ଘର ଖୋଲି ସେହି ଖାଦ୍ୟ ସାମଗ୍ରୀ ବାହାରକୁ ଆଣିଥିଲେ। ଏହାକୁ ଦିଲୀପ ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ବନ୍ଦର ଥାନାରେ ଅଭିଯୋଗ ହୋଇଛି।

# 'ମେଜରପୋର୍ଟ ଅଥରିଟି ଆଇନରେ କାମ ଶୀଘ୍ର ହେଉଛି'

**ପାରାଦୀପ,୨୬।୨(ସ୍ୱ.ପ୍ର.)**

ପାରାଦୀପର ମଧୁବନ ଅଫିସର୍ସ କ୍ଲବ ପରିସରରେ ରବିବାର ପିଆଇବି (ପ୍ରେସ୍ ଇନଫରମେଶନ ବ୍ୟୁରୋ) ପକ୍ଷରୁ ଆଞ୍ଚଳିକ ଗଣମାଧମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ୮୦ରୁ ଅଧିକ ଖବରଦାତା ଯୋଗ ଦେଇଥିଲେ। ଆଲୋଚକଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, କୋଷ୍ଟଗାର୍ଡ ଡିଆଇଜି ଯଶୋବନ୍ତ କୁମାର ସିଂ, ବରିଷ୍ଠ ଖବରଦାତା ଶୁକଦେବ ଜେନା, ଜିଲା ମତ୍ସ୍ୟ ଅଧିକାରୀ, କୃଷି ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ ଯୋଗୁ ବୃହତ୍ ବନ୍ଦର ଆଇନ ବଦଳିଛି। ମେଜରପୋର୍ଟ ଅଥରିଟି ଆଇନ ୨୦୨୧ ହେବା ଫଳରେ ଅନେକ କାମ ଶୀଘ୍ର ହୋଇପାରୁଛି। ଏଥିପାଇଁ ଗତିଶକ୍ତି ଯୋଜନା କାର୍ଯ୍ୟକାରୀ ହୋଇଛି। ପୁରୁଣା ଆଇନ ଅନୁସାରେ ଗୋଟିଏ ନୂତନ ପ୍ରକଳ୍ପ ପାଇଁ ଡିପିଆରଠାରୁ ଆରମ୍ଭ କରି ମଞ୍ଜୁରୀ ପର୍ଯ୍ୟନ୍ତ ୨ ବର୍ଷରୁ ଅଧିକ ସମୟ ଲାଗୁଥିଲା। ଏବେ ଗତିଶକ୍ତି ଯୋଜନାରେ ୧୦ ଦିନରେ ସମସ୍ତ କ୍ଲିୟରାନ୍ସ ମିଳିଯାଉଛି। ଏହାବାଦ୍ ସାଗରମାଳା ଯୋଜନାରେ ନଦୀ ସଂଯୋଗ, ରାଜପଥ ସମ୍ପ୍ରସାରଣ ଆଦି କାମ ହେବାକୁ ଯାଉଛି। ପାରାଦୀପ ଚଣ୍ଡିଖୋଲ ରାଜପଥ ୮ ଲେନ ହେବ। ଆତ୍ମନିର୍ଭର ଭାରତ ଅଧୀନରେ ଏକ ସିଗ୍‌ନାଲ ଷ୍ଟେଶନ ହେବ ବୋଲି ପ୍ରସ୍ତାବ ରହିଛି। ସ୍ମାର୍ଟ ପୋର୍ଟ ଯୋଜନା ଅଧୀନରେ ବୃହତ୍ ଜାହାଜ ଲାଗିବା ପାଇଁ ଭିତ୍ତିଭୂମି ବିକାଶ କରାଯାଉଛି। ଏଥିପାଇଁ ୩ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେଲାଣି। ଏସବୁ ପଦକ୍ଷେପ ନେବା ଫଳରେ ପାରାଦୀପ ଦେଶର ସବୁଠାରୁ ଅଧିକ ପଣ୍ୟ କାରବାର ଅଭିବୃଦ୍ଧି ହାର ବଜାୟ ରଖିଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ଧୀର ଓଡ଼ିଶା ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ କହିଥିଲେ। କୋଷ୍ଟଗାର୍ଡ ଡିଆଇଜି ସିଂ ଯୋଗଦେଇ ସୁରକ୍ଷିତ ସାଗର, ସ୍ୱଚ୍ଛ ସାଗର ଦ୍ୱାରା କୋଷ୍ଟଗାର୍ଡ ଦେଶର ୭୫୧୬ କିମି ଉପକୂଳରେ କିପରି ସୁରକ୍ଷା ନିରାପତ୍ତା କ୍ଷେତ୍ରରେ କାମ କରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କୃଷି ଅଧିକାରୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ମତ୍ସ୍ୟ ଅଧିକାରୀ ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିବାବେଳେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଆଇବିର ଗିରୀଶ ଚନ୍ଦ୍ର ଦାଶ, ପ୍ରଦୀପ କୁମାର ଚୌଧୁରୀ ଓ ଅନ୍ୟମାନେ ସଞ୍ଚାଳନ କରିଥିଲେ।


କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

### ଆଞ୍ଚଳିକ ଗଣମାଧମ କର୍ମଶାଳା ବାର୍ତ୍ତାଳାପ

# 'ରାଷ୍ଟ୍ରୀୟ କାର୍ଯ୍ୟ ଅଗ୍ରସର କରିବା ପ୍ରାଥମିକତା'

**କୁଜଙ୍ଗ,୨୬।୨(ସ୍ୱ.ପ୍ର.)**

ଭାରତବର୍ଷରେ ଲଭ୍ ଜେହାଦ ଓ ଧର୍ମାନ୍ତରୀକରଣ କାୟାବିସ୍ତାର କରିବାରେ ଲାଗିଛି । ହିନ୍ଦୁ ଧର୍ମକୁ ସଙ୍କଟ ମଧ୍ୟକୁ ଠେଲି ଦିଆଯାଉଛି। ଏଣୁ ଯୁବକମାନେ ସଂସ୍କାରିତ ହୋଇ କାର୍ଯ୍ୟକଲେ ଭାରତ ଉଚ୍ଚକୁ ଯାଇପାରିବ ବୋଲି ବଜରଙ୍ଗ ଦଳର ରାଷ୍ଟ୍ରୀୟ ସଂଯୋଜକ ନିରଜ ଡୁନେରିଆ ମତବ୍ୟକ୍ତ କରିଛନ୍ତି। କୁଜଙ୍ଗ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଜଗତ୍‌ସିଂହପୁର ଜିଲା ବଜରଙ୍ଗ ଦଳର ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡୁନେରିଆ କହିଥିଲେ, ରାଷ୍ଟ୍ରୀୟ କାର୍ଯ୍ୟକୁ ଅଗ୍ରସର କରିବା ହେଉଛି ବଜରଙ୍ଗ ଦଳର ପ୍ରାଥମିକତା । ରାଷ୍ଟ୍ରର ସୁରକ୍ଷା ପାଇଁ ହିନ୍ଦୁ ଧର୍ମର ଗରିମାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ପ୍ରତି ଗ୍ରାମରେ ବଜରଙ୍ଗ ଦଳର ଟୋଲି ଗଠନ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବିରରେ କ୍ଷତ୍ରିୟ ସଂଯୋଜକ ଅମଲ ଚକ୍ରବର୍ତ୍ତୀ, ଓଡ଼ିଶା ପ୍ରାନ୍ତ ସଂଯୋଜକ ଅମ୍ବିକା ପ୍ରସାଦ ଦାସ, ବିଶ୍ୱହିନ୍ଦୁ ପରିଷଦ ଜିଲା ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ଜଗତ୍‌ସିଂହପୁର ଜିଲା ମାତୃଶକ୍ତି ପ୍ରମୁଖ ତିଳତମା ଦାସ, ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ପ୍ରଫୁଲ୍ଲ ସାହୁ, ଜିଲା ସଂଯୋଜକ ସୂର୍ଯ୍ୟକାନ୍ତ ନନ୍ଦ, ପ୍ରାନ୍ତବିଦ୍ୟାର୍ଥୀ ପ୍ରମୁଖ ଶ୍ୟାମସୁନ୍ଦର ସାହୁ, ଜିଲା ସୁରକ୍ଷା ପ୍ରମୁଖ ଶେଖର ସମୀର ରଞ୍ଜନ ସେଠୀ, ଧର୍ମ ଜାଗରଣ ପ୍ରମୁଖ ନଗେନ୍ଦ୍ର ଦାସ, ଜିଲା ଗୋରକ୍ଷା ପ୍ରମୁଖ ନୀରୋଜ ବେହେରା, ପ୍ରଖଣ୍ଡ ସଂଯୋଜକ ନୃସିଂହ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଶିବରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ ।



ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ନେତୃମଣ୍ଡଳୀ।

# ଆଧ୍ୟାତ୍ମିକ ଜ୍ଞାନ ଉତ୍ତମ ମଣିଷ କରାଏ

**ରାହାମା,୨୬।୨(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ହଂସୁରା ଗ୍ରାମ ପଞ୍ଚାୟତର ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ଶୈବପୀଠରେ ୭ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଅତିବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ନିର୍ଭୟାନନ୍ଦ ମହାରାଜ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ନିର୍ଭୟାନନ୍ଦଙ୍କ ଗୁରୁ ଜଗତ୍‌ଗୁରୁ ସ୍ୱାମୀ ଅରୂପାନନ୍ଦ ମହାରାଜ ଯୋଗଦେଇ କହିଥିଲେ, ଆଧ୍ୟାତ୍ମିକ ଜ୍ଞାନ ସାଧାରଣ ମଣିଷକୁ ଉତ୍ତମ ମଣିଷରେ ପରିଣତ କରେ। ଏହି ଜ୍ଞାନ ପରିବାର, ସମାଜ ଓ ରାଷ୍ଟ୍ର ଗଠନରେ ସହାୟକ ହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ତଥା ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ଡ଼. ସୁନାକର ବେହେରା ଯୋଗଦେଇ ଏହି ଜନ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ଜାଣିବା ନିମନ୍ତେ କିଛି ପ୍ରଶ୍ନ କରିଥିଲେ। ସ୍ୱାମୀ ଅରୂପାନନ୍ଦ ଏହାର ଉତ୍ତର ଦେଇଥିଲେ। ଏହି ମହାଯଜ୍ଞ ଅବସରରେ ପ୍ରତ୍ୟହ ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଆଦି କାର୍ଯ୍ୟକମ ଆୟୋଜନ କରାଯାଇଥିଲା। ଏଥିରେ ହଂସୁରା ପଞ୍ଚାୟତର ଅଧିବାସୀଙ୍କ ସହ ସରପଞ୍ଚ ରବି ନାରାୟଣ ଦାସ, ମନୋରଞ୍ଜନ ସାମନ୍ତରାୟ, ଅରୁଣ ସାମନ୍ତରାୟ, ଏନ. ଭି କଲ୍ୟାଣ, ଶ୍ୟାମାବନ୍ଧୁ ଦାସ, ନିହାର ରଞ୍ଜନ ଦାସ, ସୂର୍ଯ୍ୟମଣି ସାମନ୍ତରାୟ, ନିହାର ରଞ୍ଜନ ସାମନ୍ତରାୟ, ଚକ୍ରଧର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ଭକ୍ତମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ମହାଯଜ୍ଞରେ ଯୋଗଦେଇଥିବା ସ୍ୱାମୀ ଅରୂପାନନ୍ଦ ମହାରାଜ, ସାଧୁସନ୍ଥ ଓ ଅନ୍ୟମାନେ।

### ବିଶ୍ୱଶାନ୍ତି ଅତିବିଷ୍ଣୁ ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବ

# ବିଧାୟକ ବିଜୟ ଶଙ୍କରଙ୍କ ଗିରଫ ଦାବିରେ ଭାଜପାର ବିକ୍ଷୋଭ

**ତିର୍ତ୍ତୋଲ, ୨୬।୨ (ଡି.ଏନ.ଏ.)**

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଗିରଫ ଦାବିରେ ଭାଜପା ମହିଳା ଓ ଯୁବମୋର୍ଚ୍ଚା ପକ୍ଷରୁ ରବିବାର ବିକ୍ଷୋଭ ସହ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କଟକ-ପାରାଦୀପ ରାସ୍ତାର ସରଣୀ ଛକ ନିକଟରେ ମୋର୍ଚ୍ଚାର କର୍ମକର୍ତ୍ତାମାନେ ଏକାଠି ହୋଇ ବିଧାୟକଙ୍କ ନାମରେ ତାଙ୍କ ବାନ୍ଧବୀଙ୍କ ଅଭିଯୋଗରେ ମାମଲା ସହ ବିଭିନ୍ନ ଦଫା ଲାଗିଛି। ପୋଲିସ ତାଙ୍କୁ ଅନୁଗ୍ରହ ପ୍ରଦର୍ଶନ କରି ଗିରଫ କରୁ ନ ଥିବା ଅଭିଯୋଗ କରିଥିଲେ। ଶାସକ ଦଳର ବିଧାୟକ ହୋଇଥିବାରୁ ସରକାର ତାଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ବକ୍ତବ୍ୟରେ କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଥିଲେ। ପରେ ବିଧାୟକଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

ଏଥିରେ ଭାଜପା ଜିଲା ସମ୍ପାଦିକା ସ୍ମିତା ପ୍ରଧାନଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡ. ପ୍ରକାଶ ଦଳାଇ, ଜିଲା ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ର, ସାଧାରଣ ସମ୍ପାଦକ କ୍ଷୀତିଶ ଦାସ, ସମ୍ପାଦକ ସାଗର ଦାସ, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, କୃଷକ ମୋର୍ଚ୍ଚା ସମ୍ପାଦକ ତାପସ ମହାନ୍ତି, ମହିଳା ମୋର୍ଚ୍ଚା ନେତ୍ରୀ ଝରାଶ୍ରୀ ରାଉତ, ବ୍ଲକ ଯୁବମୋର୍ଚ୍ଚା ସଭାପତି ମିଳନ ସ୍ୱାଇଁ, ମଣ୍ଡଳ ସଭାପତି ତ୍ରିନାଥ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ମୌନବ୍ରତ ମେମୋରିଆଲ କ୍ରିକେଟ: ଚଣ୍ଡିଆଗଡି ଚାମ୍ପିୟନ

**ଆଳି,୨୬।୨ (ଡି. ଏନ. ଏ. )**

ଆଳି ବ୍ଲକ ନମୌଜାସ୍ଥିତ ବେତା ପଡ଼ିଆରେ ପ୍ରଗତି ସ୍ପୋର୍ଟିଂ କ୍ଲବ ଦ୍ୱାରା ଆୟୋଜିତ ୧୪ ତମ ମୌନବ୍ରତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଣ୍ଡିଆଗଡି ଟିମ୍ ସାନଆଙ୍କୋ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ସାନଆଙ୍କୋ ଟିମ୍ ୮ ଓଭରରେ ୭ଉଇକେଟ ହରାଇ ୪୯ ରନ କରିଥିଲା। ଜବାବରେ ଚଣ୍ଡିଆଗଡି ୭ ଓଭରରେ ୫ ଉଇକେଟ ହରାଇ ୫୦ରନ କରି ଚାମ୍ପିୟନ ହୋଇଥିଲା। କ୍ରୀଡ଼ାବିତ୍ ଭଗବାନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ, ସମ୍ମାନିତ ଅତିଥି ଭାବେ ନାୟକ ଏଣ୍ଟରପ୍ରାଇଜେସ ଅଧ୍ୟକ୍ଷ ଦୀପକ ନାୟକ, ଆରୋହୀ ଇଣ୍ଟରନେଟ ଅଧ୍ୟକ୍ଷ ଶୈଳେନ୍ଦ୍ର ପାତ୍ର ଓ କ୍ଲବ ସଭାପତି ମୁକେଶ ନାୟକ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଟିମ୍ ଚଣ୍ଡିଆଗଡିକୁ ଓ ସାନଆଙ୍କୋ ରନର୍ସ ଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଯୋଗ୍ୟ ଛାତ୍ରୀଛାତ୍ର ହିଁ ଶିକ୍ଷାଦାନର ସଫଳତା


ଉତ୍ସବରେ ଯୋଗ ଦେଇଥିବା ଶିକ୍ଷକ ଓ ଅନ୍ୟମାନେ।

**ଏରସମା,୨୬।୨(ସ୍ୱ.ପ୍ର.)**

ଏରସମା ହାଇସ୍କୁଲର ୧୯୮୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ରବିବାର ସମ୍ପୃକ୍ତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶିବଚରଣ ରାଉତ ଯୋଗ ଦେଇ ଯୋଗ୍ୟ ଛାତ୍ରୀଛାତ୍ର ହିଁ ଶିକ୍ଷାଦାନର ପ୍ରକୃତ ସଫଳତା ବୋଲି କହିଥିଲେ । ଏଥିରେ ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ପୁହାଣ, ରାମଚନ୍ଦ୍ର ଦାଶ, ଗୌରାଙ୍ଗ ମହାପାତ୍ର, ସ୍କୁଲରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ, କୃଷ୍ଣ ପ୍ରସାଦ ନନ୍ଦ, ଗୋବିନ୍ଦ ପଣ୍ଡା ଓ ନିତ୍ୟାନନ୍ଦ ସାହୁଙ୍କ ସହ ଅଣଶିକ୍ଷକ ଅନାମ ସାହୁ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ନରେନ୍ଦ୍ର କୁମାର ସ୍ୱାଇଁ ପ୍ରାରମ୍ଭିକ ଅଭିଭାଷଣ ଦେବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରିପକ୍ କୁମାର ସାହୁ ଓ କାର୍ତ୍ତିକେଶ୍ୱର ପାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଭା ପ୍ରାରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ପ୍ରସାଦ ଦାସଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଦିବାକର ବିଶ୍ୱାଳ, ଅରୁଣ ସାହୁ, ବିପିନ ବିଶ୍ୱାଳ ପ୍ରମୁଖ ଛାତ୍ର ଏଥିରେ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ଛାତ୍ର ସୁରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ସେମି ଫାଇନାଲରେ ଅଳାଭର ଟିମ୍

**ବାଲିକୁଦା,୨୬।୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଉତ୍ତରେଶ୍ୱର ୟୁଥ କ୍ଲବ୍ ପୋଦରୁଆଁ ଆନୁକୂଲ୍ୟରେ ୧୦ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସାମାଜିକ କର୍ମୀ ସଞ୍ଜୀବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବି ପ୍ରଶାନ୍ତ ମହାନ୍ତିଙ୍କ ମଞ୍ଚ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଦିନରେ ୬ଟି ଦଳ ଖେଳିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ କଟରା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୫୧ ରନ ସ୍କୋର କରିଥିବା ବେଳେ ଜବାବରେ ଅଡ଼ଙ୍ଗା କ୍ରିକେଟ କ୍ଲବ ମାତ୍ର ୪ ଉଇକେଟ ହରାଇ ୫୨ ରନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଅଲାଭର କ୍ରିକେଟ କ୍ଲବ ଡେଙ୍ଗାପୋଲ କ୍ରିକେଟ କ୍ଲବକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ପୋଦରୁଆଁକୁ ହରାଇ ନାଉଗାଁ କ୍ରିକେଟ ଟିମ୍ କ୍ୱାର୍ଟରରେ ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଅଡ଼ଙ୍ଗାକୁ ହରାଇ ଅଳାଭର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅମ୍ପେୟାର ଦାୟିତ୍ୱ ସନାତନ ଓଝା ଓ ତୁଷାର ବିଶ୍ୱାଳ ନିର୍ବାହ କରିଥିଲେ। ଖେଳକୁ ୧୦ ବର୍ଷ ପୂର୍ତ୍ତି ଅବସରରେ ଉତ୍ତରେଶ୍ୱର ୟୁଥ କ୍ଲବ ପୋଦରୁଆଁ ପକ୍ଷରୁ ଗ୍ରାମର ମୁରବି ଓ ବୁଦ୍ଧିଜୀବୀ ବାଇଧର ବିଶ୍ୱାଳ, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ସାମାଜିକ କର୍ମୀ ସତ୍ୟବ୍ରତ ବିଶ୍ୱାଳ, ବୀରବର ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ତପନ ବିଶ୍ୱାଳ, ନାଏବ ସରପଞ୍ଚ ଅଜୟ ମହାନ୍ତି, ଉପେନ୍ଦ୍ର ପଣ୍ଡା, ପ୍ରସନ୍ନ ଶତପଥୀ, ରଞ୍ଜନ ନାୟକ, ଜଗନ୍ନାଥ ମହାନ୍ତି ପ୍ରମୁଖଙ୍କୁ କ୍ଲବର ସଦସ୍ୟ ରଞ୍ଜିତ ପଣ୍ଡା, ସନ୍ଦୀପ ବିଶ୍ୱାଳ, ନିରଞ୍ଜନ ନାୟକ, ରାଜ ମହାନ୍ତି, ପିଲୁ ବିଶ୍ୱାଳଙ୍କ ସମେତ କ୍ଲବର ସଦସ୍ୟ ସମ୍ମାନିତ କରିଥିଲେ।

### ଉତ୍ତରେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ପରିଚୟ

**ରଘୁନାଥପୁର,୨୬।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସାଦେଇପୁରସ୍ଥିତ ଭଦ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ ପୃଷ୍ଠପୋଷକ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନଟବର ରଥଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେଇ ସେ କହିଥିଲେ, ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ପରିଚୟ। ଜ୍ଞାନ ଓ ମାନର ଅଧିକାରୀ ସ୍ୱର୍ଗତ ମହାପାତ୍ର ଓ ରଥ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମୁଦୁଲି ମତବ୍ୟକ୍ତ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାପାତ୍ର ଓ ରଥଙ୍କ ସ୍ମୃତିଚାରଣ କରିବା ସହ ସେମାନଙ୍କୁ ଜନ୍ମ ଦେଇଥିବା ମାଟି ଧନ୍ୟ ବୋଲି ପ୍ରକାଶ କରିଥିଲେ। ଛାତ୍ର ସଂସଦ ସଭାପତି ସର୍ବେଶ୍ୱର ପଣ୍ଡା ସଭାରେ ପୌରୋହିତ୍ୟ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ପ୍ରଧାନ ଓ ସମିତି ସଭ୍ୟା ସରସ୍ୱତୀ ହାଁସଦା ଓ ପ୍ରଧାନ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ। ଏସ୍‌ଏମ୍‌ସି ସଭାପତି ରତ୍ନାକର ବେହେରା, ପୁରାତନ ଛାତ୍ର ସଂସଦର ସଦସ୍ୟ ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର, କେଳୁଚରଣ ସେଠୀ, ବଂଶୀଧର ସ୍ୱାଇଁ, ଚିତ୍ତ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ମହାରଣା, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ଓ ପୂର୍ବତନ ସରପଞ୍ଚ ଡମ୍ବୁରଧର ବେହେରା ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ନଟ ସାର୍' ଉନ୍ମୋଚିତ ହୋଇଥିଲା। ସର୍ବେଶ୍ୱର ମହାରଣା ଅତିଥି ପରିଚୟ ଓ ଅବସର ପ୍ରାପ୍ତ ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ ନିରାକାର ମିଶ୍ର ବିବରଣୀ ପଠନ କରିଥିଲେ। ସ୍କୁଲ ଶିକ୍ଷକ, ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଏଥିରେ ଯୋଗଦେଇଥିଲେ।


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସବୁ ବର୍ଗର ଶିକ୍ଷକ ଏକତ୍ର ହେବାକୁ ଆହ୍ୱାନ

**ତିର୍ତ୍ତୋଲ, ୨୬।୨(ଡି.ଏନ.ଏ.)**

ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାମ୍ବିଧାନିକ ସମ୍ମିଳନୀ ତିର୍ତ୍ତୋଲସ୍ଥିତ ଆଦି କବି ସାରଳାଦାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ବେସରକାରୀ କଲେଜ ଶିକ୍ଷକ ସଂଘ ସଭାପତି ତଥା ତିର୍ତ୍ତୋଲ କଲେଜ ଅଧ୍ୟକ୍ଷ ଜ୍ଞାନଜ କୁମାର ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ.ଅମୀୟ ମହାନ୍ତି, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ନିକୁଞ୍ଜ ମହାନ୍ତି, ସାଧାରଣ ସମ୍ପାଦକ ଅଧ୍ୟାପକ ଦୁଷ୍ମନ୍ତ ନାୟକ, କାର୍ଯ୍ୟକାରୀ ସଭାପତି ଧନଞ୍ଜୟ ରାଉତରାୟ, ଶିକ୍ଷକ ମହାସଂଘର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ନେତା ସାରଦା ପ୍ରସନ୍ନ ମହାପାତ୍ର, ନିଖିଳ ଉତ୍କଳ ନିମ୍ନମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ସିଂହପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଉଦୟନାଥ ପରିଡା, ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ଡ.ପବିତ୍ର କୁମାର କର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିକ୍ଷକ ମହାସଂଘର ସଙ୍ଗଠନକୁ ବ୍ଲକ ଓ ଜିଲାସ୍ତରରେ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସବୁବର୍ଗର ଶିକ୍ଷକମାନଙ୍କୁ ଏକାଠି ହେବାକୁ ଅତିଥିମାନେ କହିଥିଲେ । ସମ୍ମିଳନୀରେ ଆବାହକ ଶିକ୍ଷକ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ ଶିକ୍ଷକ ମହାସଂଘ ସଭାପତି ବାବୁରାମ ଚୌଧୁରୀ, ପ୍ରଫୁଲ୍ଲ ମହାପାତ୍ର, ମାୟାଧର ଦାସ, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ପଣ୍ଡା, ଅଧ୍ୟାପକ ଶରତଚନ୍ଦ୍ର ପରିଡା, ଭଗବାନ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶୁକଦେବ ନାୟକ ଧନ୍ୟବାଦ ଦେଇଥିଲେ। ପରେ ସର୍ବସମ୍ମତି କ୍ରମେ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତି, ମାୟାଧର ଦାସ କାର୍ଯ୍ୟକାରୀ ସଭାପତି, ଜୟପ୍ରକାଶ ପଣ୍ଡା ସାଧାରଣ ସମ୍ପାଦକ, ଜାକିର ହୁସେନ ଯୁଗ୍ମ ସାଧାରଣ ସମ୍ପାଦକ, ଅଧ୍ୟାପକ ଶରତ ଚନ୍ଦ୍ର ପରିଡା ଉପସଭାପତି, ଧର୍ମାନନ୍ଦ ମଲ୍ଲିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଅଧ୍ୟାପକ ଦୀପକ ସିଂହ ଓ ମହାବିଦ୍ୟାଳୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅତିଥିମାନେ।

### ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମ୍ମିଳନୀ

## ଆଜି କ'ଣ କେଉଁଠି

ବୁଗୁଡ଼ା

- ବିଜୁ କନ୍ୟା ରତ୍ନ ଓ ମୋ ଗେହ୍ଲା ଝିଅ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବୁଗୁଡ଼ା ରାଜୀବ ଗାନ୍ଧି ସେବା କେନ୍ଦ୍ର, ସମୟ,-ପୂର୍ବାହ୍ନ ସାଢ଼େ ୧୦ଟା

## ଭାତହାଣ୍ଡିରେ ପଡ଼ି ମା' ପୁଅ ଗୁରୁତର

**ଭଞ୍ଜନଗର,୨୬।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଡିମିରିପଲ୍ଲୀରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ରୋଷେଇ ବେଳେ ଭାତ ହାଣ୍ଡିରେ ପଡ଼ିଯିବାରୁ ମା' ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମମତା ନାୟକ ଓ ତାଙ୍କ ପୁତ୍ର ଜୀବନ(୨)। ମମତା କାଠଚୁଲିରେ ଭାତ ରାନ୍ଧୁଥିଲେ। ଏହି ସମୟରେ ଅସାବଧାନତା ବଶତଃ ମମତା ଭାତହାଣ୍ଡି ଉପରେ ପଡିଯାଇଥିଲେ। ଫଳରେ ହାଣ୍ଡିର ଗରମ ପେଯ ପଡି ମମତା ଏବଂ ପାଖରେ ଥିବା ତାଙ୍କର ୨ ବର୍ଷର ଶିଶୁପୁତ୍ର ମଧ ଗୁରୁତର ହୋଇଥିଲେ। ଉଭୟ ମା' ପୁଅଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଅନ୍‌ଲାଇନରେ ମୋବାଇଲ୍ ଅର୍ଡର, ଆସିଲା ନକଲି

**ବ୍ରହ୍ମପୁର ଅଫିସ,୨୬।୨:** ଅନ୍‌ଲାଇନରେ ମୋବାଇଲ ଅର୍ଡର କରି ବ୍ରହ୍ମପୁରର ଜଣେ ଯୁବକ ହଟହଟା ହୋଇଛନ୍ତି। ଅସଲି ମୋବାଇଲ ବଦଳରେ ତାଙ୍କୁ ସଂପୃକ୍ତ ସଂସ୍ଥା ପକ୍ଷରୁ ଏକ ନକଲି ତଥା ଡମି ମୋବାଇଲ ମିଳିଛି। ଏ ନେଇ ଯୁବକ ଜଣଙ୍କ ସାଇବର ଥାନା ପୋଲିସକୁ ଜଣାଇବା ପରେ ପୋଲିସ ହସ୍ତକ୍ଷେପ କରିଥିଲା। ପୋଲିସ ଉକ୍ତ ସଂସ୍ଥାକୁ ମୋବାଇଲର ସମସ୍ତ ମୂଲ୍ୟ ଫେରାଇବାକୁ କହିଥିଲା। ପୋଲିସ ହସ୍ତକ୍ଷେପ କରିବାରୁ ସଂସ୍ଥା ପକ୍ଷରୁ ଉକ୍ତ ଯୁବକ ତାଙ୍କ ଟଙ୍କା ଫେରିପାଇଛନ୍ତି। ଅନଲାଇନରେ ମୋବାଇଲ ମଗାଇବା ପୂର୍ବରୁ ସଂପୃକ୍ତ କମ୍ପାନୀ ବିଷୟରେ ଭଲ ଭାବେ ଯାଞ୍ଚ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ଓମବିହାରର ସୁମିତ ଗୌଡ଼ ନାମକ ଜଣେ ଯୁବକ ଚଳିତମାସ ୧୮ ତାରିଖରେ ଅନଲାଇନରୁ ଏକ ସାମସଙ୍ଗ ମୋବାଇଲ ମଗାଇଥିଲେ। ଏହି ମୋବାଇଲର ଦାମ ୨୨ ହଜାର ଟଙ୍କା ରହିଥିଲା। ମୋବାଇଲ ଡେଲିଭେରୀ ପୂର୍ବରୁ ଟଙ୍କା ପଇଠ କରିବାକୁ ସୁମିତଙ୍କୁ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ସେହିକ୍ରମରେ ସୁମିତ ସମସ୍ତ ଟଙ୍କା ପଇଠ କରିଥିଲେ। ୨୨ ତାରିଖରେ ତାଙ୍କ ପାଖକୁ ଏହି ମୋବାଇଲଟି ଡେଲିଭରି ହୋଇଥିଲା। ହେଲେ ସେ ପାର୍ସଲଟି ଖୋଲି ଦେଖିବା ପରେ ସେଥିରେ ସାମସଙ୍ଗ ମୋବାଇଲ ବଦଳରେ ଏକ ନକଲି ଆପଲ ଆଇଫୋନ ରହିଥିଲା। ଏହା ଜାଣିବା ପରେ ସୁମିତ ବ୍ରହ୍ମପୁର ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନାକୁ ଠକେଇ ବିଷୟରେ ଜଣାଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା

ବାଲିଗୁଡା,୨୬।୨(ଡି.ଏନ.ଏ)-ବାଲିଗୁଡାର ସର୍ବ ପୁରାତନ ନୂଆସାହିରେ ବିଶ୍ୱଶାନ୍ତି ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଗୋଯଜ୍ଞ, ଏବଂ ଜ୍ଞାନ ଯଜ୍ଞ ଭଳି ପଞ୍ଚ ମହାଯଜ୍ଞ ସୋମବାରଠାରୁ ପାଞ୍ଚ ଦିନ ଧରି ନୂଆସାହି ସ୍ଥିତ ଶ୍ରୀ ଶ୍ରୀ ମା ବରାଳଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ନୂଆସାହି ଗ୍ରାମ୍ୟ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମାଦୁର୍ଗା, ପାଟଖଣ୍ଡା ଓ ବରାଳଦେବୀଙ୍କଠାରୁ ଆଜ୍ଞା ମାଳ ଆଣା ଯାଇ ନିକଟସ୍ଥ ଖଡ଼ଗ ନଦୀରୁ ପୂଜାର୍ଚ୍ଚନା କରି କଳସରେ ଜଳ ଆଣି ସମଗ୍ର ନଗର ପରିକ୍ରମା କରାଯାଇ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା।

# ସ୍କୁଲ ବାରଣ୍ଡାରେ ଶିଶୁଙ୍କ ଭବିଷ୍ୟତ

**ଆର.ଉଦୟଗିରି, ୨୬।୨ (ଡି.ଏନ.ଏ.)**


ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

ମୋହନା ବ୍ଲକ ଡେଙ୍ଗାସଖାଲ ହାଇସ୍କୁଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏଠାରେ ପିଲାମାନେ ଭଲରେ ପଢ଼ି ପାରୁନଥିବା ବେଳେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବସି ପାଠ ପଢ଼ିବାକୁ ଏଠାରେ ମାତ୍ର ୨ଟି ଟିଣ ଛପର ଶ୍ରେଣୀ ଗୃହ ରହିଥିବାରୁ ପିଲାମାନେ ପଢ଼ିବାକୁ ହଇରାଣ ହେଉଛନ୍ତି। ବର୍ଷା ହେଲେ ପାଠପଢ଼ା ବନ୍ଦ ରହୁଛି। ପାଣି ପିଇବା ପାଇଁ ନଳକୂଳ ବି ନାହିଁ। ସ୍କୁଲରେ ଖେଳ ପଡ଼ିଆ, ବିଦ୍ୟୁତ୍ ବ୍ୟବସ୍ଥା ମଧ ନାହିଁ ବୋଲି ପ୍ରଧାନ ଶିକ୍ଷକ ରୋହିତ କୁମାର ପଲାଇ କହିଛନ୍ତି। ପ୍ରଧାନଶିକ୍ଷକ ପଲାଇ କହିଛନ୍ତି, ଏହି ଅଞ୍ଚଳରେ ଟେଲିଫୋନ୍ ଟାୱାର ନ ଥିବାରୁ ଫୋନ୍ ନେଟ୍‌ୱାର୍କ ଆସୁନି। ତେଣୁ ସ୍କୁଲର କୌଣସି କାମ ଇଣ୍ଟରନେଟ୍ ଦ୍ୱାରା କରିହେଉନି। ଅଫିସ୍ ରୁମ୍ ନ ଥିବାରୁ ଅଫିସ୍ ଡକ୍ୟୁମେଣ୍ଟ ରଖିବାରେ ହିନସ୍ତା ହେବାକୁ ପଡୁଛି। ଏ ନେଇ ଅନେକ ଥର ବିଇଓଙ୍କ ନିକଟରେ ଜଣାଇଛି। ବିଇଓ ଓ ବିଡିଓ ଆସି ସ୍ଥିତି ଯାଞ୍ଚ କରିଛନ୍ତି। ହେଲେ ସମସ୍ୟାର ସମାଧାନ କରାଯାଉନି। ପିଲାମାନଙ୍କ ପାଠପଢ଼ିବା ନିମନ୍ତେ ଆବଶ୍ୟକ ଶ୍ରେଣୀ ଗୃହ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉନି। ଏହି ସ୍କୁଲ ପିଲାମାନଙ୍କ ପାଇଁ ଯେଉଁ ନୂତନ କୋଠା କରାଯାଉଛି, ତାହାର କାମ ଅଟକାଇ ରଖାଯାଇଥିବାରୁ ତାହା ମଧ ହସ୍ତାନ୍ତର କରାଯାଉନି। ଫଳରେ ପିଲାମାନେ ପାଠପଢ଼ିବା ନିମନ୍ତେ ଏକ ଉନ୍ନତ ଭିତ୍ତିଭୂମି ପାଇପାରୁନାହାନ୍ତି ବୋଲି ପ୍ରଧାନ ଶିକ୍ଷକ ପଲାଇ କହିଛନ୍ତି। ୧୦ମ ଶ୍ରେଣୀ ଛାତ୍ର ଆମୋଷ ନାୟକ ଓ ୭ମ ଶ୍ରେଣୀ ଛାତ୍ରୀ ନେହା ନାୟକ କହିଛନ୍ତି, ବିଭିନ୍ନ ସ୍ଥାନରେ ସରକାର ପିଲାଙ୍କ ଭଲ ପାଠପଢା ପାଇଁ ସ୍କୁଲର ରୂପାନ୍ତରିକରଣ କରୁଛନ୍ତି। କିନ୍ତୁ ଆମେ ବାରଣ୍ଡାରେ ବସି ପାଠ ପଢୁଛୁ। ତେଣୁ ସରକାରି ଧ୍ୟାନ ଦେଇ ଭଲ ସ୍କୁଲ ଘର ଯୋଗାଇ ଦିଅନ୍ତୁ ବୋଲି ସେମାନେ କହିଛନ୍ତି। ୧୯୮୬ରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲରେ ସରକାରଙ୍କ ରୂପାନ୍ତରିକରଣ କେତେ ପ୍ରଭାବଶାଳୀ ତାହା ଏଠାରେ ଜଳଜଳ ଦିଶୁଛି। ଯାହା ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରଶାସନିକ ଅବହେଳା ନିମନ୍ତେ ପିଲାମାନଙ୍କ ପାଠପଢ଼ା ଅଧିକାଂଶ ସମୟ ବନ୍ଦ ରହୁଛି। ଶ୍ରେଣୀ ଗୃହ ନ ଥିବାରୁ ୮ମରୁ ୧୦ମ ଯାଏ ତିନୋଟି ଶ୍ରେଣୀ ଛାତ୍ରୀଛାତ୍ର ସ୍କୁଲ ବାରଣ୍ଡରେ ବସି ପଢୁଛନ୍ତି। ଅବଶିଷ୍ଟ ୧ମରୁ ୭ମ ଯାଏ ଛାତ୍ରୀଛାତ୍ରମାନେ ଯେନତେନ ଏଠାରେ ଥିବା ଭଙ୍ଗାଦଦରା ଦୁଇଟି ଶ୍ରେଣୀ ଗୃହରେ ପଢୁଛନ୍ତି। ଏଠାରେ ମୋଟ ୧୦୭ ଜଣ ପିଲା ପାଠ ପଢୁଥିବା ବେଳେ ୭ ଜଣ ଶିକ୍ଷକ ଅଛନ୍ତି। ପିଲାଙ୍କ ଶ୍ରେଣୀ ଗୃହ ଆବଶ୍ୟକତା ଦୃଷ୍ଟିରେ ରଖି ଗତ ୨୦୧୩ରେ ଡେଙ୍ଗାସଖାଲ ଗାଁ ନିକଟରେ ୫୦ ଲକ୍ଷରୁ ଅଧିକ ଟଙ୍କା ବିନିମୟରେ ଏକ ନୂତନ ସ୍କୁଲ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ୧୦ ବର୍ଷ ବିତିଛି ନା ସ୍କୁଲ ଘର ନିର୍ମାଣ କାମ ସରୁଛି, ନା ଏହି ନୂତନ ବିଦ୍ୟାଳୟ କୋଠା ହସ୍ତାନ୍ତର ହେଉଛି। ସେପଟେ ନିମ୍ନମାନର କାମ ଯୋଗୁ ଏହି ନୂତନ ସ୍କୁଲ କୋଠାର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା କହିଛନ୍ତି, ଏନେଇ ଅଭିଯୋଗ ମିଳିଛି। ସବୁ ସମସ୍ୟାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ନୂତନ ସ୍କୁଲ କୋଠା କାମ ସରି ନଥିବା ନିରୀକ୍ଷକ କହୁଥିବା ଯନ୍ତ୍ରୀ ମଧ କହିଛନ୍ତି। ତେଣୁ ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

# ମାର୍ଚ୍ଚ ୨୬ରେ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

## ରାଜେନ୍ଦ୍ର ସଭାପତି, ସୁଧୀର ସମ୍ପାଦକ ନିର୍ବାଚିତ


ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା।

**ଭଞ୍ଜନଗର,୨୬।୨(ଡି.ଏନ.ଏ.)**

ଭଞ୍ଜନଗର ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୨୬ରେ ଭଞ୍ଜନଗର ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ ହେବ। ଏଥିସହ ମେ ୩ରୁ ଯାତ୍ରା ଆରମ୍ଭ ହୋଇ ଏହା ୨୧ ଦିନ ଧରି ଚାଲିବ। ମେ ୨୩ ତାରିଖରେ ସିଂହବାହିନୀ ଏବଂ ମେ ୨୪ରେ ଯାତ୍ରା ଉଦ୍‌ଯାପିତ ହେବ। ବୈଠକରେ ସର୍ବସମ୍ମତି କ୍ରମେ ଉକ୍ତ ନିଷ୍ପତ୍ତି ନିଆଯାଇଥିଲା। କମିଟିର ମୁଖ୍ୟ ଉପଦେଷ୍ଟା ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଆଲୋଚନାରେ ଭାଗନେଇ ଯାତ୍ରାକୁ କିଭଳି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ କହିଥିଲେ। ଆଲୋଚନାରେ ଯାତ୍ରା କମିଟି କର୍ତ୍ତା ତଥା ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀ ନୃସିଂହ ନାଥ ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସାହୁ, ଥାନାଧିକାରୀ ଧୀରେସ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକ ଶେଷରେ ଖାଲିଥିବା ପଦବୀ ପାଇଁ ନିର୍ବାଚନ ହୋଇଥିଲା। ସଭାପତି ଭାବେ ରାଜେନ୍ଦ୍ର ବିଶୋୟୀ, ଉପସଭାପତି ବିନୟ କୁମାର ରଥ, ଶାନ୍ତନୁ କୁମାର ଦାସ, ମୁରଲୀ ପଣ୍ଡା, ସମ୍ପାଦକ ସୁଧୀର ରଞ୍ଜନ ବେହେରା, କାର୍ଯ୍ୟକାରୀ ସମ୍ପାଦକ ଗୋପବନ୍ଧୁ ମହାପାତ୍ର, ସୁଶାନ୍ତ ମହାପାତ୍ର, ସହ ସମ୍ପାଦକ ଡି ଚେଲପତି ରାଓ, ଲୋକନାଥ କର, ସୁନୀଲ କୁମାର ପଟ୍ଟନାୟକ, ନାଗେଶ୍ୱର ପାତ୍ର, କୋଷାଧ୍ୟକ୍ଷ ଭାବେ ଟି ମହେଶ୍ୱର ପାତ୍ର, ସଭ୍ୟ ରଞ୍ଜିତ ମିଶ୍ର, ଶୂଳପାଣି ଶତପଥୀ, ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବୈଠକରେ ରାଜେନ୍ଦ୍ର ବିଶୋୟୀ ଅଧକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଯାତ୍ରା କମିଟିର କର୍ମକର୍ତ୍ତା ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ର, ପୂର୍ବତନ ସଭାପତି ଡ. ନଳିନୀକାନ୍ତ ତ୍ରିପାଠୀ, ମାଲରାମ ସ୍ୱାଇଁ ପ୍ରମୁଖଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ସମସ୍ୟା ବୁଝିଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ

**ଗୋପାଳପୁର,୨୬।୨(ଡି.ଏନ.ଏ.)**


ଲୋକଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ।

ଗୋପାଳପୁର ଏନ୍‌ଏସିରେ ରବିବାର ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ବିଭିନ୍ନ ୱାର୍ଡ ଗସ୍ତ କରିବା ସହ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବାହ୍ନରେ ରାଜନୈତିକ ସଚିବ ଦାସ ଏନ୍‌ଏସିର ୧,୩,୪,୮ଓ ୯ ନମ୍ବର ୱାର୍ଡ଼ ବୁଲି ଲୋକଙ୍କ ନିକଟକୁ ଯାଇ ସମସ୍ୟା ବିଷୟରେ ବୁଝିବା ସହ ଏହାର ସମାଧାନ ଶୀଘ୍ର କରାଯିବ ବୋଲି ଦାସ କହିଥିଲେ। ଏନ୍‌ଏସି କାର୍ଯ୍ୟାଳୟରେ ସବୁ କାଉନସିଲରଙ୍କ ସହିତ ଆଲୋଚନା କରି ପ୍ରତି ଘର ଘରକୁ ଯାଇ ସମସ୍ୟା ବୁଝିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଶୀଘ୍ର ସମାଧାନ ହୋଇପାରିବ ବୋଲି କହିବା ସହ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ମଧ ବହୁ ଉନ୍ନୟନ ମୂଳକ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଏନ୍‌ଏସି ଅଧକ୍ଷ ଏ.ଜାନକୀରାମ, ଉପାଧକ୍ଷ ବି.ଉମା, କାଉନସିଲର ଜି.ମୋହନରାଓ, ପୂର୍ବତନ ନଗର ପାଳ ଶଶିଭୁଷଣ ମହାନ୍ତି ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

# ଅନ୍ତବୁଜୁଳା ପଦାକୁ ବାହାରି ମହିଳା ଗୁରୁତର

- ସ୍ତ୍ରୀଙ୍କୁ ଜଙ୍ଗଲରୁ ୨କି.ମି ବୋହି ଆଣିଲେ ସ୍ୱାମୀ
- ଅଫିସ ଗାଡ଼ିରେ ଡାକ୍ତରଖାନା ନେଲେ ତହସିଲଦାର

**ଦିଗପହଣ୍ଡି,୨୬।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଗ୍ରାମ ଡିଙ୍କିଲିରେ ରବିବାର ଏକ ଲୋମଟାଙ୍କୁରା ଘଟଣା ଦେଖିବାକୁ ମିଳିଛି। ଫସଲ ଜଗିବା ପାଇଁ କରିଥିବା ମଞ୍ଚା ଉପରକୁ ଚଢିବା ବେଳେ ଗୋଡ ଖସିଯାଇ ଧାରୁଆ ବାଉଁଶ କେନାରେ ଜଣେ ମହିଳାଙ୍କ ପେଟ ଚିରି ହୋଇ ଅନ୍ତଃବୁଜୁଳା ବାହାରି ଆସିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର କାର୍ତ୍ତିକା ଦଳାଇ ସ୍ତ୍ରୀ ସୁଷମା(୫୦)। ସୁଷମା ଘରଠାରୁ ପ୍ରାୟ ୨ କି.ମି ଦୂର ଜଙ୍ଗଲ ଭିତରେ ଥିବା ଚଣାବାଡକୁ ଯାଇଥିଲେ। ସେଠାରେ ସେ ଫସଲ ଜଗିବା ପାଇଁ କରିଥିବା ମଞ୍ଚା ଉପରକୁ ଚଢିବା ବେଳେ ହଠାତ ଗୋଡ ଖସିଯାଇଥିଲା। ଫଳରେ ଧାରୁଆ ବାଉଁଶ କେନାରେ ତାଙ୍କ ପେଟ ଚିରି ହୋଇ ଅନ୍ତଃବୁଜୁଳା ବାହାରି ଆସିଥିଲା। ଚିତ୍କାର ଶୁଣି କାର୍ତ୍ତିକା ପହଞ୍ଚି ସ୍ତ୍ରୀଙ୍କୁ ଉଦ୍ଧାର କରିଥିଲେ ମଧ ଘରକୁ ଆଣିବାକୁ କୌଣସି ବ୍ୟବସ୍ଥା ନଥିବାରୁ ବାଧ ହୋଇ ୨ କି.ମି ରାସ୍ତା ବୋହି ଆଣିଥିଲେ। ଦିଗପହଣ୍ଡି ତହସିଲଦାର ଗ୍ରାମବାସୀଙ୍କ ଆଧାର କାର୍ଡ ପାଇଁ ଆବଶ୍ୟକ ହେଉଥିବା ଜନ୍ମଗତ ପ୍ରମାଣପତ୍ର କରାଇବା ଉଦ୍ଦେଶ୍ୟରେ ଗ୍ରାମରେ ଉପସ୍ଥିତ ଥିଲେ। ତହସିଲଦାର ନିଜ ଅଫିସ ଗାଡିରେ ମହିଳାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ମହିଳାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେବାପାଇଁ ପରାମର୍ଶ ଦେଇଥିଲେ। ତହସିଲଦାରଙ୍କ ଲଗାତାର ଉଦ୍ୟମ ଫଳରେ ଦିଗପହଣ୍ଡିଠାରେ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ହେବାରୁ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି।

# ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ହେଲେ ବିଷ୍ଣୁପ୍ରିୟା


ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକଙ୍କୁ ସ୍ୱାଗତ କରାଯାଉଛି।

**ଗୋପାଳପୁର,୨୬।୨(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ଭାବେ ବିଷ୍ଣୁପ୍ରିୟା ନାୟକ ନିର୍ବାଚିତ ହୋଇଛନ୍ତି। ରବିବାର ଭୁବନେଶ୍ୱର ମହାନଗର ସ୍ଥିତ କ୍ୟାପିଟାଲ ହାଇସ୍କୁଲଠାରେ ରାଜ୍ୟ ନିର୍ଦ୍ଦେଶିକା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ବିଷ୍ଣୁପ୍ରିୟା ନାୟକ ପାର୍ଥି ହୋଇଥିବା ବେଳେ ବିପକ୍ଷରେ ସୁଧାଂଶୁ ଶେଖର ବଡ଼ଜେନା ପ୍ରାର୍ଥୀ ହୋଇଥିଲେ। ଏ ନେଇ ସକାଳ ୭ରୁ ଅପରହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୯ଟି ଭୋଟ ହୋଇଥିବା ବେଳେ ବିଷ୍ଣୁପ୍ରିୟା ୧୮ଟି ଭୋଟ ପାଇଥିଲେ। ସୁଧାଂଶୁ ଶେଖର ୧୧ଟି ଭୋଟ ପାଇଥିଲେ। ନିର୍ବାଚନ ଅଧିକାରୀ ଅପରାହ୍ନରେ ବିଷ୍ଣୁପ୍ରିୟାଙ୍କୁ ୮ଭୋଟରେ ବିଜୟୀ ଘୋଷଣା କରିଥିଲେ। ଏଥିପୂର୍ବରୁ ସେ ବ୍ରହ୍ମପୁର ବିସିସି ବ୍ୟାଙ୍କର ନିର୍ଦ୍ଦେଶିକା ରହିଛନ୍ତି। ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ପ୍ରସାଦ ଦୋରା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବିସିସି ବ୍ୟାଙ୍କର ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଓଡ଼ିଶା ଡ୍ରାଇଭର ସଂଘ ବୈଠକ: ଦାବି ପୂରଣ ନ ହେଲେ ଆନ୍ଦୋଳନ



**ଦାରିଙ୍ଗବାଡି,୨୬।୨(ଡି.ଏନ.ଏ)**

ଦାରିଙ୍ଗବାଡିଠାରେ ଓଡ଼ିଶା ଡ୍ରାଇଭର ସଂଘ ଦାରିଙ୍ଗବାଡି ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରଭଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ସଂଘର ଦାବିଗୁଡିକ ସମ୍ପର୍କରେ ଟାଳ ଟୁଳି ନିତି ଅବଲମ୍ବନ କରୁଛନ୍ତି ଏହାର ଦାବି ପୁରଣ ନ କରାଗଲେ ଆସନ୍ତା ୧୫ରେ ବିକ୍ଷୋଭ କରାଯିବା ସହ ଚକା ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ଡ୍ରାଇଭର ମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ଅନେକ ସମୟରେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଛନ୍ତି ତେଣୁ ସୁରକ୍ଷା ଦାବିରେ ଉଲେଖ କରିଥିବା ସହ ଗାଡି ଗୁଡିକ ପାର୍କିଂ ବ୍ୟବସ୍ଥା ସହ ସ୍ଥାନେ ସ୍ଥାନେ ବିଶ୍ରାମଗାର ସହ ଶୌଚାଳୟ ଆଦି ସୁବିଧା, ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଥିବା ଚାଳକଙ୍କ ପାଇଁ ଅତିକମରେ ୨୦ଲକ୍ଷ ଓ ଆହତଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ସହାୟତା ରାଶି ଦେବା ସହ ପେନସନ ଯୋଜନାରେ ସାମିଲ ଆଦି ଦାବି ରହିଛି। ଏହି ବୈଠକରେ ଉପସଭାପତି ସନ୍ତୋଷ ଦିଗାଲ, ସଞ୍ଜୟ ମାଲାବିଶୋଇ, ରୁଦ୍ରଦେବ ମଲିକ, ସମୀର ଦିଗାଲଙ୍କ ସମେତ ଶତାଧିକ ସଂଘ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ୬ କେନ୍ଦ୍ରରେ କନଷ୍ଟେବଲ ପଦବୀ ପାଇଁ ପରୀକ୍ଷା

**ପାରଳାଖେମୁଣ୍ଡି,୨୬।୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ରାଜ୍ୟ ପୋଲିସ ବିଭାଗର କନଷ୍ଟେବଲ ପଦବୀ ନିମନ୍ତେ ୬ଟି କେନ୍ଦ୍ରରେ ରବିବାର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗଜପତି ପୋଲିସରେ ମୋଟ ୧୦୫ କନଷ୍ଟେବଲ ପଦବୀ ନିମନ୍ତେ ୬ଟି କେନ୍ଦ୍ରରେ ୨୨୬୫ ଆବେଦନକାରୀଙ୍କ ପାଇଁ ପରୀକ୍ଷା ଆୟୋଜିତ ହୋଇଥିବା ବେଳେ ଏଥିରୁ ୧୯୧୧ଜଣ ପରୀକ୍ଷା ଦେଇଥିଲେ। ଏହି ସମସ୍ତ ପରୀକ୍ଷା ପରିଚାଳନାକୁ ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ସମସ୍ତ କେନ୍ଦ୍ରକୁ ଖୋଦ ଏସ୍‌ପି ପରିଦର୍ଶନ ତଥା ନିରୀକ୍ଷଣ କରି ତଦାରଖ କରିଥିବା ବେଳେ ଜିଲାସ୍ତରୀୟ ପୋଲିସ ପଦାଧିକାରୀ ମାନଙ୍କ ନେତୃତ୍ୱରେ ପୋଲିସ ଅଧିକାରୀମାନଙ୍କ ସହ ପୋଲିସ କର୍ମଚାରୀମାନେ ମୁତୟନ ରହିଥିଲେ।

## ପ୍ରତାପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ମହାଦେବ ଏକାଦଶ ଚାମ୍ପିୟନ

**ପାତ୍ରପୁର,୨୬।୨(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ଜରଡ଼ାଠାରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରତାପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ମ୍ୟାଚ୍‌ରେ ମହାଦେବ ଏକାଦଶ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ୨୪ ଦଳ ଭାଗ ନେଇଥିବା ବେଳେ ଉଦ୍‌ଯାପନୀ ମ୍ୟାଚରେ ମହାଦେବ ଏକାଦଶ ସହ ଆମ୍ବପୁର ଦଳ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଆମ୍ବପୁର ଦଳ ବ୍ୟାଟିଂ କରି ୧୦୭ ରନ ସଂଗ୍ରହ କରିଥିଲା । ଜବାବରେ ମହାଦେବ ଏକାଦଶ ୧୦ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ସହଜ ବିଜୟ ହାସଲ କରିଥିଲା। ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ଚର୍ଚ୍ଚିତ ଡ୍ୟାନ୍ସ ଅମ୍ପାୟର ମିଥୁନଙ୍କୁ ଆମନ୍ତ୍ରିତ କରାଯାଇଥିବା ବେଳେ ମିଥୁନଙ୍କ ଡ୍ୟାନ୍ସ ଶୈଳୀରେ ଅମ୍ପାୟରିଂ ଦେଖି ଦର୍ଶକ ହସି ହସି ବେଦମ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ତିଳ ବେହେରା ମୁଖ୍ୟ ବକ୍ତା ଭାବେ ଜରଡା ଥାନା ଆଇଆଇସି ସୁନୀଲ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ତଥା ଜରଡା ତାଲୁକା ପ୍ରଧାନ ସମାଜ ସଭାପତି ନିଶାମଣି ପ୍ରଧାନ ଏବଂ ସୀମାଞ୍ଚଳ ଗୌଡ଼ ପ୍ରମୁଖ ମଞ୍ଚାସୀନ ରହି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଯାପନୀ ମ୍ୟାଚର ଉଦ୍‌ଘାଟନ କରିଥିଲେ। ପରିଶେଷରେ ଚାମ୍ପିୟନ ମହାଦେବ ଏକାଦଶ ଦଳକୁ ଶିଲ୍ଡ ସହ ୨୦,୦୦୦ ଟଙ୍କା, ରନର୍ସ ଆମ୍ବପୁର ଦଳକୁ ଶିଲ୍ଡ ସହ ୧୦,୦୦୦ଟଙ୍କା ଓ ତୃତୀୟ ଦଳ ଭାବେ ଚୁଡ଼ିଆଲାଞ୍ଜି ଟିମକୁ ଶିଲ୍ଡ ସହ ୩,୩୩୩ ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ମ୍ୟାନ ଅଫ ଦି ମ୍ୟାଚ ଶିଲ୍ଡ ଆକାଶଙ୍କୁ ଓ ମ୍ୟାନ ଅଫ ଦି ସିରିଜ ଶିଲ୍ଡ ସୌମ୍ୟଙ୍କୁ ପ୍ରଦାନ ସହ ଅନେକ କୃତୀ ଖେଳାଳିଙ୍କୁ ମଧ ଶିଲ୍ଡ ପ୍ରଦାନ କରାଯାଇଥିଲା। ଶାନ୍ତନୁ ପାଢ଼ୀ ଓ ରାଜେଶ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ବୃନ୍ଦାବନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମାଧବ ବାଡତ୍ୟା, ସୁରେଶ ପଟ୍ଟନାୟକ ଓ ବଦ୍ରି ରଣାଙ୍କୁ ସମ୍ମାନିତ କରାଯାଇଥିଲା। ଅମ୍ପାୟର ଭବେ ସୁବ୍ରତ ନାୟକ, ସ୍କୋରର ଚିନ୍ମୟ ଗୌଡ ଦାୟିତ୍ୱ ତୁଲାଇଥିଲେ। ପାର୍ଥ ସାରଥି କ୍ରିକେଟ ଟିମ୍‌ର ସମସ୍ତ ସଭ୍ୟଙ୍କ ସମେତ ବାଇଲଡୁ ପାଢ଼ୀ, ପ୍ରଦେଶ ଡାକୁଆ, ଭଣ୍ଡାରି ନାୟକ, ଅବିନାଶ ପଢାଲ ଓ ଗୋପ ପାଣିଗ୍ରାହୀ ସହଯୋଗ କରିଥିଲେ।

# ୨୮ରେ ଭାଜପା ଯୁବ ମୋର୍ଚ୍ଚାର ବିଧାନସଭା ଘେରାଉ

**ଫୁଲବାଣୀ ଅଫିସ, ୨୬।୨**


ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ଫୁଲବାଣୀ ସ୍ଥିତ ପ୍ରେସ୍ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆଗାମୀ ୨୮ ତାରିଖ ଦିନ ବିଧାନସଭା ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି।

ରାଜ୍ୟରେ ୨୩ ବର୍ଷ ଧରି ଗୋଟିଏ ସରକାର ଶାସନ କରୁଛି। ବିଗତ କିଛିବର୍ଷ ହେଲା ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। କିଛିଦିନ ତଳେ ଫୁଲବାଣୀ ଗଉଡସାହିର ଜଣେ ଛାତ୍ରୀଙ୍କ ମୃତ୍ୟୁ, ରାଙ୍ଗାପାରୁ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ମୃତ୍ୟୁ, ଅନ୍ୱେଷା ହଷ୍ଟେଲ ଛାତ୍ର ମୃତ୍ୟୁକୁ ନେଇ ତୁମ୍ବିତୋଫାନ ହୋଇଛି। ହେଲେ ପ୍ରତ୍ୟେକ କ୍ଷେତ୍ରରେ ପୋଲିସ ତଦନ୍ତକୁ ବାଟବଣା କରିଛି। ଅନ୍ୱେଷା ହଷ୍ଟେଲ ଛାତ୍ର ମୃତ୍ୟୁ ଘଟଣାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଟାଉନ୍ ଥାନାରେ ଦିଆଯାଇଥିବା ଏତଲାକୁ ଗ୍ରହଣ କରାଯାଇନାହିଁ । ସେହିପରି ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ନବ ଦାସଙ୍କୁ ସର୍ବସମ୍ମୁଖରେ ଜଣେ ପୋଲିସ ଏଏସ୍‌ଆଇ ହତ୍ୟା କଲେ । ହେଲେ ଆଜି ଯାଏ ଏହି ଘଟଣାକୁ ନେଇ ସରକାର ମୁହଁ ଖୋଲୁନାହାନ୍ତି। ଘଟଣାର ସିବିଆଇ ତଦନ୍ତ ଦାବି ଭାଜପା ପକ୍ଷରୁ ହୋଇଆସୁଥିଲେ ମଧ ସରକାର ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଏଥିପ୍ରତି ଶୁଣୁନାହାନ୍ତି। ବର୍ତ୍ତମାନ ରାଜ୍ୟରେ କେହି ସୁରକ୍ଷିତ ନୁହନ୍ତି । ଏସବୁ ଘଟଣାକୁ ନେଇ ଆସନ୍ତା ୨୮ରେ ବିଧାନସଭା ଘେରାଉ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଯୁବ ମୋର୍ଚ୍ଚା ସଭାପତି କହଁର କହିଛନ୍ତି । ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ସମ୍ପାଦକ ଗୌତମ ମଲ୍ଲିକ, ମଣ୍ଡଳ ସଭାପତି ଆଦିତ୍ୟ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଧର୍ମଶାଳା
- କିଶୋରୀ ବୃନ୍ଦାବନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର । ସ୍ଥାନ: ସାର୍ଥକ ହସ୍ପିଟାଲ ପରିସର, ସମୟ : ପୂର୍ବାହ୍ନ ୯ଟା

## ସଙ୍କଟ ମୋଚନଙ୍କ ଜନ୍ମୋତ୍ସବ



ପାଣିକୋଇଲି,୨୬।୨(ଡି.ଏନ.ଏ.): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗିରିସାହିରେ ସଙ୍କଟ ମୋଚନଙ୍କ ଜନ୍ମୋତ୍ସବ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୩ଦିନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ରବିବାର ପ୍ରତ୍ୟୁଷରୁ ଭକ୍ତମାନେ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ସଙ୍କଟ ମୋଚନଙ୍କ ପାଖରେ ପହଞ୍ଚିଥିଲେ। ପରେ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୮ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ପଣ୍ଡିତ ପରମାନନ୍ଦ ଶତପଥୀ, ରଘୁନାଥ ପାଢ଼ୀ, ରବିନାରାୟଣ ପଣ୍ଡା, ମଧୁସୂଦନ ପାଢ଼ୀ, ରାଧାକାନ୍ତ ସେନାପତି ପ୍ରମୁଖ ଯଜ୍ଞରେ ପୂଜକ ଭାବେ ଯୋଗଦାନ କରିଥିବା ବେଳେ କର୍ତ୍ତା ଭାବେ ଦେବଦତ ସେନାପତି, ଅଶୋକ ସେନାପତି, ରଞ୍ଜନ ଗିରି ପ୍ରମୁଖ ସସ୍ତ୍ରୀକ ଉପବେଶନ କରିଥିଲେ। କାର୍ଯ୍ୟକ୍ରମରେ ନାମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନାରାୟଣ ମାଝି, ମାନଗୋବିନ୍ଦ ପରିଡ଼ା, ଚିନ୍ତାମଣି ଗିରି, ବାସୁଦେବ ମହାରଣା, ସମୀର ସାହୁ, ହରେକୃଷ୍ଣ ଶିଅଳ, ପ୍ରକାଶ ଶିଅଳ, ପ୍ରତାପ ପରିଡା, ବିଶ୍ୱନାଥ ମାଝୀ, ଅଶୋକ ମାଝୀ, ପ୍ରମୋଦ ପହୀ, ନଟବର ମାଝୀ, କାର୍ତ୍ତିକ ମାଝି, ନକୁଳ ଗିରି, ଶ୍ରୀକାନ୍ତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ପାଇଁ ସଚେତନତା ଆବଶ୍ୟକ

**ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ବୈଠକ**

ପାଣିକୋଇଲି,୨୬।୨(ଡି.ଏନ.ଏ.): ଯାଜପୁର ଜିଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବାର୍ଷିକ ସାଧାରଣ ବୈଠକ ଏବଂ କେନ୍ଦ୍ରାଞ୍ଚଳମଣ୍ଡଳୀ ଅନ୍ତର୍ଗତ ୧୦ ଜିଲାର ବୈଠକ ତଥା ଯାଜପୁର ଜିଲା ସଂଘ ନିର୍ବାଚନ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୌରାଙ୍ଗ ଚରଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଉଦ୍‌ଘାଟକ ତଥା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ରାଜ୍ୟ ସଂଘ ମୁଖ୍ୟ ପୃଷ୍ଠ ପୋଷକ ଦୁଃଖୀଶ୍ୟାମ ପଣ୍ଡା ମୁଖ୍ୟ ଅତିଥି ଓ ରାଜ୍ୟ ସଂଘ ସଭାପତି, କୋଷାଧ୍ୟକ୍ଷ, ପୂର୍ବତନ ସଭାପତି ଯଥାକ୍ରମେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ସ୍ୱତନ୍ତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ମନୋରଞ୍ଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

ଅତିରିକ୍ତ ଜିଲାପାଳ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଦୈନନ୍ଦିନ କାର୍ଯ୍ୟାବଳୀ ସମ୍ପର୍କରେ କହିଥିଲେ। ସାଧାରଣ ଲୋକଙ୍କୁ ଉଚିତ ସେବା ଓ ବହୁବିଧ ସମସ୍ୟା ସମାଧାନରେ ଗୁରୁଦାୟିତ୍ୱ ବହନ କରିଥିବା ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସଚେତନତା ସୃଷ୍ଟିର ଯଥାର୍ଥତା ଉପରେ ଅତିଥିମାନେ ଟିପ୍ପଣୀ ଦେଇଥିଲେ। କ୍ଷେତ୍ର ଅଧିକାରୀମାନେ ଓଡ଼ିଶା ରାଜସ୍ୱ ସେବାକୁ ପଦୋନ୍ନତି ପାଇଥିବାରୁ ଜିଲାର ୧୩ ରାଜସ୍ୱ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ସହକାରୀ ରାଜସ୍ୱ ନିରୀକ୍ଷକ ୩୨ ଜଣ ଓ ଉପସ୍ଥିତ ୧୦ ଜିଲାର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ୩ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପ୍ରଭାତ ତ୍ରିପାଠୀ, ସମର ବିଜୟ ଶରଣଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ବୈଠକରେ ଜିଲା ସଂଘ ନିର୍ବାଚନ ମନୋନୟନ ପ୍ରକ୍ରିୟାରେ କରାଯାଇଥିଲା। ଏଥିରେ ଜିଲା ସଭାପତି ଭାବେ ସଞ୍ଜୟ ବଳ, ସମ୍ପାଦକ ସୁଧୀରଞ୍ଜନ ମଲ୍ଲିକ, ଉପସଭାପତି ଚିନ୍ମୟୀ ଦାସ, ଯୁଗ୍ମ ସଭାପତି ସତ୍ୟ ସୁନ୍ଦର ଦାସ, ସାଙ୍ଗଠନିକ ସମ୍ପାଦକ ତନ୍ମୟ ମିଶ୍ର, ସମୀକ୍ଷକ ପ୍ରମିଳା ଜାମୁଣ୍ଡା, ଇତିଶ୍ରୀ ସେନାପତି, ଉପଦେଷ୍ଟା ଅଭୟ ବେହେରା, ସରୋଜ ମଲ୍ଲିକ, କାର୍ଯ୍ୟାଳୟ ସମ୍ପାଦକ ଲିପ୍ସିତା କର ଓ ପ୍ରେସ୍ ସମ୍ପାଦକ କାଟେ ପୂର୍ତିଙ୍କ ନାମ ଘୋଷଣା କରାଯାଇଥିଲା। ପରେ ସେମାନେ ଶପଥ ନେଇଥିଲେ। ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାଞ୍ଚଳମଣ୍ଡଳୀ ବୈଠକ କରାଯାଇଥିଲା। କାର୍ଯ୍ୟକ୍ରମ ସଙ୍ଗଠିତ କରିଥିବାରୁ ବ୍ୟାସନଗର ତହସିଲ କ୍ଷେତ୍ର ଅଧିକାରୀଙ୍କୁ ସ୍ଥାୟୀ ସଭାପତି ଗୌରାଙ୍ଗ ଚନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

## ରାଜୀବ ମହାନ୍ତି ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଭାପତି



ଯାଜପୁର ଟାଉନ, ୨୬।୨ (ଡି.ଏନ.ଏ.): ଯାଜପୁର ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଭାବେ ଆଇନଜୀବୀ ରାଜୀବ ମହାନ୍ତି ମନୋନୀତ ହୋଇଛନ୍ତି। ବିଜେଡି ପକ୍ଷରୁ ରବିବାର ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ ଏନେଇ ସୂଚନା ଦିଆଯାଇଛି। ପୁନର୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନଜୀବୀ ରାଜୀବ ମହାନ୍ତିଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ମହାନ୍ତି ୨୦୧୭ରୁ ଏହି ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସୁଛନ୍ତି। ଏହି ଖବର ପ୍ରକାଶ ହେବାପରେ ଯାଜପୁରସହର ସହିତ ଜିଲାର ଆଇନଜୀବୀ ଓ ସାଧାରଣରେ ଖୁସି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ତାଙ୍କୁ ଏହି ନିଯୁକ୍ତି ମିଳୁଥିବାରୁ ସେ ମୁଖ୍ୟମନ୍ତ୍ରୀ, ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି

- ଧର୍ମଶାଳା ବ୍ଲକ୍‌ରେ ଦୁର୍ନୀତିକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ
- ଭିଜିଲାନ୍ସରେ ବିଭିନ୍ନ ଅଧିକାରୀଙ୍କ ନାମରେ ରହିଛି ଫୌଜଦାରି ମକୋଦ୍ଦମା

ଯାଜପୁର ଟାଉନ୍,୨୬।୨(ଡି.ଏନ.ଏ.) ଯାଜପୁର ଜିଲା ଧର୍ମଶାଳା ବ୍ଲକ୍‌ରେ ହୋଇଥିବା ଦୁର୍ନୀତିକୁ ନେଇ ରବିବାର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଯାଜପୁର ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରାଯାଇଛି। ସମ୍ମିଳନୀରେ କୁହାଯାଇଛି, ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କୁ ୨୪।୧୧।୨୦୨୧ରେ ସୂଚନା ଅଧିକାର ଆଇନ୍‌ରେ ବ୍ଲକ୍‌ର ଦୁର୍ନୀତି ସମ୍ପର୍କରେ ତଥ୍ୟ ମିଳିଥିଲା। ଏହାକୁ ଆଧାର କରି ଲୋକାୟୁକ୍ତଙ୍କ ନିକଟରେ ସର୍ବେଶ୍ୱର ଅଭିଯୋଗ କରିଥିଲେ ଯେ, ବ୍ଲକ୍‌ର ତରଞ୍ଜିଆ ପଞ୍ଚାୟତସ୍ଥିତ ତରଞ୍ଜିଆ ନୂଆପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୩ଲକ୍ଷ ୪୬ ହଜାର ୫ ଶହ ଟଙ୍କାର ମିଥ୍ୟାବିଲ୍ କରି ହଡ଼ପ କରିଛନ୍ତି। ସେହିପରି କ୍ଷୁଦ୍ରଜଳସେଚନ ବିଭାଗ ଯାଜପୁର ତରଫରୁ ତରଞ୍ଜିଆ ନୂଆପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଇ ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଲୋକାୟୁକ୍ତ ଉକ୍ତ କେସ୍ ନଂ.ଏଲ୍‌ୱାଇ ୭୧୯/୨୦୨୧କୁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରୁ ଜଣାପଡିଥିଲା ଯେ ଯାଜପୁର କ୍ଷୁଦ୍ରଜଳ ସେଚନ ବିଭାଗ ଉକ୍ତ କାର୍ଯ୍ୟ କରିଥିବାବେଳେ ତରଞ୍ଜିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ମହାନ୍ତି, ସରପଞ୍ଚ ସୁଶାନ୍ତ ସେଠୀ, ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ସହାୟକ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ମହାନ୍ତି ପ୍ରମୁଖ ମିଶି ପୋଖରୀ ପୁନରୁଦ୍ଧାର ନାମରେ ଟଙ୍କା ଲୁଟ୍ କରିଛନ୍ତି। ସେମାନଙ୍କ ବିରୋଧରେ କଟକ ଭିଜିଲାନ୍ସ ଏସ୍‌ପି କେସ୍ ନଂ.୫୧/୨୦୨୨ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ବ୍ଲକ୍‌ର ଗଙ୍ଗାଧରପୁର ପଞ୍ଚାୟତ ଇମାମ୍‌ନଗର ଗ୍ରାମରେ ଅକ୍ଷୟ ପାଲଙ୍କ ଘରଠାରୁ ସୁନାକର ରାଉତ ଘର ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ କାର୍ଯ୍ୟରେ ମିଥ୍ୟାବିଲ୍ କରି ୨ ଲକ୍ଷ ୫୨ ହଜାର ୬୧୪ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। କୋର୍ଟ ଉକ୍ତ ଅଭିଯୋଗ ସଂଖ୍ୟା ୧୩୪/୨୦୨୨କୁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ କରି ଲୋକାୟୁକ୍ତଙ୍କ ତଦନ୍ତ ଟିମ୍ ଜାଣିବାକୁ ପାଇଲେ ଯେ ଉକ୍ତ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ହୋଇଛି। ରେକର୍ଡ ଅନୁଯାୟୀ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ୧୬୪୦.୮୨ କି.ମି ମାଟି ପଡ଼ି ୨ ଲକ୍ଷ ୯୪ ହଜାର ୩୩୬ ଟଙ୍କା ବିଲ୍ ହୋଇଛି। ମାତ୍ର ତଦନ୍ତ ପରେ ୨୩୯.୬୩ କି.ମି. ମାଟି ପଡ଼ି ମାତ୍ର ୪୧ହଜାର ୬୨୨ ଟଙ୍କା ଖର୍ଚ୍ଚ କରାଯାଇ ବାକି ୨ ଲକ୍ଷ ୫୨ ହଜାର ୬୧୪ ଟଙ୍କା ହଡ଼ପ୍ କରାଯାଇଛି ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟରେ ଗଙ୍ଗାଧରପୁର ସରପଞ୍ଚ ରୀନା ମଲିକ, ପଞ୍ଚାୟତ କାର୍ଯ୍ୟାନିର୍ବାହୀ ଅଧିକାରୀ ନିର୍ମଳ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଗଡ଼ନାୟକ, ଗ୍ରାମରୋଜଗାର ସେବକ ଚିନ୍ମୟୀ କର, ସହାୟିକା ଯନ୍ତ୍ରୀ ଯତିନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ପୃକ୍ତ ଥିବା ଜଣାପଡିଛି। ଉକ୍ତ ରିପୋର୍ଟକୁ ଆଧାର କରି ଲୋକାୟୁକ୍ତ ୨୩।୧୨।୨୦୨୨ରେ ସେମାନଙ୍କ ବିରୋଧରେ ଭିଜିଲାନ୍ସ ଫୌଜଦାରୀ ମକୋଦ୍ଦମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକ ଭିଜିଲାନ୍ସ ଏସ୍‌ପି ୦୪।୧।୨୦୨୩ରେ ଅଭିଯୋଗ ସଂଖ୍ୟା ୦୨/୨୦୨୩ରେ ମାମଲା ପଞ୍ଜୀକୃତ କରି ତଦନ୍ତ ଚାଲୁ ରଖିଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ଜିଲା ପ୍ରଭାରୀ (ମିଡିଆସେଲ୍) ସୁଶାନ୍ତ କୁମାର ବେହେରା, ଅକ୍ଷୟ କୁମାର ପଣ୍ଡା ଏବଂ ସାମାଜିକ ଗଣମାଧ୍ୟମର ଆବାହକ ପର୍ଶୁରାମ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା।

## ୧୬ ନମ୍ବର ଜୋନରୁ ରେବତୀ ଗୁଈଁ ବିଜୟୀ

### ହସ୍ତତନ୍ତ ବୁଣାକାର ସମବାୟ ସମିତି ନିର୍ବାଚନ

ରସୁଲପୁର,୨୬।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳର ବୁଣାକାର ନେତ୍ରୀ ରେବତୀ ଗୁଈଁଙ୍କୁ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି(ବୟନିକା) ପରିଚାଳନା ପରିଷଦ ନିର୍ବାଚନରେ ସଫଳତା ମିଳିଛି। ରେବତୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶଶିରେଖା ଗୁଈଁଙ୍କୁ ୩୯ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ପରିଚାଳନା ପରିଷଦର ସଦସ୍ୟା ନିର୍ବାଚିତ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଗୋପାଳପୁର ବୁଣାକାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରାଜ୍ୟର ବୁଣକାରଙ୍କୁ ୨୧ ଜୋନରେ ବିଭକ୍ତ କରାଯାଇଛି। ୬୬୫ଟି ବୁଣାକାର ସମିତି ଓ ଅନ୍ୟୁନ ୫ହଜାର ଭୋଟରଙ୍କୁ ନେଇ ସମସ୍ତ ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।



୧୬ ନମ୍ବର ଜୋନଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଫଳରେ ଏହି ଜୋନରୁ ରେବତୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିରୋଧୀ ପ୍ରାର୍ଥିନୀ ଭାବେ ତାଙ୍କ ପରିବାର ମଧ୍ୟରୁ ଯାଆ ଶଶିରେଖା ଗୁଈଁ ନିର୍ବାଚନ ଲଢିଥିଲେ। ଜୋନର ୧୩୮ଖଣ୍ଡ ଭୋଟ ମଧ୍ୟରୁ ୧୨୯ ଭୋଟ ପୋଲିଂ ହୋଇଥିଲା। ସେଥି ମଧ୍ୟରୁ ରେବତୀଙ୍କୁ ୮୪ ଓ ଶଶିରେଖାଙ୍କୁ ୪୫ଖଣ୍ଡ ଭୋଟ ମିଳିଥିଲା। ଗୋଟିଏ ପରିବାରରୁ ୨ଜଣ ନିର୍ବାଚନ ଲଢିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ବୁଣାକାରଙ୍କ ସମସ୍ୟାକୁ ପରିଚାଳନା ପରିଷଦ ବୈଠକରେ ଉପସ୍ଥାପନା ପାଇଁ ଗୁରୁତ୍ୱ ଦେବେ ବୋଲି ରେବତୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ୧୮ ନମ୍ବର ଜୋନରୁ ରମେଶ ଦାସ ନିର୍ବାଚିତ

**ରାଜ୍ୟ ଟସର ଓ ରେଶମ ଶିଳ୍ପ ମହାସଂଘ ନିର୍ବାଚନ**

ରସୁଲପୁର,୨୬।୨(ଡି.ଏନ.ଏ.): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ଟସର ବସ୍ତ୍ର ପାଇଁ ପ୍ରସିଦ୍ଧିଲାଭ କରିଛି। ଟସରବସ୍ତ୍ର ବୁଣାକାରଙ୍କ ନେତା ରମେଶ ଦାସ ଓଡ଼ିଶା ରାଜ୍ୟ ଟସର ଓ ରେଶମ ଶିଳ୍ପ ମହାସଂଘ(ସେରିଫେଡ)ର ପରିଚାଳନା ପରିଷଦ ସଦସ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି। ତାଙ୍କର ସଫଳତାକୁ ନେଇ ବୁଣାକାର ସମିତି ଓ ସଦସ୍ୟଙ୍କ ମହଲରେ ଉଲ୍ଲାସ ପରିଲକ୍ଷିତ ହୋଇଛି। ବିଭିନ୍ନ ବୁଣାକାର ସମିତି, ରାଜନେତା, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀଙ୍କ ପକ୍ଷରୁ ବୁଣାକାର ନେତା ଦାସଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଛୁଟି ଆସୁଛି।

ରାଜ୍ୟର ଟସର ଓ ମଲବରୀ ଚାଷୀ ଏବଂ ବୁଣାକାରଙ୍କୁ ନେଇ ଗଠିତ ମହାସଂଘର ନିର୍ବାଚନ ୨୧ଟି ଜୋନରେ ଅନୁଷ୍ଠିତ ହୋଇଥିଲା। ୧୮ନମ୍ବର ଜୋନରେ ରମେଶ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ତାଙ୍କ ବିରୋଧରେ ଗୋପାଳପୁର ଗାଁର ବୁଣାକାର ନେତା ନରେନ୍ଦ୍ର ବେହରା ନିର୍ବାଚନ ଲଢିଥିଲେ। ଏହି ଜୋନରେ ମୋଟ ୬୬ଖଣ୍ଡ ଭୋଟ୍ ମଧ୍ୟରୁ ୬୨ଖଣ୍ଡ ଭୋଟ ପୋଲିଂ ହୋଇଥିଲା। ସେଥିମଧ୍ୟରୁ ରମେଶଙ୍କୁ ୩୨ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ନରେନ୍ଦ୍ର ବେହେରାଙ୍କ ସପକ୍ଷରେ ୩୦ଖଣ୍ଡ ଭୋଟ ଯାଇଥିଲା। ୨ଖଣ୍ଡ ଭୋଟ ବ୍ୟବଧାନରେ ରମେଶ ବିଜୟୀ ହୋଇଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଗୋଟିଏ ଗାଁର ହୋଇଥିବା ବେଳେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱିତା ଅତ୍ୟନ୍ତ ରୋଚକ ରହିଥିଲା। ନିର୍ବାଚନର ଉଷ୍ମତା ଏତେ ତୀବ୍ର ଥିଲା ଯେ ଏଥିରେ ରାଜନେତାମାନେ ହସ୍ତକ୍ଷେପ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨ ପ୍ରାର୍ଥୀଙ୍କ ପଛରେ ଯାଜପୁର ଜିଲାର ୨ ବିଧାୟକଙ୍କ ହାତ ଥିବା କୁହାଯାଉଛି।



୩୨ଖଣ୍ଡ ଭୋଟ ମିଳିଥିବା ବେଳେ ଟସରବସ୍ତ୍ର ବୁଣାକାରଙ୍କ ନେତା ରମେଶ ଦାସ

## ମୋରମ ବୋଝେଇ ହାଇୱା ଜବତ

କଳିଙ୍ଗନଗର,୨୬।୨(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଭଦ୍ରକ ଅଞ୍ଚଳକୁ ଚୋରାରେ ଚାଲାଣ ହେଉଥିବା ଏକ ମୋରମ ବୋଝେଇ ହାଇୱା ନଂ.ଓଡି-୦୯-ଏଫ-୩୪୮୫କୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ବିଭାଗ ମିଲଟାରି ଛକରୁ ଜବତ କରିଛି। ଜବତ ଗାଡ଼ିକୁ ପରିବହନ ବିଭାଗ ଦାନଗଦି ଫାଣ୍ଡିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏସବୁ ମୋରମ ପଙ୍କପାଳ ଅଞ୍ଚଳରୁ ଚୋରାରେ ଭଦ୍ରକରେ ରେଲୱେ କାମ ପାଇଁ ଯାଉଥିବା ଅନୁମାନ କରାଯାଉଛି।

## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ବାଲୁଗାଁ,୨୬।୨(ଡି.ଏନ୍.ଏ.): ରବିବାର ସନ୍ଧ୍ୟାରେ ଏକ ବିବାହ ଭୋଜିର ଆୟୋଜନ ଚାଲିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୁଅ ଦିବ୍ୟରଞ୍ଜନ ଓରଫ ଶୁଭ(୧୧)। ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଖାରିବନ୍ଧ ଗ୍ରାମରେ ଏହି ଅଘଟଣ ଘଟିଛି। ୮ ଖାରିବନ୍ଧ ଗ୍ରାମ ସ୍କୁଲ ସମ୍ମୁଖ ପଡ଼ିଆରେ ଏକ ବିବାହ ଭୋଜିର ଆୟୋଜନ ହେବା ସହ ସ୍କୁଲ ପରିସରରେ ମଧ୍ୟରେ ସ୍ୱତନ୍ତ୍ର ଅତିଥିଙ୍କ ପାଇଁ ଏକ ଟେଣ୍ଟର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଦିବ୍ୟରଞ୍ଜନ ସାଙ୍ଗଙ୍କ ସହ ବିଦ୍ୟାଳୟ ପରିସରରେ ଖେଳୁଥିବା ବେଳେ ଟେଣ୍ଟକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ।

# ଡିଫାକପ୍ ଫୁଟବଲ୍: ଫାଇନାଲରେ ଭୁବନେଶ୍ୱର

ଧର୍ମଶାଳା,୨୬।୨(ଡି.ଏନ୍.ଏ.): ଧର୍ମଶାଳା ଫୁଟବଲ୍ ଆସୋସିଏଶନ ଡିଫା ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୫ତମ ଡିଫା କପ୍ ଓ ୫ମ ରଞ୍ଜିତ ସ୍ୱାଇଁ ଫୁଟବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚ୍‌ରେ ପ୍ରତାପ କ୍ଲବ ଭୁବନେଶ୍ୱର ମହାଲକ୍ଷ୍ମୀ କ୍ଲବ୍ ଯାଜପୁରକୁ ୩/୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବର ସନାତନ ଦାସ ଗୋଟିଏ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଏହି ଟିମର ଅଫ୍ରିଦ ଖାଁ ଓ ମିଲନ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ କରିଥିଲେ। ଫଳରେ ପ୍ରତାପ କ୍ଲବ୍ କଟକ ୩/୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପ୍ରତାପ କ୍ଲବର ସନାତନ ଦାସଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ସେକ୍ ସଲିମ୍ ଅହମ୍ମଦ ଓ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସେକ୍ ଆସିଫ୍ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ କ୍ରୀଡ଼ାବିତ ଅଶୋକ କୁମାର ନନ୍ଦ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ପ୍ରତାପ କ୍ଲବ ଭୁବନେଶ୍ୱର ଓ ଗାଲାଣ୍ଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ପ୍ରମୋଦ ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନର ସ୍ୱାସ୍ଥ୍ୟ ଶିବିର



ଶିବିରରେ ଡାକ୍ତରମାନେ ରୋଗ ପରୀକ୍ଷା କରି ଔଷଧ ଦେଉଛନ୍ତି।



ଧର୍ମଶାଳା ବିଧାୟକ ଅତିଥିମାନଙ୍କୁ ପାଛୋଟି ନେଉଛନ୍ତି।

ଧର୍ମଶାଳା,୨୬।୨(ଡି.ଏନ.ଏ.): ଧର୍ମଶାଳା ନିର୍ବାଚନମଣ୍ଡଳୀର କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ରବିବାର ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪,୧୧୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ଶିବିରରେ ସମ୍ ହସ୍ପିଟାଲର ଅଭିଜ୍ଞ ୨୦ଜଣ ଡାକ୍ତର, ହାଇଟେକ୍ ମେଡିକାଲର ୨୭, କିମ୍ସ ହସ୍ପିଟାଲର ୭ ଓ ସରକାରୀ ଏବଂ ଅନ୍ୟ ବେସରକାରୀ ଅନୁଷ୍ଠାନର ୧୩ ଜଣ ମୋଟ୍ ୬୭ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ହୃଦ୍‌ରୋଗ, ଗ୍ୟାସ୍‌ଟ୍ରୋ, ମେଡିସିନ, ସ୍ନାୟୁ, ଶ୍ୱାସ, ମାନସିକ ରୋଗ, ସ୍ନାୟୁ ସର୍ଜରି, ଚର୍ମ, ଶିଶୁ ରୋଗ, କର୍ଣ୍ଣ, ନାଶା, ଗଳା, ଦାନ୍ତ, ଡାଇବେଟିସ, ରିମାଟୋଲୋଜି ଆଦି ରୋଗର ପରୀକ୍ଷା କରାଯାଇଥିଲା। ମହାବିଦ୍ୟାଳୟ ଆଡମିନଷ୍ଟ୍ରେଟିଭ ବ୍ଲକର ୨୦ଟି ହଲରେ ଡାକ୍ତରମାନେ ରୋଗୀ ପରୀକ୍ଷା କରିଥିଲେ।

ଧର୍ମଶାଳା ନିର୍ବାଚନମଣ୍ଡଳୀର କବାଟବନ୍ଧ, ରମାପୁର ଓ ନଠୁଆବରଠାରୁ ରୋଗୀଙ୍କୁ ନେବା ଆଣିବା ପାଇଁ ୬ ବସ୍ ଓ ଗୁରୁତର ରୋଗୀଙ୍କ ପାଇଁ ୨ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ଏତ୍‌ଦବ୍ୟତୀତ ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ପାଇଁ ବିଦ୍ୟୁତ୍ ଚାଳିତ ଅଟୋ ଓ ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା। ରୋଗୀ ଓ ଆଟେଣ୍ଡାଣ୍ଟଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ଶିବିରରେ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଫାଉଣ୍ଡେଶନ ଅଧକ୍ଷ ତଥା ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ଧର୍ମଶାଳା କଲେଜ ଅଧକ୍ଷ ତପନ କୁମାର ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ସମିତିସଭ୍ୟ ଜଳଧର ସାହୁ, ଫାଉଣ୍ଡେଶନର ସ୍ୱାସ୍ଥ୍ୟ ବିଭାଗ ଉପଦେଷ୍ଟା ଡା. ସୀତାଂଶୁ ଶେଖର କର, ଉପଦେଷ୍ଟା ସୁନୀଲ ମହାନ୍ତି, ମୁଖପାତ୍ର ଅମିୟ ପରିଡ଼ା, ସଦସ୍ୟ ଶରତ ଚନ୍ଦ୍ର ନାୟକ, ସବ୍ୟସାଚୀ ସୁନ୍ଦରାୟ, ଅକ୍ଷୟ ନାୟକ, ନିର୍ମଳ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଓ ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟର ୪୦ଜଣ ଛାତ୍ରୀ ଉପସ୍ଥିତ ରହି ରୋଗୀଙ୍କ ନାମ ପଞ୍ଜୀକରଣରେ ସହାୟତା କରିଥିଲେ।

## ସଂକ୍ଷେପରେ

### ଶଶିକାନ୍ତ ବ୍ଲକ ଯୁବ କଂଗ୍ରେସ ସଭାପତି

ପାଟକୁରା, ୨୬।୨(ଡି.ଏନ.ଏ.): ଗରଦପୁର ବ୍ଲକ ଯୁବ କଂଗ୍ରେସ ସଭାପତି ଭାବେ ଶଶିକାନ୍ତ ପାଣି ମନୋନୀତ ହୋଇଛନ୍ତି।



ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ବି. ବି. ଶ୍ରୀନିବାସଙ୍କ ଅନୁମୋଦନକ୍ରମେ ଶଶିକାନ୍ତଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଶଶିକାନ୍ତ ବିଭିନ୍ନ ଯୁବ ସଙ୍ଗଠନ ସହ ଜଡ଼ିତ ଥିଲେ। ସଭାପତି ହେବା ପରେ ପାଟକୁରା ନିର୍ବାଚନ ମଣ୍ଡଳୀ ଓ ଗରଦପୁର ବ୍ଲକ ଯୁବ କଂଗ୍ରେସ ସହ ବ୍ଲକ କଂଗ୍ରେସ ସଙ୍ଗଠନ ମଧ ମଜଭୁତ ହେବ ବୋଲି କଂଗ୍ରେସ କର୍ମୀ, ଶୁଭେଚ୍ଛୁଙ୍କ ମନରେ ଆଶା ଓ ସଂକଳ୍ପ ସୃଷ୍ଟି ହୋଇଛି। ତେବେ ସେ ଦାୟିତ୍ୱ ନେବା ପରେ ବ୍ଲକର ଯୁବତୀଯୁବକମାନଙ୍କୁ ଏକଜୁଟ କରି ବିରୋଧୀଙ୍କ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଶଶିକାନ୍ତ ନିଜର ପ୍ରତିକ୍ରିୟାରେ କହିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ତେବେ ଶଶିକାନ୍ତ ମନୋନୀତ ହୋଇଥିବା ନେଇ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ରଞ୍ଜନ ପରିଜା, କୁମାର ପାଣି, ବରିଷ୍ଠ ଜିଲା ସମ୍ପାଦକ ନିରଞ୍ଜନ ରାଉତ, ରମାକାନ୍ତ ସ୍ୱାଇଁ, ଶଙ୍କର୍ଷଣ ମଲ୍ଲିକ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଆସନ୍ତା ସାଧାରଣ ନିର୍ବାଚନରେ ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ପାଟକୁରାରେ କଂଗ୍ରେସ ବିଜୟ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଡିଏଭି ପବ୍ଲିକ ସ୍କୁଲ, ଆଇଟିଆଇ କଲେଜର ବାର୍ଷିକ ଉତ୍ସବ

ରାଜନଗର, ୨୬।୨(ଡି.ଏନ.ଏ.) : ରାଜନଗର ବ୍ଲକ ମଲ୍ଲିଆବୁଦାସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଓ ବାମନ ଦାସ ଆଇଟିଆଇ କଲେଜର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାମନ ଦାସ ଆଇଟିଆଇ କଲେଜର ଅଧକ୍ଷ ଇଂ. କ୍ଷୀରୋଦ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନରତ ପିଲାମାନଙ୍କୁ ସୁନାଗରିକ ଭାବେ ଗଢି ତୋଳିବାକୁ ବିଭିନ୍ନ ପୌରାଣିକ କଥା ବସ୍ତୁକୁ ଆଧାର କରି ମା' ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କଲେ ଶିଶୁଟିଏ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ଜେନା, ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାହୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ବର୍ଷାରାଣୀ ହାତି, ପୂଜାରାଣୀ ନାୟକ, ଭାଗ୍ୟଶ୍ରୀ ରାଉତ, ସୋନାଲି ରାଉତ, ପ୍ରଜ୍ଞା ସାମଲ, ଉମେଶ କୁମାର ବେହେରା, ଇଂ. ଅନନ୍ତ କିଶୋର ବଳ, ସ୍ମୃତି ରଂଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାରତର ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭିତରକନିକା

ରାଜନଗର, ୨୬।୨(ଡି.ଏନ.ଏ.)

ପ୍ରକୃତିର ବିସ୍ମୟ ଭିତରକନିକା। ୬୭୨ବର୍ଗ କିମି ବ୍ୟାପ୍ତ ଭିତରକନିକା ଅଭୟାରଣ୍ୟ ଓ ୧୪୫ ବର୍ଗ କିମି ବିଶିଷ୍ଟ ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ପ୍ରକୃତି ପ୍ରେମୀ, ପରିବେଶବିତ୍, ଜୀବ ବିଜ୍ଞାନୀ, ପକ୍ଷୀ ବିଶାରଦମାନଙ୍କୁ ସବୁ ସମୟରେ ଆକୃଷ୍ଟ କରି ଆସିଛି। ଜୈବ ବିବିଧତା ପାଇଁ ଭିତରକନିକାକୁ ଆନ୍ତର୍ଜାତିକ ରାମସାର ସାଇଟର ମାନ୍ୟତା ମିଳିଛି। ଭାରତରେ ଥିବା ପ୍ରାକୃତିକ ପରିବେଶସ୍ଥଳ ମଧ୍ୟରେ ଭିତରକନିକା ଜାତୀୟ ସ୍ତରରେ ଶ୍ରେଷ୍ଠ ଭାବେ ବିବେଚିତ ହୋଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଇଣ୍ଡିଆଟୁଡେ ପର୍ଯ୍ୟଟନ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଯୋଗଦେଇ ଭାରତର ବିଭିନ୍ନ ପର୍ଯ୍ୟଟନର ବିକାଶ ଉପରେ ମତ ରଖିଥିଲେ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ୩ ଟି ବର୍ଗକୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ପାର୍ବଣ ସ୍ଥଳ ଭାବେ ପୁରୀ ରଥଯାତ୍ରା, ଶ୍ରେଷ୍ଠ ଆଇକନିକ ସ୍ଥଳ ଭାବେ କୋଣାର୍କ ଏବଂ ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭାବେ ଭିତରକନିକା ପୁରସ୍କାରକୁ ରାଜ୍ୟ ପର୍ଯ୍ୟଟନ ସଚିବ ସଚ୍ଚିନ ରାମଚନ୍ଦ୍ର ଯାଦବ ଗ୍ରହଣ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳ ଭାବେ ଜାତୀୟ ସ୍ତରରେ ଚୟନ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି।

ବଙ୍ଗୋପସାଗର ତଟବର୍ତ୍ତୀ ବ୍ରାହ୍ମଣୀ, ବୈତରଣୀ ଏବଂ ଖରସ୍ରୋତା ତ୍ରିକୋଣ ଭୂମିରେ ପ୍ରକୃତିର ଗନ୍ତାଘର ବିଶ୍ୱପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ଏବଂ ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲ ସାଙ୍ଗକୁ ଏହାର ପ୍ରାକୃତିକ ବିଭବ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି। ଏହାସହ ଭିତରକନିକାରେ ପ୍ରବାହିତ ନଦୀ ନାଳରେ ପ୍ରାକୃତିକ ଭାବେ ବସବାସ କରୁଥିବା ବଉଳା କୁମ୍ଭୀର, ବିଶେଷକରି ଏଥିରେ ବସବାସ କରୁଥିବା ଶଙ୍ଖୁଆ ଧଳା କୁମ୍ଭୀର ପର୍ଯ୍ୟଟକ ଓ ଗବେଷକମାନଙ୍କୁ ଆନମନା କରିଦିଏ। ଗହୀରମଥାର ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଲୀଳାଖେଳା ଓ ସମୂହ ଅଣ୍ଡାଦାନ ପ୍ରକ୍ରିୟା ସମଗ୍ର ବିଶ୍ୱରେ ବିରଳ। ପ୍ରାକୃତିକ ବିପର୍ଯ୍ୟୟବେଳେ ସାଗର ତଟବର୍ତ୍ତୀ ପ୍ରାଚୀର ଭାବେ ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେଇ ଆସୁଥିବା ହେନ୍ତାଳ ବଣ ଏବଂ ଏଥିରେ ବସବାସ କରୁଥିବା ନାନା ପ୍ରକାର ଜୀବଜନ୍ତୁ ପାଇଁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଭିତରକନିକାର ବିଶ୍ୱର ଶ୍ରେଷ୍ଠ ବନ୍ୟଜୀବ ସ୍ଥଳ ଭାବେ ମାନ୍ୟତା ମିଳିବା ନିଶ୍ଚିତ ଭାବେ କେବଳ ରାଜନଗର ନୁହେଁ, ସମଗ୍ର ରାଜ୍ୟ ପାଇଁ ଗୌରବର ଗାଥା କହିଲେ ଅତ୍ୟୁକ୍ତି ହେବନାହିଁ।

# ନଦୀବନ୍ଧ, ରାସ୍ତା, ସ୍ଲୁଇସର ଶିଳାନ୍ୟାସ



ବିଧାୟକ ଧ୍ରୁବ ସାହୁ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ରାଜନଗର, ୨୬।୨(ଡି.ଏନ.ଏ.)

ରାଜନଗର ଅଞ୍ଚଳର ବିଭିନ୍ନ ଜନହିତକର କାର୍ଯ୍ୟ, ନଦୀବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ରବିବାର ବିଧାୟକ ଧ୍ରୁବ ସାହୁ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ମାରାଥନ କାର୍ଯ୍ୟକ୍ରମରେ ବିଧାୟକ ସାହୁ ୨୨ ଲକ୍ଷ ଟଙ୍କା ବ୍ୟୟରେ କେରେଡାଗଡ଼-ଅଲତାଙ୍ଗ ଲୁଣା ଘେରିବନ୍ଧ ରାସ୍ତାର ଧାନଦିଆଠାରେ ସ୍ଲୁଇସ ନିର୍ମାଣ, ୪ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ରାଜନଗର ଗୋପାଳପୁର ଲୁଣା ତଟବନ୍ଧ ରାସ୍ତା କୃଷ୍ଣପ୍ରିୟାପୁରଠାରୁ ପେଣ୍ଠ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ନାଥପୁର ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ କଲ୍ୟାଣ ମଣ୍ଡପ, କୁରୁଣ୍ଟି କଞ୍ଚନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ୫ଟିରେ ରୂପାନ୍ତରଣ, କୁରୁଣ୍ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପ୍ରଭୃତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଲୁଣା ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଞ୍ଜନ କୁମାର ବେହେରା, ସହକାରୀ ଯନ୍ତ୍ରୀ ଇଂ. ଭଞ୍ଜ କିଶୋର ରାଉତ, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଜୁ ଯୁବ ଜନତା ଦଳର ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ସଭାପତି ମନୋଜ କୁମାର ମଲ୍ଲିକ, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ଅଶୋକ କୁମାର ମହାନ୍ତି, ନିରଞ୍ଜନ ରାଉତ, ସସ୍ମିତା ମହାନ୍ତି , ଶାନ୍ତିଲତା ବିଶ୍ୱାଳ, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ରବୀନ ମଲ୍ଲିକ, ଉତ୍ତମା ସେଠୀ କଟକ ଦେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ପ୍ରଧାନ, ଦଧିବାମନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

# ପାରାଦୀପକୁ ହରାଇ ସେମିରେ ଯାଜପୁର


ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ରାଜନଗର, ୨୬।୨(ଡି.ଏନ.ଏ.)

### ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡ଼ିଆଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଜାଗୁଲାଇ ଆଥ୍‌ଲେଟିକ କ୍ଲବ ଯାଜପୁର ପାରାଦୀପକୁ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଯାଜପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୭ ରନ କରି ପରାଜିତ ହୋଇଥିଲା। ଯାଜପୁର ଟିମ୍‌ର ଦିବାକର କର ୪ ଓଭର ବୋଲିଂ କରି ୨୫ ରନ୍ ଦେଇ ୨ ଉଇକେଟ ହାସଲ କରିଥିଲେ। ଦିବାକର କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟିର ସଭାପତି ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଖବରଦାତା ଭାସ୍କର ରାଉତରାୟ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି, ସଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ଗୁରୁଚରଣ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ରଞ୍ଜନ ପାତ୍ର, ନବ ମହାପାତ୍ର ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଭାଷ୍ୟକାର ଭାବେ ସୁଧୀର ବେହେରା, ସ୍ମୃତି ରଞ୍ଜନ ସିଂହ, ସ୍କୋରର ଭାବେ ଅରୁଣ ନାଥ, ଜଗନ୍ନାଥ ଭାବେ ଓ ପବିତ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ। ସୋମବାର ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ସହ ବରୀ ଇଲେଭେନ ଯାଜପୁର ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ।

### ଜିଲା ଯୋଜନା ବୋର୍ଡ ସଦସ୍ୟଙ୍କୁ ଧୋୟାଞ୍ଚଳରେ ସମ୍ବର୍ଦ୍ଧନା

ଆଳି, ୨୬।୨(ଡି. ଏନ. ଏ )

ଆଳି ଗୋବିନ୍ଦପୁର ସମବାୟ ସମିତିର ସଭାପତି ଧନରଞ୍ଜନ ବୋଷ କେନ୍ଦ୍ରାପଡ଼ା ଜିଲା ଯୋଜନା ବୋର୍ଡ ସଦସ୍ୟ ହେବା ପରେ ଧୋୟାଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ଅବସରରେ ରବିବାର ଗୋବିନ୍ଦପୁରଠାରେ ବୋଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମାଳୟା ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଯୋଜନା ବୋର୍ଡ ସଦସ୍ୟ ବୋଷ, ଆଳି ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ କନକଲତା ବେହେରା, ଗୋବିନ୍ଦପୁର ସରପଞ୍ଚ ସୀମାରାଣି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବୋଷ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ତାଙ୍କୁ ଯେଉଁ ପଦବୀ ମିଳିଛି ସେଥି ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧୋୟାଞ୍ଚଳର ପ୍ରତ୍ୟେକ ଜନସାଧାରଣଙ୍କ ସୁଖ ଦୁଃଖରେ ସେ ଜଡିତ ଥିବା ବେଳେ କୃଷି ଓ କୃଷକର ଉନ୍ନତି ନିମନ୍ତେ ଏବେ ସେ ଗୋବିନ୍ଦପୁର ସମବାୟ ସମିତିର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି ତାହାକୁ ସେ କରିବାକୁ ପ୍ରସ୍ତୁତ। ଜିଲା ଯୋଜନା ବୋର୍ଡ ମାଧ୍ୟମରେ ଆଳି ଅଞ୍ଚଳ ନିମନ୍ତେ ଯାହା କିଛି ଆବଶ୍ୟକ ତାହା ସେ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଏହାକୁ ମନୋଜ ଦାସ, ବାଦଲ ଧଳ, ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ସ୍ୱାଇଁ, ପ୍ରଶାନ୍ତ ସାମଲ, ହରେକୃଷ୍ଣ ଧଳ, ବିକାଶ ସାମଲ, ମିଟୁ ପ୍ରଧାନ, ରତନ ଧଳ, ପ୍ରକାଶ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ।

# ହନୁମାନ ବିଗ୍ରହ ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

ରାଜନଗର, ୨୬।୨(ଡି.ଏନ.ଏ.)



ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼କୋଟ ଗାଁରେ ୯ଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ, ବିଶ୍ୱଶାନ୍ତି ମହାଯଜ୍ଞ ଓ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରବଚନ କାର୍ଯ୍ୟକ୍ରମକୁ ପଣ୍ଡିତ ପ୍ରଫୁଲ୍ଲ କୁମାର ଦେବତା ଓ ସେମାନଙ୍କ ସହଯୋଗୀ ବେଦ ପଣ୍ଡିତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମାପନ ହୋଇଛି। ଯଜ୍ଞ ଆରମ୍ଭରେ ୧୦୮ କଳସ ଯାତ୍ରା, ଅଗ୍ନି ସ୍ଥାପନ, ହନୁମାନ ଚାଳିସା ପାଠ ଏବଂ ଚଣ୍ଡୀପାଠ ଆଦି ବୈଦିକ କାର୍ଯ୍ୟ ସହ ହନୁମାନ ଦେବଙ୍କ ଷୋଡଶ ଉପଚାର ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼କୋଟ, କାଙ୍କଦିଆ, ଖିରକୋଟ, ନରଣପୁର, କୋଇଲିପୁର, ବାରହାପୁର, କୁନ୍ଦୁପୁର, ଗୋସିଗାଁ, ରାଜନଗର, ଜଗନ୍ନାଥପୁର, ଜୁଣୁପଙ୍ଗା ପ୍ରଭୃତି ଗାଁର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ହଳଧର ରାଉତ, ଦୁଃଶାସନ ସ୍ୱାଇଁ, ଜଗନ୍ନାଥ ରାଉତ, ପ୍ରମୋଦ ସ୍ୱାଇଁ, ଯୁଧିଷ୍ଠିର ରାଉତ, ସୁବ୍ରତ ବାରିକ, ସରପଞ୍ଚ ଅନିଲ କୁମାର ଲେଙ୍କା, ଶୁଭକାନ୍ତ ପ୍ରତିହାରୀ ପ୍ରମୁଖଙ୍କ ଦ୍ୱାରା ଏହି ଦେବ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଧୈର୍ଯ୍ୟ, ପରିଶ୍ରମ, ଆତ୍ମବିଶ୍ୱାସ ବଳରେ ଜଣେ ସଫଳ ହୁଏ

ଆଳି, ୨୬।୨(ଡି.ଏନ.ଏ.)

ଧୈର୍ଯ୍ୟ, ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ସ୍ଥାନୀୟ ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱୟର ବାର୍ଷିକ ଉତ୍ସବରେ ଅତିଥିମାନେ କହିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ରମାନେ ଅଧବସାୟୀ ହେବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ଯେତେ ଅଧିକ ଜାଣିବେ ତାଙ୍କର ଅଭିଜ୍ଞତା ସେହି ପରିମାଣରେ ବୃଦ୍ଧି ପାଇବ। ମୁଖ୍ୟ ବକ୍ତା ଭାବେ ଆଳି ମହାବିଦ୍ୟାଳୟ ଅଧକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ନୂତନ ଶିକ୍ଷାନୀତିରେ କିଭଳି ଭାବେ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦିଆଯିବ ସେ ବିଷୟରେ କହିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଛାତ୍ରୀଛାତ୍ରମାନେ ପାଠ ସହ ଖେଳକୁଦ, ନୃତ୍ୟ, ସଙ୍ଗୀତ, ନାଟକ ପାଇଁ ମଧ ଅନୁକୂଳ ପରିବେଶ ଓ ପରିସ୍ଥିତି ପାଇପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିଚାଳନା ପରିଷଦ ସଭାପତି ବନମାଳୀ ସେନାପତି କହିଥିଲେ, ପିଲାମାନେ ଧୈର୍ଯ୍ୟ ଧରି ପରିଶ୍ରମ କରିବା ସହ ଆତ୍ମବିଶ୍ୱାସ ସହକାରେ କାମ କଲେ ସଫଳତାର ଶୀର୍ଷକୁ ଛୁଇଁପାରିବେ। ଏହା ଜଣେ ସଫଳ ଛାତ୍ରୀଛାତ୍ରର କାର୍ଯ୍ୟ ଉପରେ ନିର୍ଭର କରେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ମହାନ୍ତି କହିଥିଲେ, ଶିଷ୍ଟାଚାର ହେଉଛି ଜଣେ ସଫଳ ଛାତ୍ରୀଛାତ୍ରଙ୍କ ଉତ୍ତମ ଲକ୍ଷଣ। ଯେଉଁଭଳି ଏହାକୁ ପାଳନ କରିବେ ସେହିପରି ଲାଭ ପାଇବେ। ଉକ୍ତ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ମଲ୍ଲିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ଶେଷରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ମଲିକେଶ୍ୱରୀ ପୀଠରେ ନାମଯଜ୍ଞ

ରଘୁନାଥପୁର, ୨୬।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ମା'ମଲିକେଶ୍ୱରୀଙ୍କ ପୀଠରେ ଚାଲିଥିବା ୮ମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଶେଷ ହୋଇଯାଇଛି। ଶୁକ୍ରବାର ମା'ମଲିକେଶ୍ୱରୀଙ୍କ ପୂଜା ନୀତୀ କରାଯାଇ ରାତିରେ ମହନଦୀରୁ କଳସୀରେ ପାଣିଆଣି ଘଟ ସ୍ଥାପନ କରାଯାଇଥିଲା। ପରଦିନ ବଡ଼ିଭୋରୁ ନାମଯଜ୍ଞ ଆରମ୍ଭ ହୋଇ ରବିବାର ଶେଷ ହେବା ପରେ ନଗର କୀର୍ତ୍ତନ କରାଯାଇ ଦହି ହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ଗ୍ରାମବାସୀ ବିଭିନ୍ନ ଗ୍ରାମକୁ ନଗର କୀର୍ତ୍ତନରେ ଯାଇ ହରି ରସାମୃତ ଗାନ କରିଥିଲେ।

# ବଂଶୀଧରଙ୍କ ସାମାଜିକ କର୍ମ ସମସ୍ତଙ୍କ ପାଇଁ ଆଦର୍ଶ

କେନ୍ଦ୍ରାପଡ଼ା ଅଫିସ, ୨୬।୨

ସମାଜ ପାଇଁ ଅବଦାନ ଥିବା ବ୍ୟକ୍ତି ସର୍ବଦା ମନେପଡ଼ନ୍ତି। ତାଙ୍କର କର୍ମ ଇହଦୁନିଆରେ କେବେ ହେଲେ ମରିବାକୁ ଦେଇ ନ ଥାଏ। ଏପରି ବ୍ୟକ୍ତି ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ କଳପଡ଼ା ପଞ୍ଚାୟତ ଶାମଗୁଡିଆ ଗାଁର ବଂଶୀଧର ଦାଶ ବୋଲି ଶନିବାର ସ୍ମୃତିସଭାରେ ଅତିଥିମାନେ ସ୍ମୃତିଚାରଣ କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ବଂଶୀଧରଙ୍କ ୭୮ ବର୍ଷରେ ଗତ ୧୪ ତାରିଖରେ ପରଲୋକ ହୋଇଥିଲା। ଦ୍ୱାଦଶାହ ତିଥି ଅବସରରେ ବୀରସ୍ୱତିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ଦାଶଙ୍କ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରତିରେଖା ସ୍ୱାଇଁ, ସମିତିସଭ୍ୟ ଶିବପ୍ରସାଦ ସାହାଣି, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ, ଜିଲା ପରିଷଦ ସଭ୍ୟ ଶଶ୍ମିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମକୁ ଅନିଲ ଦାଶ, ପ୍ରତୀକ ଅନୁରାଗ ଦାଶ ପ୍ରମୁଖ ପରିଚାଳନା କରିଥିଲେ।


ସ୍ମୃତି ସଭାରେ ଉପସ୍ଥିତ ଅତିଥିମାନେ।

# ରାଜକନିକାର ୩ ପ୍ରତିଭା ସମ୍ବର୍ଦ୍ଧିତ

ରାଜକନିକା, ୨୬।୨(ଡି.ଏନ.ଏ.)

କେନ୍ଦ୍ରପଡ଼ା ଜିଲା ସଂସ୍କୃତି ଭବନଠାରେ ୨ ଦିନ ଧରି ଆୟୋଜିତ ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅବସରରେ ଜିଲାର ବିଭିନ୍ନ ବ୍ଲକର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେଥିମଧ୍ୟରୁ ରାଜକନିକା ବ୍ଲକରୁ ୩ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଶିକ୍ଷାର ବିକାଶ କ୍ଷେତ୍ରରେ ୧୯୬୯ରୁ ଅବିଭକ୍ତ କଟକ ଜିଲାର ରାଜକନିକାଠାରେ ଛାପାଖାନା ପ୍ରତିଷ୍ଠା କରି ଡ. ପ୍ରଫୁଲ୍ଲ ଦାସଙ୍କ ଦ୍ୱାରା ରଚିତ 'ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମ' ଭଳି ହଜାର ପୃଷ୍ଠାର ବହି ଛାପି ପୁରସ୍କୃତ ହୋଇଥିବା ନରହରି ଦାଶ, ରାଜକନିକାର କିମ୍ସ ସୁପର ସ୍ପେଶାଲିଟ୍ ହସ୍ପିଟାଲର ଅସ୍ଥିଶଲ୍ୟ, ମେରୁଦଣ୍ଡ ବିଭାଗ ଡା. ଜିତେନ୍ଦ୍ର କୁମାର ରାଉତ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଦନ୍ତ ବିଭାଗର ସହଯୋଗୀ ପ୍ରଫେସର ଡା. ଆଶିଷ କୁମାର ବାରିକ। ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରପଡ଼ା ଜିଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପ୍ରତିଭାମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ହିମାଂଶୁ ଶେଖର ନାୟକ ଓ ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ଜିଲାର ସମସ୍ତ ବ୍ଲକର ଖବରଦାତା ଏବଂ ଓଡ଼ିଶାର ସବୁ ଜିଲାର ଖବରଦାତାମାନେ ଉପସ୍ଥିତ ଥିଲେ।


କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବିଲୁଆଙ୍କ ସଂଖ୍ୟା ହ୍ରାସ ପାଉଛି

ମହାକାଳପଡ଼ା, ୨୬।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଜମ୍ବୁ ଦ୍ୱୀପର ସବୁଜ ବନାନୀ ଓ ବିସ୍ତୀର୍ଣ୍ଣ ହେନ୍ତାଳ ବଣ ଓ କିଆ ବୁଦା ମୂଳେ ସଞ୍ଜ ନଇଁଲେ ଶୁଭୁଥିଲା ବିଲୁଆଙ୍କର ହୁକେ ହୋ ରଡ଼ି। ୧୯୬୦-୭୦ଦଶକରେ ଏହି ଜଙ୍ଗଲଗୁଡ଼ିକରେ ହରିଣ, ବାରହା, ହେଟାବାଘ, ବିଲୁଆ ଆଦି ପ୍ରାଣୀଙ୍କର ଭୂସ୍ୱର୍ଗ ପାଲଟିଥିଲା। କାଳକ୍ରମେ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଓ ଜଙ୍ଗଲ ଗଛ କାଟିବା ଯୋଗୁ ଜଙ୍ଗଲ ଅବକ୍ଷୟ ହେଲା। ଜଙ୍ଗଲି ଜନ୍ତୁମାନେ ସାମୁଦ୍ରିକ ଝଡ଼, ଖାଦ୍ୟାଭାବ ଯୋଗୁ ବହୁ ପରିମାଣରେ ମୃତ୍ୟୁ ଘଟିଥିଲା। ଫଳରେ ବିଲୁଆମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

୧୯୭୧ ବାତ୍ୟା ପ୍ରଭାବରେ ମହାକାଳପଡ଼ା ଅଞ୍ଚଳର ବିଶେଷକରି ଜମ୍ବୁ ଓ ସୁନିତି ଅଞ୍ଚଳରେ ଜନ ଜୀବନ ପ୍ରଭାବିତ ହୋଇଥିଲା। ୩ ହଜାରରୁ ଅଧିକ ଲୋକଙ୍କ ଜୀବନ ସହ ବନ୍ୟଜନ୍ତୁ ଓ ଗୃହପାଳିତ ପ୍ରାଣୀ, ପକ୍ଷୀମାନଙ୍କ ଜୀବନ ଯାଇଥିଲା। ସାମୁଦ୍ରିକ ବାତ୍ୟା ପରବର୍ତ୍ତୀ ସମୟରେ କୁଢ଼ କୁଢ଼ ମୃତଦେହ ପଡ଼ି ପଚି ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିଲା। ଏହି ମୃତଦେହକୁ ଖାଇବା ପାଇଁ ବିଲୁଆମାନଙ୍କ ଆବଶ୍ୟକତା ପଡ଼ିଥିଲା। ତତ୍କାଳୀନ ରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ବିଜୁ ପଟ୍ଟନାୟକ ଏହି ବାତ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରାଥମିକତା ଦୃଷ୍ଟିରୁ ଭୋକିଲା ପେଟକୁ ଆହାର ଅନ୍ୟପକ୍ଷେ ମୃତଦେହକୁ ଖାଇବାକୁ ବିଲୁଆଙ୍କ ଆବଶ୍ୟକତା ରହିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନମାନଙ୍କ ପାଇଁ ଖାଦ୍ୟ ଓ ମୃତଦେହ ସଫା କରିବାକୁ ଗଡ଼ଜାତ ଅଞ୍ଚଳରୁ ହଜାରରୁ ଅଧିକ ବିଲୁଆଙ୍କୁ ଟ୍ରକ୍ ଯୋଗେ ଆଣି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଛାଡ଼ିବାର ବନ୍ଦୋବସ୍ତ କରିଥିଲେ। ସମୟକ୍ରମେ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁଆଙ୍କ ବାସସ୍ଥାନ କିଆବୁଦା ନଷ୍ଟ ହୋଇଗଲାଣି। ବିଲୁଆମାନଙ୍କ ସଂଖ୍ୟା ଆଶାତୀତ ଭାବେ କମିଛି। ଖାଦ୍ୟାଭାବ ଯୋଗୁ ବିଲୁଆମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ଏବେ ଗାଁ ମୁହାଁ ହେଉଛନ୍ତି। କାରଣ ବିଲୁଆମାନଙ୍କ ପ୍ରିୟ ଖାଦ୍ୟ ମାଢୁଆ କଙ୍କଡ଼ା ଆଉ ଆଗ ଭଳି ନଦୀ ନାଳ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମହାଳିଙ୍କୁ ପଚାରିବାରେ ଜଳବାୟୁ ପରିବର୍ତ୍ତନ, ବାସସ୍ଥାନ ଓ ଖାଦ୍ୟାଭାବ ଯୋଗୁ ଏମାନଙ୍କ ବଂଶ ବିପଦ ମୁହାଁ ହୋଇଛି। ଏମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ପରିମାଣରେ କିଆ ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କୁହନ୍ତି, ଆଗଭଳି ଆଉ ଗାଁ ଗଣ୍ଡାରେ ସଞ୍ଜ ନଇଁଲେ ହୁକେ ହୋ ରଡି ଶୁଭୁନାହିଁ। ଗାଁର ପୁରୁଖା ଲୋକମାନଙ୍କ କହିବା କଥା, ଅଣ୍ଡିରା ବିଲୁଆ ରାତିର ୪ର୍ଥ ପ୍ରହରରେ ଭୁକିଲେ ଅଞ୍ଚଳ ପ୍ରତି ବିପଦ ଅଛି ବୋଲି ଆଗୁଆ ସୂଚନା ମିଳେ। ଦିନ ଥିଲା ବିଲ ବାଡ଼ିରେ ଛେଳି, ମେଣ୍ଢା, କୁକୁଡା ବିଲୁଆମାନେ ଶିକାର କରି ଖାଉଥିଲେ। ଏମାନଙ୍କ ସଂଖ୍ୟା ଆଗ ଅପେକ୍ଷା ବହୁ ମାତ୍ରାରେ ହ୍ରାସ ପାଇଛି। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କ ମୁଖ୍ୟ ଭୂମିକା ରହିଛି।


ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଏକ ବିଲୁଆ।

### ପରିବେଶ ସନ୍ତୁଳନ ରକ୍ଷା କରୁଥିଲେ

## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ

ବୁଗୁଡ଼ା,୨୬।୨(ଡି.ଏନ.ଏ.): ସ୍ଥାନୀୟ ସତସଙ୍ଗ କେନ୍ଦ୍ର ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ ସହ ବୁଗୁଡ଼ା ସତସଙ୍ଗ କେନ୍ଦ୍ରର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବର ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷାରେ ଉଷା କୀର୍ତ୍ତନ, ପ୍ରାତଃ କାଳରେ ସମବେତ ଉଷା ବିନତି ପ୍ରାର୍ଥନା, ପୂର୍ବାହ୍ନରେ ନଗର କୀର୍ତ୍ତନ ସହ ସତସଙ୍ଗ ସଦାଲୋଚନା କରାଯାଇଥିଲା। ଅପରାହ୍ନରେ ଆୟୋଜିତ ମାତୃ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେ.ପ୍ରିୟଦର୍ଶିନୀ ଆଚାରୀ ଓ ମୁଖ୍ୟବକ୍ତା ଭାବେ ମିନା କିଶୋରୀ ପାତ୍ର ଯୋଗ ଦେଇଥିଲେ। ଉକ୍ତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉତ୍ସବ କମିଟି ସଭାପତି ଦୁର୍ଗା ମାଧବ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ବାପ୍‌ଟିଷ୍ଟ ଖ୍ରୀଷ୍ଟିଆନ ସମ୍ମିଳନୀର ବାର୍ଷିକ ମହାସଭା

ପାରଳାଖେମୁଣ୍ଡି,୨୬।୨(ଡି.ଏନ୍.ଏ.)- ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡା ଗ୍ରାମପଞ୍ଚାୟତ ଜାନିଗୁଡା ପାଲ୍ଲୀର ଚିପୁରୁପାଲିଠାରେ ସଉରା ବାପଟିଷ୍ଟ ଖ୍ରୀଷ୍ଟିଆନ ସମ୍ମିଳନୀର ୭୩ତମ ବାର୍ଷିକ ମହାସଭା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ହାଇଟେକ୍କ ଗ୍ରୁପ ଅଧକ୍ଷ ତଥା ବରିଷ୍ଠ ନେତା ଡ. ତିରୁପତି ପାଣିଗ୍ରାହୀ,ଜିଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ, ଆର.ଏମ୍.ସି.ଏସ ଅଧକ୍ଷ ଏସ. ଗଜପତି ରାଓ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, କାଶିନଗର ବ୍ଲକ ଅଧକ୍ଷା ବାଲ୍ଲା ସାୟକ୍ଷା, ଗୋଷାଣୀ ବ୍ଲକ ଅଧକ୍ଷ ଏନ. ବୀରରାଜୁ, ରାଜ୍ୟ ବିଜେ ସମ୍ପାଦକ ମରୁତ ପାଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଜେମସ ରାଇକା ପ୍ରମୁଖ ଯୋଗଦେଇଥିଲେ।

### ବିବେକାନନ୍ଦ ବିଦ୍ୟାମନ୍ଦିରରେ ମେଧାବୃତ୍ତି ପରୀକ୍ଷା

ରମ୍ଭା,୨୬।୨: ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଠାରେ, ଭୁବନେଶ୍ୱର ଓଡିଶା ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ସିସିଡବ୍ଲୁଏସଡିର ୨୪ତମ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ କେନ୍ଦ୍ର ଅଧିକ୍ଷକ ଥିବା ବେଳେ ଗଣେଶ ରେଡ୍ଡୀ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା ପରିଚାଳନା କରିଥିଲେ। ଯେଉଁ ଶିଶୁ କୃତକାର୍ଯ୍ୟ ହେବେ ସେମାନଙ୍କୁ ଆଗାମୀ ଦିନରେ ରାଜଧାନୀରେ ସମ୍ବର୍ଦ୍ଧିତ କରାଯିବ ବୋଲି ରାଜ୍ୟ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି କେନ୍ଦ୍ରରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ମୋଟ ୧୬୦ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ଓ ଆଚାର୍ଯ୍ୟା କିରଣ ମୁଦୁଲି, ମିନାକ୍ଷୀ ପଲାଇ, ଝରଣା ପ୍ରଧାନ, ବିନୁ ସାହୁ ସହଯୋଗ କରିଥିଲେ।

# ଚିନିଶିଳ୍ପରେ ସମବାୟ ପ୍ରମୁଖ ସଚିବଙ୍କ ସମୀକ୍ଷା

ଆସିକା, ୨୬।୨ (ଡି.ଏନ୍.ଏ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ରାଜ୍ୟ ସମବାୟ ବିଭାଗର ପ୍ରମୁଖ ସଚିବ ସଞ୍ଜିବ କୁମାର ଚଢା ଶନିବାର ଆସିକା ଚିନିଶିଳ୍ପରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସଚିବଙ୍କ ସହ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଚିନିଶିଳ୍ପର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡିଆରଡିଏ ପିଡି ଜି. କିର୍ତ୍ତିଭାସନ, ସମବାୟ ବିଭାଗ ଉପନିବନ୍ଧକ ବିଶ୍ୱରଞ୍ଜନ ଦାସ, ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଚିନିଶିଳ୍ପ ସମ୍ପାଦକ ଆର. ଚନ୍ଦ୍ରଶେଖର ରେଡି,ଆଖୁପରିଚାଳକପ୍ରଶାନ୍ତକୁମାରପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଚିବ ଚଢା ଚିନିଶିଳ୍ପର ପୁନରୁଦ୍ଧାର ଲାଗି ପୁରୁଣା ଯନ୍ତ୍ରାଂଶକୁ ବଦଳାଇ ନୂଆ ଯନ୍ତ୍ରାଂଶ ଲଗାଇବା, ଆଖୁଚାଷର ଉନ୍ନତିକରଣ, ଡିଷ୍ଟିଲାରି ୟୁନିଟର ପୁନଃ କାର୍ଯ୍ୟକ୍ଷମ ଏବଂ ଖର୍ଚ୍ଚ ହୋଇପାରିନଥିବା ୧୫ କୋଟି ଟଙ୍କା ସରକାରୀ ଅନୁଦାନର ତ୍ୱରିତ ବିନିଯୋଗ ଲାଗି ଗୁରୁତ୍ୱାରୋପ କରିଥିଲେ। ଆଖୁଚାଷର ପ୍ରସାର ଲାଗି ଚାଷୀଙ୍କୁ ଆନକାପଲ୍ଲୀ ଓ ନୟାଗଡ଼ ଆଖୁ ଗବେଷଣା କେନ୍ଦ୍ରରୁ ଉନ୍ନତମାନର ବିହନ ଆଣି ଯୋଗାଇବା, ଚାଷୀଙ୍କୁ ରିହାତି ଦରରେ ବିହନ, ସାର ଓ କୀଟନାଶକ ଯୋଗାଣ ସାଙ୍ଗକୁ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ନିଲାମିରୁ ବର୍ତ୍ତିଲା ଚିନି କାରଖାନା

ଆସିକା, ୨୬।୨(ଡି.ଏନ.ଏ)

ଆସିକା ସମବାୟ ଚିନିଶିଳ୍ପର ସଂପ୍ରସାରଣ ଲାଗି ୧୯୯୩-୯୪ରେ ଏନ୍‌ସିଡିସିରୁ ଅଣାଯାଇଥିବା ଋଣ ଟଙ୍କା କାରଖାନା ପକ୍ଷରୁ ଅଦ୍ୟାବଧି ପରିଶୋଧ କରାଯାଇପାରିନାହିଁ । ଏହି ପରିସ୍ଥିତିରେ ଋଣ ଟଙ୍କା ଆଦାୟ ଲାଗି ଏନସିଡିସି ପକ୍ଷରୁ ଚିନିକାରଖାନାର ନିଲାମ ଲାଗି ମଧ ପଦକ୍ଷେପ ନିଆଯାଇଥିଲା । ତେବେ କାରଖାନା ପରିଚାଳନା ପରିଷଦର ସମୟପଯୋଗୀ ପଦକ୍ଷେପ ସାଙ୍ଗକୁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଆନ୍ତରିକ ସହଯୋଗରୁ ନିଲାମିରୁ କାରଖାନା ବର୍ତ୍ତିଯାଇଥିବା ଜଣାପଡିଛି । ଗତ ବୁଧବାର ଦିନ ନୂଆଦିଲ୍ଲୀସ୍ଥିତ ଏନସିଡିସି କାର୍ଯ୍ୟାଳୟରେ ସଂସ୍ଥାର ପ୍ରତିନିଧି, ଚିନି ଉନ୍ନୟନ ପାଣ୍ଠି ଏବଂ କାରଖାନା ପକ୍ଷରୁ ଯୋଗଦେଇଥିବା ପ୍ରତିନିଧିଙ୍କ ମଧ୍ୟରେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା କରାଯାଇଥିବା ଜଣାପଡିଛି । ଏନସିଡିସି ପକ୍ଷରୁ ଚିନି କାରଖାନା ୨୦୨୩ ସୁଧା ମୂଳ ଓ ଦଣ୍ଡସୁଧ ସହ ସମୁଦାୟ ଋଣ ୩୪କୋଟି ୬୬ଲକ୍ଷରୁ ୧୩କୋଟି ୫୦ ଲକ୍ଷ ଛାଡ଼କରି ୨୧ କୋଟି ୧୬ ଲକ୍ଷ ଟଙ୍କା ପରିଶୋଧ କରିବା ଲାଗି ଏହି ଚୁକ୍ତିନାମା ହୋଇଥିବା ଜଣାପଡିଛି । ଏହି ପରିଶୋଧ ରାଶି ଆସନ୍ତା ୭ ବର୍ଷ ମଧ୍ୟରେ ରିଜର୍ଭ ବ୍ୟାଙ୍କ ସୁଧ ହାର ଭିତ୍ତିରେ ପରିଶୋଧ କରାଯିବା ଲାଗି ଚୁକ୍ତିନାମାରେ ରହିଥିବା ପରିଚାଳନାର ସଭାପତି ରବିନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ପରିଚାଳନା ପରିଷଦ ପକ୍ଷରୁ ନିଆଯାଇଥିବା ଏହି ସମୟୋପଯୋଗୀ ପଦକ୍ଷେପକୁ ଆଖୁଚାଷୀ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି । ସୂଚନାଯୋଗ୍ୟ ୧୯୯୩-୯୪ରେ ଏହି ଚିନିଶିଳ୍ପର ସଂପ୍ରସାରଣ ଲାଗି ଏନସିଡିସିରୁ ୭ କୋଟି ୧୮ଲକ୍ଷ ଟଙ୍କା ଋଣ ଅଣାଯାଇଥିଲା। ତେବେ ୨୦୦୬ରୁ ୨୦୧୦ ମଧ୍ୟରେ କାରଖାନା ପକ୍ଷରୁ ୮ କୋଟି ଟଙ୍କା ପରିଶୋଧ କରାଯାଇଥିଲେ ମଧ୍ୟ ୨୦୨୩ ସୁଧା କାରଖାନା ଉପରେ ୩୪ କୋଟି ୬୬ ଲକ୍ଷ ଟଙ୍କାର ଋଣ ଭାର ରହିଥିଲା ।

## ନିଗମାନନ୍ଦ ପରମହଂସ ଦେବଙ୍କ ବାର୍ଷିକୋତ୍ସବ

ଗଞ୍ଜାମ,୨୬।୨(ଡି.ଏନ.ଏ.)

ଗଞ୍ଜାମ ସହର ପୁଇଁତୋଳା ଗ୍ରାମରେ ଥିବା ଗଞ୍ଜାମ ସାରସ୍ୱତ ସଂଘ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ୪୬ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଗଞ୍ଜାମ ଜିଲା ସଦସ୍ୟ ଜିତେନ୍ଦ୍ର କୁମାର ଗୌଡ଼, ଗଞ୍ଜାମ ସଂଘ ସଭାପତି ରମେଶ ଗୁରୁଦାସ, ଗଞ୍ଜାମ ସଂଘ ସମ୍ପାଦକ ସୁଦାମ ଚରଣ ସାହୁ, ବରିଷ୍ଠ ସଂଘସେବୀ ନଳିନୀ କାନ୍ତ ରାଉତ, ଗଞ୍ଜାମ ସଂଘ ଉପଦେଷ୍ଟା ଅରୁଣ କାନ୍ତ ସାହୁ ଏବଂ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଉତ୍ସବ ସୁଚାରୁ ରୂପେ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ୬୦ ଜଣ ଗୁରୁଭାଇ ଓ ଗୁରୁମା ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଯୋଗ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

ନୟାଗଡ଼ ଅଫିସ,୨୬।୨

ନୟାଗଡ଼ ପୁରୁଣା ସହରର ମା'ଦକ୍ଷିଣ କାଳୀଙ୍କ ପଡ଼ିଆରେ ରବିବାର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୋଗ ଗୁରୁ ପ୍ରତାପ କୁମାର ରଣସିଂହ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ଥିବାବେଳେ ଡାକ୍ତର ବାଳକୃଷ୍ଣ ନନ୍ଦ ଘୃତ ଆହୁତି ଦେଇ ଯୋଗ ଶିକ୍ଷା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୩୦୦ ମହିଳା ପୁରୁଷ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ମୁଖ୍ୟଅତିଥି ରୁପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମ ଖଟେଇ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପଦେଷ୍ଟା ତଥା କାଉନସିଲର ସୁନିତା ରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ଯୋଗ ଶିବିରର ମୁଖ୍ୟ ଯୋଗ ଗୁରୁ ପ୍ରତାପ କୁମାର ରଣସିଂ ଓ ଜିଲା ରେଡକ୍ରସ ସୋସାଇଟି, ନୟାଗଡ଼ ରେଡକ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ, ସାଇ ପ୍ରସାଦ ଖାଦ୍ୟ ରଥ, ସ୍ମାଇଲ ନୟାଗଡ଼ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଜୁ କନ୍ୟାରତ୍ନ ଯୋଜନା ସଚେତନତା ଶିବିର

ଆସିକା, ୨୬।୨(ଡି.ଏନ୍.ଏ)

ଆସିକା ବ୍ଲକର ଗୁଣ୍ଡପଡାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଶନିବାର ବିଜୁ କନ୍ୟାରତ୍ନ ଯୋଜନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଆସିକା ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣ୍ଡପଡା ସରପଞ୍ଚ ଶୈଳବାଳା ଦଳାଇ, ସମିତିସଭ୍ୟ ନାରାୟଣ ସ୍ୱାଇଁ, ଏନଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଶିଶୁ ସୁରକ୍ଷା ତାଲିମ ସଂଯୋଜକ ଶିବ ପ୍ରସାଦ ରଥ, ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ହରିହର ପାଢୀ ପ୍ରମୁଖ ଯୋଗଦେଇ ଲିଙ୍ଗ ଅନୁପାତରେ ଶିଶୁ କନ୍ୟାଙ୍କ ସଂଖ୍ୟା ହ୍ରାସ ଯୋଗୁଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । କନ୍ୟାମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଲିଙ୍ଗଗତ ପକ୍ଷପାତିତା ଦୂର କରିବା, ସାମାଜିକ ବ୍ୟବହାର ପରିବର୍ତ୍ତନ ମାଧ୍ୟମରେ କିଶୋରୀ ମାନଙ୍କୁ ସଶକ୍ତ କରିବା ନିମନ୍ତେ ଉତ୍ତମ ପରିବେଶ ସୃଷ୍ଟି କରିବା ଆଦି ଏହି ଯୋଜନାର ଲକ୍ଷ୍ୟ ବୋଲି କୁହାଯାଇଥିଲା । ଏତଦ ଅବସରରେ ମୋ ଗେହ୍ଲା ଝିଅ, ନିର୍ଭୟା କଢି ଓ ଅଦ୍ଭୁତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରାଫିକ୍ ଛକରେ ଚାପା ଉତ୍ତେଜନା

**ନୟାଗଡ଼ ଅଫିସ,୨୬।୨:** ନୟାଗଡ଼ ଜିଲା ସଦର ମହକୁମାର ଟ୍ରାଫିକ ଛକରେ ରବିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବିନା କାରଣରେ ମହିଳାଙ୍କୁ ଗାଳି ଗୁଲଜ କରିଥିଲେ। ମହିଳା ରାସ୍ତାରେ ଯାଉଥିବାବେଳେ ଗାଳିଗୁଲଜ

**ମହିଳା, ପୋଲିସକୁ ଗାଳିଗୁଲଜ**

ଶୁଣି ଚକିତ ହୋଇ ପଡିଥିଲେ। ପରେ ପୋଲିସକୁ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ଦେଖା ଦେଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ୟକ୍ତ ବ୍ୟକ୍ତିଙ୍କୁ ବୁଝାଶୁଝା କରି ନିଜ ହେପାଜତକୁ ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ଛାଡି ଦେବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

# ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଶରଣକୁଳ,୨୬।୨(ଡି.ଏନ.ଏ.)

ନୟାଗଡ଼ ଜିଲା ଶରଣକୁଳ ନିକଟସ୍ଥ ଗୋଡିସାହି ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ତଥା ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉଦୟନାଥ ଏଜୁକେଶନାଲ୍ ଟ୍ରଷ୍ଟର ଅଧକ୍ଷ ପ୍ରଭାତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରଣପୁର ବିଧାୟକ ତଥା ନୟାଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି,ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ପଞ୍ଚାୟତ ସମିତି ଅଧକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟ ଚିନ୍ମୟୀ ଦାଶ, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ବିଜୟାଲକ୍ଷ୍ମୀ ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହିତ ଆଦର୍ଶ ଶିକ୍ଷାକେନ୍ଦ୍ରର ଉନ୍ନତି ପାଇଁ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସ୍କୁଲ ପରିଚାଳନା କମିଟି ସଭାପତି ପାଣ୍ଡବ ନାୟକ, ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି, ଶିକ୍ଷାବିତ୍ ସୁରେନ୍ଦ୍ର ମହାନ୍ତି, ମଦନ ମୋହନ ବାଣ୍ଟ, ସୁଦର୍ଶନ ନାୟକ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ । ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

# ସିଦ୍ଧେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ଶରଣକୁଳ,୨୬।୨(ଡି.ଏନ.ଏ.)

ଶରଣକୁଳ ନିକଟବର୍ତ୍ତୀ ବରସାହି ଗ୍ରାମସ୍ଥିତ ସିଦ୍ଧେଶ୍ୱରଙ୍କ ପୀଠରେ ୪ ଦିନ ଧରି ବିଶ୍ୱଶାନ୍ତି ଶୈବଯଜ୍ଞ ଆରମ୍ଭ ହୋଇଛି । ଏନେଇ ମହିଳା ଏବଂ ପୁରୁଷମାନେ ଦୁଆଣ୍ଟ ନଦୀରୁ ଏକ କଳସ ଶୋଭାଯାତ୍ରାରେ ଆସି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞବେଦୀରେ କଳସ ସ୍ଥାପନା କରିଥିଲେ । ପ୍ରତିଦିନ ପୌରାଣିକ ନାଟକ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ମଙ୍ଗଳବାର ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯିବ । ନିକଟବର୍ତ୍ତୀ ଗାଁର ବହୁ ମହିଳା,ପୁରୁଷ ଏହି ଯଜ୍ଞରେ ସାମିଲ ହୋଇଛନ୍ତି । ଯଜ୍ଞ ପରିଚାଳନା କମିଟିର ସଭାପତି ବ୍ରଜବନ୍ଧୁ ନାୟକ, ସମ୍ପାଦକ ସୁଧୀର କୁମାର ଖିଲାର, ଉପଦେଷ୍ଟା କୁଳମଣି ମାଝି ଏବଂ ବରସାହି ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି ।



ଶୈବଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା ।

# ମାଳତି ପାହାଡ଼ରେ ନିଆଁ

ନୟାଗଡ଼ ଅଫିସ,୨୬।୨

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର କେଶରପୁର ମାଳତି ପାହାଡ଼ରେ ରବିବାର ନିଆଁ ଲାଗିଛି। ବନ ବିଭାଗ ପାଖରେ ଖବର ନ ଥିବାବେଳେ ସ୍ଥାନୀୟ ଲୋକ ନିଆଁ ଲିଭାଉଛନ୍ତି। ନିଆଁ ଯୋଗୁ ଜୀବଜନ୍ତୁ ଗାଁ ମୁହାଁ ହୋଇଛନ୍ତି। ଅନ୍ୟପକ୍ଷେ ବହୁ ଗଛ ଓ ଔଷଧିୟ ବୃକ୍ଷ ପୋଡ଼ି ପାଉଁଶ ହୋଇଯାଇଛି।



ମାଳତି ପାହାଡ଼ରେ ଲାଗିଥିବା ନିଆଁ ।

# ସାମାଜିକ ଗଣମାଧ୍ୟମ ସଂକ୍ରାନ୍ତରେ ସଚେତନତା କର୍ମଶାଳା

ଦଶପଲ୍ଲା,୨୬।୨(ଡି.ଏନ.ଏ.)

ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସାମାଜିକ ଗଣମାଧ୍ୟମ ବିଷୟରେ ଏକ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା । ଉକ୍ତ କର୍ମଶାଳାରେରେ ଦଶପଲ୍ଲା ଏବଂ ଗଣିଆ ଅଞ୍ଚଳର ୪୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାର ପ୍ରସାର ପ୍ରମୁଖ ରବିନାରାୟଣ ପଣ୍ଡା ମୁଖ୍ୟ ପ୍ରଶିକ୍ଷକ ରୁପେ ଯୋଗ ଦେଇଥିଲେ । ଜିଲା କାର୍ଯ୍ୟକାରୀ ସଦସ୍ୟ ଭଗାନ ଦେହୁରୀ ଏବଂ ମାନସ ସାହୁ ଏହାକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀ ।

# ସ୍କୁଲରେ ରୋଷେଇ କରୁଛନ୍ତି ଛାତ୍ରୀଛାତ୍ର

ଖଜୁରୀପଡ଼ା,୨୬।୨

ବିଦ୍ୟାଳୟରେ ରୋଷେଇ କରୁଛନ୍ତି ଛାତ୍ରୀଛାତ୍ର। ଏହି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଝାଡ଼ବଲସକୁମ୍ପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ପରିବର୍ତ୍ତେ ସ୍କୁଲରେ ରୋଷେଇ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଛି। ଶନିବାର ସକାଳୁଆ ସ୍କୁଲ ଚାଲିଥିବା ବେଳେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ପାଚିକା କୌଣସି କାର୍ଯ୍ୟରେ ବ୍ୟସ୍ତତା ଯୋଗୁଁ ସ୍କୁଲକୁ ଆସି ନ ଥିଲେ। ଯାହା ଦ୍ୱାରା ପ୍ରାଥମିକ ସ୍କୁଲରେ ପଢୁଥିବା ୨୫ ଜଣ ଛାତ୍ରୀଛାତ୍ରମାନଙ୍କ ପାଇଁ କୋମଳମତି ଛାତ୍ରମାନେ ପାଣି ବୋହିବା ସହିତ ଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ରାନ୍ଧିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷାଅଧିକାରୀ ଏହାର ତଦନ୍ତ କରି ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହେଉଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ କୁମାର ମଣି ବେହେରାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ସ୍କୁଲର ପାଚିକା ଉର୍ମିଳା ବେହେରାଙ୍କ ଦିଅରଙ୍କ ମୃତ୍ୟୁ ହୋଇଥିବା ଯୋଗୁଁ ସେ ସ୍କୁଲ ଯାଇ ପାରିନଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ପରିଡ଼ା ରୋଷେଇ କରିବା ପାଇଁ ମୁଁ ଦାୟିତ୍ୱ ଦେଇ କିଛି ଅଫିସ କାମରେ ଯାଇଥିଲି। ଅନ୍ୟପଟେ ସ୍କୁଲର ନଳକୂପ ଖରାପ ଥିବାରୁ ପିଇବା ପାଣି ଦୁଇ ବାଲଟି ଛାତ୍ରମାନେ ଆଣିବାକୁ ଯାଇଥିଲେ। ମାତ୍ର ରୋଷେଇ କରିବା ଘଟଣା ମିଥ୍ୟା ବୋଲି କହିଛନ୍ତି। ଆମ୍ଭେ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଛାତ୍ରୀଛାତ୍ରମାନେ ରୋଷେଇ ପାଇଁ ପାଣି ବୋହି ଆଣୁଛନ୍ତି।

**ଜେଲ ସଂଘର୍ଷରେ ମୁସେୱାଲା ହତ୍ୟାର ୨ ଅଭିଯୁକ୍ତ ନିହତ**

ପଞ୍ଜାବର ତରନ ତାରନ ଜିଲାରେ ଥିବା ଗୋଇଣ୍ଡୱାଲ ସାହିବ କେନ୍ଦ୍ରୀୟ ଜେଲର ଅନ୍ତେବାସୀଙ୍କ ମଧ୍ୟରେ ରବିବାର ସଂଘର୍ଷ ଘଟି ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମୃତ୍ୟୁ ହୋଇଛି। ୨୦୨୨ ମେ' ୨୯ରେ ପଞ୍ଜାବର ମନସାରେ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ଏମାନେ ଗିରଫ ହୋଇଥିଲେ। ରବିବାରର ସଂଘର୍ଷ ବେଳେ ଅନ୍ୟ ଜଣେ ଅନ୍ତେବାସୀ ମଧ୍ୟ ପ୍ରାଣ ହରାଇଛନ୍ତି। ଏହି ୩ ଜଣ ଗୋଟିଏ ଗ୍ରୁପ୍‌ର ସଦସ୍ୟ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଗୁଜରାଟରେ ଭୂକମ୍ପ

**ରାଜକୋଟ, ୨୬।୨:** ଗୁଜରାଟ ରାଜକୋଟରେ ରବିବାର ଦିନ ୩ଟା ୩୧ ମିନିଟରେ ୪.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି ପକ୍ଷରୁ କୁହାଯାଇଛି। ଏହାର ଗଭୀରତା ୧୦ କି.ମି. ରହିଥିବାବେଳେ କୌଣସି ପ୍ରାଣହାନି କିମ୍ବା କ୍ଷୟକ୍ଷତି ହୋଇନାହିଁ।

### ଇଟାଲୀରେ ବୋଟ୍ ବୁଡ଼ି ୪୩ ମୃତ

**ରୋମ୍, ୨୬।୨(ଆଇଏଏନ୍‌ଏସ୍):** ଇଟାଲୀର କାଲାବ୍ରିଆ ଅଞ୍ଚଳରେ ରବିବାର ସମୁଦ୍ର ଅଶାନ୍ତ ରହିଥିବାବେଳେ ଏକ ବୋଟ୍ ଶିଳାଖଣ୍ଡ ସହ ଧକ୍କା ଖାଇ ବୁଡ଼ିଯିବାରୁ ୪୩ରୁ ଉର୍ଦ୍ଧ୍ୱ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୮୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଦେଶର ଶତାଧିକ ଲୋକଙ୍କୁ ନେଇ ବୋଟ୍‌ଟି ଉପକୂଳ ସହର କ୍ରୋଟୋନ୍‌ରେ ପହଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବୋଟ୍‌ରେ ଇରାନ, ଇରାକ, ସିରିଆ, ଆଫଗାନିସ୍ତାନ, ପାକସ୍ତାନ ଏବଂ ସୋମାଲିଆର ଯାତ୍ରୀ ଥିଲେ। ଇଟାଲୀ କର୍ତ୍ତୃପକ୍ଷ ଉଭୟ ସ୍ଥଳଭାଗ ଓ ସମୁଦ୍ରରେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୬ ମାଓବାଦୀ ଗିରଫ: ବିସ୍ଫୋରକ ଜବତ

**ନୂଆଦିଲ୍ଲୀ, ୨୬।୨:** ଝାଡ଼ଖଣ୍ଡର ସିଂଘଭୂମ୍ ଜିଲାରୁ ଜଣେ ଆତ୍ମଘୋଷିତ କମାଣ୍ଡରଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। କେତେଜଣ ମାଓବାଦୀ ସେମାନଙ୍କ କମାଣ୍ଡରଙ୍କୁ ବିସ୍ଫୋରକ ଦେବାକୁ ଯାଉଥିବା ସୂଚନା ପାଇବା ପରେ ସେମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା ବୋଲି ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ଉକ୍ତ ଟିମ୍ ବାରିପୋଖରୀ ଗ୍ରାମକୁ ଯାଉଥିବା ଏକ ରାସ୍ତାକୁ ଚାରିପଟୁ ଘେରି ବ୍ୟାପକ ଯାଞ୍ଚ ଚଳାଇଥିଲା। ଏହି ସମୟରେ ବୋଜ୍ ହେମ୍ବ୍ରମ ଓରଫ କିଶୁନ ହେମ୍ବ୍ରମ୍‌ଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ଡେଟୋନେଟର ଓ ଜିଲୋଟିନ୍ ଜବତ ହୋଇଥିଲା।

### ରୋଗୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ: ୫ ମୃତ

**ୱାଶିଂଟନ୍, ୨୬।୨:** ଆମେରିକାରେ ଶନିବାର ମେଡିକାଲ ଟ୍ରାନ୍ସପୋର୍ଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି କାଲିଫର୍ନିଆ ରେମ୍‌ସା ହସ୍ପିଟାଲକୁ ରୋଗୀଙ୍କୁ ନେଇଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ବିମାନରେ ରୋଗୀଙ୍କ ସମ୍ପର୍କୀୟ ସାଙ୍ଗକୁ ମେଡିକାଲ ଷ୍ଟାଫ୍ ଉପସ୍ଥିତ ଥିଲେ। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଛି।

### ନୁହ୍‌ରେ ୩ ଦିନ ଇଣ୍ଟରନେଟ ସେବା ବନ୍ଦ

**ଚଣ୍ଡିଗଡ଼, ୨୬।୨:** ହରିୟାଣାର ନୁହ୍‌ରେ ୩ ଦିନ ଇଣ୍ଟରନେଟ୍ ଏବଂ ମେସେଜ୍ ସେବା ବନ୍ଦ କରିବା ନେଇ ରାଜ୍ୟ ସରକାର ରବିବାର ଘୋଷଣା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କିଛିଦିନ ହେବ ଘଟୁଥିବା ସାମ୍ପ୍ରଦାୟିକ ହିଂସାକୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗୋଚାଲାଣ ଅଭିଯୋଗରେ ରାଜସ୍ଥାନର ୨ ମୁସଲମାନ ଯୁବକଙ୍କୁ ହତ୍ୟା ଘଟଣା ନେଇ ହରିୟାଣାରେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଦଣ୍ଡ ଦିଆଯିବା ନେଇ ଶୁକ୍ରବାର ୫୦୦ ଯୁବକ ରାସ୍ତାରୋକୋ କରିଥିବାବେଳେ ସେମାନଙ୍କ ବିରୋଧରେ ଶନିବାର ପୋଲିସ ମାମଲା ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।

### ୨ କି.ମି. ଘୋଷାରିନେଲା ଟ୍ରକ୍: ଜେଜେ, ନାତି ମୃତ

**ନୂଆଦିଲ୍ଲୀ, ୨୬।୨:** ଉତ୍ତରପ୍ରଦେଶ ମାହୋବାରେ ଟ୍ରକ୍‌ରେ ଘୋଷାରି ହୋଇ ୬ ବର୍ଷର ବାଳକ ଏବଂ ଜେଜେଙ୍କ ମୃତ୍ୟୁ ଘଟିଛି। ୬୭ ବର୍ଷୀୟ ଉଦିତ ନାରାୟଣ ଚାନ୍‌ସୋରିଆ ଏବଂ ନାତି ସାତ୍ତ୍ୱିକ ସ୍କୁଟରରେ ମାର୍କେଟ ଯାଉଥିବାବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍କୁଟରଟି ଟ୍ରକ୍‌ରେ ଫସିଯିବା ଯୋଗୁ ସ୍କୁଟରକୁ ୨ କି.ମି.ରୁ ଅଧିକ ବାଟ ଘୋଷାରି ନେଇଥିଲେ। ପ୍ରତ୍ୟକ୍ଷଦର୍ଶୀ ଟ୍ରକ୍‌କୁ ଟେକା, ପଥରଫିଙ୍ଗିବା ପରେ ଡ୍ରାଇଭର ଗାଡ଼ି ଅଟକାଇଥିଲେ। ସେତେବେଳକୁ ଉଦିତ ଏବଂ ସାତ୍ତ୍ୱିକଙ୍କ ମୃତ୍ୟୁ ଘଟିସାରିଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ପୋଲିସ ଟ୍ରକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



କିଭ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ ପ୍ରତିବାଦରେ ଜର୍ମାନୀ ସରକାରଙ୍କ ବିରୋଧରେ ବାମପନ୍ଥୀ ଡିଏ ଲିଙ୍କେ ପାର୍ଟି ପକ୍ଷରୁ ବର୍ଲିନରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଛନ୍ତି।


ୟୁକ୍ରେନ୍ ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ଜର୍ମାନୀର ବର୍ଲିନ୍‌ସ୍ଥିତ ବ୍ରାଣ୍ଡେନ୍‌ବର୍ଗ ଗେଟ୍‌ରେ ରୁଷିଆ ବିରୋଧରେ ବିକ୍ଷୋଭରତ ଜଣେ ଯୁବତୀ।

# ନୂଆ କଂଗ୍ରେସର ଅଭ୍ୟୁଦୟ / ଶୁଭାରମ୍ଭ


ମଲ୍ଲିକାର୍ଜୁନ ଖାର୍ଗେ

**ଦଳୀୟ ସମ୍ବିଧାନରେ ୮୫ ପରିବର୍ତ୍ତନ**

**ମହିଳା ଓ ଯୁବବର୍ଗଙ୍କ ପାଇଁ ୫୦% ପଦବୀ ସଂରକ୍ଷଣ**

**ରାୟପୁର, ୨୬।୨**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଛତିଶଗଡ଼ର ରାୟପୁରରେ ଚାଲିଥିବା ଏଆଇସିସିର ୮୫ତମ ମହାଧିବେଶନ ରବିବାର ଶେଷ ହୋଇଛି। ଏହି ଅଧିବେଶନ ଅବସରରେ ଦଳୀୟ ସମ୍ବିଧାନରେ ୮୫ଟି ପରିବର୍ତ୍ତନ ଅଣାଯାଇଥିବାବେଳେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ଓବିସି, ମହିଳା ଓ ଯୁବବର୍ଗଙ୍କ ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି ସମେତ ସମସ୍ତ ଦଳୀୟ ପଦପଦବୀର ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଅନ୍ୟ ସଂଶୋଧନ ମଧ୍ୟରେ ରହିଛି କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ରେ ଦଳରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଏଆଇସିସି ଅଧ୍ୟକ୍ଷଙ୍କ ସମେତ ଲୋକ ସଭା ଏବଂ ରାଜ୍ୟ ସଭାରେ କଂଗ୍ରେସ ନେତାଙ୍କୁ ସାମିଲ କରାଯିବ। ୨୦୨୫ ଜାନୁୟାରୀ ୧ରୁ କଂଗ୍ରେସ କେବଳ ଡିଜିଟାଲ ସଦସ୍ୟତା ଆରମ୍ଭ କରିବ।

ଏହା ବ୍ୟତୀତ ମହାଧିବେଶନରେ ଦଳ ପକ୍ଷରୁ ରାଜନୈତିକ ସଂକଳ୍ପ ପ୍ରକାଶ ପାଇଛି। ଏଥିରେ ଘୃଣିତ ଅପରାଧ ବିରୋଧରେ ଆଇନ ଆଣିବା, ନିଶ୍ଚୟ ନାଗରିକ ଅଧିକାରଠାରୁ ମାଗଣା ସ୍ୱାସ୍ଥ୍ୟସେବା, ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ଆଦି ପ୍ରତିଶ୍ରୁତି ଦିଆଯାଇଛି। ସଂକଳ୍ପରେ କୁହାଯାଇଛି, ଚଳିତ ବର୍ଷ ୯ ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ୨୦୨୪ରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଏଗୁଡ଼ିକ ଭାରତର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ନୀତି ଆଦର୍ଶ ଆଧାରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ପରାଜିତ କରିବାକୁ ହେଲେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ ଆବଶ୍ୟକତା। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ସ୍ୱତନ୍ତ୍ର ବର୍ଗର ପାହ୍ୟା ବଜାୟ ରଖାଯିବ ବୋଲି କଂଗ୍ରେସ ଏହାର ସଂକଳ୍ପନାମାରେ କହିଛି। ରାଜନୈତିକ ବିରୋଧୀଙ୍କୁ ଧମକ ଦେବା ଓ ସେମାନଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଇଡି, ଏନ୍‌ଆଇଏ, ସିବିଆଇ ଏବଂ ଆୟକର ବିଭାଗ ଆଦି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଥିବାରୁ କଂଗ୍ରେସ ଏହାର କଡ଼ା ସମାଲୋଚନା କରିଛି।

କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ, ଦଳ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି, ଯାହାକୁ ଏହା ମୁକାବିଲା କରିପାରିବ। ଏଥିପାଇଁ ଏକତା, ଶୃଙ୍ଖଳା ଏବଂ ଦୃଢ଼ ସଂକଳ୍ପ ଆବଶ୍ୟକ। ଆମର ଶକ୍ତି ଦଳର ତାକତରେ ରହିଛି। ଉଦ୍‌ଯାପନୀ ଭାଷଣରେ ଖାର୍ଗେ କହିଥିଲେ, ଅଧିବେଶନ ଶେଷ ହୋଇପାରେ, କିନ୍ତୁ ଏହାର ନିଷ୍କର୍ଷଗୁଡ଼ିକ ନୂଆ କଂଗ୍ରେସର ଅଭ୍ୟୁଦୟ। ଜାତୀୟ ସ୍ତରରେ ଆମର ଆଚରଣ ସାରା ଦେଶର ପ୍ରତ୍ୟେକ ସ୍ତରରେ ଥିବା କୋଟି କୋଟି ଦଳୀୟ ସହକର୍ମୀମାନଙ୍କୁ ପ୍ରଭାବିତ କରିବ। ସମୟ ସହ ବହୁ କିଛି ବଦଳିଛି। ଲୋକମାନଙ୍କ ଆଶା ଆକାଂକ୍ଷାରେ ପରିବର୍ତ୍ତନ ହୋଇଛି, ନୂଆ ଚ୍ୟାଲେଞ୍ଜ ମୁଣ୍ଡ ଟେକିଛି। ଏଥିସହିତ ନୂଆ ଉପାୟ ମଧ୍ୟ ମିଳିଯାଇଛି ବୋଲି ଖାର୍ଗେ କହିଥିଲେ। ସେଥିପାଇଁ କୁହାଯାଉଛି, ରାଜନୀତି ଓ ସାମାଜିକ କାର୍ଯ୍ୟର କଦାପି ଅନ୍ତ ନାହିଁ। ଏହାକୁ ଆଗେଇ ନେବାକୁ ହେବ। ଆମର ବିଭିନ୍ନ ପିଢ଼ି ଉକ୍ତ ମାର୍ଗରେ ଚାଲୁଛନ୍ତି ଏବଂ ଭବିଷ୍ୟତରେ ତାହା ଜାରି ରଖିବେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ।

## ପୂର୍ବରୁ ପଶ୍ଚିମ ଯାତ୍ରା କରିବ କଂଗ୍ରେସ

**ନୂଆଦିଲ୍ଲୀ, ୨୬।୨**

ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ କଂଗ୍ରେସ ଏବେ ପୂର୍ବରୁ ପଶ୍ଚିମ ପଦଯାତ୍ରା କରିବା ଲାଗି ଯୋଜନା କରିଛି। ଏହି କ୍ରମରେ ଅରୁଣାଚଳପ୍ରଦେଶର ପାସିଘାଟରୁ ଗୁଜରାଟର ପୋରବନ୍ଦର ପର୍ଯ୍ୟନ୍ତ ପଦଯାତ୍ରା କରିବାକୁ ଦଳ ବିଚାର କରୁଛି। ତେବେ ଏହା ଭାରତ ଯୋଡ଼ୋ ଯାତ୍ରାଠାରୁ ଭିନ୍ନ ହେବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାକୁ ସେ ତପସ୍ୟା ବୋଲି କହିଥିଲେ। ପୂର୍ବରୁ ପଶ୍ଚିମ ଯାତ୍ରାରେ ବହୁ ଜଙ୍ଗଲ ଏବଂ ନଦୀ ଅତିକ୍ରମ କରିବାକୁ ଥିବାରୁ ଏହା ଏକ ବହୁବିଧ ଯାତ୍ରା ହେବାକୁ ଥିବାବେଳେ ପଦଯାତ୍ରା ଏଥିରେ ମୁଖ୍ୟ ଭୂମିକା ନେବ ବୋଲି ଜୟରାମ କହିଛନ୍ତି। ଏପ୍ରିଲ ଓ ନଭେମ୍ବରରେ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ପଦଯାତ୍ରା ଜୁନ୍ ପୂର୍ବରୁ କିମ୍ବା ନଭେମ୍ବର ପୂର୍ବରୁ ଅନୁଷ୍ଠିତ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ପିଏମ୍-କିଷାନ: ଆଜି ୧୬,୮୦୦ କୋଟି ପ୍ରଦାନ କରାଯିବ

**ନୂଆଦିଲ୍ଲୀ, ୨୬।୨**

ହୋଲି ଉତ୍ସବ ଏବଂ ରବି ଫସଲ ଅମଳ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ତ୍ରୟୋଦଶ କିସ୍ତି ପ୍ରଦାନ କରିବାକୁ ଯାଉଛନ୍ତି। ଏହି କିସ୍ତିରେ ମୋଟ ୧୬,୮୦୦ କୋଟି ଟଙ୍କା ପ୍ରଦାନ କରାଯିବ ଏବଂ ୮ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ରେ ହିତାଧିକାରୀ ଚାଷୀମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଇ ଆସୁଛି। ଏହି ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଉକ୍ତ ଯୋଜନା ୨୦୧୯ ଫେବୃୟାରୀରୁ ଆରମ୍ଭ ହୋଇଥିଲେ ହେଁ ୨୦୧୮ ଡିସେମ୍ବରରୁ କାର୍ଯ୍ୟକାରୀ ହୋଇଥିଲା। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ବେଲାଗାଭିରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ତମ କିସ୍ତି କୃଷକମାନଙ୍କ ଖାତାକୁ ପଠାଇବେ ବୋଲି ଏକ ବିବୃତିରେ କୁହାଯାଇଛି।

## 'ପ୍ଲାଷ୍ଟିକ୍ ବଦଳରେ କନା ତିଆରି ବ୍ୟାଗ ବ୍ୟବହାର କରନ୍ତୁ'

**ମନ୍ କୀ ବାତ୍**

**ନୂଆଦିଲ୍ଲୀ, ୨୬।୨**

ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୮ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ଅବସରରେ ଦେଶବାସୀ ପ୍ଲାଷ୍ଟିକ୍ ବ୍ୟାଗ୍ ବର୍ଜନ କରି କନାରେ ତିଆରି ବ୍ୟାଗ୍ ବ୍ୟବହାର କରିବା କଥା କହିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଜନ ଭାଗୀଦାରିର ଅର୍ଥକୁ ବଦଳାଇ ଦେଇଛି। ହରିୟାଣାର ଦୁଲହେଦି ଗ୍ରାମର ଯୁବକୋଷ୍ଠୀଙ୍କ ଦ୍ୱାରା ଗଠିତ 'ସ୍ୱଚ୍ଛ ଇଭାମ ଜନସେବା ସମିତି' ସମ୍ପର୍କରେ ମୋଦି ମନ କୀ ବାତ୍‌ରେ କହିଛନ୍ତି। ସମିତିର ସଦସ୍ୟ ପ୍ରତିଦିନ ଭୋର ୪ଟା ବେଳେ ଭିୱାନି ସହରର ବିଭିନ୍ନ ଅଞ୍ଚଳ ବୁଲି ସଫେଇ କରୁଛନ୍ତି। ଅନ୍ୟପକ୍ଷେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲୋକପ୍ରିୟତା ଖାଲି ଦେଶରେ ନୁହେଁ ବରଂ ଦେଶ ବାହାରେ ବଢ଼ିଛି। ଏହି ଅବସରରେ ମୋଦି ହୋଲି ପର୍ବ ପାଇଁ ଦେଶବାସୀଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ପର୍ବ ପାଳନକୁ ନେଇ ନିଜ ଅଭିଜ୍ଞତା ବିଷୟରେ ଜଣାଇବାକୁ ମଧ୍ୟ ସେ ଏହି ରେଡିଓ ବାର୍ତ୍ତା କାର୍ଯ୍ୟକ୍ରମ ଜରିଆରେ କହିଛନ୍ତି।

## ନାଗରିକଙ୍କ ଧନଜୀବନ ରକ୍ଷା ରାଷ୍ଟ୍ରର ପରମ କର୍ତ୍ତବ୍ୟ

**ନୂଆଦିଲ୍ଲୀ, ୨୬।୨(ପି.ଟି.)**

ସବୁ ସମୟରେ ନାଗରିକ ଓ ଅନ୍ୟମାନଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରାଇବା ରାଷ୍ଟ୍ରର ପରମ କର୍ତ୍ତବ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହରିୟାଣାର ଝାଜ୍ଜର କୋର୍ଟରେ ଥିବା ଏକ ମାମଲାକୁ ଦିଲ୍ଲୀ ଅଦାଲତକୁ ସ୍ଥାନାନ୍ତର ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଯେକୌଣସି ବ୍ୟକ୍ତିଙ୍କ ହାତରେ ପ୍ରତ୍ୟେକ ଉଦ୍ୟମ ସଫଳ ହେଲେ ଫୌଜଦାରୀ ଆଇନର ପ୍ରଭାବ ଦୁର୍ବଳ ହୋଇଯିବ ବୋଲି ଖଣ୍ଡପୀଠ କହିଥିଲେ। ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ଦାବି ନେଇ ଜାଟ୍ ସମ୍ପ୍ରଦାୟ ୨୦୧୬ରେ ହିଂସାତ୍ମକ ଆନ୍ଦୋଳନ ଚଳାଇଥିବାବେଳେ ଝାଜ୍ଜର ସମ୍ପ୍ରଦାୟର ବହୁ ଘରଦ୍ୱାର ଓ ସମ୍ପତ୍ତି ପୋଡ଼ିହୋଇ ନଷ୍ଟ ହୋଇଥିଲା। ଉକ୍ତ ମାମଲାକୁ ନୂଆଦିଲ୍ଲୀ ସ୍ଥାନାନ୍ତର ପାଇଁ ଝାଜ୍ଜର ସମ୍ପ୍ରଦାୟର ୩୮ ଜଣ ଆବେଦନ କରିଥିଲେ। ବାର୍ ଅଧ୍ୟକ୍ଷ ଥିବା ଜଣେ ପ୍ରଭାବଶାଳୀ ଆଇନଜୀବୀଙ୍କ ପାଇଁ ମାମଲା ପ୍ରଭାବିତ ହେଉଥିବା ଆବେଦନକାରୀ ଦର୍ଶାଇଥିଲେ। ତେବେ ୪୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବାରୁ ମାମଲା ସ୍ଥାନାନ୍ତର କରିବାକୁ ଖଣ୍ଡପୀଠ ମନା କରିଦେଇଥିଲେ। ତେବେ ମାମଲା ଉପରେ କେତେକ ଟିପ୍ପଣୀ ଓ ନିର୍ଦ୍ଦେଶନାମାର ଆବଶ୍ୟକତା ରହିଥିବା କହିଥିଲେ।

## ଶହେ ରୋବୋଙ୍କୁ ବିଦାକଲା ଗୁଗଲ

**ସାନ୍ ଫ୍ରାନ୍ସିସ୍କୋ, ୨୬।୨**




ବିଶ୍ୱର ବହୁ ଆଇଟି କମ୍ପାନୀ କର୍ମଚାରୀ ଛଟେଇ ଅଭିଯାନ ଚଳାଇଛନ୍ତି। ଗୁଗଲ ଏଥିରୁ ବାଦ୍ ପଡିନାହିଁ। ପାଖାପାଖି ୧୨,୦୦୦ କର୍ମଚାରୀଙ୍କୁ ବାହାର କରିବା ପରେ ଗୁଗଲ ଏବେ ୧୦୦ ରୋବୋଙ୍କୁ ଚାକିରିରୁ ବିଦା କରିଛି। ଏହି ରୋବୋ ଗୁଗଲର କାଫେଟେରିଆ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ। କମ୍ପାନୀର ଏକ୍ସପେରିମେଣ୍ଟାଲ 'ଏକ୍ସ' ଲାବରେଟୋରି ବନ୍ଦ ହେବା ପରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି।

ପାଖାପାଖି ୧୦୦ ୱାନ୍ ଆର୍ମ ୱିଲ୍ଡ ରୋବୋଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁଗଲର କାଫେଟେରିଆରେ ଏହି ରୋବୋଙ୍କୁ ନିୟୋଜିତ କରାଯାଇଥିଲା। ଟେବୁଲ ସଫା କରିବା, ଅଳିଆ ସବୁକୁ ଅଲଗା କରିବା ଏବଂ ଏହାର ପୁନଃଚକ୍ରଣ କରିବା ସହ କୋଭିଡ୍ ସମୟରେ କନ୍‌ଫରେନ୍ସ ହଲ୍‌ର ଦେଖାରଖା ରୋବୋଙ୍କ ଦ୍ୱାରା କରାଯାଉଥିଲା। କିଛିବର୍ଷ ହେବ ପ୍ରଶିକ୍ଷଣ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ଗୁଗଲର ପ୍ୟାରେଣ୍ଟ କମ୍ପାନୀ ଆଲ୍‌ଫାବେଟ୍ ଇଣ୍ଟିଗ୍ରେଟେଡ୍ ହାର୍ଡୱେର ଏବଂ ସଫ୍ଟୱେର ସିଷ୍ଟମ ଡେଭଲପ କରିଛି। ରୋବୋଙ୍କୁ ନେଇ ଅନେକ ଦେଶର ବୈଜ୍ଞାନିକଙ୍କ ଅଧ୍ୟୟନ ଓ ଗବେଷଣା ଜାରି ରହିଛି।

## ଫ୍ରିଜ୍‌ରୁ ମିଳିଲା ମଡେଲଙ୍କ ଗୋଡ଼

■ହତ୍ୟା ଅଭିଯୋଗରେ ୪ ଗିରଫ

■ମୁଣ୍ଡ ଖୋଜୁଛି ପୋଲିସ

**ହଂକଂ, ୨୬।୨**



ନିଖୋଜ ଥିବା ହଂକଂ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଆବୀ ଚୋଇଙ୍କ କଟା ଗୋଡ଼ ତ୍ରୁଏନ ଟାଇ ପୋ'ରେ ଥିବା ଘର ଫ୍ରିଜ୍‌ରୁ ରବିବାର ପୋଲିସ ଜବତ କରିଛି। ମଡେଲଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ୩ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ୨୮ ବର୍ଷୀୟା ଆବୀଙ୍କ ହତ୍ୟାରେ ପୂର୍ବତନ ସ୍ୱାମୀ ଆଲେକ୍ସ କୱୋଙ୍ଗ ଓ ଶାଶୁଙ୍କ ସମ୍ପୃକ୍ତି ନେଇ ପୋଲିସ ଗିରଫ କରିଛି। ଶରୀରର କଟା ଅଙ୍ଗ ସାଙ୍ଗକୁ ଏଥିରେ ବ୍ୟବହାର ହୋଇଥିବା ଉପକରଣ ସବୁକୁ ପୋଲିସ ଜବତ କରିଥିବା କହିଛି। ଡ୍ରୋନ୍ ସାହାଯ୍ୟରେ ଆବୀଙ୍କ ମୁଣ୍ଡ ଓ ଅନ୍ୟ ଅଙ୍ଗ ପୋଲିସ ଖୋଜିବା ଆରମ୍ଭ କରିଛି। ଏଲ୍' ଅଫିସିଆଲ ମୋନାକୋ ଫ୍ୟାଶନ୍ ମାଗାଜିନ୍‌ର ଡିଜିଟାଲ କଭରରେ ଆବୀଙ୍କୁ ନିକଟରେ ଦେଖାଯାଇଥିଲା। ମଙ୍ଗଳବାର ତାଙ୍କୁ ଶେଷଥର ପାଇଁ ଟାଇ ପୋ'ରେ ଦେଖାଯାଇଥିବା ପୋଲିସ କହିଛି।

## କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟାକଲେ ଆତଙ୍କବାଦୀ

**ଶ୍ରୀନଗର, ୨୬।୨**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀମାନେ ରବିବାର କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ମୃତ ସଞ୍ଜୟ ଶର୍ମା (୪୦) ଏଟିଏମ୍‌ରେ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁଲ୍‌ୱାମାର ଅଚନ ଅଞ୍ଚଳରେ। ସେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବଜାରକୁ ଯାଉଥିବାବେଳେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।


ମୃତ ସଞ୍ଜୟ ଶର୍ମା

**ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ: ଆଜାଦ୍**

ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି (ଡିପିଏପି)ର ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ୍ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ ବୋଲି ଆଜାଦ୍ କହିଛନ୍ତି। କଶ୍ମୀରୀ ପଣ୍ଡିତ ହୁଅନ୍ତୁ କି ମୁସଲମାନ କିମ୍ବା ଶିଖ୍; ପ୍ରତ୍ୟେକ ଟାର୍ଗେଟ କିଲିଂ ନିନ୍ଦନୀୟ ଘଟଣା। ଗତ ୩୦ ବର୍ଷ ମଧ୍ୟରେ ଏଭଳି ଅପରାଧ ଘଟଣାରେ ଅନେକ ଗିରଫ ହୋଇଛନ୍ତି। କିନ୍ତୁ ଗତ ଦୁଇବର୍ଷରେ ଟାର୍ଗେଟ କିଲିଂରେ ସମ୍ପୃକ୍ତ ଜଣେ ହେଲେ ଅପରାଧୀଙ୍କୁ ଗିରଫ କରାଯାଇ ନାହିଁ। ତେଣୁ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଥିବାର ବାସ୍ତବତାକୁ ନେଇ ଆଜାଦ ପ୍ରଶ୍ନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲାଙ୍କ ସମେତ କଶ୍ମୀରୀ ପଣ୍ଡିତ ସଂଘର୍ଷ ସମିତି ମଧ୍ୟ ସଞ୍ଜୟଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରିଛନ୍ତି।

**ସୋନାଲିକାର ଅତ୍ୟାଧୁନିକ ଟ୍ରାକ୍ଟର୍ ରେଞ୍ଜ୍ ଉନ୍ମୋଚିତ**

ନୂଆଦିଲ୍ଲୀ:ଗତ କିଛି ମାସ ହେବ ସବୁ ବର୍ଗର କମ୍ପାନୀ ଛଟେଇ କରୁଛନ୍ତି। ହେଲେ ବର୍ତ୍ତମାନ ଏୟାର ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୫୦୦୦ରୁ ଅଧିକ ନୂଆ ନିଯୁକ୍ତି ଦେବ ବୋଲି ଜଣାପଡିଛି। ବିଶେଷ କରି କମ୍ପାନୀ ନୂଆ ବିମାନ କିଣିବାକୁ ଯାଉଥିବାରୁ ସେଥିପାଇଁ କେବିନ କ୍ରୁ ଏବଂ ପାଇଲଟ ନିଯୁକ୍ତି ଦେବ। ନିକଟରେ କମ୍ପାନୀ ଏୟାରବସ ଏବଂ ବୋଇଂ ଠାରୁ ୪୭୦ଟି ବିମାନ କିଣିବା ପାଇଁ ରାଜିନାମା କରିଛି। ଗତବର୍ଷ ଏପ୍ରିଲରୁ ବର୍ତ୍ତମାନ ସୁଦ୍ଧା କମ୍ପାନୀ ପ୍ରାୟ ୨୦୦୦ କେବିନ କ୍ରୁ ଏବଂ ୩୦୦ ପାଇଲଟଙ୍କୁ ନିଯୁକ୍ତି ଦେଇଛି।




ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ମଡେଲ 'ଟାଟା ମୋଟର୍ସ ବ୍ଲାକ ଅଡିଶନ'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି।

## ଏଲ୍‌ଜି ରେଫ୍ରିଜରେଟରରେ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୬।୨**

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ସାଇଡ୍ ବାଏ ସାଇଡ ରେଫ୍ରିଜରେଟରର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। ଏପରିକି ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଫର ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। କମ୍ପାନୀ ଉକ୍ତ ରେଫ୍ରିଜରେଟର କିଣୁଥିବା ଗ୍ରାହକଙ୍କ ପାଇଁ ୫ ତାରକା ହୋଟେଲରେ ଗୋଟିଏ ରାତି ରହଣି ସହ ଟାଇମ୍ସ ପ୍ରାଇମ ଏକ୍ସକ୍ଲୁସିଭ ମେମ୍ବରଶିପ ପ୍ରୋଗ୍ରାମର ସୁବିଧା ମିଳିବ। ବିଶେଷ କରି ଟାଇମ୍ସ ପ୍ରାଇମଟାଇମ ମେମ୍ବରଶିପରେ ୬୦ରୁ ଅଧିକ ବ୍ରାଣ୍ଡ ସୁବିଧା ରହିଛି। ଏହାର ଗ୍ରାହକମାନେ ଓଟିଟି ସବସ୍କ୍ରିପସନ ସହ ସପିଂ ଭାଉଚର, ଖାଦ୍ୟ ଓ ପାନୀୟ ଭାଉଚର, ଡାଇନିଂ ଭାଉଚର, ହେଲ୍‌ଥ ଏବଂ ଫିଟନେସ୍ ଭାଉଚର, ଟ୍ରାଭେଲ ଏବଂ ହସ୍ପିଟାଲିଟି ଭାଉଚର ସମେତ ଅନ୍ୟାନ୍ୟ ସୁବିଧା ପାଇପାରିବେ।

## ଜୀବିକା ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୬।୨**

ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍ଏଫ୍) ସହଯୋଗରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍) ବାଲେଶ୍ୱର ଜିଲାର ବାଲିଆପାଳର ଡଗରା ଗ୍ରାମ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟଙ୍କ ପାଇଁ ସବାଇ ଘାସ ହସ୍ତତନ୍ତ ସାମଗ୍ରୀ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ଏସ୍‌ପିପିଏଲ୍‌ର ପ୍ରଶାନିକ ବିଭାଗର ବରିଷ୍ଠ ଡିଭିଜନାଲ ମ୍ୟାନେଜର ପ୍ରମୋଦ କୁମାର ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅଧିକାରୀ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ୨ମାସର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୨ଜଣ ସରକାରୀ ସାର୍ଟିଫାଏଡ୍ ଟ୍ରେନରଙ୍କ ଦ୍ୱାରା ଟ୍ରେନିଂ ଅଫ୍ ଟ୍ରେନର ମଡେଲରେ ଶିକ୍ଷାଦାନ କରାଯିବ। ଏପରିକି ଉକ୍ତ କାର୍ଯ୍ୟକ୍ରମଟି ସବାଇଘାସ ହସ୍ତତନ୍ତ ସାମଗ୍ରୀ କାରବାର କରୁଥିବା ଅନ୍ୟ ଏସ୍‌ଏଚ୍‌ଜିମାନଙ୍କୁ ତାଲିମ ଦେବା ପାଇଁ ଏହା ବେଶ୍ ସହାୟକ ହେବ। କାରଣ ଏହା ଜରିଆରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦକ୍ଷତା ବୃଦ୍ଧି କରିବାକୁ ଉଭୟ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ଏବଂ ପରିମାଣ ବୃଦ୍ଧି କରିବା ସହ ତାଲିମ ପ୍ରୋଗ୍ରାମ ବେଶ୍ ଉପଯୋଗୀ ହେବ।

## 'ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ'

**ଭୁବନେଶ୍ୱର,୨୬।୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଅଫିସର୍ସ ଆସୋସିଏଶନ୍ ଓଡ଼ିଶା ୟୁନିଟ୍‌ର ୪୨ତମ ବାର୍ଷିକ ବୈଠକ ରବିବାର ସ୍ଥାନୀୟ ରେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ ସୁନୀଲ କୁମାର, ସଭାପତି କମ୍ରେଡ୍ ନିଲେଶ ପାୱାର, ଚେୟାରମ୍ୟାନ୍ କମ୍ରେଡ୍ ସଞ୍ଜୟ ଦାସ, ଉପଦେଷ୍ଟା କମ୍ରେଡ୍ ସୁନୀଲ ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ବିଓଆଇ ଏନ୍‌ବିଜି ଓଡିଶାର ପ୍ରଥମ ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ରଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ମଳୟ ଦାସ, ୟୁ.କେ. ରଥ, ଅରବିନ୍ଦ ମିଶ୍ର ଏବଂ ଆର୍.ସି.ଦାସ ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ କମ୍ରେଡ୍ କମଲଜିତ୍ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶେଷ କରି ଫେଡେରେଶନ୍‌ର ଲିଡର ଏବଂ କାର୍ଯ୍ୟନିର୍ବାହୀମାନେ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନୂତନ ଟେକ୍ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅଧିକାରୀ ଓ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ମଧ୍ୟ ବ୍ୟାଙ୍କ ଘରୋଇକରଣର ବିପଦ, ଘରୋଇ ସମ୍ପତ୍ତି ବିକ୍ରୟ ଏବଂ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ସଦସ୍ୟମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସେମାନେ କାର୍ଯ୍ୟସ୍ଥଳ ଓ ଜୀବନଚର୍ଯ୍ୟାରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଅନୁରୋଧ କରିବା ସହ ବ୍ୟାଙ୍କର ଗୁଣାତ୍ମକ ବ୍ୟବସାୟିକ ଅଭିବୃଦ୍ଧିରେ ଏହା ସାହାଯ୍ୟ କରିବ ବୋଲି କହିଥିଲେ। ପରିଶେଷରେ ସମସ୍ତ ଲିଡର ସଦସ୍ୟମାନଙ୍କୁ ବ୍ୟାଙ୍କ ଓ ଏହାର କାର୍ଯ୍ୟକାରିତା ପ୍ରତି ଶୃଙ୍ଖଳିତ ରହିବାକୁ ଆହ୍ୱାନ କରିଥିଲେ।

## ମହିମାନନ୍ଦଙ୍କୁ 'ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ-୨୦୨୩'

**ଭୁବନେଶ୍ୱର,୨୬।୨**



ଦୀର୍ଘ ୪ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଭାରତୀୟ ଶିପିଂ ଓ ସାମୁଦ୍ରିକ ଶିଳ୍ପ ଏବଂ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିଜ୍ଞ ଶିଳ୍ପପତି ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍)ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କୁ ନିକଟରେ ସମ୍ମାନଜନକ 'ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ୨୦୨୩' ପ୍ରଦାନ କରାଯାଇଛି। ବିଶେଷକରି ଏକ୍‌ଜିମ ଇଣ୍ଡିଆ ଶିପିଂ ଟାଇମ୍ସ ଦ୍ୱାରା କୋଲକାତାର ଦ ଲଳିତ ଗ୍ରେଟ୍ ଇଷ୍ଟର୍ନଠାରେ ଆୟୋଜିତ ଇଷ୍ଟର୍ନ ଷ୍ଟାର୍ ଆୱାର୍ଡସ-୨୦୨୩ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ 'ଇଷ୍ଟ କୋଷ୍ଟ ମାରିଟାଇମ ଫୋରମ-୨୦୨୩'ର ୮ମ ସଂସ୍କରଣରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପୂର୍ବତନ ସଚିବ ଗୋପାଳ କ୍ରିଷ୍ଣାଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଓଏସ୍ଏଲ୍ ଗ୍ରୁପ୍ ବର୍ଷ ୨୦୨୩ ପାଇଁ ପୁଣିଥରେ ଷ୍ଟିଭେଡର୍ସ କମ୍ପାନୀ ଅଫ୍ ଦ ଇୟର ପୁରସ୍କାର ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଓଏସ୍ଏଲ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଚନ୍ଦନ ମିଶ୍ର ଏବଂ ଟିମ୍ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଏସ୍ଏଲ୍ ଗ୍ରୁପ୍‌ର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଓଏସ୍ଏଲ୍‌ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର କହିଛନ୍ତି, ମୁଁ ହୃଦୟପୂର୍ଣ୍ଣ ସହକାରେ ଉକ୍ତ ପୁରସ୍କାରକୁ ମୋ ସହକର୍ମୀ, କର୍ମଚାରୀ, ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଉତ୍ସର୍ଗ କରୁଛି। ସେମାନଙ୍କ କଠିନ ପରିଶ୍ରମ, ସମର୍ପଣ, ନିଷ୍ଠା ଏବଂ ସର୍ବୋପରି ସଂଗଠନର ସ୍ୱାର୍ଥ ପାଇଁ ସମସ୍ତ ବ୍ୟକ୍ତିଗତ ଉତ୍ସର୍ଗ ଲାଗି ହିଁ ଏହା ସମ୍ଭବ ହୋଇପାରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ମହିମା ମିଶ୍ର ନାମରେ ମହିମାନନ୍ଦ ମିଶ୍ର ସର୍ବତ୍ର ପରିଚିତ। ସୂଚନାଯୋଗ୍ୟ,ଗତ ବର୍ଷ ମଧ୍ୟ କୋଲକାତାଠାରେ ଆୟୋଜିତ 'ଇଷ୍ଟ କୋଷ୍ଟ ମାରିଟାଇମ ଫୋରମ-୨୦୨୨'ର ୭ମ ସଂସ୍କରଣରେ ଓଏସ୍ଏଲ୍‌କୁ 'ବର୍ଷର ସର୍ବଶ୍ରେଷ୍ଠ ଲଜିଷ୍ଟିକ୍ କମ୍ପାନୀ' ଏବଂ 'ବର୍ଷର ସର୍ବଶ୍ରେଷ୍ଠ ଷ୍ଟିଭେଡର୍ସ କମ୍ପାନୀ' ଭାବେ ପୁରସ୍କୃତ କରାଯାଇଥିଲା।

## ଡାଲମିଆ ସିମେଣ୍ଟର 'ପ୍ରୋଜେକ୍ଟ ହସ୍ତକଳା'

**ଭୁବନେଶ୍ୱର,୨୬।୨**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲାର ଝଗରପୁର ଏବଂ କଟାଙ୍ଗ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କ ପାଇଁ ଏକ ଅର୍ଥନୈତିକ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ହସ୍ତକଳା ଆରମ୍ଭ କରାଯାଇଛି। ଏପରିକି ଉକ୍ତ ପ୍ରକଳ୍ପ ଶୁଭାରମ୍ଭର ୩ ମାସ ମଧ୍ୟରେ ଅନେକ ସଫଳତା ପାଇଛି। ବିଶେଷ କରି ଉକ୍ତ ପ୍ରକଳ୍ପରେ ପ୍ରାୟ ୯୦ଜଣ ଏସ୍‌ଏଚ୍‌ଜି ମହିଳା ଅନନ୍ୟ ଟାଇ ଆଣ୍ଡ ଡାଇ ବାଟିକ ଉତ୍ପାଦରେ ତାଲିମ ନେଉଛନ୍ତି। ଅପରପକ୍ଷରେ ନୋଏଡାଠାରେ ଆୟୋଜିତ ସରସ ଆଜିବିକା ମେଳା ଏବଂ ରାଉରକେଲାଠାରେ ଆୟୋଜିତ ସରସ ମେଳା ସମେତ ବିଭିନ୍ନ ପ୍ରଦର୍ଶନୀରେ ପ୍ରକଳ୍ପର ମହିଳାମାନେ ଅଂଶଗ୍ରହଣ କରି ସେମାନଙ୍କର ଉତ୍ପାଦ ବିକ୍ରି କରିଛନ୍ତି। ତାହାସହିତ ସେମାନେ ଫ୍ଲିପକାର୍ଟ ଭଳି ଇ-କମର୍ସ ପ୍ଲାଟଫର୍ମରେ ମଧ୍ୟ ବିକ୍ରି କରୁଛନ୍ତି। ପ୍ରାୟ ୨.୫ ଲକ୍ଷ ଟଙ୍କାର ଉତ୍ପାଦ ବିକ୍ରି ହୋଇସାରିଛି। ଏ ସମ୍ପର୍କରେ ଡିସିବିଏଲ କମ୍ପାନୀର ମୁଖପାତ୍ର କହିଥିଲେ, ଉକ୍ତ ଉତ୍ପାଦର ବଜାରରେ ବିପୁଳ ଚାହିଦା ରହିଛି, କିନ୍ତୁ ତାହାର ଉତ୍ପାଦନ କମ ରହିଥିବାରୁ ଚାହିଦା ପୂରଣ ହୋଇ ପାରୁନାହିଁ। ଏଥିରେ ଆମ ୟୁନିଟ ନିକଟରେ ଚତୁର୍ପାର୍ଶ୍ୱରେ ଥିବା ଗ୍ରାମଗୁଡିକରେ ଥିବା ମହିଳାମାନଙ୍କ ପାଇଁ ସ୍ୱାବଲମ୍ବୀ ହେବାର ବିକଳ୍ପ ସୁଯୋଗ ନିର୍ମାଣ ଦିଗରେ ବେଶ ଉତ୍ସାହପ୍ରଦ ସମ୍ଭାବନା ରହିଥିବା ଆମେ ଲକ୍ଷ୍ୟ କରିଥିଲୁ।

**ଫୁର୍‌ସତ୍**

## ଡିଜ୍‌ନୀ ଲ୍ୟାଣ୍ଡରେ ୨୯୯୫ ଦିନ ବୁଲି ରେକର୍ଡ

**ୱାଶିଂଟନ୍**




କେବେ ଏପରି ଲୋକଙ୍କୁ ଭେଟିଛନ୍ତି, ଯିଏ ସବୁବେଳେ ଖୁସି ରହୁଥିବେ। ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ଲୋକ ଅଛନ୍ତି, ଯିଏ କି ସବୁବେଳେ ଖୁସି ରହିଥାନ୍ତି। ଏଥିସହ ସେ ଏକ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ନିଜ ନାମ ଲେଖାଇଛନ୍ତି। ଜୈଫ୍ ରିଟେଜ୍ ୨୯୯୫ ଦିନ ପର୍ଯ୍ୟନ୍ତ ଡିଜ୍‌ନୀ ଲ୍ୟାଣ୍ଡ ଯାତ୍ରା କରି ଗିନିଜ୍ ରେକର୍ଡ କରିଛନ୍ତି। ରିଟେଜ୍ ଜଣେ ଅବସରପ୍ରାପ୍ତ ଆର୍ମି ଅଫିସର। ତାଙ୍କ ପାଖରେ ଡିଜ୍‌ନୀ ଲ୍ୟାଣ୍ଡ ପାଇଁ ବାର୍ଷିକ ପାସ୍ ରହିଥିଲା। ସେ ତାଙ୍କ ଅବସର ଜୀବନରେ ଖୁସି ରହିବାକୁ ୨୦୧୨ ଜାନୁୟାରୀରୁ ଦୁନିଆର ସବୁଠାରୁ ଖୁସିର ସ୍ଥାନ କୁହାଯାଉଥିବା ସ୍ଥାନ ଡିଜ୍‌ନୀ ଲ୍ୟାଣ୍ଡ ଯିବା ଆରମ୍ଭ କରିଥିଲେ। ପରେ ସେ ସେହି ସ୍ଥାନର ମ୍ୟାଜିକାଲ ପାର୍କକୁ ସବୁଦିନେ ଯିବାକୁ ଲାଗିଲେ। ବେଳେବେଳେ ସେ ମଧ୍ୟ ସେହି ପାର୍କରେ ରାତି ବିତାଉଥିଲେ। ତାଙ୍କର ଏପରି ଡିଜ୍‌ନୀ ଲ୍ୟାଣ୍ଡ ଯିବା ଫଳରେ ସେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଏହି ରେକର୍ଡକୁ ନେଇ ବହୁତ ଖୁସିଥିବା କହିଛନ୍ତି। ରିପୋର୍ଟ ମୁତାବକ, ଏହି ୧୦ ବର୍ଷ ମଧ୍ୟରେ ସେ ସବୁଠାରୁ ଖୁସିରେ ରହୁଥିବା ବ୍ୟକ୍ତି ଭାବେ ରେକର୍ଡ ହାସଲ କରିଛନ୍ତି।

## ହେରାଫେରି-୪ରେ ସଞ୍ଜୟ

ମୁମ୍ବାଇ: ଫିଲ୍ମ 'ହେରାଫେରି'ରେ ଲୋକପ୍ରିୟ ଚରିତ୍ର ଅକ୍ଷୟ କୁମାର, ସୁନୀଲ ଶେଟ୍ଟୀ ଏବଂ ପରେଶ ରାୱଲ କମେଡି ଜରିଆରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଲୋକେ ସେଥିରେ ହସି ହସି ବେଦମ୍ ହୋଇଥାନ୍ତି। ନିକଟରେ ଫିଲ୍ମର ପ୍ରମୋ ଭିଡିଓ ଶୁଟ୍ କରାଯାଇଥିଲା। ଏଥିପାଇଁ ଦର୍ଶକଙ୍କ ହେରାଫେରି-୪କୁ ନେଇ ଉତ୍କଣ୍ଠା ବଢିଛି। ତେବେ ଏଥିରେ ଭିଲେନ୍ ଚରିତ୍ରରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ସଞ୍ଜୟ ଏହି ଫିଲ୍ମରେ ଭିଲେନ୍ ଭୂମିକା ପାଇଁ ଦସ୍ତଖତ କରିଛନ୍ତି। ଏହି ୩ ଅଭିନେତାଙ୍କ ସହ ସଞ୍ଜୟଙ୍କ ଯୋଡିକୁ ଦେଖିବାକୁ ଲୋକେ ଅପେକ୍ଷା କରି ରହିଛନ୍ତି। ସଞ୍ଜୟ ବହୁତ କମେଡି କରିଥାନ୍ତି। ହେଲେ ଏଥିରେ ସଞ୍ଜୟ ଅଲଗା ଭୂମିକାରେ ନଜରକୁ ଆସୁଛନ୍ତି। ନିର୍ଦ୍ଦେଶକ ଫର୍‌ହାଦ୍ ସମ୍‌ଜିଙ୍କ ଏହି ଫିଲ୍ମ ଉକ୍ତ ୪ ଅଭିନେତାଙ୍କ ପାଇଁ ସୁପରହିଟ୍ ହେବ ବୋଲି ନିର୍ଦ୍ଦେଶକ ଆଶା କରିଛନ୍ତି। ଏଥିସହ ଅଭିନେତା ଅର୍ଶଦ ୱାର୍ସିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମର ଶୁଟିଂ ଆସନ୍ତା ୩ ମାସ ମଧ୍ୟରେ ଆରମ୍ଭ ହେବ। ମୁମ୍ବାଇ ସମେତ ବିଦେଶରେ ମଧ୍ୟ ଫିଲ୍ମର ଶୁଟିଂ କରାଯିବ। ସଞ୍ଜୟଙ୍କୁ ନିକଟରେ ଚଳଚ୍ଚିତ୍ର ଭୁଜ୍, ସମ୍‌ସେରା, ପାନିପଥ୍, କେଜିଏଫ୍-୨ରେ ଦେଖିବାକୁ ମିଳିଥିଲା। ଏହାଛଡା ଚଳିତବର୍ଷ ସଞ୍ଜୟଙ୍କ ଆଉ ୨ ମୁଭି ଆସିବାକୁ ଯାଉଛି।



## କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗାହୋଇ ଯୋଡ଼ିହୁଏ ବ୍ରିଜ୍

**କୋପେନହାଗେନ**

ଦୁନିଆରେ ଅନେକ ପ୍ରାକୃତିକ ସ୍ଥାନ ରହିଛି, ଯାହାକି ଅତ୍ୟନ୍ତ ମନୋରମ, ଚିତ୍ତାକର୍ଷକ ଏବଂ ଅଦ୍ଭୁତ ହୋଇଥାଏ। ହେଲେ ବର୍ତ୍ତମାନ ଯୁଗରେ ପରିବର୍ତ୍ତନ ଆସିଛି। ଫଳରେ ମଣିଷ ଅନେକ ଜିନିଷ ତିଆରି କରୁଛି, ଯାହା ଆଶ୍ଚର୍ଯ୍ୟକର ଲାଗୁଛି। ଡେନ୍‌ମାର୍କ ରାଜଧାନୀ କୋପେନହାଗେନରେ ଏକ ବ୍ରିଜ୍ ରହିଛି, ଯାହାର ତିଆରି ଶୈଳୀ ବେଶ୍ ଆଶ୍ଚର୍ଯ୍ୟଜନକ। ଏଠାରେ କେନାଲ ଉପରେ ତିଆରି ବ୍ରିଜ୍ ଅନ୍ୟ ବ୍ରିଜ୍ ଭଳି କାମ କରିଥାଏ। ହେଲେ ଏହି ବ୍ରିଜ୍ କେବଳ ପାଦଚଲା ଏବଂ ସାଇକେଲ ଆରୋହୀଙ୍କ ପାଇଁ ଉଦ୍ଦିଷ୍ଟ। ବ୍ରିଜ୍‌ଟି ଭିନ୍ନ ମାପର ୫ଟି ଗୋଲାକାର ବୃତ୍ତରେ ପ୍ରସ୍ତୁତ ହୋଇଛି। ଏଥିରେ ୫ଟି ପିଲାର ରହିଛି। ଯେଉଁଥିରେ କି ୧୧୦ଟି ଷ୍ଟିଲ୍ ତାର ବ୍ୟବହୃତ ହୋଇଛି। ଉକ୍ତ ବ୍ରିଜ୍ ସେହି କେନାଲର ୨ ପାର୍ଶ୍ୱକୁ ଯୋଡୁଛି। ହେଲେ ବ୍ରିଜ୍‌ଟି କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗା ହେଉଥିବାବେଳେ ତାହା ପୁନଶ୍ଚ ଭାସି ଆସି ଯୋଡି ହୋଇଯାଉଛି, ଯାହାକି ସମ୍ପୂର୍ଣ୍ଣ ମ୍ୟାଜିକ୍ ଭଳି ଦୃଶ୍ୟମାନ ହୋଇଥାଏ। ବ୍ରିଜ୍‌କୁ ପ୍ରସିଦ୍ଧ ଇଞ୍ଜିନିୟର ଓଲାଫର ଏଲିଏଶନ୍ ଡିଜାଇନ କରିଥିଲେ।



## ମହିଳାଙ୍କୁ ୩ରୁ ୫ ଦିନ ମାସିକ ଋତୁସ୍ରାବଜନିତ ଛୁଟି

**ମାଡ୍ରିଡ୍:** ପ୍ରଥମ ୟୁରୋପିଆନ୍ ରାଷ୍ଟ୍ର ଭାବେ ସ୍ପେନ୍ ପ୍ରଜନନ ଅଧିକାର ଆଇନ ପ୍ରଣୟନ କରିଛି। ଯେଉଁଥିରେ କି ମହିଳା କର୍ମଚାରୀଙ୍କୁ ମାସିକ ଋତୁସ୍ରାବ ସମୟରେ ୩ରୁ ୫ ଦିନ ପର୍ଯ୍ୟନ୍ତ ଛୁଟି ଦେବାକୁ ନିଷ୍ପତ୍ତି ନେଇଛି। ଫେବୃୟାରୀ ୧୬ରେ ଅକ୍ଷମ ଅବସ୍ଥାରେ ପୀଡିତ ମହିଳାଙ୍କ ପାଇଁ ସ୍ପେନ୍ ସଂସଦ ଅସୁସ୍ଥ ଛୁଟି ଘୋଷଣା କରିଥିଲା, ଯାହାକି ୟୁରୋପ ରାଷ୍ଟ୍ରରେ ପ୍ରଥମ। ମନ୍ତ୍ରୀ ଇରେନି ମଣ୍ଟେରୋଙ୍କ ଅନୁସାରେ, ମହିଳାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ମହିଳା ତାଙ୍କ ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା ଅନୁଭବ କରୁଥିଲେ ଏହି ଛୁଟି ନେଇପାରିବେ। ମନ୍ତ୍ରୀ କହିଛନ୍ତି, ଏହି ଅଧିକାର ବିନା ମହିଳାମାନେ ପୂର୍ଣ୍ଣ ନାଗରିକ ନୁହନ୍ତି। ସଂସଦରେ ଦିଆଯାଇଥିବା ୧୮୫ ଭୋଟ ମଧ୍ୟରୁ ୧୫୪ଟି ଭୋଟ ସ୍ପେନ୍ ସପକ୍ଷରେ ଥିଲା। ବର୍ତ୍ତମାନ ସମୟରେ ଜାପାନ, ଇଣ୍ଡୋନେସିଆ, ଜାମ୍ବିଆ ଆଦି ଦେଶଗୁଡ଼ିକରେ ମହିଳାଙ୍କୁ ଋତୁସ୍ରାବଜନିତ ଛୁଟି ଦିଆଯାଉଛି। ସ୍ପେନ୍‌ରେ ଏପରି ମହିଳାଙ୍କ ଛୁଟି ନେଇ ଅନେକ ସଂଗଠନ ବିରୋଧ କରିଛନ୍ତି। ସ୍ପେନ୍‌ର ମୁଖ୍ୟ ଶ୍ରମ ସଂଗଠନ ଏହି ପଦକ୍ଷେପକୁ ସମାଲୋଚନା କରିଛି। ଏହା ଫଳରେ ମହିଳା ତାଙ୍କ କର୍ମକ୍ଷେତ୍ରରେ କଳଙ୍କିତ ହୋଇପାରନ୍ତି ବୋଲି ସଂଗଠନ କହିଛି।



# ରମନ୍ ପ୍ରଭାବ



ଡ. କମଳାକାନ୍ତ ଜେନା



**ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ 'ଜାତୀୟ ବିଜ୍ଞାନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



କଥା ୧୯୨୧ ମସିହାର। ତେତିଶ ବର୍ଷର ଜଣେ ଭାରତୀୟ ଯୁବକଙ୍କୁ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ୟୁରୋପ ପଠାଗଲା। ସେ ପ୍ରଥମ ଥର ପାଇଁ ୟୁରୋପ ଗସ୍ତ ସାରି ଜାହାଜରେ ଭାରତ ଫେରୁଥିଲେ। ଭୂମଧ୍ୟସାଗରୀୟ ଜଳ ଓ ହିମଖଣ୍ଡର ଗହନ ନୀଳିମା ତାଙ୍କୁ ଅଭିଭୂତ କଲା। ସେ ପ୍ରକୃତିର ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରୁଥିଲେ। ପ୍ରକୃତିର ନୀଳିମା ତାକୁ ଗବେଷଣା ପାଇଁ ଉତ୍ସାହିତ କଲା। ସମୁଦ୍ରର ନୀଳ ରଙ୍ଗ ଉପରେ ସେ ଗବେଷଣା ଆରମ୍ଭ କଲେ। ଦୀର୍ଘ ୭ ବର୍ଷର ଗଭୀର ଚିନ୍ତନ ପଶ୍ଚାତ୍ ୧୯୨୮ ଫେବୃୟାରୀ ୨୮ ତାରିଖରେ ସେ ଏକ ମହାର୍ଘ ନୂତନ ସତ୍ୟ ଆବିଷ୍କାର କଲେ। ସେହି କୃତବିଦ୍ ପଦାର୍ଥ ବିଜ୍ଞାନୀ ହେଉଛନ୍ତି ସାର ଚନ୍ଦ୍ରଶେଖର ଭେଙ୍କଟରମନ୍। ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ସେହି ସତ୍ୟର ଅନ୍ୟ ନାମ 'ରମନ୍ ପ୍ରଭାବ'। ତାଙ୍କର ଆବିଷ୍କାରକୁ ଦୁଇ ବର୍ଷ ପରେ ନୋବେଲ ସ୍ୱୀକୃତି ମିଳିଲା। ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କଲେ। ୧୯୦୧ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ ୧୧୬ ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ପୃଥିବୀର ୨୨୨ ଜଣ (ଜନ୍ ବାର୍ଡିନ୍ ୨ ଥର) ପଦାର୍ଥ ବିଜ୍ଞାନୀ ପୁରସ୍କାର ଗ୍ରହଣ କରିଛନ୍ତି। କିନ୍ତୁ ଅଦ୍ୟାବଧି ରମନ୍ ହେଉଛନ୍ତି ବିଜ୍ଞାନରେ ଏକମାତ୍ର ଭାରତୀୟ ନୋବେଲ ବିଜୟୀ। ତେଣୁ ଆମ ପାଇଁ ଫେବୃୟାରୀ ୨୮ ତାରିଖ ହେଉଛି ସ୍ମରଣୀୟ ଦିବସ। ସେହି ଦିବସକୁ ୧୯୮୭ ମସିହାରୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ'ର ମର୍ଯ୍ୟାଦା ମିଳିଛି।

ନୋବେଲ ପୁରସ୍କାର ହେଉଛି ପୃଥିବୀର ସବୁଠାରୁ ବଡ଼ ପୁରସ୍କାର। ୧୯୦୧ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ପ୍ରତି ବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି ଭଳି ଛଅଟି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନୋବେଲ ସମ୍ମାନ ପ୍ରଦାନ କରାଯାଏ। ସୁଇଡେନ ରସାୟନ ବିଜ୍ଞାନୀ ତଥା ଡିନାମାଇଟ ଆବିଷ୍କାରକ ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ପ୍ରତିବର୍ଷ ଅକ୍ଟୋବର ମାସରେ ନୋବେଲ ବିଜେତାମାନଙ୍କର ନାମ ଘୋଷଣା କରାଯାଇଥାଏ ଏବଂ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯାଏ। ୧୯୩୦ ମସିହାରେ ଅନ୍ତର୍ଜାତୀୟ ସ୍ତରରେ ଯେଉଁ ଭାରତୀୟ ପଦାର୍ଥ ବିଜ୍ଞାନୀଙ୍କର ନାମ ନୋବେଲ ପୁରସ୍କାର ନିମନ୍ତେ ଘୋଷଣା କରାଯାଇଥିଲା, ସେ ହେଉଛନ୍ତି ଭେଙ୍କଟରମନ୍, ଯାହାଙ୍କୁ ଆମେ ସି. ଭି. ରମଣ ବୋଲି କହୁ। ପ୍ରକୃତିପ୍ରୀତି ହିଁ ରମନ୍‌ଙ୍କୁ ଗୌରବମୟ ନୋବେଲ ସମ୍ମାନ ଆଣି ଦେଇଥିଲା।

ରମନ୍ ୧୮୮୮ ମସିହା ନଭେମ୍ବର ୭ ତାରିଖରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଥିଲେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ରମନ୍ ମାତ୍ର ୧୨ବର୍ଷ ବୟସରେ ମାଟ୍ରିକ୍ ପାସ୍ କରିଥିଲେ ଓ ୧୯ ବର୍ଷ ବୟସରେ ଏମ୍.ଏସ୍‌ସି. ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲେ। ଏମ୍.ଏସ୍‌ସି. ପଢ଼ିବା ସମୟରେ ୧୯୦୬ ମସିହାରେ ଆଲୋକ ସମ୍ପର୍କିତ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ଏମ୍.ଏସ୍‌ସି. ପରେ ୧୯୦୭ ମସିହାରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଲେ। କିନ୍ତୁ ସିଭିଲ୍ ସର୍ଭିସ୍ ଛାଡି ୧୯୧୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଯୋଗଦେଲେ।

ଆଲୋକର ବ୍ୟବହାର ଉପରେ ତାଙ୍କର ଗବେଷଣା ଜାରି ରହିଲା। ଆଲୋକ ପାଇଁ ଆମେ ବସ୍ତୁକୁ ଦେଖିପାରୁ। ଆମକୁ ଆକାଶ ନୀଳ ଦିଶେ। ସମୁଦ୍ର ମଧ୍ୟ ନୀଳ ଦିଶେ। ୟୁରୋପରୁ ଜଳଜାହାଜରେ ଫେରିବା ସମୟରେ ଭୂମଧ୍ୟସାଗରର ଗହନ ନୀଳିମା ରମନ୍‌ଙ୍କୁ ଅଭିଭୂତ କରିଥିଲା। ବାୟୁମଣ୍ଡଳର ଅଣୁଗୁଡ଼ିକ ଆଲୋକର ରଙ୍ଗକୁ ବିଚ୍ଛୁରିତ କରିବା ହେତୁ ଆକାଶ ନୀଳ ଦେଖାଯାଏ ବୋଲି ସେ ଆଗରୁ ଜାଣିଥିଲେ। ଜଳଅଣୁ ଦ୍ୱାରା ଆଲୋକର ବିଚ୍ଛୁରଣ ସମ୍ପର୍କରେ ଅଧିକ ଜାଣିବା ପାଇଁ ୮ ଜଣ ଦକ୍ଷ ସହଯୋଗୀଙ୍କୁ ନେଇ କଲିକତାର 'ଇଣ୍ଡିଆନ୍ ଏକାଡେମୀ ଫର୍ କଲ୍ଟିଭେଶନ ଅଫ୍ ସାଇନ୍ସ' ଅନୁଷ୍ଠାନରେ ସେ ଗବେଷଣା ଚଳାଇଲେ। ଗବେଷଣା ସକାଶେ ସେ ଯେଉଁ ଉପକରଣ ବ୍ୟବହାର କରୁଥିଲେ, ତାହାର ଦାମ୍ ଥିଲା ମାତ୍ର ୨୦୦ ଟଙ୍କା। ୧୯୨୭ ମସିହାରେ ଏକ୍ସ-ରେ ବିଚ୍ଛୁରଣ କରାଗଲା। ସେତେବେଳକୁ ଆଲୋକର ବିଚ୍ଛୁରଣ ଉପରେ ରମନ୍ ଅନେକ ପରୀକ୍ଷା କରିସାରି ଥାଆନ୍ତି। କ୍ରୋମ୍ପଟନ୍‌ଙ୍କର ବିଚ୍ଛୁରଣ ଗବେଷଣା ସମ୍ପର୍କରେ ଶୁଣିଲା ପରେ ରମନ୍ ଭାବିଲେ, ଏକ୍ସ-ରେ ସହିତ ଆଲୋକର ସାମଞ୍ଜସ୍ୟ ରହିଛି। ଉଭୟ ଏକ ପ୍ରକାର ତରଙ୍ଗ। ତେଣୁ ଏକ୍ସ-ରେ ବିଚ୍ଛୁରଣ ସହିତ ଆଲୋକ ବିଚ୍ଛୁରଣର ଅନେକ ସାମସ୍ୟ ରହିବ। ଏହା ତାଙ୍କର ଗବେଷକ ମନୋବଳକୁ ଦୃଢ଼ କଲା। ସତକୁ ସତ ପର ବର୍ଷ ୧୯୨୮ ମସିହାରେ ଆଲୋକର ବିଚ୍ଛୁରଣ ସମ୍ପର୍କରେ ସେ ନୂତନ ସତ୍ୟ ଆବିଷ୍କାର କଲେ। ସେ ଜାଣିପାରିଲେ, ରଙ୍ଗୀନ ଆଲୋକ ରଶ୍ମି ତରଳ ପଦାର୍ଥ ଦେଇ ଗତି କଲେ ତା'ର ରଙ୍ଗରେ ପରିବର୍ତ୍ତନ ହେଇପାରେ। ତରଳ ପଦାର୍ଥ ଭିତରେ ଯେଉଁ ରଙ୍ଗର ଆଲୋକ ପ୍ରବେଶ କରେ, ସେହି ରଙ୍ଗର ଆଲୋକ ମିଳିବା ସହିତ ଅନ୍ୟ ରଙ୍ଗର ଆଲୋକ ମିଳିଥାଏ। ଏହି ଗବେଷଣାକୁ ୧୯୯୮ ମସିହାରେ ଆନ୍ତର୍ଜାତିକ ଐତିହାସିକ ରାସାୟନିକ ମାଇଲଖୁଣ୍ଟର ମାନ୍ୟତା ମିଳିଥିଲା।

ଆଲୋକର ପ୍ରକୃତି ବିଚିତ୍ର। ଏହା ଉଭୟ ତରଙ୍ଗ ଓ କଣିକା ଭଳି ବ୍ୟବହାର କରିଥାଏ। ଶକ୍ତିର କ୍ଷୁଦ୍ର ପୁଡ଼ିଆରେ ଏହା ଗଠିତ, ଯାହାକୁ ଆଲୋକର କଣିକା ରୂପ ବା 'ଫୋଟନ୍' ବୋଲି କୁହାଯାଏ। ଭିନ୍ନ ଭିନ୍ନ ରଙ୍ଗର ଫୋଟନ ପୁଡ଼ିଆରେ ଅଲଗା ଅଲଗା ପରିମାଣର ଶକ୍ତି ରହିଥାଏ। ସାତଟି ରଙ୍ଗର ଆଲୋକ 'ବା-ଘ-ନୀ-ସ-ହ-ନା-ଲା' ଭିତରୁ ନାଲି ରଙ୍ଗର ଫୋଟନ୍ ତୁଳନାରେ ବାଇଗଣି ରଙ୍ଗର ଫୋଟନ୍‌ରେ ଅଧିକ ଶକ୍ତି ଥାଏ। ଫୋଟନ୍‌ଗୁଡ଼ିକ ତରଳ ପଦାର୍ଥ ମଧ୍ୟରେ ଗତି କରିବା ସମୟରେ ତରଳର ଅଣୁ ସହିତ ଧକ୍କା ହୁଏ। କିନ୍ତୁ ଅନେକ ଫୋଟନ୍ ଅଣୁଗୁଡ଼ିକୁ ଏଡ଼ାଇ ବାହାରକୁ ବାହାରି ଯାଆନ୍ତି। ଏହି ଧକ୍କା ଦୁଇ କିସମର ହୁଏ। ଧକ୍କା ଫଳରେ ଫୋଟନ୍ ନିଜର ଶକ୍ତିରୁ କିଛି ଶକ୍ତି ତରଳ-ଅଣୁକୁ ଦେଇପାରେ ଅଥବା ତରଳର ଅଣୁଠାରୁ କିଛି ଶକ୍ତି ନେଇପାରେ। ଉଭୟ କ୍ଷେତ୍ରରେ ଫୋଟନ୍‌ର ଶକ୍ତିରେ ପରିବର୍ତ୍ତନ ଘଟେ। ଶକ୍ତିରେ ପରିବର୍ତ୍ତନ ଘଟିଲେ ତାହାର ରଙ୍ଗରେ ପରିବର୍ତ୍ତନ ଘଟେ। ତରଳର ଅଣୁଗୁଡ଼ିକ ଦ୍ୱାରା ଆଲୋକର ରଙ୍ଗରେ ଏଭଳି ପରିବର୍ତ୍ତନକୁ 'ରମନ୍ ପ୍ରଭାବ' କୁହାଯାଏ। ଭିନ୍ନ ଭିନ୍ନ ଅଣୁ ପାଇଁ ପରିବର୍ତ୍ତନର ମାତ୍ରା ଭିନ୍ନ ହୁଏ। ତେଣୁ ରମନ୍ ପ୍ରଭାବ ସାହାଯ୍ୟରେ ଅଣୁର ପରିଚୟ ଜଣାପଡ଼େ। ତେଣୁ ରମନ୍ ପ୍ରଭାବ ପ୍ରୟୋଗ ପୂର୍ବକ ହେରୋଇନ୍, କୋକେନ୍, ଚରସ୍ ଓ ବିସ୍ଫୋରକ ଚିହ୍ନଟ କରାଯାଇ ପାରିବ। ରକ୍ତ ଶର୍କରା, କୋଲେଷ୍ଟରଲ୍, ୟୁରିକ୍ ଅମ୍ଳ ଏବଂ ଅନ୍ୟ ରକ୍ତ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ରମନ୍ ପ୍ରଭାବ ପ୍ରୟୋଗ କରାଯାଇ ପାରିବ।

୧୯୭୦ ମସିହା ନଭେମ୍ବର ୨୧ରେ ପ୍ରକୃତିପ୍ରେମୀ ଗବେଷକ ରମନ୍ ଆଖିବୁଜିଲେ। କିନ୍ତୁ ତାଙ୍କର ଅନନ୍ୟ ପ୍ରତିଭାକୁ ଆଜି ବି ଦେଶବାସୀ ମନେରଖିଛନ୍ତି। ପ୍ରତିବର୍ଷ ଗୋଟିଏ ବିଶେଷ ବିଷୟକୁ ନେଇ ଜାତୀୟ ବିଜ୍ଞାନ ଦିବସ ପାଳିତ ହୁଏ। ୨୦୨୩ ବର୍ଷ ପାଇଁ ଏହାର ଥିମ୍ ରହିଛି 'ବିଶ୍ୱ କଲ୍ୟାଣ ନିମନ୍ତେ ବିଶ୍ୱସ୍ତରରେ ବିଜ୍ଞାନ' (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ ୱେଲବିଇଂ)। ବିଜ୍ଞାନର ପ୍ରତ୍ୟେକ ହିତକଡ଼ି ବିଶ୍ୱବାସୀଙ୍କ ମଙ୍ଗଳରେ ନିୟୋଜିତ ହେବା ଜରୁରୀ।

-ସହକାରୀ ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ଅଟୋନୋମସ୍ କଲେଜ
ମୋ: ୯୪୩୯୫୦୧୬୫୧

## ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା



ବୁଦ୍ଧିମତ୍ତା ବଢ଼ାଇବାର ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଜଣେ ବ୍ୟକ୍ତି ଯଦି ଅଧିକାଂଶ ସମୟ ଶାନ୍ତ ପରିବେଶରେ ରୁହନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ବୃଦ୍ଧି ଘଟିଥାଏ। 'ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟବସ୍ତୁ ଉପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ଶାନ୍ତ ପରିବେଶରେ ରହୁଥିଲେ ସେମାନଙ୍କର ବୁଦ୍ଧିମତ୍ତାରେ ଉନ୍ନତି ପରିଲକ୍ଷିତ ହେଉଥିଲା। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଶାନ୍ତ ପରିବେଶରେ ଜଣେ ବ୍ୟକ୍ତି ଅଧିକାଂଶ ସମୟ ରହିଲେ ତାହାର ସୁପ୍ରଭାବ ମାନସିକତା ଉପରେ ପଡ଼ିଥାଏ।

## ଅଳ୍ପରେ...



- ମଧ୍ୟାହ୍ନଭୋଜନ କରିବା ପରେ ହେଉ କି ରାତ୍ର ଭୋଜନ- ଠିକ୍ ଏହାର ପରବର୍ତ୍ତୀ ସମୟରେ ଥଣ୍ଡାଜାତୀୟ ପାନୀୟ, ଚା' କିମ୍ବା କଫି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। ଏଭଳି ଅଭ୍ୟାସ ପରିତ୍ୟାଗ କରିବାକୁ ଚେଷ୍ଟା କରନ୍ତୁ।
- କେତେକ ଖାଇ ସାରିବା ପରେ ପରେ ପାଣି ପିଅନ୍ତି। ଏହା ଆଦୌ ଭଲ ଅଭ୍ୟାସ ନୁହେଁ। ଜଣେ ଡାଇବେଟିସ୍ ରୋଗୀ ଖାଇସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ପ୍ରତିଦିନ ସକାଳେ ଓ ରାତ୍ରଭୋଜନ ପରେ ଭଲଭାବରେ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ଦାନ୍ତଜନିତ କିଛି ସମସ୍ୟା ଥିଲେ ତାହାକୁ ଉପେକ୍ଷା ନ କରି ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ତା' ସହ ଅଣ୍ଟାଜନିତ ସମସ୍ୟାରୁ ମଧ କେତେକାଂଶରେ ଉପଶମ ଦେଇଥାଏ।
- ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିଲେ ଭଲ।

## ଜଗିଙ୍ଗ: କିଛି କଥା



ନିଜକୁ ଫିଟ୍ ରଖିବା ପଛରେ ଜଗିଙ୍ଗର ଭୂମିକାକୁ ଏଡାଇ ଦିଆଯାଇ ନ ପାରେ। ପ୍ରତିଦିନ ସକାଳୁ କିଛି ସମୟ ଜଗିଙ୍ଗ କରନ୍ତୁ। ଏହାର ସମୟସୀମା ଅତିକମ୍‌ରେ ୧୫-୩୦ ମିନିଟ୍ ହେଲେ କିଛି କ୍ଷତି ନାହିଁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଆମ ଶରୀର ପାଇଁ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳେ। ପ୍ରତିଦିନ ଜଗିଙ୍ଗ କଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀ ନିୟମିତ କିଛି ସମୟ ଜଗିଙ୍ଗ କରିବା ନିହାତି ଦରକାର। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏଥିରୁ ଆଉ ଏକ ଉପକାର ମିଳେ। ତାହା କ'ଣ ଜାଣନ୍ତି ? ଜଗିଙ୍ଗ କରିବା ଫଳରେ ଆମ ଶରୀରରେ ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଜଗିଙ୍ଗ କଲେ ହାର୍ଟ ଆଟାକ୍ ଏପରି କି ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। କେବଳ ସେତିକି ନୁହେଁ ଓଜନକୁ ସନ୍ତୁଳିତ ରଖିବାରେ ଏହା ମଧ ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ସୁଗାର କ୍ୟାଲୋରୀ ଡ୍ରିଙ୍କ୍‌ସ ପିଇଲେ ତାହା ଶରୀରରେ ଚର୍ବି ପରିମାଣ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ୟୁନିଭର୍ସିଟି ଅଫ୍ ଟୋକିଓର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।



- ରାତିରେ ଶୋଇବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ। ଏହାପୂର୍ବରୁ ଯଦି ଟେନସନ୍‌ରେ ରହିଲେ ତେବେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।
- ସକାଳର କଅଁଳ ସୂର୍ଯ୍ୟକିରଣ ଶରୀର ପାଇଁ ବେଶ୍ ଉପକାରୀ। କାରଣ ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ 'ଡି' ଭରି ରହିଛି। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।
- ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ବିଶେଷଭାବରେ ଏହାକୁ ବ୍ରେକଫାଷ୍ଟରେ ସାମିଲ କଲେ ସେଥିରୁ ବେଶ୍ ଉପକାର ମିଳିଥାଏ।
- ଖାଇବା ଭିତରେ ଯଦି ପାଣି ପିଉଛନ୍ତି ତେବେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିବାର ଆଶଙ୍କା ରହିଛି। ଖାଇବାର କିଛି ସମୟ ପୂର୍ବରୁ ଅଳ୍ପ ପାଣି ଏବଂ ଖାଇବା ଶେଷ ହେବା ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ଏହାର ସମାଧାନର ରାସ୍ତା ବାହାର କରନ୍ତୁ।

# ସୂର୍ଯ୍ୟପର ଭଗ୍ନ ଅଂଶ



ଡ. ଦେବାଶିଷ ମହାନ୍ତି

ଗତ କିଛି ଦିନ ହେଲା ଗୋଟିଏ ଖବର ବିଭିନ୍ନ ଗଣମାଧ୍ୟମ ଓ ଇଣ୍ଟରନେଟ୍‌ରେ ଚର୍ଚ୍ଚାରେ ରହି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଆପଣମାନେ ମଧ ସେ ଖବର ନିଶ୍ଚିନ୍ତ ପଢ଼ିଥିବେ ବା ଦେଖିଥିବେ ବା ଶୁଣିଥିବେ। ଖବରଟି ହେଲା, ଆମ ସୂର୍ଯ୍ୟରୁ ଖଣ୍ଡେ ଭାଙ୍ଗି ଯାଇ ତା' ଉତ୍ତର ମେରୁରେ ବୁଲୁଅଛି। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରରେ ଏହାର ଚିତ୍ର ଉତ୍ତୋଳିତ ହୋଇଛି, ଯାହା ମହାକାଶ ବିଜ୍ଞାନୀଙ୍କୁ ସ୍ତବ୍ଧ କରିଦେଇଛି। ଏହାର ପରିଣାମ ବିଷୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି, ଯାହାକି ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ଏଠାରେ ମୁଁ ଆପଣମାନଙ୍କୁ ଆଶ୍ୱସ୍ତ କରିଦେବାକୁ ଚାହେଁ ଯେ, ପ୍ରଚାରିତ ହୋଇଥିବା କୌଣସିଟି ଖବର ଭଗବାନଙ୍କ କୃପାରୁ ସତ୍ୟ ନୁହେଁ। ସୂର୍ଯ୍ୟଙ୍କର କୌଣସି ଖଣ୍ଡ ଭାଙ୍ଗି ନାହିଁ। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ସୂର୍ଯ୍ୟର ଫଟୋ ନିଏ ନାହିଁ କିମ୍ବା ଜ୍ୟୋତିର୍ବିଜ୍ଞାନୀମାନେ ବିଚଳିତ ହୋଇନାହାନ୍ତି। ତାହାହେଲେ ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଗଣମାଧ୍ୟମରେ ଏତେ ହୋହଲ୍ଲା କାହିଁକି? ନିଆଁ ନ ଥିଲେ ତ ଧୂଆଁ ଉଠେନି। କିଛି ତ ଘଟଣା ଘଟିଛି? ଆଜ୍ଞା ହଁ, ଘଟଣା ତ ନିଶ୍ଚିନ୍ତ ଘଟିଛି କିନ୍ତୁ କିଛି ଚିନ୍ତାଜନକ ଘଟଣା ନ ଘଟି ଏକ ମଜାଦାର ଘଟଣା ଘଟିଛି। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ସର୍ବବ୍ୟାପୀ ଓ ଆମ ଜୀବନଧାରଣ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟ ଏକ ନକ୍ଷତ୍ର। ଏହା ଏକ ଜ୍ୱଳନ୍ତ ଗ୍ୟାସୀୟ ପିଣ୍ଡ, ଯାହା ପ୍ଲାଜ୍‌ମା ଅବସ୍ଥାରେ ଅଛି। ଏହା ମଧ୍ୟରେ ଉଦ୍‌ଜାନ ପରମାଣୁ ସଂରଚନା ପ୍ରକ୍ରିୟା ଦ୍ୱାରା ପରସ୍ପର ସହ ଯୋଡ଼ିହୋଇ ହିଲିୟମ୍ ପରମାଣୁ ଗଠନ କରୁଛନ୍ତି। ଏହି ପ୍ରକ୍ରିୟାରୁ ପ୍ରଚଣ୍ଡ ଶକ୍ତି ନିର୍ଗତ ହେଉଛି, ଯାହା ସୂର୍ଯ୍ୟକୁ ଏପରି ଏକ ଆଗ୍ନେୟ ଗୋଲକ ଅବସ୍ଥାରେ ରଖିଛି। ଏବେ ବି ସୂର୍ଯ୍ୟ ଆମ ପାଇଁ ବିସ୍ମୟକାରୀ ଓ ଏହା ବିଷୟରେ ଅନେକ ତଥ୍ୟ ଏବେ ବି ଆମ ପାଇଁ ଅଜ୍ଞାତ। ଏହା ଏବେ ଏମିତି କାଣ୍ଡ ଘଟାଇଛି ଯାହା ନିଶ୍ଚିନ୍ତ ରୂପେ ଅଦ୍ଭୁତ। ସୂର୍ଯ୍ୟର ପ୍ଲାଜ୍‌ମାରୁ ଏକ ଅତି ସୂକ୍ଷ୍ମ ପଦାର୍ଥ ବାହାରିଯାଇ ଏକ ଘୂର୍ଣ୍ଣାୟମାନ ମୁକୁଟ ପରି ସୂର୍ଯ୍ୟର ଉତ୍ତର ମେରୁରେ ଅବସ୍ଥାପିତ ହୋଇଛି। ବିଶେଷଜ୍ଞଙ୍କ ମତରେ ଏହା ୬୦ ମାଇଲ୍ ପ୍ରତି ସେକେଣ୍ଡରେ ଗତି କରୁଅଛି। ଏହା ଜ୍ୟୋତିର୍ବିଜ୍ଞାନୀମାନଙ୍କ ପାଇଁ ଏକ ଅତୀବ ମନୋରମ ମହାଜାଗତିକ ଦୃଶ୍ୟ। ଏପରି କିଛି ସତରେ ଘଟିଛି କି ନାହିଁ, ଏହା ଉପରେ ମଧ ଅଧିକ ଗବେଷଣା ଆବଶ୍ୟକ। ଯଦି ବି ଘଟିଛି ଏହିପରି ଲୀଳା ସୂର୍ଯ୍ୟ ଦେବଙ୍କ ପାଇଁ ନୂଆ ନୁହେଁ। ଏଥିରେ କିଛି ଆତଙ୍କିତ ହେବାର ନାହିଁ। ପ୍ରତି ୧୧ ବର୍ଷରେ ସୂର୍ଯ୍ୟର କ୍ରିୟାଶୀଳତାର ଚକ୍ର ବଦଳେ। ଏହି ସମୟରେ ସୂର୍ଯ୍ୟ ଅତି ଶାନ୍ତ ଏବଂ ଧୀର ଅବତାରରୁ ଉଗ୍ର ଅବତାର ଧାରଣ କରନ୍ତି। ବିରଳ ଘଟଣା ଘଟିବା ପଛରେ ସୂର୍ଯ୍ୟର ଚୁମ୍ବକୀୟ କ୍ଷେତ୍ରର ଭୂମିକା ରହିଛି ବୋଲି ବୈଜ୍ଞାନିକମାନଙ୍କର ଧାରଣା। ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ରର କେନ୍ଦ୍ର କ୍ରିୟାଶୀଳତାର ଚକ୍ର ବଦଳିଲେ ସ୍ଥାନ ପରିବର୍ତ୍ତନ କରେ। ଏହି ସ୍ଥାନ ପରିବର୍ତ୍ତନ ଯୋଗୁ ଏହିପରି ଘଟଣା ଘଟିଥାଇ ପାରେ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି। ଏବେ ବି ଏହିପରି ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ସୂର୍ଯ୍ୟର ଅନେକ ରହସ୍ୟ ମାନବ ସମାଜ ପାଇଁ ରହସ୍ୟମୟ ହୋଇ ରହିଛି। ଏହି ବିରଳ ଘଟଣା ଏସ୍.ଡି.ଓ. ମହାକାଶ ଯାନ ଦ୍ୱାରା ଚିତ୍ରିତ ହୋଇଅଛି। 'ଏସ୍.ଡି.ଓ.' ସୂର୍ଯ୍ୟର ବାହ୍ୟତମ ବାୟୁମଣ୍ଡଳ ଯାହା କରୋନା ବୋଲି ମଧ କୁହାଯାଏ, ତାହାର ଫଟୋ ଉତ୍ତୋଳନ କରେ। ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଯଦି ସେମିତି କିଛି ଆତଙ୍କିତ ହେବା ଭଳି ଘଟଣା ଘଟିନି ତେବେ ଗଣମାଧ୍ୟମରେ ଏ ଖବର ହଟଚମଟ ସୃଷ୍ଟି କଲା କିପରି ? ଏଭଳି ଖବର ପରିବେଷଣର ପ୍ରାରମ୍ଭିକ ଉତ୍ସ ଜଣେ ତମିତା ସ୍କୋଭ ନାମ୍ନୀ ମହାକାଶ ବିଜ୍ଞାନୀଙ୍କ ଟୁଇଟ୍। ନାସାର ସୌର ଗତିଶୀଳ ପର୍ଯ୍ୟବେକ୍ଷଣଗାର (ସୋଲାର ଡାଇନାମିକ୍ସ ଅବ୍‌ଜର୍ଭେଟୋରି ଏସ୍‌ଡିଓ) ଦ୍ୱାରା ଉତ୍ତୋଳିତ ଫଟୋକୁ ଦେଖି ସେ ଅତି ଉତ୍ସାହିତ ହୋଇ କରିଦେଲେ ଯେ ସୂର୍ଯ୍ୟର ଉତ୍ତର ମେରୁର କିଛି ଅଂଶ ଭାଙ୍ଗି କରି ଅଲଗା ହୋଇଯାଇଛି ଓ ଉତ୍ତର ମେରୁ ଚତୁପାର୍ଶ୍ୱରେ ଘୂରି ବୁଲୁଛି। ଏହି ଟୁଇଟ୍ ହିଁ ସବୁ ଅପପ୍ରଚାରର ମୂଳ ଆଧାର। ସମ୍ପୂର୍ଣ୍ଣ ତଥ୍ୟକୁ ଅନୁଧ୍ୟାନ ନ କରି ଏକ ଟୁଇଟ୍ ଉପରେ ଚାଞ୍ଚଲ୍ୟକର ଖବର ପରିବେଷଣ ଦ୍ୱାରା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମୁଁ ଏଠାରେ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହେଁ ଯେ, ଏହି ଘଟଣାରେ ଆତଙ୍କିତ ହେବାର କିଛି ନାହିଁ। ଏହାର ପ୍ରଭାବ ମଧ ପୃଥିବୀ ଉପରେ ବେଶି କିଛି ପ୍ରଭାବ ପକାଇବ ନାହିଁ। ତେଣୁ ଇଣ୍ଟରନେଟ୍‌ରେ ମିଳୁଥିବା ଏହି ଦୃଶ୍ୟର ଭିଡିଓକୁ ଦେଖି ଏହି ମହାଜାଗତିକ ଘଟଣାକୁ ଆମେ ଉପଭୋଗ କରିବା ଓ ଏହି ଘଟଣା ବିଷୟରେ ଅପପ୍ରଚାର କରି ଅନ୍ୟମାନଙ୍କୁ ଆତଙ୍କିତ କରିବା ନାହିଁ।



-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ Bhubaneswar, Monday, February 27/ 2023

# ଅଷ୍ଟ୍ରେଲିଆ ୬ଷ୍ଠଥର ଚାମ୍ପିୟନ



ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ।

**କେପ୍‌ଟାଉନ, ୨୬।୨**

ଅଷ୍ଟ୍ରେଲିଆ ୬ଷ୍ଠ ଥରପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ଦଳ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପ୍ରଥମଥରପାଇଁ ଫାଇନାଲ ଖେଳିଥିବା ଦକ୍ଷିଣ ଆଫ୍ରିକା ଚାପ ପରିସ୍ଥିତିର ମୁକାବିଲା କରି ନ ପାରି

**ମହିଳା ଟି୨୦ ବିଶ୍ୱକପ**

ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଅଷ୍ଟ୍ରେଲିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୧୩୭ ରନରେ ସୀମିତ ରହିଥିଲା। ଚାମ୍ପିୟନ ଦଳର ବେଥ୍ ମୁନୀ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଆଶ୍‌ଲେ ଗାର୍ଡନର ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ବିବେଚିତ ହେଉଥିବା ଅଷ୍ଟ୍ରେଲିଆ ପୂର୍ବରୁ ୨୦୧୦, ୨୦୧୨, ୨୦୧୪, ୨୦୧୮ ଓ ୨୦୨୦ରେ ଚାମ୍ପିୟନ ହୋଇଥିଲା।

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ଲଢୁଆ ୭୪ ରନ ବଳରେ ସମ୍ମାନଜନକ ସ୍କୋର କରିଥିଲା। ୫୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୁନୀ ନିଜ ଅପରାଜିତ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସଫଳତା ପାଇ ନ ଥିଲେ। ଦକ୍ଷିଣ ଆଫ୍ରିକାର ଶବନିମ ଇସମାଇଲ ଓ ମାରିଜାନେ କାପ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ଫାଇନାଲର ଚାପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟର। କେବଳ ଲୌରା ଉଲଭର୍ଡଟଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଲଢ଼େଇ କରିପାରି ନ ଥିଲେ। ଉଲଭର୍ଡଟ ୪୮ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନକରି ଆଉଟ ହେବା ସହ ଦକ୍ଷିଣ ଆଫ୍ରିକାର ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୬/୬ (ବେଥ୍ ମୁନୀ-୭୪*, ଆଶ୍‌ଲେ ଗାର୍ଡନର-୨୯, ଶବନିମ ଇସମାଇଲ-୨/୨୬, ମାରିଜାନେ କାପ୍-୨/୩୫, ନନ୍‌କୁଲୁଲେକୋ ମ୍ଲାବା-୧/୨୪, କ୍ଲୋଏ ଟ୍ରାୟନ-୧/୧୫)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୩୭/୬ (ଲୌରା ଉଲଭର୍ଡଟ୍-୬୧, କ୍ଲୋଏ ଟ୍ରାୟନ-୨୫, ମେଗାନ ସ୍କଟ୍-୧/୨୩, ଆଶ୍‌ଲେ ଗାର୍ଡନର-୧/୨୦, ଡାର୍ସି ବ୍ରାଉନ-୧/୨୫, ଜେସ୍ ଜୋନାସେନ-୧/୨୧)।

## ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ଇସମାଇଲ

ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦୁଇଟି ଉଇକେଟ ଅକ୍ତିଆର କରିବା ସହିତ ଟି୨୦ ବିଶ୍ୱକପ୍‌ରେ ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ପାଲଟିଛନ୍ତି ଦକ୍ଷିଣ ଆଫ୍ରିକାର ଶବନିମ୍ ଇସ୍‌ମାଇଲ। ଏ କ୍ଷେତ୍ରରେ ସେ ଇଂଲଣ୍ଡର ଆନ୍ୟା ଶ୍ରବଶୋଲଙ୍କୁ ସେ ପଛରେ ପକାଇଛନ୍ତି। ୨୦୧୦ରୁ ୨୦୨୦ ମଧ୍ୟରେ ଶ୍ରବ୍‌ଶୋଲ ଟି୨୦ ବିଶ୍ୱକପରେ ୨୭ ମ୍ୟାଚ ଖେଳି ୪୧ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୦୯ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିବା ଇସ୍‌ମାଇଲ୍ ୩୨ମ୍ୟାଚରୁ ୪୩ ଉଇକେଟ ଅକ୍ତିଆର କରିଛନ୍ତି। ଫାଇନାଲ ମ୍ୟାଚର ଅନ୍ତିମ ଓଭର ବୋଲିଂ କରୁଥିବା ଇସ୍‌ମାଇଲ ୪ର୍ଥ ବଲରେ ଏଲିସ୍ ପେରୀଙ୍କୁ ଆଉଟ୍ କରି ଶ୍ରବଶୋଲଙ୍କୁ ପଛରେ ପକାଇଥିଲେ। ଏହାର ପରବର୍ତ୍ତୀ ବଲରେ ସେ ଜର୍ଜିଆ ୱେୟାରହୋମଙ୍କୁ ବୋଲ୍ଡ କରିବା ସହ ବିଶ୍ୱକପ ଉଇକେଟ ସଂଖ୍ୟା ୪୩ରେ ପହଞ୍ଚାଇଥିଲେ।

## ଅଧିନାୟକତ୍ୱରେ ଶତକ କଲେ ଲାନିଙ୍ଗ

**କେପ୍‌ଟାଉନ୍,୨୬।୨:** ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା ମେଗ୍ ଲାନିଙ୍ଗ୍ ନିଜ କ୍ୟାରିୟରରେ ସଫଳତାର ଆଉ ଏକ ପର୍ଦ୍ଦ ଯୋଡ଼ିଛନ୍ତି। ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ଲାନିଙ୍ଗ୍ ଟି୨୦ କ୍ୟାପ୍‌ଟେନ୍‌ଶିପ୍‌ରେ ଶତକ ପୂରଣ କରିଛନ୍ତି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ସେ ଏହି କୀର୍ତ୍ତିମାନ କରିଛନ୍ତି। ୩୦ ବର୍ଷୀୟ ଲାନିଙ୍ଗଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୩ଟି ଟି୨୦ ବିଶ୍ୱକପ୍ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସମୁଦାୟ ପାଞ୍ଚଟି ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ବେଳେ ୨୦୧୪, ୨୦୧୮ ଓ ୨୦୨୦ ସଂସ୍କରଣରେ ଲାନିଙ୍ଗ୍ ଦଳର ଅଧିନାୟିକା ରହିଥିଲେ। ୧୦୦ ମ୍ୟାଚ୍‌ରେ ଲାନିଙ୍ଗ ନେତୃତ୍ୱ ନେଇଥିବା ବେଳେ ଏହା ମଧ୍ୟରୁ ୭୫ଟିରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହା ବ୍ୟତୀତ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଦଳ ଦୁଇଟି ଦିନିକିଆ ବିଶ୍ୱକପ୍ ମଧ୍ୟ ବିଜୟୀ ହୋଇଛି। ଲାନିଙ୍ଗ ଅଷ୍ଟ୍ରେଲିଆ ପକ୍ଷରୁ ୬ ଟେଷ୍ଟ, ୧୦୦ ଦିନିକିଆ ଓ ୧୧୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୪୫, ୪୪୬୩ ଓ ୩୦୦୭ ରନ୍ ସ୍କୋର କରିଛନ୍ତି। ଏହାସହିତ ଦିନିକିଆରେ କ୍ରମାଗତ ୨୬ ମ୍ୟାଚ୍ ଜିତିବାର ରେକର୍ଡ ଲାନିଙ୍ଗ୍‌ଙ୍କ ନାମରେ ରହିଛି।

# ଆଜିଠୁ ଅନ୍‌ଲାଇନ୍ ଟିକେଟ

## ରାଉରକେଲାରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

**ଭୁବନେଶ୍ୱର, ୨୬।୨**
**(କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ୬ଟି ମ୍ୟାଚ୍ ମାର୍ଚ୍ଚ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଘରୋଇ ଭାରତ ସମେତ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ପରସ୍ପର ସହିତ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏଥିପାଇଁ ଅନ୍‌ଲାଇନରେ ଟିକେଟ ସୋମବାର ଅପରାହ୍ନ ୧୨ଟାରୁ ଉପଲବ୍ଧ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଭାରତ ଖେଳିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୪୦୦ ଏବଂ ସାଉଥ୍ ଓ ନର୍ଥ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଅଷ୍ଟ୍ରେଲିଆ ଓ ଜର୍ମାନୀ ମ୍ୟାଚ୍ ଲାଗି ୱେଷ୍ଟ ଷ୍ଟାଣ୍ଡ ମୂଲ୍ୟ ୫୦୦ ଟଙ୍କା ଅପରିବର୍ତ୍ତିତ ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଅନ୍‌ଲାଇନ୍ ଟିକେଟ www.ticketgenie.inରେ ଉପଲବ୍ଧ ହେବ।

ଲିଗ୍ ଫର୍ମାଟ୍ ଅନୁସାରେ ମାର୍ଚ୍ଚ ୧୦ ତାରିଖ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ଭାରତ ଭେଟିବ। ୧୧ରେ ଜର୍ମାନୀ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ। ୧୨ରେ ଭାରତ ପ୍ରତିପକ୍ଷ ଅଷ୍ଟ୍ରେଲିଆକୁ ଭେଟିବାକୁ ଥିବାବେଳେ ୧୩ରେ ଭାରତ-ଜର୍ମାନୀ ଡବଲ ହେଡର ଅର୍ଥାତ୍ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ୧୪ରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ଚରଣ ମ୍ୟାଚ୍ ହେବ। ୧୫ ତାରିଖରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସହିତ ପ୍ରୋ-ଲିଗ୍‌ର ରାଉରକେଲା ପର୍ଯ୍ୟାୟ ଶେଷ ହେବ। ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ‘‘ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହେବାପରେ ଓଡ଼ିଶାକୁ ପୁଣି ଅନ୍ତର୍ଜାତୀୟ ହକି ଫେରୁଛି। ଏହା ବହୁତ ବଡ଼ କଥା। ଗତ ବିଶ୍ୱକପ୍ ସମୟରେ ବିର୍ସା ମୁଣ୍ଡା ଷ୍ଟାଡିୟମର ଭିତ୍ତିଭୂମି ଏବଂ ରାଉରକେଲାରେ ଉପଲବ୍ଧ ସୁବିଧା ସୁଯୋଗରେ ସମସ୍ତ ଦଳ ଖୁସି ଜାହିର କରିଥିଲେ। ଏବେ ମୁଁ ପୁଣି ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସ୍ୱାଗତ କରୁଛି’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

**କାର୍ଯ୍ୟସୂଚୀ**

ମାର୍ଚ୍ଚ ୧୦: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୧: ଅଷ୍ଟ୍ରେଲିଆ ବନାମ ଜର୍ମାନୀ
ମାର୍ଚ୍ଚ ୧୨: ଭାରତ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୪: ଜର୍ମାନୀ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୫: ଭାରତ ବନାମ ଅଷ୍ଟ୍ରେଲିଆ
(ବି.ଦ୍ର.: ମ୍ୟାଚ୍‌ଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରାତି ୭ଟାରେ ଆରମ୍ଭ ହେବ।)

# ଜୁନିୟର ମହିଳା ହକି ଦଳ ଅପରାଜେୟ ରହିଲା

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷ ମ୍ୟାଚ୍‌କୁ ୪-୦ଗୋଲ୍‌ରେ ଜିତିନେଇଛି। ଏଥିସହ ଦଳ ଅପରାଜେୟ ରହି ଦକ୍ଷିଣ ଆଫ୍ରିକା ଟୁର୍ ଶେଷ କରିଛି। ଦୀପିକା ସିନିୟର ୧୩ତମ ମିନିଟ୍‌ରେ ଦଳ ପକ୍ଷରୁ ପ୍ରଥମ ଗୋଲ୍ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ସ୍କୋର କରିଥିଲେ। ଏହାର କିଛି ମିନିଟ୍ ପରେ ନୀଲମ୍(୧୫ତମ) ଏକ ପେନାଲ୍‌ଟି କର୍ନରକୁ ରୂପାନ୍ତରିତ କରି ଭାରତର ଗୋଲ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନ୍ୟ ଦୁଇଟି ଗୋଲ ଅନୁ (୩୫ତମ) ଓ ସୁନ୍‌ଲିତା ଟପ୍ପୋ (୫୦ତମ) ସ୍କୋର କରିଥିଲେ। ୨୧ ବର୍ଷରୁ କମ୍ ଏସିଆ କପ୍ ପାଇଁ ଦଳ ପ୍ରସ୍ତୁତିର ଅଂଶସ୍ୱରୂପ ଦକ୍ଷିଣ ଆଫ୍ରିକା ଟୁର୍ ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଆଗାମୀ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଛି। ଭାରତୀୟ ଦଳ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାର ୨୧ ବର୍ଷରୁ କମ୍ ଦଳ ବିପକ୍ଷ ସମସ୍ତ ୩ଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ